

ଏତେ ବାଟ ଆସିବି ବୋଲି ଭାବି ନଥିଲି: ସବିତା
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 333 | ଭାଗ ୩୨ | ସଂଖ୍ୟା ୩୩୩ | Bhubaneswar | Wednesday 26 February 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୨୬ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଡିସ୍ ମାର୍ ଖାନ୍ ଅଚ୍ୟୁତ



## ଆଉ ୬ ଜଣଙ୍କୁ ନୋଟିସ୍

କିଟ୍ ଘଟଣାରେ ପିଛା ଛାଡ଼ୁନି ଅଚ୍ୟୁତ ସାମନ୍ତଙ୍କ ଅଡୁଆ। ପୁଣି ୬ ଜଣଙ୍କୁ ହାଜର ହେବାକୁ ନୋଟିସ୍ ଜାରି କରାଯାଇଛି। ଉଚ୍ଚସ୍ତରୀୟ କମିଟି ପାଖରେ ୨୭ରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ ଜଣଙ୍କୁ ନୋଟିସ୍ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନୋଟିସ୍ ହୋଇଥିବା ଏହି ୬ ଜଣ ହେଉଛନ୍ତି ଚିଫ୍ ପ୍ରୋକ୍ଟର ପିକେ ପଟ୍ଟନାୟକ, ହଷ୍ଟେଲ କୁଇନ୍ କାସଲ ଅଧୀକ୍ଷକ ସଂହିତା ମିଶ୍ର, ଆସିଷ୍ଟାଣ୍ଟ ଡାଇରେକ୍ଟର ସ୍ମରିକା ପତି। ସେହିପରି ଇଣ୍ଟରନାଲ କମିଟି ମୁଖ୍ୟ ଈପସିତା ଶତପଥୀ ଓ ଆଡ୍ମିନିଷ୍ଟ୍ରେଟିଭ ଅଫିସର ସିଦ୍ଧାର୍ଥ ରାୟଙ୍କୁ ଉଚ୍ଚସ୍ତରୀୟ କମିଟି ପାଖରେ ହାଜର ହେବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନୋଟିସ୍ କରାଯାଇଛି।

## ରିପୋର୍ଟ ମାଗିଲା ୟୁଜିସି

କିଟ ବିଶ୍ୱବିଦ୍ୟାଳୟକୁ ରିପୋର୍ଟ ମାଗିଲା ୟୁଜିସି। ନେପାଳ ଛାତ୍ରୀ ମୃତ୍ୟୁ ମାମଲାକୁ ଗୁରୁତ୍ୱର ସହ ନେଇ ରିପୋର୍ଟ ତଲବ କରିଛି ୟୁଜିସି। ଛାତ୍ରୀଙ୍କ ମୃତ୍ୟୁ ଓ ପରବର୍ତ୍ତୀ ଘଟଣା କେମିତି ଘଟିଲା? ୧୬-୧୭ ରାତିରେ କିଟରେ ଘଟିଥିବା ଘଟଣାକୁ ନେଇ ରିପୋର୍ଟ ମଗାଯାଇଛି। କ୍ୟାମ୍ପସରେ ବିକ୍ଷୋଭ, ନେପାଳୀ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ଓ ମାଡ ମରାଯାଇ ବାହାର କରାଯିବା ଘଟଣାରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂପର୍କରେ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି। ପୂର୍ବରୁ ଏହି ➪ପୃଷ୍ଠା-୬

- କିଟ୍ ନୁହଁ ଅଚ୍ୟୁତଙ୍କର, ନେଇଯାଆନ୍ତୁ ସରକାର
- ଲାଗିଛି କଳାଧନ, ଫାଙ୍କିଛନ୍ତି ଟିକସ
- ପୋଲ୍ ଖୋଲିଲେ ଆରଟିଆଇ କର୍ମୀ

ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): କିଟ୍ କି କିସ୍ ଅନୁଷ୍ଠାନ ଅଚ୍ୟୁତ ସାମନ୍ତଙ୍କର ନୁହେଁ। ଏହା ଓଡ଼ିଶାବାସୀଙ୍କର ଓ ଓଡ଼ିଶା ସରକାରଙ୍କର। ତେଣୁ ଏହାର ସୁରକ୍ଷା ମଧ ଓଡ଼ିଶା ସରକାରଙ୍କର। କାରଣ କେଉଁ ଜମି ଉପରେ ଏହି ଅନୁଷ୍ଠାନ ଠିଆ ହୋଇଛି, ଏହା ରାଜ୍ୟବାସୀଙ୍କ ଜମି, ଅଚ୍ୟୁତ ସାମନ୍ତଙ୍କର ନୁହେଁ ବୋଲି କହିଛନ୍ତି ଆରଟିଆଇ କର୍ମୀ ପ୍ରତାପ ମହାନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ କିସ୍ ଓ କିଟ୍ର ସମସ୍ତ କୋଠାବାଡି ଓ ଭିତ୍ତିଭୂମି ନିର୍ମାଣ ହୋଇଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥରେ ଓ ବ୍ୟାଙ୍କ୍ ଟଙ୍କାରେ। ବ୍ୟାଙ୍କ ଟଙ୍କା ଲୋକଙ୍କ ଅର୍ଥ। ପୁଣି ଏହି ଅନୁଷ୍ଠାନରେ ବହୁ କଳା ଧନ ବିନିଯୋଗ ହୋଇଛି। ଦୁର୍ନୀତି ଉପାୟରେ ଓ ଟିକସ ଫାଙ୍କି ଅର୍ଜିତ ଅର୍ଥ କିଟ୍ରେ ଲାଗିଛି। ଏହା ମଧ ଲୋକଙ୍କ ଅର୍ଥ। ଅଚ୍ୟୁତ ସାମନ୍ତଙ୍କର ଏଥିରେ ଗୋଟିଏ ଟଙ୍କା ବି ଖର୍ଚ୍ଚ ହୋଇନାହିଁ। ଯଦି ସେ ନିଜ ପୈତୃକ ସମ୍ପତ୍ତିର ସାମାନ୍ୟ ଅର୍ଥ ଖର୍ଚ୍ଚ କରିଛନ୍ତି, ଏହାର ପ୍ରମାଣ ଦିଅନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ରାଜ୍ୟବାସୀ ଏହି ଅନୁଷ୍ଠାନକୁ କିପରି ସହାୟତା କରିଛନ୍ତି, ତା'ର ପ୍ରମାଣ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ସଂସ୍ଥା ଇଡକୋ କିଟ୍, କିସ୍ ଓ କିମସ ପାଇଁ ରିହାତି ଦରରେ ୧୧୦ ଏକର ମୂଲ୍ୟବାନ ଜମି ଦେଇଛି। ଅଚ୍ୟୁତ ସାମନ୍ତ ଏହି ଜମି ନେବା ପାଇ ଯାବତୀୟ ଅନିୟମିତତା କରିଛନ୍ତି। ଏହି ତଥ୍ୟ ବର୍ତ୍ତମାନର ବିଜେଡି ସାଂସଦ ତଥା ତତ୍କାଳୀନ ଏଜି ଅମର ପଟ୍ଟନାୟକ ଏହି ରିପୋର୍ଟ ➪ପୃଷ୍ଠା-୬

### ବଦଳିଲା ଆମେରିକା ସ୍ୱର



## ଡ୍ରାଫ୍ଟ ପ୍ରସ୍ତାବରେ ରୁଷିଆକୁ ସମର୍ଥନ

### ଭୋଟ୍‌ଦାନରୁ ବିରତ ରହିଲା ଭାରତ

ଜାତିସଂଘ,୨୫।୨: ଏବେ ବଦଳିଛି ଆମେରିକା ଆଭିମୁଖ୍ୟ। ପୂର୍ବରୁ ରୁଷିଆ ବିରୋଧରେ ବାରମ୍ବାର ବିଷୋଦ୍‌ଗାର କରିଆସୁଥିବା ଆମେରିକା ଏବେ ଏହି ଦେଶକୁ ସମର୍ଥନ ଦେଇଛି। ୟୁକ୍ରେନରେ ଉତ୍ତେଜନା ହ୍ରାସ, ଶୀଘ୍ର ଶତ୍ରୁତା ବନ୍ଦ ଓ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆହ୍ୱାନ କରାଯାଇଥିବା ଜାତିସଂଘ ସାଧାରଣ ପରିଷଦର ଏକ ଡ୍ରାଫ୍ଟ ପ୍ରସ୍ତାବରେ ଆମେରିକା ରୁଷିଆକୁ ସମର୍ଥନ କରିଛି। ପୂର୍ବରୁ କିଭ୍ ସପକ୍ଷରେ ପ୍ରସ୍ତାବ ପାଇଁ ଭୋଟ ଦେଇଥିବା ଓ ମସ୍କୋକୁ ଆମେରିକା ନିନ୍ଦା କରିଥିବା ବେଳେ ଏହାର ନବନିର୍ବାଚିତ ରାଷ୍ଟ୍ରପତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ୟୁକ୍ରେନୀୟ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ହୋଇଥିଲେ ମଧ ଏବେ ଦେଶର ଏହି ସବୁଠାରୁ ବିତ୍ତଶାଳୀ ରାଷ୍ଟ୍ର ନିଜର ମତ ବଦଳାଇଛି। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ସାଧାରଣ ପରିଷଦ ➪ପୃଷ୍ଠା-୬



## ୨୮ରେ ଓଡ଼ିଶା ଆସିବେ ନଡ୍ଡା

ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଆସନ୍ତା ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା। ଏହି ଦିନିକିଆ ଗସ୍ତ ଅବସରରେ ଶ୍ରୀ ନଡ୍ଡା ପୁରୀଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ସେ ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମରେ ମଧ ଯୋଗଦେବେ। ଉକ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ ଯୋଗଦେବେ ବୋଲି ଜଣାପଡ଼ିଛି। ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଓଡ଼ିଶାରେ ମୃଦୁ ଭୂକମ୍ପ ଥରିଲା ରାଜଧାନୀ

ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଓଡ଼ିଶାରେ ଆଜି ସକାଳେ ମୃଦୁ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଆଜି ସକାଳ ପ୍ରାୟ ୬ଟା ୧୦ ମିନିଟ୍ ସମୟରେ ରାଜଧାନୀ ଭୁବନେଶ୍ୱର ବ୍ୟତୀତ ବାଲେଶ୍ୱର,ବାରିପଦା ଓ ପାରାଦୀପରେ ଏହି ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିବା ଜଣାପଡ଼ିଛି। ଏହା ଭୂପୃଷ୍ଠରୁ ୯୧ କିମି ଗଭୀରରେ ସୃଷ୍ଟି ହୋଇଥିଲା। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗରେ ଥିବା ବେଳେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ରହିଥିଲା। ପୁରୀରୁ ୨୮୬ ଓ ଭୁବନେଶ୍ୱରରୁ ୨୯୭ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ସେହିପରି ବ୍ରହ୍ମପୁରଠାରୁ ୩୯୪ କିମି ଦୂରରେ କେନ୍ଦ୍ରସ୍ଥଳ ରହିଛି। ଭାରତ ଓ ବାଂଲାଦେଶରେ ମଧ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିବା ସୂଚନା ରହିଛି। ତେବେ ଏହି ଭୂକମ୍ପ ପ୍ରଭାବରେ ➪ପୃଷ୍ଠା-୬

### ସିବିଏସ୍‌ଇର ନୂଆ ନିୟମ

## ଏଣିକି ଦୁଇଥର ଦଶମ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ,୨୫।୨: ଦଶମ ବୋର୍ଡ ପରୀକ୍ଷା ବର୍ଷକୁ ଦୁଇ ଥର ଆୟୋଜନ କରିବା ସକାଶେ କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ନିଷ୍ପତ୍ତି ନେଇଛି। ପ୍ରଥମ ପରୀକ୍ଷା ଫେବୃଆରୀରେ ଓ ଦ୍ୱିତୀୟ ପରୀକ୍ଷା ମେ' ମାସରେ କରିବା ସକାଶେ ନିୟମ ଜାରି କରାଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ଅଧିକ ଭଲ କରିବାକୁ ଚାହୁଁଥିବେ, ସେମାନେ ପ୍ରଥମ ସହ ଦ୍ୱିତୀୟ ପରୀକ୍ଷା ବି ଦେଇପାରିବେ। ହେଲେ ସେମାନଙ୍କ ପାଇଁ ପ୍ରଥମ ➪ପୃଷ୍ଠା-୬

### ଐତିହାସିକ ଭୀମମଣ୍ଡଳୀ ବୁଲିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

## ଜାତୀୟ ସ୍ତରରେ ପରିଚିତି ପାଇଁ ଉଦ୍ୟମ ହେବ: ଧର୍ମେନ୍ଦ୍ର

- ଦେଖିଲେ ପ୍ରସ୍ତର ଯୁଗର ଗୁମ୍ଫା ଓ ଶିଳାଲେଖ
- ଏଏସଆଇ ଅଧିକାରୀଙ୍କ ସହ ଆଲୋଚନା
- ଜିଏମ୍‌ୟୁ ପକ୍ଷରୁ ଜାତୀୟ ସ୍ତରରେ କର୍ମଶାଳା ଯୋଜନା
- ପର୍ଯ୍ୟଟନ କ୍ଲଷ୍ଟର୍ ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା



ନାକଟିଦେଉଳ,୨୫।୨(ସଂଚାର ବ୍ୟୁରୋ): ଜାତୀୟ ସ୍ତରରେ ଭୀମମଣ୍ଡଳୀର ପୁରାତନ ଐତିହ୍ୟ ଗାଥାକୁ ଲୋକଲୋଚନକୁ ଅଣାଯିବା ସହ ଏହାକୁ ସ୍ୱତନ୍ତ୍ର ପରିଚିତି ଦେବା ସକାଶେ ଉଦ୍ୟମ ହେବ। ଏ ସମ୍ପର୍କରେ ଜାତୀୟ ସ୍ତରର କର୍ମଶାଳା ଆୟୋଜନ କରାଯିବା ସହ ଉଚ୍ଚସ୍ତରୀୟ ଗବେଷଣା କରାଯିବ ବୋଲି ଆଜି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଚମ୍ପାଳୀ ନଦୀ ନିକଟରେ ଐତିହାସିକ ଭୀମମଣ୍ଡଳୀ ସ୍ଥାନ ପରିଦର୍ଶନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ମନ୍ତ୍ରୀ ସ୍ଥାନୀୟ ଅଧିବାସୀ ଓ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ପାହାଡ଼ିଆ ଏବଂ ପଥୁରିଆ ଜଙ୍ଗଲ ରାସ୍ତାରେ ଚାଲି ଚାଲି ଭୀମମଣ୍ଡଳୀର ପ୍ରସ୍ତର ଯୁଗ ଗୁମ୍ଫା ଓ ଶିଳାଲେଖ ବୁଲି ଦେଖିଛନ୍ତି। ସ୍ଥାନୀୟ ଅଧିବାସୀଙ୍କ ସହ ଏ ସମ୍ପର୍କରେ କଥା ହୋଇଛନ୍ତି। ଉକ୍ତ ଅଞ୍ଚଳର ପୀଠ ଓ ମନ୍ଦିର ଦର୍ଶନ କରିବା ସହ ଏହି ଅବସରରେ ଆୟୋଜିତ ଏକ ସାଧାରଣ ସଭାକୁ କେନ୍ଦ୍ର ମନ୍ତ୍ରୀ ସମ୍ବୋଧିତ କରିଛନ୍ତି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ)ର ଅଧିକାରୀଙ୍କ ସହ ଉକ୍ତ ଐତିହାସିକ ସ୍ଥାନର ଉତ୍ପତ୍ତି, ଐତିହ୍ୟ, ଇତିହାସ ଓ ମାନବ ସଭ୍ୟତାର ପ୍ରାମାଣିକ ତଥ୍ୟ ଉପରେ ମଧ କେନ୍ଦ୍ର ମନ୍ତ୍ରୀ ଆଲୋଚନା କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୀମମଣ୍ଡଳୀରେ ୧୦୦ରୁ ଅଧିକ ଗୁମ୍ଫା ରହିଛି, ଯେଉଁଥିରେ ମାନବ ସଭ୍ୟତାର ପ୍ରମାଣ ମିଳିଛି। ଏଠାରେ ପାଖାପାଖି ୩୦ ହଜାର ବର୍ଷ ପୂର୍ବରୁ ମାନବ ସଭ୍ୟତା ଗଢ଼ି ଉଠିଥିବା ପ୍ରାମାଣିକ ତଥ୍ୟ ମିଳିଛି, ଯାହା ସମଗ୍ର ବିଶ୍ୱରେ ବିରଳ। ଭୀମମଣ୍ଡଳୀରେ ବହୁତ ପ୍ରାଚୀନ ପାହାଡ଼, ଗୁମ୍ଫା ରହିଛି। ଏହାର ପ୍ରତ୍ନତାତ୍ତ୍ୱିକ ବୟସ ପ୍ରାୟ ପ୍ରସ୍ତର ଯୁଗ ସମୟର ବୋଲି ଏଏସ୍‌ଆଇ ତଥ୍ୟରୁ ସ୍ପଷ୍ଟ ହୋଇଛି। ଏହି ସ୍ଥାନ ଆମ ସଭ୍ୟତା ବହୁତ ଗଭୀର ଓ ପୁରାତନ ବୋଲି ପ୍ରମାଣିତ କରେ। ରେଢ଼ାଖୋଲ ମାଟିରୁ ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇ ବିଶ୍ୱକୁ ଜଗତ କଲ୍ୟାଣର ବାର୍ତ୍ତା ଦେଇଥିଲେ। ଏହା ଏକ ସଭ୍ୟତାର ଉତ୍ପତ୍ତିସ୍ଥଳୀ ବୋଲି ଯାବତୀୟ ପ୍ରମାଣ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ ନିକଟରେ ରାଜ୍ୟ ସରକାର ଭୀମମଣ୍ଡଳୀ ଓ ଦେବଝରନକୁ ସରକାରୀ ପର୍ଯ୍ୟଟନ ତାଲିକାରେ ସାମିଲ କରିଥିବାରୁ ଏଥିସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାରେ ମା' ସମଲେଶ୍ୱରୀଙ୍କ ମନ୍ଦିର, ସନ୍ଥ କବି ଭୀମ ଭୋଇଙ୍କ ପୀଠ ଶୂନ୍ୟବ୍ରହ୍ମ, ହୀରାକୁଦ ଡ୍ୟାମ, ➪ପୃଷ୍ଠା-୬

### ରଥଯାତ୍ରା ପ୍ରସ୍ତୁତି ବୈଠକ

## ୩୩୪ଟି ସ୍ଥାନରେ ଲାଗିବ ସିସିଟିଭି !

### ଏସଓପି ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଚଳିତ ବର୍ଷର ପବିତ୍ର ରଥଯାତ୍ରା ସକାଶେ ଆଜି ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ସହ ପୁରୀ ଜିଲ୍ଲାପାଳ, ଏସ୍‌ପି ଓ ରାଜ୍ୟ ପୁଲିସ ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ➪ପୃଷ୍ଠା-୬

## କଟିବନି ଜିରୋ ରିଟର୍ଣ୍ଣ ଆୟକରଦାତାଙ୍କ ରାସନ୍ କାର୍ଡ

ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ବିଜେଡି ସରକାର ଅମଳରେ ଆୟକରଦାତା ବି ରାସନ୍ କାର୍ଡ ହାତେଇଛନ୍ତି ବୋଲି ରାଜ୍ୟ ସରକାର କହିବା ସହ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି ବିଭାଗ ସାମାନ୍ୟ କୋହଳ ନୀତି ଆପଣାଇଛି। ଆୟକରଦାତାଙ୍କ ମଧ୍ୟରେ ଯେଉଁମାନେ ଜିରୋ ରିଟର୍ଣ୍ଣ ଫାଇଲ୍ କରିଛନ୍ତି, ସେମାନଙ୍କ ରାସନ୍ କାର୍ଡ କଟିବନାହିଁ ବୋଲି ଆଜି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ତେବେ ଏଥିସକାଶେ ଫିଜିକାଲ୍ ଭେରିଫିକେସନ ପାଇଁ ➪ପୃଷ୍ଠା-୬



### କାନ ଡେରିଥା

କେ.ଏସ ନଗର ସ୍ଥିତିକୁ ଦେଖିଲେ
ଅସମ୍ଭାଳ ପରା ଲାଗୁଛି
ନବୀନଙ୍କ କଥା ଗ୍ରହଣ ନକରି
ନିଜ ଦଳ ଏବେ ଘାଣ୍ଟୁଛି
ଫାଇଦା କୁଆଡେ ଭାବୁଛି...
ଏତେ ଦିନ ଧରି ଶବ୍ଦ ନଶୁଭିଲା
ଏବେ ଯେ ଢେଙ୍କୁରା ବାଜୁଛି।

■ ଦେବାଶିଷ

### ନୂଆ ରୂପରେ ବିଜେଡି

## ପରକଟା ହେବେ କ୍ରୀତଦାସ



- ବଦଳିବ ଦଳର ସାଙ୍ଗଠନିକ ରୂପରେଖ
- ଦୁଇ ସ୍ତରରେ ନେତାଙ୍କୁ ନେଇ ଗଠନ ହେବ ଦୁଇଟି କମିଟି
- ବରିଷ୍ଠଙ୍କ ମାର୍ଗଦର୍ଶନରେ କାମ କରିବେ ଯୁବ ନେତା

ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଗତ ସାଧାରଣ ନିର୍ବାଚନରେ ବିଫଳତା ପରେ ବିଜେଡି ସଙ୍ଗଠନ ସ୍ତରରେ ବଡ ଧରଣର ପରିବର୍ତ୍ତନ ହେବ। ଦଳ ଏଣିକି ଆଉ କେହି ଜଣଙ୍କ ନେତୃତ୍ୱରେ କାମ କରିବ ନାହିଁ। ବରିଷ୍ଠ ଓ ଯୁବ ନେତାଙ୍କୁ ନେଇ ଦୁଇ ସ୍ତରୀୟ କମିଟି ଗଠନ କରାଯିବ। ଖୋଦ ସଭାପତିଙ୍କ ତତ୍ତ୍ୱାବଧାନରେ ଏହି ଦୁଇଟି ଯାକ କମିଟି କାମ କରିବ। ଏଥିସହିତ ଦଳ ଗଠନ ସମୟର ରାଜନୈତିକ ବ୍ୟାପାର କମିଟି ପୁଣି ଥରେ ଗଠନ କରିବାକୁ କିଛି ନେତା ଚାପ ପକାଉଥିବା ବେଳେ ସୁପ୍ରିମୋ ନବୀନ ପଟ୍ଟନାୟକ ଏହା ସପକ୍ଷରେ ନାହାଁନ୍ତି। ବିଜେଡି ଗଠନ ସମୟରେ ଦଳର ସବୁ ରାଜନୈତିକ ବ୍ୟାପାର ବୁଝିବାକୁ ତିଆରି ହୋଇଥିଲା ରାଜନୈତିକ ବ୍ୟାପାର କମିଟି। ଏହି କମିଟିର ସର୍ବେସର୍ବା ଥିଲେ ବିଜୟ ମହାପାତ୍ର। କିନ୍ତୁ ୨୦୦୦ ମସିହାରେ ଏହି କମିଟିକୁ ଭାଙ୍ଗି ➪ପୃଷ୍ଠା-୬


SIKSHA 'O' ANUSANDHAN

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through JEE-Main, Please visit: www.soa.ac.in

# ଆଜି ମହାଶିବରାତ୍ରି : ସଜେଇ ହୋଇଛି ଶୈବପୀଠ

**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** ଆଜି ହେଉଛି ମହାଶିବରାତ୍ରି, ଏଥିପାଇଁ ପୂର୍ବରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। କେନ୍ଦ୍ରାପଡା ସହରରେ ଥିବା ସମସ୍ତ ଶୈବ ପୀଠ ଏବଂ ଗ୍ରାମାଞ୍ଚଳରେ ଥିବା ପ୍ରସିଦ୍ଧ ଶୈବ ପୀଠ ଚଳଚଞ୍ଚଳ ହୋଇଉଠିଥିବା ବେଳେ ଦୋକାନ ବଜାର ଏବଂ ବ୍ୟବସାୟୀଙ୍କ ଭିତରେ ଏକପ୍ରକାର ଉତ୍ସାହ ଦେଖିବାକୁ ମିଳିଛି। ଜାଗରକୁ ଆଖି ଆଗରେ ରଖି କିଏ ଦୀପ ବିକ୍ରି କରିବା ପାଇଁ ପସରା ମେଲାଇଛି ତ କିଏ ବିଭିନ୍ନ ଫୁଲ ବିକ୍ରି ପାଇଁ ଦୋକାନ ଖୋଲିଛି।

କେନ୍ଦ୍ରାପଡା ଜିଲ୍ଲାର ରାଜନଗର , ପଶ୍ଚିମେଶ୍ୱର, ମଣି ନାଗେଶ୍ୱର, ରାମେଶ୍ୱର ଭଳି ଅନେକ ମହାଦେବ ମନ୍ଦିର ରହିଥିବା ବେଳେ ମହାକାଳପଡା ଅଞ୍ଚଳର କପାଲେଶ୍ୱର ମନ୍ଦିର ଓ ବାଣେଶ୍ୱର ମନ୍ଦିର ଏବଂ ଗରଦପୁର ବ୍ଲକ ଅଧୀନ ଜିରାଳ ଗ୍ରାମର ପ୍ରସିଦ୍ଧ କମେଶ୍ୱର୍ ମହାଦେବ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଖମଗାଁ ଗ୍ରାମର ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ଅଞ୍ଚଳର ଭକ୍ତଙ୍କ ସମାଗମ ଅଧିକ ହୋଇଥାଏ। ତେଣୁ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଯେଉଁ ମନ୍ଦିରରେ ଗହଳି ହେବ ସେଠାରେ ଜିନିଷ ବିକ୍ରି କରିବା ପାଇଁ ଅସ୍ଥାୟୀ ଦୋକାନ ନିର୍ମାଣ ଦୁଇଦିନ ପୂର୍ବରୁ କରିସାରିଛନ୍ତି। ମଙ୍ଗଳବାର ଏକବାର ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଗହଳ ଚହଳ ଦେଖା ଯାଇଥିଲା। ଜିଲ୍ଲାର କିଛି ସ୍ଥାନରେ ଦୁଇ ତିନିଦିନ ହେବ ବର୍ଷା ସହିତ ପାଗ କୋହଲା ଥିବାରୁ ମନ୍ଦିରରେ ରଙ୍ଗ ଦେବା, ଲାଇଟ୍, ଫୁଲରେ ବିଭିନ୍ନ ସାଜସଜ୍ଜା କାମ ଧିମାଗତିରେ ଚାଲିଥିଲା। ତଥାପି ମଙ୍ଗଳବାର ସମସ୍ତ ପ୍ରସ୍ତୁତି ଶେଷ କରିଛି ମନ୍ଦିର କମିଟି ।



## ଗରଦପୁର, କାମେଶ୍ୱର ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

ଗରଦପୁର ରେ ଥିବା ମନ୍ଦିର ଭିତରୁ କାମେଶ୍ୱର ମନ୍ଦିର ଅନ୍ୟତମ ଓ ପୁରୁଣା ଏହି ମନ୍ଦିରରେ ମହାଶିବରାତ୍ରି ପାଇଁ ବୁଧବାର ଭୋର ୩ଟାରୁ ୩.୩୦ଟା ଭିତରେ ମଙ୍ଗଳ ଆଳତୀ, ଅଖଣ୍ଡ ଦୀପ ପ୍ରଜ୍ୱଳନ ହେବା ସହିତ ଭକ୍ତଙ୍କ ଉପବାସ ପୂଜା ଆରମ୍ଭ ହେବ। ବୁଧବାର ରାତି ତମାମ ପୂଜା ପରେ ଗୁରୁବାର ବ୍ୟବସ୍ଥା ହୋଇଛି। କେଉଁଠି ଅପେରା ଅନୁଷ୍ଠିତ ହେବ ତ ପୁଣି କେଉଁଠି ଭଜନ ସନ୍ଧ୍ୟା, ମେଲୋଡ଼ି କାର୍ଯ୍ୟକ୍ରମ, ଆଉ କେଉଁଟି ପାଲା, ଦାସକାଠିଆ ଅନୁଷ୍ଠିତ ହେବ। ଭୋର ୫ଟାରେ ମହାଦୀପ ଉଠିବା ନେଇ ମନ୍ଦିରର ପୂଜକ ସୂଚନା ଦେଇଛନ୍ତି। ହଜାର ହଜାର ଭକ୍ତଙ୍କ ପାଇଁ ଚଳିତ ବର୍ଷ ସୋତନ୍ତ୍ର ବ୍ରାହ୍ମଣ ବ୍ୟବସ୍ଥା କରାଯାଇଛି। ୨ ହଜାର ଭକ୍ତ ମନ୍ଦିର ବେଢ଼ାରେ ଏବଂ ମନ୍ଦିର ବାହାରେ ମଧ୍ୟ ଅନେକ ଶ୍ରଦ୍ଧାଳୁ ବସି ଦୀପ ଜାଳି ପାରିବେ। ପୂଜା କରିବା ସମୟରେ ମହିଳାମାନଙ୍କ ନିମନ୍ତେ ୨ଟି ଧାଡ଼ି ଓ ପୁରୁଷମାନଙ୍କ ପାଇଁ ଗୋଟିଏ ଧାଡ଼ିର ବ୍ୟବସ୍ଥା କରଯାଇଛି।

ସେହିପରି ସିଦ୍ଧେଶ୍ୱର ମନ୍ଦିରରେ ବୁଧବାର ଭୋର ୪ଟା ୩୦ରେ ନୀତିକାତି ପୂଜା ଆରମ୍ଭ ହେବାକୁ ଥିବା ବେଳେ ୪.୪୫ରୁ ଶିବରାତ୍ରି ପୂଜା ଆରମ୍ଭ ହେବ। ଚାରି ପ୍ରହର ପୂଜା ପରେ ମଙ୍ଗଳ ଆଳତି, ଅଖଣ୍ଡ ଦୀପ ପ୍ରଜ୍ୱଳନ, ନୀତି ପୂଜା ସାଙ୍ଗକୁ ଦ୍ୱିପ୍ରହର ଅନ୍ନ, ବ୍ୟଞ୍ଜନ ଭୋଗ ପରିବର୍ତ୍ତେ ଫଳ, ଫୁଲ, କ୍ଷୀରରେ ମହାଦେବଙ୍କର ପୂଜା ହେବ। ଗୁରୁବାର ଭୋର ୫ଟା ବେଳକୁ ମହାଦୀପ ଉଠିବା ନେଇ ମନ୍ଦିର କମିଟି ସିଦ୍ଧାନ୍ତ ନେଇଛି। ଭିଡ଼ ନିୟନ୍ତ୍ରଣ କରିବା ଏବଂ ଶାତିଶୃଙ୍ଖଳାରେ ପୂଜା ପାଇଁ ମନ୍ଦିର ଭିତରେ ୮ ଜଣଙ୍କ ସହିତ ଅଧିକ ୫ଜଣ ବ୍ରାହ୍ମଣଙ୍କୁ ନିୟୋଜିତ କରାଯାଇଛି। ସିଦ୍ଧେଶ୍ୱର ମନ୍ଦିର ପରିସରରେ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ସେଥିରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଙ୍କୁ ଅଧିକ ଆକର୍ଷିତ କରିବ ଗ୍ରାମବାସୀ କହିଛନ୍ତି ।

## ବିକ୍ରି ହେଲାଣି ଘିଅ, ଦୀପ

ପ୍ରତ୍ୟେକ ବର୍ଷ ସହର ଏବଂ ଗ୍ରାମାଞ୍ଚଳ ଥିବା ପୁରାତନ ମନ୍ଦିରରେ ଭକ୍ତଙ୍କ ଗହଳି ଅଧିକ ହୋଇଥାଏ। ଜାଗରରେ ଭକ୍ତମାନେ ଉଜାଗର ରହି ଦୀପ ଜାଳିଥାନ୍ତି । ସେଥିପାଇଁ ଭକ୍ତମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଶିବରାତ୍ରିରେ ଭକ୍ତମାନେ ଉପବାସ ରହି ଘିଅ, ତେଲ ଦୀପ ଜାଳିଥାନ୍ତି। ଜାଗର ପାଇଁ ମଙ୍ଗଳବାର କେନ୍ଦ୍ରାପଡା ର ସମନ୍ତସାହି,ତିନିମୁହାଣି, ମାର୍ଶାଘାଇ ବଜାରରେ ଘିଅ, ଜାଗର ତେଲ, ବିଭିନ୍ନ ଆକୃତିର ମାଟି ଚାପ ବିକ୍ରି ହୋଇଛି। ଯାହାକୁ ଲୋକେ କିଣିବାକୁ ଭିଡ଼ ଜମାଉଛନ୍ତି ।

## ଗହୀରମଥାରୁ ଭୁଟଭୁଟି ଜବତ, ୬ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୨୫।୨ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଭୁଟଭୁଟି ଜବତ କରିବା ସହ ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସି ଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝୀଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ମା ଦଶଭୁଜା-୩ ନାମକ ଭୁଟଭୁଟିକୁ ଜବତ କରିଥିଲେ। ଜବତ ଭୁଟଭୁଟିରୁ ୧ କୁଇଣ୍ଟାଲ ମାଛ, ୧ଟି ଜିପିଏସ, ୧ଟି ଭିଏଚଏଫ, ୧ଟି କାଣ୍ଟା ଜାଲ, ୧ଟି ଲାଗେନ ଜାଲ ଜବତ କରାଯାଇଛି। ଭୁଟଭୁଟି ଥିବା ମତ୍ସ୍ୟଜୀବୀମାନେ ହେଲେ ଅମଳ ମଣ୍ଡଳ, ଯୋଗେଶ ବର୍ମାନ, ପ୍ରଶାନ୍ତ ମଣ୍ଡଳ, କୃଷ୍ଣପଦ ମଣ୍ଡଳ, ଶମ୍ଭୁ ଗିରୀ, ଜଗା ବାରିକ ପ୍ରମୁଖ ୬ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀ ଜଗତସିଂହପୁର ଅଞ୍ଚଳର ବୋଲି ଜଣାପଡ଼ିଛି।

## ପୁଲିସର ଚଢ଼ାଉ, ୮ ୱାରେଣ୍ଟି ଗିରଫ

**ରାଜନଗର,୨୫।୨ (ସଂଚାର ବ୍ୟୁରୋ):** ରାଜନଗର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଭିନ୍ନ ଅପରାଧରେ ଜଡିତ ଥିଲେ। ସେମାନଙ୍କ ନାଁରେ ୱାରେଣ୍ଟ ଥିଲେ ମଧ୍ୟ ଖୁଲମଖୁଲା ବୁଲୁଥିଲେ। ରାଜନଗର ଥାନାର ନୂତନ ଆଇଆଇସି ନରେଶ କୁମାର ସାହୁ ଯୋଗ ଦେବା ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏଠି ଅପରାଧ ଅପରାଧିକ କାର୍ଯ୍ୟକଳାପ ହ୍ରାସ କରିବା ପାଇଁ ପେଟ୍ରୋଲିଙ୍ଗ କଡା କଡା କରିଛନ୍ତି। ରାଜନଗର ବଜାର ଓ ଗାଁରେ ପୋଲିସ ବୁଲି ବୁଲି ପେଟ୍ରୋଲିଙ୍ଗ କରୁଥିବା ଦେଖାଯାଇଛି।

## ବିପୁଳ ପରିମାଣର ଚୋରା ମଦ ଜବତ, ୫ ମହିଳା ସମେତ ୧୩ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ନିକିରେଇ, ଜମ୍ବୁ ମେରାଇନ, ମହାକାଳପଡ଼ା, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ରୁରାଲ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଅବକାରୀ ଅଧିକ୍ଷକ, ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅବକାରୀ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ଏବଂ ଏକ ଗୋଟି ମୋଟର ସାଇକେଲ ସହିତ ୧୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ ନୂଆଗାଁ ଗ୍ରାମାର ସୁନିତା ମଳିକ, ସାରସ୍ୱତୀ ଖିଲାର, ଭାରତି ରାଉତ, ଶସ୍ମିତା ଖିଲାର, ଜ୍ଞାନରଞ୍ଜନ ଦାସ, ସତ୍ୟ ଜେନା, ଶ୍ୟାମସୁନ୍ଦର ରାଉତ, ସଞ୍ଜୟ ପରିଡା, ଆଶା ରାଉତ, ଖଗେଶ୍ୱର ସାହୁ,ବର୍ଷା, ପ୍ରଭାତ ମଳିକ, ଅନାମ ପାତ୍ର, ଏବଂ ଗଣେଶ୍ୱର ମଳିକ। ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୬୮୦ ଲିଟର ଚୋରା ଦେଶୀ, ବିଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ, ଧର୍ମପଦ ଦାସ, ନରେଶ ପଣ୍ଡା, କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ବିପୁଳ ପରିମାଣ ମଦ ଜବତ, ୧ ଗିରଫ

**ପଟ୍ଟାମୁଣ୍ଡାଇ,୨୫।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଂଚଳରେ କିଛି ଦିନ ନିଶା ଦ୍ରବ୍ୟ କାରବାର ବୃଦ୍ଧି ପାଇଛି । ଏଥି ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି । ଗ୍ରାମାଞ୍ଚଳ ଥାନା ଅଂଚଳରେ ଚାଲିଥିବା ନିଶା କାରବାର ରୋକିବା ପାଇଁ କେନ୍ଦ୍ରାପଡ଼ା ଏସ ପି ସିଦ୍ଧାର୍ଥ କଟାରିଆ ନିର୍ଦ୍ଦେଶ ଦେଇଥିଲେ । ଏସ ପି ଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଧୀରଜ ଲେଙ୍କା ବିଭିନ୍ନ ସ୍ଥାନ ଚଢ଼ାଉ କରି ସାନଜରିଆ ପଂଚାୟତ ନିଗିନିପୁର ଭେଡ଼ି ସାହି ଅଂଚଳରୁ ୯୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ମଦ ବିକ୍ରି କରୁ ଥିବା ବ୍ୟକ୍ତିଙ୍କୁ ଗିରଫ କରି ଥାନାକୁ ଆଣିଛନ୍ତି । ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଏକ ମୋକଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଦୁଷ୍କର୍ମ ଉଦ୍ୟମ ଅପରାଧରେ ଦୋଷୀଙ୍କୁ ସାଢ଼େ ୩ବର୍ଷ ଜେଲଦଣ୍ଡ

**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** ଏକ ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମକେଶରୀ ଚିନ୍ନାରା ଦୋଷୀଙ୍କୁ ସାଢେ ତିନି ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ଟାଉନ ଥାନା ଅଂଚଳର ଜନୈକ ଲୋକଙ୍କର ଗତ ୨୮.୧୧.୨୦୧୫ ରିଖରେ ଏକ ସାଇକେଲ ଚୋରି ହୋଇଥିଲା। ଏନେଇ ସଂପୃକ୍ତ ବ୍ୟକ୍ତିଙ୍କ ପତ୍ନୀ ସେହି ଆଳରେ ଦୁଇଜଣ ଯୁବକଙ୍କୁ ପଚରାଉଚୁରା କରିବାରେ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏନେଇ ସଂପୃକ୍ତ ମହିଳା କେନ୍ଦ୍ରାପଡା ଟାଉନ ଥାନାରେ ଗତ ୨. ୧୨. ୨୦୧୫ ରିଖରେ ଏସମ୍ପର୍କରେ ଏକ ଏତଲା ଦେଇଥିଲେ । ସେହିଦିନ ଘରେ କେହିନଥିବାର ସୁଯୋଗ ନେଇ ଦିଲ୍ଲିପ ଦାସ ଓ ଚଗଲା ମହାରଣା ସଂପୃକ୍ତ ମହିଳାଙ୍କ ଘରେ ପଶି ତାଙ୍କ ଝିଅକୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଧକ୍କା ମାରିବା ସହ ମନ୍ଦ ଉଦ୍ଦେଶ୍ୟ ରଖ୍ ତାଙ୍କୁ ଟଣାଓଟରା କରିଥିଲେ। ଫଳରେ ସଂପୃକ୍ତ ଯୁବତୀଙ୍କ ପିନ୍ଧା ଡ୍ରେସ ଚିରିଯାଇଥିଲା । ଏଥିସହିତ ଲୋକଙ୍କ ସମ୍ମୁଖରେ ସେହି ଯୁବତୀଙ୍କୁ ଉପରୋକ୍ତ ଯୁବକ ଦୁଇଜଣ ଦୁଷ୍କର୍ମ ଉଦ୍ୟମ କରିବାରେ ଯୁବତୀ ଜଣଙ୍କ ଲୋକଲଜ୍ୟାରେ ବିଷ ପିଇଦେଇଥିଲେ । ଯୁବତୀଙ୍କ ମା'ଙ୍କ ଅଭିଯୋଗ ଉପରେ ଟାଉନ ଥାନା ପୋଲିସ ଥାନା କେଶ ନମ୍ବର-୧୯୯/୨୦୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଥିଲେ । ପୋଲିସ ଅଦାଲତରେ ସେହି ମାମଲାର ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ଏସଟି ନଂ- ୩୭୫/୨୦୧୭ରେ ସେହି ମାମଲାର ବିଚାର କରି ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ୍ ତ୍ରିବିକ୍ରମକେଶରୀ ଚିନ୍ନାରା ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ଟାଉନ ଥାନା ଅନ୍ତର୍ଗତ ଇଛାପୁର( ଶ୍ୟାମଗୁଡିଆ) ଗ୍ରାମର ଦିଲ୍ଲିପ ଦାସ ଓ ଚଗଲା ମହାରଣାଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ୩୨୩ଦଫାରେ ୬ମାସ ଜେଲଦଣ୍ଡ ସହିତ ୫ଶହ ଟଙ୍କା ଜୋରିମାନା ଓ ୩୫୪ ଦଫାରେ ୩ବର୍ଷ ଜେଲଦଣ୍ଡ ସହିତ ତିନି ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଏକମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା ଅଦାଲତରେ ମାମଲା ପରିଚାଳନା କରୁଥିଲେ ।

**ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା**

## ରାସ୍ତା ନବୀକରଣ ନାଁରେ କଟାଯାଉଛି ତାଳଗଛ

**ମହାକାଳପଡ଼ା,୨୫।୨ (ସଂଚାର ବ୍ୟୁରୋ):** ବଜ୍ରପାତରୁ ରକ୍ଷା ପାଇବାକୁ ପାରମ୍ପରିକ ପଦ୍ଧତି ଆପଣାଇ ସାରା ରାଜ୍ୟରେ ତାଳଗଛ ଲଗାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ଓ ଜାତୀୟ ରାଜପଥ ରାସ୍ତାପାର୍ଶ୍ୱ, ଗ୍ରାମାଞ୍ଚଳ, ସଂରକ୍ଷିତ ଜଙ୍ଗଲ ଓ ଜମିରେ ତାଳଗଛ ଲଗାଇବାକୁ ୨୦୧୮ରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବନଖଣ୍ଡକୁ କୁହାଯାଇଥିଲା। ମାତ୍ର ତାହା ଫଳପ୍ରଦ ହୋଇନପାରିବାରୁ ଗ୍ରାମାଞ୍ଚଳରେ ବହୁ ପରିମାଣରେ ତାଳଗଛ ଲଗାଇବାକୁ ୨୦୨୩ ସେପ୍ଟେମ୍ବର ମାସରେ ନିଷ୍ପତ୍ତି ହୋଇଥିଲା। ନିଜ ବ୍ୟକ୍ତିଗତ ଜାଗାରୁ ମଧ୍ୟ କେହି ବିନା ଅନୁମତିରେ ତାଳଗଛ କାଟି ପାରିବେ ନାହିଁ ବୋଲି ନିୟମ ହୋଇଛି। ହେଲେ ଅନ୍ୟ ପଟେ ରାସ୍ତା ଚଉଡା ଓ ନବିକରଣ ନାମରେ



ଅନାବଶ୍ୟକ ଭାବରେ ଶହ ଶହ ତାଳଗଛ କଟାଯାଉଥିବା ଦେଖିବାକୁ ମିଳିଛି।

ମହାକାଳପଡା ବ୍ଲକ ବଡକୂଳ ଗ୍ରାମର ଉତ୍ସାହୀ ଯୁବଗୋଷ୍ଠୀ ସବୁଜବାହିନୀ ଗଢ଼ି ସରକାରୀ ଜାଗା, ରାସ୍ତାପାଖ ଓ ନଦୀବନ୍ଧ କଡରେ ପ୍ରତିବର୍ଷ ଶହଶହ ନିମ୍ବ, ତାଳ, ଇଉକାଲିପଟାସ, ଦେବଦାରୁ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ପେସ୍ତାବାଦାମ, ଅଁଳା ଓ କନିଅର ଆଦି ଗଛ ଲଗାଇ ଆସୁଛନ୍ତି। ବଡକୂଳ ଲେଙ୍କାସାହି ନଦୀକୂଳଠାରୁ ଦହିମାଛ ଇରିଗେସନ ରାସ୍ତାକାମ ପାଇଁ ଓସିସି ଚୁକ୍ତି କରି ମନମୁଖୀ ଭାବେ ଜେସିବି ଲଗାଇ ଶତାଧିକ ଛୋଟବଡ ତାଳଗଛ ଉପାଡି ଫିଙ୍ଗିଦେଇଥିବା ଦେଖିବାକୁ ମିଳିଛି। ଗଛ କାଟିବାର କୌଣସି ଆବଶ୍ୟକତା ନ ଥିଲା। ବିନା କୌଣସି କାରଣରେ ଏତେ ସଂଖ୍ୟାରେ ତାଳଗଛ କଟାଯିବା ନେଇ ଅଞ୍ଚଳର ପ୍ରକୃତିପ୍ରେମୀ ଓ ପରିବେଶବିତ୍ମାନେ ଉଦବେଗ ପ୍ରକାଶ କରିଛନ୍ତି।

## ଏସଡିପିଓ ଜ୍ୟୋତି ରଞ୍ଜନଙ୍କ କାର୍ଯ୍ୟଭାର ଗ୍ରହଣ



**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ନୂତନ ଏସଡିପିଓ ଭାବେ ବରିଷ୍ଠ ପୋଲିସ ଅଧିକାରୀ ଜ୍ୟୋତି ରଂଜନ ଗୌଡ ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ପୂର୍ବରୁ କଟକ ମୁଖ୍ୟାଳୟ ରେ ଏଚଆରପିସି ଡିଏସପି ଭାବେ କାର୍ଯ୍ୟରତ ଥିଲେ । ଏଠାରେ ପୂର୍ବରୁ ଥିବା ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ କୋରାପୁଟ ର ନନ୍ଦପୁର ଏସଡିପିଓ ଭାବେ ବଦଳି ହୋଇଥିବାରୁ ଶ୍ରୀ ଗୌଡ ତାଙ୍କ ସ୍ଥାନରେ ମଙ୍ଗଳବାର ଏସଡିପିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ସାଲେପୁର ଆଦର୍ଶ ଥାନାରେ ଯୋଗଦେଲେ ଆଇଆଇସି ଅନିତା ସାହୁ



**ସାଲେପୁର,୨୫।୨ (ସଂଚାର ବ୍ୟୁରୋ):** ସାଲେପୁର ଆଦର୍ଶ ଥାନାର ପ୍ରଥମ ମହିଳା ଥାନା ଅଧିକାରୀ ଭାବେ ଅନିତା ସାହୁ ଆଜି କାର୍ଯ୍ୟରେ ଯୋଗଦେଇଥିବା ଜଣାଯାଇଛି। କାର୍ଯ୍ୟରେ ଯୋଗଦେବାପରେ ଶ୍ରୀମତୀ ସାହୁ ସମସ୍ତ କର୍ମଚାରୀମାନଙ୍କୁ ଡାକି ଏକ ଗୁରୁତ୍ୱପୂର୍ଣ୍ଣବୈଠକ କରିବା ସହ ସାଲେପୁର ଅଞ୍ଚଳରେ କିପରି ଆଇନ୍‌ଶୃଙ୍ଖଳା ଓ ଟ୍ରାଫିକ୍ ସମସ୍ୟାକୁ ସମାଧାନ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଶ୍ରୀମତୀ ସାହୁ ପୂର୍ବରୁ ମହିଳା ଥାନା ଓ କମିଶନରେଟ୍ ପୁଲିସରେ କାର୍ଯ୍ୟ କରିଥିବାବେଳେ ଗଞ୍ଜାମ ଜିଲ୍ଲାର ସଦର ଥାନାରେ ଆଇ.ଆଇ.ସି. ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ସେ ଆଜି ସାଲେପୁର ଆଦର୍ଶ ଥାନାର ଆଇ.ଆଇ.ସି. ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଥିବା ସାଲେପୁର ଆଇ.ଆଇ.ସି. ମନୋଜ କୁମାର ସ୍ୱାଇଁଙ୍କର ଅନ୍ୟତ୍ର ବଦଳି ହେବାପରେ ଶ୍ରୀମତୀ ସାହୁ ଆଜି ସାଲେପୁର ଥାନା ଆଇ.ଆଇ.ସି. ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ସାଲେପୁର ଆଦର୍ଶ ଥାନାର ପ୍ରଥମ ମହିଳା ଥାନା ଅଧିକାରୀ ଭାବେ ନିଜ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଜଣାଯାଇଛି।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା ଘର

**ଆଳି,୨୫।୨ (ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ବାଳକାଟି ପଞ୍ଚାୟତ ବାଳକାଟି ଗ୍ରାମର ଲୋକନାଥ ସାହୁଙ୍କ ଦୁଇ ବଖରା ଘର ଜଳିଯିବା ଦ୍ୱାରା ସର୍ବଶାନ୍ତ ହୋଇଛି ପରିବାର । ମଙ୍ଗଳବାର ଦ୍ୱିପ୍ରହର ସମୟ ରେ ରୋଷେଇ କରୁଥିବା ସମୟରେ କୁଟାଜାଳରୁ ହଠାତ୍ ନିଆଁ ଲାଗି ନିମିଷକ ମଧ୍ୟରେ ଘରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ଦୁଇ ବଖରା ଜଳି ସବୁ ଆସବାବ ପତ୍ର ସହ ସୁନା ରୂପା ନଗଦ ଟଙ୍କା ଧାନ ଚାଉଳ ସବୁ ଜଳି ପାଉଁଶ ହୋଇ ଯାଇଛି।



ନିଆଁଲିଭା କାର୍ଯ୍ୟରେ ଗ୍ରାମବାସୀ ସହଯୋଗ କରି ନିଆଁକୁ ଆୟତ୍ତ କରି ଥିଲେ। ଦମକଳ ବିଭାଗ ପକ୍ଷରୁ ପହଞ୍ଚି ସହଯୋଗ କରିଥିଲେ। ନିଆଁଲିଭା ସମୟରେ ଜଣେ ଯୁବକ ଚାଳରୁ ପଡିଯାଇ ଆଘାତପ୍ରାପ୍ତ ହୋଇ ଆଳି ମେଡ଼ିକାଲରେ ଚିକିତ୍ସା ହେଉଛନ୍ତି । ଉକ୍ତ ପରିବାରର ମୂଖ୍ୟ ଲୋକନାଥ ୱାହାରେ ଦିନ ମଜୁରିଆ ଭାବ ରେ କାମ କରୁଥିବା ବେଳେ। ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇଛି ।ଗ୍ରାମବାସୀଙ୍କ ତରଫରୁ ଉକ୍ତ ପରିବାରକୁ ପ୍ରଶାସନ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଛନ୍ତି ଗ୍ରାମବାସୀ ।

## ସକାଳ ୭ଟାରୁ ରାତି ୯ ଭାରିଯାନ ଚଳାଚଳ ବନ୍ଦ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** ଜିଲ୍ଲାରେ ପ୍ରବେଶ କରିପାରିବା ନାହିଁ ଭାରି କିମ୍ବା ବଡ଼ ବଡ଼ ଯାନ । ଦୈନିକ ସାଧାରଣ ଲୋକଙ୍କ ଯାତାୟାତ କରୁଥିବା ସମୟରେ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରିକରିଛନ୍ତି । ମଙ୍ଗଳବାର ଦିନ ଜାରି କରିଥିବା ଚିଠି ନମ୍ବର - ୪୪୪ ରେ ଉଲ୍ଲେଖ କରିଛନ୍ତି କି କେନ୍ଦ୍ରାପଡା ସହର କିମ୍ବା କୌଣସି ବଜାର ମଧ୍ୟରେ ସକାଳ ୭ ଟା ରୁ ରାତି ୯ ମଧ୍ୟରେ ବାଲି, ମାଟି ବୋଝେଇ ହାଇୱା କିମ୍ବା ଭାରିଯାନ ପ୍ରବେଶ କରିପାରିବ ନାହିଁ। ଯେଉଁମାନେ ଏହି ନୀୟମକୁ ଅବମାନନା କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଟିବି ରୋଗୀଙ୍କୁ ସରପଞ୍ଚଙ୍କ ସହାୟତା



**ପଟ୍ଟାମୁଣ୍ଡାଇ,୨୫।୨ (ସଂଚାର ବ୍ୟୁରୋ):** ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଟିବି ମୁକ୍ତ ଓଡିଶା ଗଠନରେ ସହଯୋଗ କରିବାକୁ କହିଥିଲେ, ମନ୍ତ୍ରୀ ଙ୍କ କଥା ଅନୁସାରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତର ସରପଞ୍ଚ ଦୀପ୍ତିମୟୀ ପରିଡା ଉକ୍ତ ପଂଚାୟତର ଟି ବି ରୋଗୀ ବସନ୍ତ ମଳିକ ଓ ରବୀନ୍ଦ୍ର ମଳିକଙ୍କୁ ସରକାରୀ ସହାୟତା ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସି ଏଚ ଓ ପ୍ରିୟଦର୍ଶିନୀ ପରିଡା, ୱାର୍ଡ ମେମ୍ବର, ପୁଷ୍ପଲତା ସାମଲ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିଭା ମଳିକ ଆଶା କର୍ମୀ ଲକ୍ଷ୍ମୀ ମଳିକ, ସଂଯୁକ୍ତା ମଳିକ ଓ ସଂଯୁକ୍ତା ସେଠୀ ଯୋଗ ଦେଇଥିଲେ ।

## ପୁରୁଷୋତମପୁର ପଞ୍ଚାୟତରେ ବିଜେପିର ମିଶ୍ରଣ ପର୍ବ

**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ପୁରୁଷୋତମପୁର ପଂଚାୟତ ରେ ବିଜେପିର ପକ୍ଷରୁ ଏକ ବଡ ଧରଣର ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପଂଚାୟତ ଅଧିନ କୋରୁଆ ଗ୍ରାମର ଶାମଘନ ମହାପୁରୁଷ ପୀଠ ପରିସର ରେ ମୀଶ୍ରଣ ପର୍ବର ଆୟୋଜନ କରାଯାଇଥିଲା । ବିଜେପି ନାରୀ ନେତ୍ରୀ ତଥା ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀଙ୍କ ନେତୃତ୍ୱରେ ୮ନଂ ଜୋନ ସଭାପତି ବାସୁଦେବ ତ୍ରିପାଠୀ, ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସଂପାଦକ ବାଦଲ ମଳିକ, ପ୍ରଭାତ ରଂଜନ ସ୍ୱାଇଁ, ଅଂଶୁମାନ ଦାସ, ପଂଚାୟତ ସଭାପତି ରଂଜନ ରାଉତ, ସୁଶାନ୍ତ ମଳିକ, ଅଦିତ୍ୟ ପ୍ରସାଦ ଲେଙ୍କା ପ୍ରମୁଖ ବିଜେପିରେ ଯୋଗ ଦେଇଥିବା ଶ୍ରୀକାନ୍ତ ସାହୁ, ସୁନିଲ ଦାସ, ଜ୍ଞାନ ରଂଜନ ସାହୁ, ଖଗେଶ୍ୱର ଦାସ, ରଘୁବର ମଳିକ, ମାଗୁଣି ମଳିକ, ପାଣ୍ଡବ ମଳିକ ପ୍ରମୁଖ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ନୂତନ ସଭ୍ୟଙ୍କୁ ବିଜେପି ଟୋପି ଓ ଉତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ଏମାନେ ସମସ୍ତେ ବିଜେଡି ଦଳ ପରିତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ପ୍ରତି ଗଭୀର ଆସ୍ଥା ପ୍ରକଟ କରି ବିଜେପିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି ।



## ସୁଭଦ୍ରା ଯୋଜନା ଓ ଧାନକ୍ରୟ ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ସୁଭଦ୍ରା ଯୋଜନା ଓ ଧାନକ୍ରୟ ଅଗ୍ରଗତି ସଂପର୍କରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଆଜି ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଡିଆରସିଏସ ସନ୍ତୋଷ କୁମାର ଦାସ, ସିଏସଓ ଶ୍ରୀନିବାସ ସାହୁ, ଡିଏସଡବ୍ଲୁଓ ମନୋରମା ସ୍ୱାଇଁଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ସୁପର ଭାଇଜର, ନୋଡାଲ ଅଫିସର ମାନଙ୍କ ସହିତ ଆଭାସୀ ମାଧ୍ୟମରେ ସୁଭଦ୍ରା ଯୋଜନାର ଆବେଦନ କରିଥିବା ହିତାଧିକାରୀ ମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ସହାୟତା ରାଶି ମିଳିଲା ଓ ଶେଷ ପର୍ଯ୍ୟାୟରେ



କେତେ ଜଣଙ୍କୁ ମିଳିବାର ଯୋଗ୍ୟତା ହାସଲ ହୋଇଛି ତଥା ଯେଉଁ ମାନଙ୍କ ଆବେଦନ ନାକଚ ହୋଇଛି ତାହାର କାରଣ ସଂପର୍କରେ ସମୀକ୍ଷା କରିଥିଲେ । ଏହା ସହ ଜିଲ୍ଲାର ଚାଷୀ ମାନଙ୍କ ଠାରୁ ଧାନକ୍ରୟ ଧାର୍ଯ୍ୟ ଲକ୍ଷ୍ୟ ପୁରଣର ୭୫ଭାଗ ହାସଲ ହୋଇଥିବା ତଥ୍ୟ ମିଳିଥିଲା । ଅବଶିଷ୍ଟ ୨୫ଭାଗ ଧାନକ୍ରୟ ଲକ୍ଷ୍ୟ ପୁରଣ ପାଇଁ ସମୟାନୁକ୍ରମେ ଟୋକନ ସରି ଯାଇଥିବା ଚାଷୀ ମାନଙ୍କୁ ଅଧିକ ୧୫ ଦିନ ସମୟସୀମା ବୃଦ୍ଧି କରିବା ଦିଗରେ ଆଲୋଚନା କରିଥିଲେ । ତେବେ ଜିଲ୍ଲାର ସମସ୍ତ ମଣ୍ଡିରେ ସରକାରଙ୍କ ନିୟମ ମୁତାବକ ଧାନକ୍ରୟ କରା ଯାଉଥିବା ସଂପର୍କରେ ତଥ୍ୟ ସଂପର୍କରେ ସମୀକ୍ଷା କରିଥିଲେ । ତେବେ ମଣ୍ଡି ପାଇଁ ନିଯୁକ୍ତି ପାଇଥିବା ନୋଡାଲ ଅଫିସର ମାନେ ଧାନକିଣା ସମୟରେ ମଣ୍ଡିରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ଶ୍ରୀ ପ୍ରଧାନ କଡା ନିର୍ଦ୍ଦେଶ ଦେଇଛନ୍ତି । ଯେପରି କୌଣସି ମଣ୍ଡିରେ ଚାଷୀ ମାନଙ୍କୁ ହଇରାଣ ହରକତ, କଟନି, ଛଟନି ଓ ବେନିୟମ କାର୍ଯ୍ୟ ନହୁଏ ସେଥିପ୍ରତି ଜିଲ୍ଲା ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଜିଲ୍ଲାପାଳ ଚେତାଇ ଦେଇଛନ୍ତି ।

## ମହାକୁମ୍ଭ ପାଇଁ କବିତା ଆସର

**କେନ୍ଦ୍ରାପଡ଼ା,୨୫।୨ (ସଂଚାର ବ୍ୟୁରୋ):** ରାଷ୍ଟ୍ରବାଦୀ ସାମାଜିକ ସଂଗଠନ "ଜୟରାଷ୍ଟ୍ର ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ସ୍ଥାନୀୟ ପବ୍ଲିକ୍ ରିଡ଼ିଙ୍ଗରୁମ୍ ଠାରେ ମହାକୁମ୍ଭ କବିତା ଆସର ଅନୁଷ୍ଠିତ ହୋଇଯାଇଛି । "ମହାକୁମ୍ଭ କବିତା ନୈବେଦ୍ୟ' ଶୀର୍ଷକ ଏହି ଆସରକୁ ବିଶିଷ୍ଟ କବି ଡାକ୍ତର ଅମିୟ ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ମହାକୁମ୍ଭ ବିଶ୍ୱଭାତୃତ୍ୱର ଏକ ମହାପର୍ବ ବୋଲି ମତବ୍ୟକ୍ତ କରିଥିଲେ । ସେ ଏହା ମଧ୍ୟ କହିଲେ, କେବଳ ସନାତନୀ ନୁହଁନ୍ତି ଭିନ୍ନ ଭିନ୍ନ ମତ ଓ ପନ୍ଥର ଶ୍ରଦ୍ଧାଳୁ ମହାକୁମ୍ଭରେ ପହଂଚି ଏହି ପବିତ୍ର ଆଧାତ୍ମିକ ଉତ୍ସବରୁ ଜୀବନର ଆନନ୍ଦ ସାଉଁଟିଛନ୍ତି। ମହାକୁମ୍ଭ ଅବସରରେ କବିତା ଆସର ଓ ଆଲୋଚନା ଅୟୋଜିତ ହେବା ଏକ ନିଆରା ସାରସ୍ୱତ ପରମ୍ପରା ବୋଲି ଡାକ୍ତର ଅମିୟ ରଞ୍ଜନ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କବି ଇଞ୍ଜିନିୟର ଭବାନୀ ପ୍ରସାଦ ମିଶ୍ର ମହାକୁମ୍ଭ ମେଳା ସନାତନ ସଂସ୍କୃତିକୁ ବିଶ୍ୱମରେ ପୁନଃ ପ୍ରତିଷ୍ଠା କରିବାରେ ସହାୟକ ହୋଇଛି ବୋଲି କହିଥିଲେ । ତେବେ ମହାକୁମ୍ଭ କାବ୍ୟ ନୈବେଦ୍ୟ କାର୍ଯ୍ୟକ୍ରମ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିବ ବୋଲି କବି ଭବାନୀ ପ୍ରସାଦ ମିଶ୍ର ବକ୍ତବ୍ୟରେ ପ୍ରକାଶ କରିଥିଲେ ।

**AFFIDAVIT**

I, Lochana Naik, aged about 63 years, S/o Late Ani Naik resident of Bapuni Nagar, P.H.D. Sahi, Po-Ashok Nagar, P.S. Capital, Bhubaneswar-751009, Dist- Khordha having Aadhaar No.449422124395 do hereby solemnly affirm and state as follows:-

1. That, I am the deponent of this affidavit.
2. That, My correct name is Lochana Naik as per Aadhaar card and Bank Pass book of Odisha Gramya Bank, Kalpana Square Bhubaneswar.
3. That my name has been inadvertently mentioned as **Trilochan Naik** instead of **Lochana Naik** in LIC policy bearing No. 587007276.
4. That **Lochana Naik** and **Trilochan Naik** is one and same person i.e myself.
5. That this affidavit is required to be produceed before the Concerned Authority for necessary purpose.
6. That, the facts stated above are true to the best of my knowledge and belief.

The above named deponent being indentified by S.K. Mohapatra, Advocate, Bhubaneswar appears before me and state an oath that the contents of this affidavit are true to the best of his knowledge.

ତ୍ରିଲୋଚନ ନାଏକ
**Deponent**

## ଆଜି ମହାଶିବରାତ୍ରୀ, ରାଜଧାନୀରେ ଟ୍ରାଫିକ କଟକଣା

ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଆସନ୍ତାକାଲି ପବିତ୍ର ମହାଶିବରାତ୍ରୀ। ପ୍ରଭୁ ଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ରାତି ୧୦ଟାରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିବ। ପ୍ରଭୁ ଲିଙ୍ଗରାଜ ସମେତ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ଼ ଜମିବ। ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ ସହ ଯିବାଆସିବା କରିପାରିବେ, ସେଥିପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ରାଜଧାନୀରେ ଟ୍ରାଫିକ କଟକଣା ଲାଗୁ ହୋଇଛି। ରାସ୍ତାରେ ଅଯଥା ଭିଡ଼କୁ ନିୟନ୍ତ୍ରଣ କରିବା ସହ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ସକାଶେ କମିଶନରେଟ୍ ପୁଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି। ରାଜଧାନୀରେ ହୋଇଥିବା ଟ୍ରାଫିକ୍ କଟକଣା ଅନୁସାରେ, ଲିଙ୍ଗରାଜ ମନ୍ଦିରକୁ ସଂଯୋଗ କରୁଥିବା ରଥ ରୋଡ୍ ଏବଂ ପୁଷ୍ପମାର୍କେଟ ପଟୁ ଲିଙ୍ଗରାଜ ମନ୍ଦିର ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ ବଡ଼ଦେଉଳ ଛକଠାରୁ ଆଗକୁ ନ ଯାଇ ବିଏମ୍ ହାଇସ୍କୁଲ ପଡ଼ିଆରେ ପାର୍କିଂ କରିବେ। ସେହିପରି କେଦାରଗୌରୀ ମନ୍ଦିର ପଟୁ ଓ ସାନିଟାରୀୟମ ଛକ ପଟୁ ଲିଙ୍ଗରାଜ ମନ୍ଦିର ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ କୋଟିତୀର୍ଥ ଗଳି ଦେଇ କଚେରୀ ପିଣ୍ଡି ରାସ୍ତାରେ ଯାଇ ତରଙ୍ଗ କ୍ଲବ ପଛପଟେ ଥିବା ଖାଲି ସ୍ଥାନରେ ପାର୍କିଂ କରିପାରିବେ। ଏଥିସହ ପାର୍କିଂ ପାଇଁ ୧୨ଟି ସ୍ଥାନକୁ ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ମନ୍ଦିରରେ ଯେପରି ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ସମ୍ପନ୍ନ ହେବ ଓ ଭକ୍ତମାନେ ଯେଭଳି ଶୃଙ୍ଖଳିତ ଭାବେ ଦର୍ଶନ କରି ଦୀପ ଜାଳିବେ, ସେନେଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁପରିଚାଳନା ପାଇଁ ୩୫ ପ୍ଲାଟୁନ ପୁଲିସ ଫୋର୍ସ ଓ ୨ ଶହରୁ ଅଧିକ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯିବ ବୋଲି ପୁଲିସ୍ କମିଶନର କହିଛନ୍ତି।

## କଟକ ଏଡିଏମ୍ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ): 'ମୋ କଟକ ସୁରକ୍ଷା ମଞ୍ଚ' ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓଡିଶା ପ୍ରଶାସନିକ ସେବା-୨୦୦୬ ବ୍ୟାଚ ଅଫିସର୍ ତଥା ନବନିଯୁକ୍ତ କଟକ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଡ. ଈପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ସରକାରୀ କାର୍ଯ୍ୟାଳୟରେ ପ୍ରତିନିଧି ଦଳ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ମଞ୍ଚ ପକ୍ଷରୁ ଡ. ମିଶ୍ରଙ୍କୁ ଉପଢୌକନ, ମାନପତ୍ର ଓ ଚାରାବୃକ୍ଷ ପ୍ରଦାନ ପୂର୍ବକ ଦେଇ ସମ୍ବର୍ଦ୍ଧିତ କରାଯିବା ସହ କଟକ ସହରର ଉନ୍ନୟନମୂଳକ କାର୍ଯ୍ୟ ଓ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ଉପଦେଷ୍ଟା ସମାଜସେବୀ ଅଶୋକ କୁମାର ମହାନ୍ତି, କ୍ଷୀରୋଦ ସାହୁ, ସଭାପତି ଅକ୍ଷୟ ପଣ୍ଡା, ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ, ଯୁବ ସମାଜସେବୀ ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଘରେ ପଶି ହାଣିଲେ: ବଡ଼ବୋହୂ ମୃତ, ଶାଶୂ ଓ ସାନବୋହୂ ଗୁରୁତର

**ଭଣ୍ଡାରିପୋଖରୀ,୨୫।୨(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଦେଓପଦା(ମେଘା) ଗ୍ରାମରେ ମଙ୍ଗଳବାର ଏକ ବର୍ବର କାଣ୍ଡ ଘଟିଛି। ଘରେ ପଶି ଜଣେ ଦୁର୍ବୃତ୍ତ ମାରଣାସ୍ତ୍ରରେ ଶାଶୁ ଓ ଦୁଇ ବୋହୂଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ବଡ଼ ବୋହୂଙ୍କ ମୃତ୍ୟୁ ଘଟିଥିବା ବେଳେ ସାନବୋହୂ ଓ ଶାଶୁ ଗୁରୁତର ହୋଇଛନ୍ତି। ତେବେ କେଉଁ କାରଣରୁ ଏପରି ଆକ୍ରମଣ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ମିଳିଥିବା ସୂଚନା ମୁତାବକ, ନବକିଶୋର ସାହୁଙ୍କ ପରିବାର ଦେଓପଦାରୁ ମେଘାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଖେଳପଡ଼ିଆ ନିକଟରେ ଏକ ଘର କରି ବସବାସ କରୁଛନ୍ତି। ନବକିଶୋରଙ୍କର ୩ ପୁଅଙ୍କ ମଧ୍ୟରୁ ସାନପୁଅ ଅବିବାହିତ ଓ ବାହାରେ ରହୁଛନ୍ତି। ଅନ୍ୟ ବିବାହିତ ୨ ପୁଅ ମଞ୍ଜୁରୀରୋଡ ବଜାରରେ ଥିବା ଦୋକାନରେ ନିୟୋଜିତ ଅଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଶାଶୁ ଓ ଦୁଇ ବୋହୂ ଘରେ ଥିଲେ। ସେତିକିବେଳେ ପୂର୍ବ ପରିଚିତ ଜଣେ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ତାଙ୍କ ଘର ଭିତରକୁ ଅତର୍କିତ ପଶି ଆସିଥିଲେ। ପରେ ସେ ମହିଳାମାନଙ୍କୁ ଧମକଚମକ ଦେଇଥିଲେ। ଜଣେ ନବକିଶୋରଙ୍କୁ ଫୋନ୍ ଯୋଗେ ଏକଥା ଜଣାଇ ଘରକୁ ଆସିବାକୁ ଡାକିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁର୍ବୃତ୍ତ ଜଣକ ଶାଶୁ ଓ ବୋହୂଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଶାଶୁ ବୋହୂ ୩ଜଣ ଗୁରୁତର ହୋଇଛନ୍ତି। ନବକିଶୋର ଘରେ ପହଞ୍ଚି ପଡୋଶୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ସମ୍ବଲପୁର ବଡ଼ତୁରଙ୍ଗରେ ବୁଣାକାରଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ସହାୟତା

# ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବୃଦ୍ଧି ଲକ୍ଷ୍ୟ: ଧର୍ମେନ୍ଦ୍ର

- ବୁଣାକାର ଗାଁର ତାଲିକା ସହ ପ୍ରଶିକ୍ଷଣ ଯୋଜନା
- ଦୁଇଗୁଣା ହେବ ବୁଣାକାରଙ୍କ ଆୟ




ପଡ଼ିଆବାହାଲ,୨୫।୨(ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରରେ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନ୍‌ଏଚଡିପି) ସମେତ ବିଭିନ୍ନ ଯୋଜନାରେ ସମ୍ବଲପୁର ଜିଲ୍ଲାର ବୁଣାକାରଙ୍କୁ ପ୍ରଶିକ୍ଷଣ, ଆନୁଷଙ୍ଗିକ ଭିତ୍ତିଭୂମି ଓ ଉପଯୁକ୍ତ ବଜାର ଯୋଗାଇ ସେମାନଙ୍କୁ ସଶକ୍ତ, ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବାର ଲକ୍ଷ୍ୟ ରଖାଯାଇଛି। ମୂଳତଃ ସମ୍ବଲପୁରୀ ବ୍ରାଣ୍ଡର ବଜାର ଚାହିଦା ବଢ଼ାଇବା ଆମର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲାର ପଡ଼ିଆବାହାଲ ବୁଣାକାର ଗ୍ରାମ ବଡ଼ତୁରଙ୍ଗଠାରେ କେନ୍ଦ୍ର ସରକାରଙ୍କ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବୁଣାକାର ଓ ହସ୍ତତନ୍ତ କାରିଗରମାନଙ୍କୁ ସହାୟକ ହେବା ଭଳି ଉପକରଣ ବିତରଣ କରିଛନ୍ତି। ସମର୍ଥ ବୁଣା ପ୍ରଶିକ୍ଷଣ ପ୍ରମାଣପତ୍ର, ହସ୍ତତନ୍ତ ବିକାଶ ସହାୟତା, ଲୁମ୍, ଲାଇଟିଂ ୟୁନିଟ୍ ଆଦି ସେମାନଙ୍କୁ ପ୍ରଦାନ କରିଛନ୍ତି କେନ୍ଦ୍ର ମନ୍ତ୍ରୀ। ଏହି ଅବସରରେ ସେ କହିଛନ୍ତି ଯେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଜିର କାର୍ଯ୍ୟକ୍ରମ ବୁଣାକାରଙ୍କ ପରିଶ୍ରମକୁ ସ୍ୱୀକୃତି ଦେବା ଦିଗରେ ଏକ ନିଆରା ପଦକ୍ଷେପ। ଏହି ପଦକ୍ଷେପ ଦ୍ୱାରା ହସ୍ତତନ୍ତ ଓ ଗ୍ରାମଶିଳ୍ପର ଉଭୟ ଉତ୍ପାଦନ ଓ ଚାହିଦା ବଢ଼ିବ। ବୁଣାକାର ତଥା ହସ୍ତତନ୍ତ କାରିଗରମାନଙ୍କ ରୋଜଗାର ବଢ଼ିବା ସହ ସେମାନଙ୍କ ପ୍ରତିଭା ଲୋକାଦୃତ ହେବା ସହ ଆର୍ଥିକ ଦୃଷ୍ଟିରୁ ସେମାନେ ସମ୍ପନ୍ନ ହେବେ। ସମ୍ବଲପୁର ସମେତ ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ ଓ ବଲାଙ୍ଗୀର ଆଦି ଜିଲ୍ଲାରେ ବୁଣାକାରମାନଙ୍କ ସଂଖ୍ୟା ଅଧିକ। ରାଜ୍ୟର ବୁଣାକାରମାନଙ୍କୁ ପ୍ରଶିକ୍ଷଣ ଦେବାର ଯୋଜନା ରହିଛି। ସେମାନଙ୍କୁ ବ୍ୟବସାୟ ସହ ଯୋଡ଼ାଯିବ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିରେ ସହଯୋଗୀ ହେବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ବୁଣାକାରମାନଙ୍କ ଆୟକୁ ଦୁଇଗୁଣା କରିବାକୁ ବଦ୍ଧପରିକର ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ କେନ୍ଦ୍ର ମନ୍ତ୍ରୀ ପିଏମ ସୂର୍ଯ୍ୟଘର ଯୋଜନା ସମେତ ରାଜ୍ୟ ସରକାରଙ୍କ ସୁଭଦ୍ରା ଓ ଅନ୍ୟାନ୍ୟ କୃଷିଭିତ୍ତିକ ଯୋଜନା ଉପରେ ଆଲୋକପାତ କରିବା ସହ ବଡ଼ତୁରଙ୍ଗକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ମଧ୍ୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ରାସାୟନିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି




ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଡିଏମ୍‌ଏଫ୍) ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଆର୍‌ଏଫ୍)ଙ୍କ ମିଳିତ ସହଯୋଗରେ ରାସାୟନିକ ବିପର୍ଯ୍ୟୟ ପରିଚାଳନାଜନିତ ପ୍ରସ୍ତୁତି ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ମକ୍ ଏକ୍ସରସାଇଜ୍ ଅନୁଷ୍ଠିତ ହେବ। ଏଥିରେ ୧୬ଟି ଜିଲ୍ଲାର ୨୪ଟି ଶିଳ୍ପସଂସ୍ଥା ଯୋଗଦେବେ। ଏପରି ମକ୍ ଏକ୍ସରସାଇଜ୍‌ର ମୁଖ୍ୟ ଉଦ୍ଦେଶ୍ୟ ରାସାୟନିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା। ଏଥିରେ କିପରି ତାଳମେଳ ରଖି ତ୍ୱରିତ ସତର୍କ ସୂଚନା, ସ୍ଥାନାନ୍ତର, ସ୍ଥାନୀୟ ଶିଳ୍ପ ଓ କ୍ଷେତ୍ରସ୍ତରୀୟ ସରକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବିପର୍ଯ୍ୟୟର ସଫଳ ପରିଚାଳନା କରାଯାଇପାରିବ, ତା' ଉପରେ ଆଜି ଏଠାରେ ଆୟୋଜିତ ଏକ ଆଭାସୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ପ୍ରାକ୍‌ପ୍ରସ୍ତୁତି ସ୍ୱରୂପ ଏକ ଟେବୁଲ ଟପ୍ ଏକ୍ସରସାଇଜ ସ୍ଥାନୀୟ ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟର ଓ ୧୬ଟି ଜିଲ୍ଲାର ପ୍ରଶାସନିକ ଅଧିକାରୀ, ଚିହ୍ନଟ ହୋଇଥିବା ଶିଳ୍ପସଂସ୍ଥା ମଧ୍ୟରେ ଉକ୍ତ ବୈଠକରେ ଆଲୋଚନା ହୋଇଛି। ଏଥିରେ ସମସ୍ତେ ଏକ ଷ୍ଟାଣ୍ଡାର୍ଡ ଅପରେସନ୍ ପ୍ରୋସିଡିଓ (ଏସ୍‌ଓପି)ଆଧାରରେ କିପରି ବିପର୍ଯ୍ୟୟର ମୁକାବିଲାକୁ ସହଜ କରାଯାଇପାରିବ, ସେନେଇ ସମସ୍ତେ ଏକମତ ହୋଇଛନ୍ତି। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ଓ ଓଡିଆର୍‌ଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟେବୁଲ ଟପ୍ ଏକ୍ସରସାଇଜ୍‌କୁ ଅବସରପ୍ରାପ୍ତ କମାଣ୍ଡାଣ୍ଟ ଆଦିତ୍ୟ କୁମାର ପରିଚାଳନା କରିଥିବାବେଳେ ଏନ୍‌ଡିଆର୍‌ଏଫ୍ ସଦସ୍ୟ ଲେଫ୍ଟନାଣ୍ଟ ଜେନେରାଲ ସୟଦ୍ ଆତା ହସନ୍ ଭର୍ଚୁଆଲ୍ ମୋଡ଼ରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଛନ୍ତି। ଏଥିରେ ଏନ୍‌ଡିଆର୍‌ଏଫ୍, ଇଣ୍ଡିଆନ୍ ଆର୍ମି, ଇଣ୍ଡିଆନ୍ ଏୟାର ଫୋର୍ସ, ଇଣ୍ଡିଆନ୍ ନାଭି, ସିଆଇଏସ୍‌ଏଫ୍, ଅଗ୍ନିଶମ ଓ ଜରୁରୀକାଳୀନ ସେବା ସଂସ୍ଥା, ଓଡ୍ରାଫ, ସିଭିଲ୍ ଡିଫେନ୍ସ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ପୁଲିସ, ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରୀ, ଏସ୍‌ଆର୍‌ସି ଓ ଓସ୍‌ଡମା ପ୍ରତିନିଧିମାନେ ଯୋଗଦେଇଥିଲେ। ଭାରତୀୟ ସାମୁଦ୍ରିକ ତଟ ବାହିନୀ, ଆଇଏନ୍‌ଏସ୍ ଚିଲିକା ଓ ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗଗୁଡ଼ିକ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ। ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଚିହ୍ନଟ ହୋଇଥିବା ଶିଳ୍ପସଂସ୍ଥା ଓ ଏଥିସହ ସଂପୃକ୍ତ ବିଭାଗୀୟ ଅଧିକାରୀ ଏହି ବୈଠକରେ ଯୋଗଦେଇଥିଲେ। ଏଥିରେ ଆସନ୍ତା ୨୮ରେ ଅନୁଷ୍ଠିତ ହେବାକୁ ଥିବା ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରସ୍ତୁତି ମକ୍ ଏକ୍ସରସାଇଜ୍‌ର ଆଭିମୁଖ୍ୟ ଓ ବିଭିନ୍ନ ଦିଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

## ରାଜ୍ୟ ଟୀକା ଭଣ୍ଡାରକୁ ଆଇଏସ୍‌ଓ ସାର୍ଟିଫିକେଟ୍




ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ): ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ଅଧୀନରେ ଟୀକାର ଗୁଣବତ୍ତାସମ୍ପନ୍ନ ପରିଚାଳନା ପାଇଁ ରାଜ୍ୟ ଟୀକା ଭଣ୍ଡାର ଦେଶର ପ୍ରଥମ ଟୀକା ଭଣ୍ଡାର ଭାବେ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଛି। ଟୀକାର ଉପଯୁକ୍ତ ସଂରକ୍ଷଣ, କୋଲ୍ଡ ଚେନ୍ ପରିଚାଳନା, ଯୋଗାଣ ଶୃଙ୍ଖଳ ପରିଚାଳନା, ଅନ୍‌ଲାଇନ୍ ସଫ୍ଟୱେୟାର ଜରିଆରେ କମ୍ପ୍ୟୁଟରୀକୃତ ରେକର୍ଡ, ପ୍ରତ୍ୟହ ଦୁଇ ଥର ତାପମାତ୍ରା ପରୀକ୍ଷା ଦ୍ୱାରା ଟୀକାର ମାନ ବଜାୟ ରଖିବା ଓ ଶୂନ୍ୟ ଅପଚୟ ପରି ମାନକଗୁଡ଼ିକ ପାଇଁ ଟୀକା ଭଣ୍ଡାରକୁ ଏହି ପ୍ରମାଣପତ୍ର ମିଳିଛି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରନ୍ତର ପ୍ରୟାସ ଓ ଉତ୍ସର୍ଗୀକୃତ ସେବା ମନୋଭାବ ଯୋଗୁଁ ଏହି ଟିକା ଭଣ୍ଡାରକୁ ଏପରି ସଫଳତା ମିଳିଛି। ସଠିକ କୋଲ୍ଡ ଚେନ୍ ବ୍ୟବସ୍ଥା ଓ ଟୀକାର ଉପଯୁକ୍ତ ପରିବହନ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଅନୁମୋଦିତ ତାପମାତ୍ରାରେ ଟୀକାକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟରେ ରାଜ୍ୟ ଟୀକା ଭଣ୍ଡାର, ୯ଟି ଆଞ୍ଚଳିକ ଏବଂ ୩୨ଟି ଜିଲ୍ଲା ଟୀକା ଭଣ୍ଡାର ସମେତ ୧୨୬୩ଟି କୋଲ୍ଡ ଚେନ୍ କେନ୍ଦ୍ର ରହିଛି। ସମସ୍ତ ଟୀକାର ଦୈନନ୍ଦିନ ଯୋଗାଣ ଶୃଙ୍ଖଳ ଓ ଗୁଣବତ୍ତାର ପରିଚାଳନା ପାଇଁ ସମସ୍ତ ଟୀକା ଭଣ୍ଡାରରେ ତାଲିମପ୍ରାପ୍ତ କର୍ମଚାରୀ ନିୟୋଜିତ ଅଛନ୍ତି। ପ୍ରତିବର୍ଷ ୯.୪ ଲକ୍ଷ ଗର୍ଭବତୀ ମହିଳାଙ୍କ ସହ ୭.୯ ଲକ୍ଷ ନବଜାତ ଓ ୨୮ ଲକ୍ଷ କିଶୋରକିଶୋରୀଙ୍କ ଟିକାକରଣ ଲକ୍ଷ୍ୟ ପୂରଣ ପାଇଁ ଟୀକା ଭଣ୍ଡାରଗୁଡ଼ିକ ୨.୩୬ କୋଟି ଟିକାର ଉପଯୁକ୍ତ ସଂରକ୍ଷଣ ଓ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହାକୁ ସୁରକ୍ଷିତ ଭାବେ ପହଞ୍ଚାଇବା ଦିଗରେ ଯତ୍ନବାନ ରହିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ରାଜ୍ୟର ୭ଟି ଆଞ୍ଚଳିକ ଓ ୨୨ଟି ଜିଲ୍ଲା ଟୀକା ଭଣ୍ଡାର ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇସାରିଛନ୍ତି।

### ଅଠରନଳା ପୁରୁଣା ପୋଲ ଉପରେ ଅଘଟଣ

## ନଈକୁ ଖସି ପଡ଼ି ଯୁବକଙ୍କ ମୃତ୍ୟୁ




**ପୁରୀ,୨୫।୨(ସଂଚାର ବ୍ୟୁରୋ):** ପୁରୀର ପ୍ରବେଶ ପଥ ଅଠରନଳା ମୃଷା ନଈକୁ ଖସି ପଡି ଯୁବକଙ୍କ ମୃତ୍ୟୁ। ଖବର ପାଇଁ ତୁରନ୍ତ ଅଗ୍ନିଶମ ବିଭାଗର ଆଗ୍ନିକ ଘଟଣାସ୍ଥଳରେ ପହଁଚି ଅକ୍ଳାନ୍ତ ପରିଶ୍ରମ କରି ଯୁବକଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ । ଖବର ଅନୁଯାୟୀ, ମୃତ ଯୁବକ ଜଣଙ୍କ ମୃଷା ନଈ ପୋଲ ଉପରେ ବସିଥିଲେ । ହଠାତ୍ ଅସାବଧାନତାରୁ ଯୁବକ ଜଣଙ୍କ ପୋଲ ତଳକୁ ଖସିପଡିଥିଲେ । ଯାହାର ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଛନ୍ତି ।

### ଜଙ୍ଗଲ ବିଭାଗର ପ୍ରଥମ ଆର୍‌ଏସିପି ଅଦାଲତ

## ୧୬୨ ଆବେଦନପତ୍ର ଦାଖଲ



**ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଅରଣ୍ୟ ଭବନ ସମ୍ମିଳନୀ କକ୍ଷରେ ଆଜି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଆର୍‌ଏସିପି ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ଆର୍‌ଏସିପି ଅଦାଲତ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଶାସନ ସଚିବ ଦେବେନ କୁମାର ପ୍ରଧାନ, ସ୍ୱତନ୍ତ୍ର ସଚିବ ଧରମ ହାଁସଦା, ଅତିରିକ୍ତ ସଚିବ ଉଷାରାଣୀ ଦାସ, ବରିଷ୍ଠ ପ୍ରଶାସନିକ ଅଧିକାରୀ ସବିତା ମଲ୍ଲିକ, ଯୁଗ୍ମ ସଚିବ ଦୀନକୃଷ୍ଣ କର କମିଟିର ସଦସ୍ୟ ସଚିବ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଦାଲତ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଆର୍‌ଏସିପିରୁ ବଞ୍ଚିତ ସମସ୍ତ ଜଙ୍ଗଲ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଓ କାର୍ଯ୍ୟରତ କର୍ମଚାରୀ ଏହି ଅଦାଲତରେ ଆବେଦନ କରି ନିଜ ନିଜର ନ୍ୟାୟୋଚିତ ପ୍ରାପ୍ୟ ପାଇପାରିବେ। ସେହିପରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ସକାଶେ ଏହି ଅଦାଲତ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ଦିଆଯାଉଥିବା ଆବେଦନ ଫର୍ମ ପୂରଣ କରି ଆବେଦନକାରୀମାନେ ଅଭିଯୋଗର କାଗଜାତ୍ ସମେତ କମିଟି ନିକଟରେ ଦାଖଲ କରିବାର ମାସକ ନ୍ୟାୟ ପାଇପାରିବେ। ଏହାଦ୍ୱାରା ଆର୍‌ଏସିପିରୁ ବଞ୍ଚିତ ଆଉ କେହି ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ନାହିଁ ଓ ବିଭାଗର ମାମଲା ସଂଖ୍ୟା ହ୍ରାସ ପାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ଯେ ଅଦାଲତର ପ୍ରଥମ ଦିନରେ ୧୬୨ଟି ଆବେଦନପତ୍ର ଗ୍ରହଣ କରାଯାଇଛି ଓ ଆସନ୍ତା ୨୭ ତାରିଖରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବ। ଆଜି ଅନୁଗୁଳ, ବାରିପଦା, ବ୍ରହ୍ମପୁର, ଭବାନୀପାଟଣା ଓ ସମସ୍ତ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ସର୍କଲର କର୍ମଚାରୀମାନେ ଆର୍‌ଏସିପି ଅଦାଲତରେ ଯୋଗ ଦେଇଥିବା ବେଳେ ଆର୍‌ଏସିପି ଅଦାଲତ କମିଟି ଗୋଟିଏ ମାସ ସମୟ ଦେଇଛନ୍ତି ଏବଂ ମାମଲାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଅଭିଲେଖା ସପ୍ତାହ ପାଳନ ଉତ୍ସବ ଆରମ୍ଭ

## ଗୌରବମୟ ଐତିହ୍ୟ ଯୁବପିଢ଼ିଙ୍କ ମାର୍ଗଦର୍ଶକ: ସଂସ୍କୃତି ମନ୍ତ୍ରୀ



**ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ):** ଓଡ଼ିଶା ସମୃଦ୍ଧ କଳା ଓ ସଂସ୍କୃତିର ଭୂମି। ଦେଶର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନରେ ଅନେକ ବରପୁତ୍ରଙ୍କର ଅତୁଳନୀୟ ଅବଦାନ ରହିଛି। ସେମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବା ସକାଶେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିବା ସହ ରାଜ୍ୟର ଗୌରବମୟ ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ହେବା ଉଚିତ ବୋଲି କହିଛନ୍ତି। ଆଜି ଅଭିଲେଖ ସପ୍ତାହ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ହେଉଛି ଆମ ପରିଚୟ। ଏହା ଆମ ସ୍ୱାଭିମାନ। ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ପରିଚୟ ଦେବା ନିମନ୍ତେ ବହୁ ସାରସ୍ୱତ ସାଧକଙ୍କର ଅବଦାନ ରହିଛି। ଆଗକୁ ଓଡ଼ିଆ ଭାଷାକୁ ଯେପରି ଡିଜିଟାଲ କ୍ଲାଉଡ଼ରେ ଅନ୍ତର୍ଭୁକ୍ତ କରାଯାଇପାରିବ, ତାହା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ରାଜ୍ୟ ସ୍ୱାଧୀନତା ସଂଗ୍ରାମର ସ୍ୱର୍ଣ୍ଣିମ ଇତିହାସ ଓ ସଂଗ୍ରାମୀମାନଙ୍କ ବଳିଷ୍ଠ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଛନ୍ତି। ଆଜିଠାରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ପାଳନ ଉତ୍ସବ ଆରମ୍ଭ ହୋଇଥିବା ବେଳେ ଏହି ଅବସରରେ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିସହ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ଶତପଥୀଙ୍କ ହାତଲେଖା ଡାଏରୀ ଓ ନଥିପତ୍ରକୁ ନେଇ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି ଓ ଏହା ୭ ଦିନ ଚାଲିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରଦର୍ଶନୀ କକ୍ଷ ବୁଲି ଦେଖିବା ସହ ସମସ୍ତଙ୍କୁ ଏହା ବୁଲି ଦେଖିବା ସକାଶେ ଆହ୍ୱାନ ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଡ. ସୁବାଷ ଚନ୍ଦ୍ର ବାରିକ ଓ ନିରୁପମା ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶର୍ଟ ସର୍କିଟରେ ଜଳିଗଲା ଘର

**ହରଭଙ୍ଗା,୨୫।୨(ସଂଚାର ବ୍ୟୁରୋ):** ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଜଳିଗଲା ଘର । ବୌଦ୍ଧ ହରଭଙ୍ଗା ଥାନା ଅନ୍ତର୍ଗତ ଧୂଙ୍ଗିଆମୁଣ୍ଡା ଗାଁରେ ଅଗ୍ନିକାଣ୍ଡ ହୋଇଛି। ଗାଁର ହରି ବେହେରାଙ୍କ ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇ ଯାଇଛି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକ । କିନ୍ତୁ ସବୁ ଆସବାବପତ୍ର ଓ ବର୍ଷକ ପାଇଁ ଅମଳ ହୋଇ ରହିଥିବା ଧାନ ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି ।

## ଟ୍ରକ-ବାଇକ୍ ଧକ୍କାରେ ଯୁବକ ଜୀବନ୍ତ ଦଗ୍ଧ

**ଦିଗପହଣ୍ଡି/ଚିକିଟି,୨୫।୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତ ମା' ରତ୍ନେଶ୍ୱରୀ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାରେ ଏକ ଟ୍ରକ-ବାଇକ୍ ମଧ୍ୟରେ ଧକ୍କା ଦେବାରୁ ବାଇକ୍ ସହ ଜଣେ ଯୁବକ ଜିଅନ୍ତା ଜଳି ଯାଇଛନ୍ତି। ଦୁର୍ଘଟଣାରେ ଅନ୍ୟ ୨ଜଣ ଯୁବକ ମଧ୍ୟ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଖବର ପାଇ କେ.ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବକ ଦ୍ୱୟଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଏବଂ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଅଭାବନୀୟ: ଦଶମ ଶ୍ରେଣୀ ଛାତ୍ରୀଙ୍କ ସନ୍ତାନ ଜନ୍ମ

**ମାଲକାନଗିରି,୨୫।୨(ସଂଚାର ବ୍ୟୁରୋ):** ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟ ପରିସରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଏକ ଶିଶୁକୁ ଜନ୍ମ ଦେଇଥିବା ଜଣାପଡ଼ିଛି। ଦଶମ ଶ୍ରେଣୀର ଛାତ୍ରୀ ଜଣକ ସୋମବାର ସକାଳେ ପରୀକ୍ଷା ଦେଇ ସ୍କୁଲ ହଷ୍ଟେଲକୁ ଫେରିଥିଲେ। ତେବେ ସନ୍ଧ୍ୟା ସମୟରେ ସ୍କୁଲ ହଷ୍ଟେଲରୁ ଝିଅଙ୍କ ବାପାଙ୍କୁ ଫୋନ୍ ଯାଇଥିଲା ଝିଅ ହଷ୍ଟେଲରେ ନାହିଁ। ସ୍କୁଲରେ ଝିଅଙ୍କ ମା-ବାପା ପହଞ୍ଚିବା ପରେ ହଷ୍ଟେଲରେ ଛାତ୍ରୀ ଜଣକ ଏକ ଶିଶୁ ଜନ୍ମ ଦେଇଥିବା ଜାଣିବାକୁ ପାଇଥିଲେ। ତେବେ ମା-ବାପା ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି।

- ଜଳିଗଲା ୫ ଲକ୍ଷର ନଡ଼ାଗଦା

## ଉଜୁଡ଼ିଗଲା ଛତୁ ଚାଷ ସ୍ୱପ୍ନ

ଧାର କରଜ କରି ୫ ଲକ୍ଷ ଟଙ୍କାର ନଡ଼ା କିଣିଥିଲେ । ଆଶା ଥିଲା, ଛତୁ ଚାଷ କରି 'ଦି ପଇସା ପାଇବେ' ହେଲେ ସହିପାରିଲେନି ଲୋକ। ରାତି ଅଧରେ ନଡ଼ାଗଦାରେ ନିଆଁ ଲଗାଇଦେଲେ। ଆଖି ସାମ୍ନାରେ ହୁତୁ ହୁତୁ ହୋଇ ଜଳିଗଲା ୫ ଲକ୍ଷ ଟଙ୍କାର ନଡ଼ାଗଦା। ନିଆଁ ଆଁରେ ନଡ଼ା ସହ ଛାରଖାର୍ ହୋଇଗଲା ଦୁଇ ଭାଇଙ୍କ ଛତୁ ଚାଷ ନେଇ ଉନ୍ନତ ଭବିଷ୍ୟତ ସ୍ୱପ୍ନ। ସ୍ୱପ୍ନ ଜଳିପୋଡ଼ି ପାଉଁଶ ହୋଇଯିବା ପରେ ଏବେ କେମିତି ଋଣ ଟଙ୍କା ଶୁଝିବେ ସେଇ ଚିନ୍ତାରେ ଦୁଇ ଭାଇ ମୁଣ୍ଡ ପିଟୁଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅନ୍ତର୍ଗତ ମହୁଲି ଗାଁରେ ଘଟିଛି। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ମହୁଲି ଗାଁର ଦୁଇ ଭାଇ ସମୀରକାନ୍ତ ସାହୁ ଓ ନିରଞ୍ଜନ ସାହୁଙ୍କ ନଡ଼ାଗଦାରେ ଏହି ନିଆଁ ଲାଗିଥିଲା। ଦୁହେଁ ଛତୁ ଚାଷ ପାଇଁ ଘର ନିକଟରେ ଥିବା ଏକ ପଡ଼ିଆରେ ୮୨ ହଜାର ବିଡ଼ା ନଡ଼ା ଜମା କରିଥିଲେ। ତେବେ ବିଳମ୍ବିତ ରାତିରେ ଉକ୍ତ ନଡ଼ାଗଦାରେ ନିଆଁ ଲାଗି ଜଳୁଥିବା ସେମାନେ ଦେଖିବାକୁ ପାଇଥିଲେ। ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା।

## ଅଙ୍ଗନବାଡ଼ିକୁ ଅଣ୍ଡା ଦର ଚିନ୍ତା

### ଦର ବୃଦ୍ଧି ପରିପ୍ରେକ୍ଷୀରେ ପଦକ୍ଷେପ ପାଇଁ ଦାବି



ଭୁବନେଶ୍ୱର,୨୫।୨: ଅଙ୍ଗନବାଡି ଓ ବିଦ୍ୟାଳୟଗୁଡ଼ିକରେ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ପାଇଁ ସରକାର ମାଗଣାରେ ଅଣ୍ଡା ଯୋଗାଇବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ଆଗରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଥିବାବେଳେ ଏଥିରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଯୋଡିବାପାଇଁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଲାଗି ଦିଆଯାଉଥିବା ମଧ୍ୟାହ୍ନଭୋଜନର ଖାଦ୍ୟ ତାଲିକାରେ ସପ୍ତାହରେ ଅନ୍ୟୁନ ୨ ଦିନ ଅଣ୍ଡା ଦେବାର ବ୍ୟବସ୍ଥା ଅଛି। ସେହିଭଳି ଅଙ୍ଗନବାଡି କେନ୍ଦ୍ରଗୁଡିକ ମାଧ୍ୟମରେ ୩ରୁ ୬ ବର୍ଷ ବୟସର ପିଲା, ଗର୍ଭବତୀ ମହିଳା ଏବଂ ପୁଷ୍ଟିହୀନ ମହିଳମାନଙ୍କୁ ମଧ୍ୟ ମାଗଣାରେ ପୁଷ୍ଟିକର ଖାଦ୍ୟ ସହ ଔଷଧ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଏଥିରେ ଛତୁଆ ସମେତ ଅନ୍ୟାନ୍ୟ ଖାଦ୍ୟ ସଂଗେ ସପ୍ତାହରେ ଦିନେ ଅଣ୍ଡା ଦିଆଯିବା ପାଇଁ ଖାଦ୍ୟ ତାଲିକାରେ ବ୍ୟବସ୍ଥା ଅଛି। ଏବେ ବଜାରରେ ଅଣ୍ଡା ଦର ଗୋଟା ପିଛା ପ୍ରାୟ ୧୦ ଟଙ୍କାରେ ପହଞ୍ଚିଥିବା ବେଳେ ପାଇକାରୀରେ ଏହା ୮ ଟଙ୍କାରୁ ଅଧିକ ରହୁଛି। ଅଙ୍ଗନବାଡିରେ ୩ରୁ ୬ ବର୍ଷ ବୟସର ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଣ ତାଲିକାରେ ଦୈନିକ ହାରାହାରି ୬ ଟଙ୍କା ବ୍ୟବସ୍ଥା କରାଯାଉଥିବା ବେଳେ ଗର୍ଭବତୀ ମହିଳାଙ୍କ ପାଇଁ ୭ ଟଙ୍କା, ଅତି ସାଂଘାତିକ ପୁଷ୍ଟିହୀନ ଶିଶୁଙ୍କ ପାଇଁ ଦୈନିକ ହାରାହାରି ୯ ଟଙ୍କାର ଖାଦ୍ୟ ଯୋଗାଇବାକୁ ବ୍ୟବସ୍ଥା ରହିଛି। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅନ୍ୟାନ୍ୟ ସଂସ୍ଥାରୁ ଅଙ୍ଗନବାଡି କେନ୍ଦ୍ରଗୁଡିକ ଲାଗି ଛତୁଆ ଆଦି କିଣାଯାଉଥିବାବେଳେ ଅଙ୍ଗନବାଡି କର୍ମୀମାନେ ଖୋଲା ବଜାରରୁ ଅଣ୍ଡା କିଣୁଛନ୍ତି। ସେହିପରି କେତେକ ବିଦ୍ୟାଳୟରେ ବିଦ୍ୟାଳୟ କମିଟି ମାଧ୍ୟମରେ ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଉଥିବାବେଳେ ଆଉ କେତେକ ସ୍ଥାନରେ ଏହା ଯୋଗାଇବା ପାଇଁ ବିଭିନ୍ନ ସଂସ୍ଥାଙ୍କୁ ଠିକା ଦିଆଯାଇଛି। ଠିକା ନେଇଥିବା ଅନେକ ସଂସ୍ଥା ଖାଦ୍ୟ ତାଲିକା ମୁତାବକ ସିଝା ଅଣ୍ଡା କିମ୍ବା ଅଣ୍ଡା ତରକାରୀ ନ ଦେଇ ତାହା ବଦଳରେ ପନିର୍ କୁହାଯାଉଥିବା କିଛି ସାମଗ୍ରୀ ଯୋଗାଉଛନ୍ତି। ଅନେକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଓ କମିଟି ସଦସ୍ୟମାନେ କହୁଛନ୍ତି ଯେ ସରକାର ଅଣ୍ଡା ପିଛା ଯେଉଁ ଦର ଦେଉଛନ୍ତି ବଜାରରେ ବସ୍ତୁତଃ ଅଣ୍ଡା ଦର ତାହାର ଦୁଇ ଗୁଣା। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ ଚେତବିଶାଳତା-ମନକୁ ବିଶାଳ କଲେ ହୃଦୟ ଆପେ ଆପେ ବିାଳ ହୋଇଯାଏ, ଆଉ ହୃଦୟକୁ ବିଶାଳ କଲେ ଆତ୍ମା ଆପେ ଆପେ ବିଶାଳ ହୋଇ ପରମାତ୍ମାଙ୍କ ଚିର ବାସସ୍ଥାନ ହୋଇଯାଏ। ସେତେବେଳେ ସେହି ସାଧାରଣ ମଣିଷ ହିଁ ଈଶ୍ୱର ରୂପେ ବିବେଚିତ ହୁଏ।

SANCHAR
ସଂଚାର



# ବିଳମ୍ବିତ ନ୍ୟାୟ ଗ୍ରହଣୀୟ ନୁହେଁ

ଆମ ଦେଶର ନ୍ୟାୟିକ ବ୍ୟବସ୍ଥାର ସବୁଠାରୁ ବଡ଼ ତ୍ରୁଟି ବା ଦୁର୍ବଳତା ହେଲା ଏଠାରେ ନ୍ୟାୟ ମିଳିବାକୁ ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିଥାଏ। ଫଳରେ ଅନେକ ସମୟରେ ଉପଯୁକ୍ତ ନ୍ୟାୟ ପାଇବାକୁ ଦୀର୍ଘ ବର୍ଷ ଲାଗିଯାଉଛି। ନ୍ୟାୟ ଆଶାରେ ଅପେକ୍ଷା କରିଥିବା ବ୍ୟକ୍ତିଙ୍କ ଜୀବନ ଚାଲିଯାଉଛି। ୧୯୮୪ ଶିଖ ବିରୋଧୀ ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗରେ କଂଗ୍ରେସର ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କୁ ଦୀର୍ଘ ୪୦ ବର୍ଷ ପରେ ଆଜୀବନ ଜେଲ ଦଣ୍ଡାଦେଶ ମିଳିଛି। ଏହାକୁ କହନ୍ତି ବିଳମ୍ବିତ ନ୍ୟାୟ ଯାହାର କୌଣସି ମୂଲ୍ୟ ନାହିଁ। ସେହିପରି ଅନେକ ସମୟରେ ବିଭିନ୍ନ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ଲାଗି ନ୍ୟାୟିକ ପ୍ରକ୍ରିୟା ମଧ ଏଭଳି ବିଳମ୍ବିତ ହେଉଛି ଯେ, ଏହା ଦ୍ୱାରା ବିବାଦର ସମାଧାନ ପନ୍ଥା ବାହାରିବା ଦୂରର କଥା ବରଂ ବିବାଦ ଅଧିକ ଜଟିଳ ହେଉଛି। କିଛି ମାସ ତଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ସହ ଏହାର ନୂତନ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କୁ ଟ୍ରିବ୍ୟୁନାଲର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ତେବେ ଟ୍ରିବ୍ୟୁନାଲର ବର୍ଦ୍ଧିତ ସମୟ ମଧ୍ୟରେ ସମୟ ମଧ୍ୟରେ ମହାନଦୀ ବିବାଦର ସମାଧାନ ସମ୍ଭବ ହେଲା ଭଳି ଲାଗୁ ନାହିଁ। ଯଦି ଏହି ସମୟ ମଧ୍ୟରେ ବିବାଦର ସମାଧାନ ନହୁଏ ତେବେ ଏହାର କାର୍ଯ୍ୟକାଳ ଆହୁରି ବଢ଼ିବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ୍ୟ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ୍ୟ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ôଥକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଚ୍ଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ତହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଳୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି। କଟକ ଜିଲ୍ଲା ନରାଜ ଏବଂ ଯୋବ୍ରାରେ ନିର୍ମିତ ଆନିକଟରେ ଜଳାଭାବ ଦେଖା ଦେଇଛି। ଯୋବ୍ରାରୁ ପାରାଦ୍ୱୀପରେ ପ୍ରତିଷ୍ଠିତ ଆଇଓସିଏଲ ପ୍ଲାଣ୍ଟକୁ ଜଳଯୋଗାଣ ହେଉଛି। ଫଳରେ ଯୋବ୍ରାରେ ପାଣି ଅଭାବ ଦେଖିବାକୁ ମିଳୁଛି। କିଛି ବର୍ଷ ତଳେ ଯେତେବେଳେ ଆଇଓସିଏଲ ଯୋବ୍ରାରୁ ପାଣି ନେବ ବୋଲି ପ୍ରସ୍ତାବ ଆସିଥିଲା ସେତେବେଳେ ଏହାକୁ ବିରୋଧ କରାଯାଇଥିଲା ଏବଂ ଆଇଇସିଏଲ ମହାନଦୀ ମୁହାଣରେ ନିଜସ୍ୱ ଜଳଭଣ୍ଡାର ନିର୍ମାଣ କରୁ ବୋଲି ଅନେକ ମତବ୍ୟକ୍ତ କରିଥିଲେ। ବର୍ଷା ଦିନେ ମହାନଦୀରେ ଆସୁଥିବା ବନ୍ୟାଜଳକୁ ସେଠାରେ ସଞ୍ଚୟ କରାଯାଇ ଏହାକୁ ଶିଳ୍ପ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। କିନ୍ତୁ ଆଇଓସିଏଲ ଏହାକୁ କାର୍ଯ୍ୟକାରୀ କଲାନାହିଁ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ହେତୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀ ଜଳ ବିବାଦ ଆରମ୍ଭରୁ ଛତିଶଗଡ଼ କହିଆସୁଛି ଯେ, ମହାନଦୀ ଉପରମୁଣ୍ଡରେ ନିଜ ଭୌଗଳିକ ସୀମା ଭିତରେ ଏହା ବ୍ୟାରେଜ ନିର୍ମାଣ କରିଛି। ଓଡ଼ିଶା ସରକାର ମଧ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜଳସଞ୍ଚୟ କରିପାରିବେ। ଛତିଶଗଡ଼ ସରକାରଙ୍କ ଏହି ଯୁକ୍ତି ଅନେକାଂଶରେ ଯଥାର୍ଥ। ବର୍ଷା ଦିନେ ମହାନଦୀରେ ପ୍ରବାହିତ ହେଉଥିବା ବିପୁଳ ଜଳରାଶି ସମୁଦ୍ରକୁ ଚାଲିଯାଉଛି। ଓଡ଼ିଶା ସରକାର ଯେବେଠାରୁ ଛତିଶଗଡ଼ ସହ ମହାନଦୀ ଜଳବିବାଦରେ ଲିପ୍ତ ହେଲେଣି ସେବେଠାରୁ ଯୋଜନା କରିଥିଲେ ତଳମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ ହୋଇସାରନ୍ତାଣି। ଛତିଶଗଡ଼ ସରକାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ଆଗୁଆ ଟଙ୍କା ଆଣି ଏହିସବୁ ବ୍ୟାରେଜ ନିର୍ମାଣ କରିଛନ୍ତି। ଓଡ଼ିଶା ସରକାର ମଧ ଏହା କରିପାରନ୍ତେ। ପ୍ରତିବର୍ଷ ବଜେଟରେ ଏଥିଲାଗି କିଛି ଅର୍ଥ ବରାଦ କରାଗଲେ ୧୦ ବର୍ଷରେ ସ୍ଥିତି ବଦଳିଯାଇପାରନ୍ତା। ଟ୍ରିବ୍ୟୁନାଲରେ ମାମଲା ଚାଲୁ। କିନ୍ତୁ ଏହାକୁ ଭରସା କରି ସମୟ ନଷ୍ଟ କରାଯିବା ଅନୁଚିତ। ପ୍ରତିବର୍ଷ ଏହି ପ୍ରସଙ୍ଗ ନେଇ ବିଧାନସଭାରେ ହଟ୍ଟଗୋଳ ହେଉଛି। ରାଜନୈତିକ କାଦୁଅ ଫିଙ୍ଗାରେ ସବୁ ଦଳ ବ୍ୟସ୍ତ। କିନ୍ତୁ ସମସ୍ୟାର ସମାଧାନ ଲାଗି କାହାର ଆନ୍ତରିକତା ନାହିଁ। ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ ନିମନ୍ତେ ଜଙ୍ଗଲ ବା ଚାଷ ଜମି ବୁଡ଼ାଇବାର ଆବଶ୍ୟକତା ନାହିଁ। ନଦୀ ଶଯ୍ୟା ଭିତରେ ଏହା ନିର୍ମିତ ହୋଇପାରିବ। କେବଳ ଏହି ଗୋଟିଏ ଯୋଜନା ଉପରେ ରାଜ୍ୟ ସରକାର ମନୋନିବେଶ କଲେ ଓଡ଼ିଶାର ଭାଗ୍ୟ ବଦଳିଯାଇପାରନ୍ତା। ଏବେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପି କ୍ଷମତାସୀନ ଅଛି। ତେଣୁ ବିବାଦର ସମାଧାନ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଏକ ମିଶନ ଭାବେ ବିବେଚନା କରନ୍ତୁ। ବିବାଦ ଯେତେ ଅଧିକ ଦିନ ଗଡ଼ି ଚାଲିବ ତାହା ସେତେ ଜଟିଳ ହେବ ଏବଂ ଏଥିରେ ଅଧିକରୁ ଅଧିକ ପକ୍ଷଭୁକ୍ତ ହେବେ। ଫଳରେ ବିଚାର ପ୍ରକ୍ରିୟା ବହୁ ବିଳମ୍ବ ହେବ। ସରକାରଙ୍କ ରାଜକୋଷରୁ ବିପୁଳ ଅର୍ଥ ବରବାଦ ହେବ। ତେଣୁ ମୂଳରୁ ଟ୍ରିବ୍ୟୁନାଲ ଗଠନ ପରିବର୍ତ୍ତେ ଆପୋଷ ଆଲୋଚନା ମାଧମରେ ସମସ୍ୟାର ସମାଧାନ ପନ୍ଥା ନିର୍ଦ୍ଧାରଣ ସପକ୍ଷରେ ମତ ପ୍ରକାଶ ପାଇଥିଲା। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ଏବେ ଏହାର ମୂଲ୍ୟ ଆମକୁ ଦେବାକୁ ପଡ଼ିବ। ଟ୍ରିବ୍ୟୁନାଲରେ ଲଢ଼ିବା ପାଇଁ ରାଜ୍ୟ ସରକାରଙ୍କୁ ଓକିଲଙ୍କ ପ୍ରାପ୍ୟ ଏବଂ ଅନ୍ୟାନ୍ୟ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିବ। ଏହି ଅର୍ଥ ସାଧରଣ ନାଗରିକଙ୍କ ଟିକସ ଅର୍ଥରୁ ବ୍ୟୟ ହେବ। ତେଣୁ ଅନ୍ତତଃ ପଟେ ମାମଲାର କିପରି ଶୀଘ୍ର ଫଇସଲା ହେବ ସେ ଦିଗରେ ଉଦ୍ୟମ ହେବା ଉଚିତ। ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସରକାର ଏହାକୁ ଗମ୍ଭୀରତାର ସହ ନେବା ଉଚିତ। ମାମଲାକୁ ଅଧିକ ଦିନ ଗଡ଼ାଇବା ଅନୁଚିତ।

# ଯେଉଁଠି ଦେବତାଙ୍କ ସଭା ବସେ



**କୃଷ୍ଣଚନ୍ଦ୍ର ପାତ୍ର**

ଉଭୟ ଦେବତା ଓ ଅସୁରଙ୍କ ମିଳିତ ପ୍ରୟାସରେ ସମୁଦ୍ର ମନ୍ଥନ ହେଲା। ସେଥିରୁ ଅମୃତ ବାହାରିଲା, ବିଷ ବି। ଅମୃତ ନେବାକୁ ସମସ୍ତେ ଆଗଭର। ବିଷ ପାଇଁ କାହାର ଇଚ୍ଛା ନାହିଁ। ଗରଳର ତାପରେ ସାରା ବିଶ୍ୱ ହୁଏତ ନିର୍ଜୀବ ହୋଇଯାଇଥାନ୍ତା। ହେଲେ ସଂହାରକର୍ତ୍ତା ପ୍ରଭୁ ମହାଦେବ ସଂସାରର ରକ୍ଷା ପାଇଁ, ଜୀବ ଜଗତର ମଙ୍ଗଳ ପାଇଁ ଓ ସୃଷ୍ଟିକୁ ସମୁଜ୍ଜ୍ୱଳ କରି ରଖିବା ପାଇଁ ସବୁତକ ବିଷ ପିଇଦେଇଥିଲେ। ଦେବ ଦେବ ମହାଦେବଙ୍କ ଏହି କୃତି ଓ କର୍ମ ବିରଳ। ସେ ପାଲଟିଗଲେ ଦେବ ଦେବ ମହାଦେବ। ଆକଣ୍ଠ ବିଷପାନ କରି ସେ ସୃଷ୍ଟିକୁ, ସୃଷ୍ଟିର ଛପ୍ପନ କୋଟି ଜୀବଙ୍କୁ ମରଣ ମୁହଁରୁ ବଞ୍ଚାଇଦେଲେ। ତେବେ ବିଷର ଜ୍ୱାଳାରେ ତାଙ୍କ ଶରୀର ତପ୍ତ ହୋଇଗଲା। ଶରୀରକୁ ଶୀତଳ କରିବା ପାଇଁ ଚନ୍ଦ୍ର ଆସି ପ୍ରଭୁ ଶିବଙ୍କ ମସ୍ତକରେ ବିରାଜମାନ କଲେ। ସେହିଦିନଠାରୁ ଭୋଳା ଶଙ୍କର ପାଲଟିଗଲେ ଚନ୍ଦ୍ରଶେଖର। ସେହି ପ୍ରଭୁ ଚନ୍ଦ୍ରଶେଖରଙ୍କ ଆସ୍ଥାନ ହିମାଳୟସ୍ଥିତ ପବିତ୍ର କୈଳାସ ପର୍ବତ ବୋଲି ସର୍ବଜନବିଦିତ। ହେଲେ ଦେବ ଦେବ ମହାଦେବଙ୍କ ଦ୍ୱିତୀୟ ଆସ୍ଥାନ, ଦ୍ୱିତୀୟ କପିଳାସ ହେଉଛି ଆମ ଓଡ଼ିଶାର ପୁଣ୍ୟ ପାବନ କପିଳାସ ଧାମ, ଯାହା ଢେଙ୍କାନାଳ ଜିଲ୍ଲାରେ ଅବସ୍ଥିତ। ଏହି ପୀଠର ମହିମା ଅପାର ଓ ଅବର୍ଣ୍ଣନୀୟ। ଢେଙ୍କାନାଳ ସହରର ଉତ୍ତର ପୂର୍ବ ଦିଗରେ ଅବସ୍ଥିତ କପିଳାସ ପାହାଡ଼। ଏହି ପାହାଡ଼ ଉପରେ ବିରାଜମାନ କରିଛନ୍ତି ପ୍ରଭୁ ଚନ୍ଦ୍ରଶେଖର, ଯାହା ସମଗ୍ର ଓଡ଼ିଶା କାହିଁକି, ଭାରତ ବର୍ଷର ଏକ ପୁଣ୍ୟ ଧାମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ମୁଖ୍ୟ ମନ୍ଦିରର ଉଚ୍ଚତା ୬୦ ଫୁଟ ହୋଇଥିବା ବେଳେ ୪୫୭ ମିଟର ଉଚ୍ଚତାରେ ରହିଛି ଏହି ପୀଠ। ଆଉ ଏହି ଅନନ୍ୟ ପୀଠକୁ ପହଞ୍ଚିବାକୁ ୧୩୫୨ଟି ପାହାଚ ଅତିକ୍ରମ କରିବାକୁ ପଡ଼େ। ଅନ୍ୟପଟେ ବାରବାଙ୍କି ଘାଟି ରାସ୍ତା ଦେଇ ମଧ କେହି କେହି ଶ୍ରଦ୍ଧାଳୁ ବାବା ଚନ୍ଦ୍ରଶେଖରଙ୍କ ଦର୍ଶନ ପାଇଁ ଭିଡ଼ ଜମାନ୍ତି।

ଇତିହାସ, ଲୋକକଥା, କିମ୍ବଦନ୍ତୀ ଓ ପୁରାଣ ଶାସ୍ତ୍ରରେ ମଧ ବାବା ଚନ୍ଦ୍ରଶେଖରଙ୍କ ଅପାର ମହିମା ବର୍ଣ୍ଣିତ ହୋଇଛି। ତେବେ ଇତିହାସର ପୃଷ୍ଠା ଓଲଟାଇଲେ ଜଣାପଡ଼େ ଯେ, ଓଡ଼ିଶାର ଗଙ୍ଗ ବଂଶୀୟ ରାଜା ପ୍ରଥମ ପୁରୁଷୋତ୍ତମ ଦେବ ୧୨୪୬ ମସିହାରେ ଏହି ଭବ୍ୟ ମନ୍ଦିରର ନିର୍ମାଣ କରିଥିଲେ, ଯେଉଁଣ ମନ୍ଦିରର ବାମ ପଟେ ପୟମାର୍ତ୍ତ କୁଣ୍ଡ ଓ ଡାହାଣ ପଟେ ମରୀଚି କୁଣ୍ଡ ବିଦ୍ୟମାନ। ଏହି ପୀଠର ଆଉ ଏକ ବିଶେଷତ୍ୱ ହେଲା, ଏହାର ଜଗନମୋହନ ସଂପୂର୍ଣ୍ଣ କାଠରେ ନିର୍ମିତ ହୋଇଛି। ଏହି ପୀଠର ପାର୍ଶ୍ୱ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ହୋଇଥିବାବେଳେ ଏଠାରେ ମଧ ମା ପାର୍ବତୀ, ବିଘ୍ନରାଜ ଗଣେଶ, କୁମାର କାର୍ତ୍ତିକେୟ, ଭଗବାନ ବିଷ୍ଣୁ, ପ୍ରଭୁ ଶ୍ରୀରାମ ଓ ଗଙ୍ଗା ମାତାଙ୍କ ମନ୍ଦିର ରହିଛି। ତା ସହିତ ରହିଛି ପ୍ରଭୁ ବିଶ୍ୱନାଥଙ୍କର ଏକ ଭବ୍ୟ ମନ୍ଦିର। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁସାରେ, ବିଶ୍ୱନାଥ ମନ୍ଦିର ହେଉଛି ପ୍ରଭୁ ଚନ୍ଦ୍ରଶେଖରଙ୍କ ମନ୍ଦିରଠାରୁ ଢେର୍ ପୁରୁଣା। ତେଣୁ ବୁଢ଼ା ଲିଙ୍ଗ ଭାବେ ଏହା ଖ୍ୟାତ। ପୁରାଣ ପୃଷ୍ଠାରେ ଲିଖିତ ବର୍ଣ୍ଣନା ଅନୁସାରେ, ଏହି ପୀଠ ହେଉଛି ଦେବ ଦେବ ମହାଦେବଙ୍କ ଦ୍ୱିତୀୟ ଆସ୍ଥାନ, ଅର୍ଥାତ୍ ଦ୍ୱିତୀୟ କୈଳାସ। ଏହି ପର୍ବତକୁ ଦେବତାମାନେ ଆସି ସଭା କରନ୍ତି ବୋଲି ମଧ ପୁରାଣ କୁହେ। ସେହିପରି ମହାଜ୍ଞାନୀ କପିଳ ମୁନୀଙ୍କ ଆଶ୍ରମ ଏଠାରେ ଥିଲା ଓ ତାଙ୍କ ନାଁ ଅନୁସାରେ ଏହାର ନାମକରଣ କପିଳାସ ହୋଇଥିବା କୁହାଯାଏ। ଏପରିକି ସେ ଏହି ପୀଠରେ କପିଳ ସଂହିତା ରଚନା କରିଥିବା କୁହାଯାଏ।ଏହି ପୀଠର ମହନୀୟତା ହେଉଛି ଶିଖରେଶ୍ୱର ବା ଚନ୍ଦ୍ରଶେଖର ସ୍ଫଟିକ ସଦୃଶ ଶୁଭ୍ର ଶିବଲିଙ୍ଗ। ଏହି ଲିଙ୍ଗ ଶକ୍ତି ବେଷ୍ଟିତ ଓ ରୌପ୍ୟ ନାଗ ଆଚ୍ଛାଦିତ। ଲିଙ୍ଗଙ୍କର ପଶ୍ଚିମରେ ବିଶ୍ୱର ସର୍ବବୃହତ ଶାଳଗ୍ରାମ ଅନନ୍ତ ନାଗ ପରିବେଷ୍ଟିତ ହୋଇ ବିରାଜିତ। ତେଣୁ ଏହା ହରିହର ପୀଠ। ତେଣୁ ମନ୍ଦିରର ଶୀର୍ଷରେ ତ୍ରିଶୁଳ ପରିବର୍ତ୍ତେ ଅର୍ଦ୍ଧଚକ୍ର ପିନାକ ସ୍ଥାପିତ। ରାମାୟଣରେ ମଧ ଏହି ପୀଠର ବର୍ଣ୍ଣନା ରହିଛି। ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲୋକ ଅପବାଦ ଭୟରେ ମାତା ସୀତାଙ୍କୁ ବନବାସ ପଠାଇଥିଲେ, ସେତେବେଳେ ସେ ବାଲ୍ମିକୀଙ୍କ ଆଶ୍ରମରେ ଅବସ୍ଥାପନ କରିଥିଲେ ଓ ସେଠାରେ ହିଁ ଲବକୁଶ ଜନ୍ମ ହୋଇଥିଲେ। ସେମାନଙ୍କ ପୁଣ୍ୟ ପବିତ୍ର ସ୍ମୃତି ମଧ ଏଠାରେ ରହିଛି। ସେହିପରି ପୁରାଣ କୁହେ, ଓଡ଼ିଶାର ବଡ଼ବଡ଼ ରାଜା ମହାରାଜାମାନେ ବିଭିନ୍ନ ପାପତାପରୁ ମୁକ୍ତି ପାଇଁ ବିଭିନ୍ନ ସମୟରେ ଏହି ପୀଠକୁ ଆସୁ ତପସ୍ୟା ଓ ଯୋଗ ସାଧନା କରିଯାଇଛନ୍ତି। ମହିମା ଧର୍ମ ପ୍ରତିଷ୍ଠାତା ମହିମା ସ୍ୱାମୀ ଏହି ପୀଠରେ ସିଦ୍ଧିଲାଭ କରିଥିବା ମହିମା ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି। ଏହିଭଳି ଅନେକ ପୁଣ୍ୟ ଓ ପବିତ୍ର ଆଖ୍ୟାୟିକା ତଥା ଲୋକବିଶ୍ୱାସର ମହାନ ତୀର୍ଥ ହେଉଛି କପିଳାସ ତଥା ବାବା ଚନ୍ଦ୍ରଶେଖରଙ୍କ ପୀଠ।

କପିଳାସ କେବଳ ତୀର୍ଥ ନୁହେଁ, ଏକ ସ୍ୱାସ୍ଥ୍ୟକର ଶୈଳନିବାସ ମଧ। ଏହାର ପ୍ରତ୍ୟେକଟି ଝରଣାର ଜଳ ପରମ ପାବନ ଓ ଆୟୁଷ୍ୟ। କପିଳାସର ପ୍ରାକୃତିକ ଶୋଭା ରମଣୀୟ ଓ ଚିତ୍ତାକର୍ଷକ। ପର୍ବତଟି ବକୁଳ, ଚମ୍ପକ, ଅଶୋକ, ତମାଳ, କଦମ୍ବ, ନାଗକେଶର, ବେତ, ପ୍ରଭୃତି ପୁଷ୍ପବୃକ୍ଷ ଓ ଲତାରାଜିରେ ସଦା ବିଭୂଷିତ ଓ ସୌରଭମୟ। ଶୁଭ୍ର ସ୍ୱଚ୍ଛ ନିର୍ଝରର କଳନାଦରେ କପିଳାସ ବନସ୍ଥଳୀ ସଦା ମୁଖରିତ। ବର୍ଷାଋତୁରେ ବନଲତାଗୁଡ଼ିକ ନବୀନ ପଲ୍ଲବ ଧାରଣ କରି ଘନ ସବୁଜ ବନାନୀ ସୃଷ୍ଟି କରିଥାନ୍ତି। ଶରତ ଋତୁରେ ଶୁଭ୍ର କାଶତଣ୍ଡି ଫୁଲର ଲହରୀ କପିଳାସ ପର୍ବତର ଶୋଭାକୁ ସମୁଜ୍ୱଳ କରିଥାଏ। ବସନ୍ତ ଓ ଗ୍ରୀଷ୍ମ ଋତୁରେ କପିଳାସର ରମଣୀୟ ପ୍ରାକୃତିକ ବୈଭବ ପ୍ରାଣରେ ଅପୂର୍ବ ଶାନ୍ତି ସଂଚାର କରିଥାଏ। ପୁଣ୍ୟତୋୟା ବନ୍ୟ ନିର୍ଝରିଣୀ ଗୁଡ଼ିକ ସ୍ଫଟିକ ପାବଚ୍ଛ ସଦୃଶ ପ୍ରତୀୟମାନ ହୋଇଥାଏ। କପିଳାସ ଶିଖରରେ ସୂର୍ଯ୍ୟାସ୍ତ ମନୋମୁଗ୍ଧକର ଓ ଅବିସ୍ମରଣୀୟ। କପିଳାସ ବନାଞ୍ଚଳର ନାମ ହରଉଦ୍ୟାନ। ଏହି ହରଉଦ୍ୟାନରେ ହଜାର ହଜାର ପ୍ରକାରର ଔଷଧୀୟ ବୃକ୍ଷ ଓ ଗୁଳ୍ମ ରହିଛି। ଏହି ସବୁ ଦୁର୍ଲଭ ଔଷଧ ବୃକ୍ଷ ସମ୍ବନ୍ଧରେ ଅଦ୍ୟାବଧି ଆକଳନ କରାଯାଇପାରିନାହିଁ। କପିଳାସର ପବିତ୍ର ଜଳ, ଔଷଧୀୟ ବୃକ୍ଷଲତା ଓ ସ୍ୱାସ୍ଥ୍ୟପ୍ରଦ ବାୟୁମଣ୍ଡଳରେ ଅସାଧାରଣ ରୋଗନିବାରିଣୀ ଶକ୍ତି ରହିଛି। ଅନେକ ଦୂରାରୋଗ୍ୟ ହେବାର ବହୁ ଉଦାହରଣ ରହିଛି।

ବହୁ ଆସ୍ଥା, ବିଶ୍ୱାସର ପ୍ରତୀକ ବାବା ଚନ୍ଦ୍ରଶେଖର। ତାଙ୍କ ପୀଠର ପ୍ରସିଦ୍ଧି ସର୍ବତ୍ର ରହିଛି। ସଂହାରର ପ୍ରତୀକ ମହାପ୍ରଭୁ ସଦାଶିବ, ମହାଦେବଙ୍କ ଏହି ଅନନ୍ୟ ପୀଠ ସବୁବେଳେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ଆକର୍ଷିତ କରି ଆସିଛି। ବୋଲବମ୍ ଓ ଜାଗର ଯାତ୍ରା ସମେତ ଅନ୍ୟ ସମସ୍ତ ପୂଜାପର୍ବାଣୀରେ୍ ଏହି ପୀଠର ମହତ୍ତ୍ୱ କାହାରିକୁ ଅଛପା ନୁହେଁ। ଏବେ ଏହି ପୀଠର ଗରିମା ଆହୁରି ବୃଦ୍ଧି ପାଇଛି। ପୀଠରେ ଭିତ୍ତିଭୂମି ସୁଦୃଢ଼ ହୋଇଥିବାବେଳେ ପ୍ରଭୁ ଚନ୍ଦ୍ରଶେଖରଙ୍କ କରୁଣାର ରେଣୁ ପ୍ରାପ୍ତି ପାଇଁ ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଆଜି ଜାଗର। ମହାପ୍ରଭୁ ଭୋଳା ଶଙ୍କରଙ୍କ ଆରାଧନାର ଦିନ। ଦେବ ଦେବ ମହାଦେବ ପ୍ରଭୁ ଚନ୍ଦ୍ରଶେଖରଙ୍କ ଏହି ପୁଣ୍ୟ ପୂଜନ ଅବସରରେ ସାରା ଧରଣୀ ଆଲୋକିତ ହେଉ, ଅନ୍ଧାର ହଟିଯାଉ, ଏହାହିଁ କାମନା।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ**
**ଓଡିଶା ସରକାର**

# ଓଡ଼ିଶା ବଜେଟ୍‌ର କାୟା ମାୟା ଛାୟା

**ରମାକାନ୍ତ ନାଥ**

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ଦୀର୍ଘ ୨ଘଣ୍ଟା ୪୩ ମିନିଟ୍‌ର ଏହି ବଜେଟ୍ ଭାଷଣରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ, ଭିତ୍ତିଭୂମି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମ ବିକାଶ, ଯୁବ-ଛାତ୍ର-ମହିଳା କଲ୍ୟାଣ ଆଦି ସବୁ ଦିଗକୁ ଗୁରୁତ୍ୱ ଦେଇଛନ୍ତି ଓ ୨୦୩୬ ମସିହା ବେଳକୁ ଓଡ଼ିଶାକୁ ଏକ ସମୃଦ୍ଧ, ଉନ୍ନତ ରାଜ୍ୟ ଭାବେ ଗଢ଼ିବାକୁ, ତା'ର ଅର୍ଥନୀତିର ଆକାର ୫ଶହ ବିଲିୟନ ଡଲାରରେ ପହଁଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଏହା ମଧ କୁହାଯାଉଛି ଯେ ଓଡ଼ିଶା ବିକଶିତ ଭାରତର ଇଂଜିନ୍ ହେବ। ଅର୍ଥାତ୍ ଭାରତକୁ ବିକାଶ ବାଟରେ ଆଗେଇ ନେବାରେ ଓଡ଼ିଶା ଆଗରେ ରହିବ। ଓଡ଼ିଶାରେ ଯେତେବେଳେ ଡବଲ ଇଂଜିନ୍‌ର ସରକାର କାମ କରୁଛି, ସେତେବେଳେ ଏହା କହିବା ସେମାନଙ୍କ ପାଇଁ ସହଜ ହୋଇଯାଇଛି, ମାତ୍ର ବାସ୍ତବରେ ଏପରି ସମ୍ଭାବନା ଆକଳନ କରିବା କଷ୍ଟକର, ଯେତେବେଳେ ଖୋଦ୍ କେନ୍ଦ୍ର ସରକାରରେ ଥିବା ଦଳ ଯେଉଁ ପ୍ରଦେଶରେ ନିର୍ବାଚନ ପ୍ରଚାର କରିଥାନ୍ତି ସେଠାରେ ସେ ରାଜ୍ୟକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା ଓ ସେହି ରାଜ୍ୟ ଦେଶର ବିକାଶରେ ଆଗରେ ରହିବ ବୋଲି କହିଥାନ୍ତି। ଏଣୁ କେନ୍ଦ୍ରରେ ଶାସନ କରୁଥିବା ଭାରତୀୟ ଜନତା ପାର୍ଟି ସରକାର ଓ ଓଡ଼ିଶାରେ ଶାସନରେ ଥିବା ଭାରତୀୟ ଜନତା ପାର୍ଟି ସରକାର, ସେମାନଙ୍କ ଚିନ୍ତାଧାରାରେ ବିରାଟ ଶଙ୍କଟ ରହିଛି ବୋଲି ଭାବିବାକୁ ହେବ। ଅର୍ଥନୀତିର ଯେ କେହି ବିଷାରଦ ଏହା କହିଦେଇ ପାରିବେ ଯେ କେବଳ ପ୍ରଚାରରେ କୌଣସି ଦେଶ ବା ରାଜ୍ୟ ଉନ୍ନତ ବା ସମୃଦ୍ଧ ହୋଇଯିବ ନାହିଁ। ଯେଉଁ ଦେଶରେ ଓ ରାଜ୍ୟରେ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ନହୋଇ ପାରୁଛି, ସେ ଦେଶ ଓ ରାଜ୍ୟକୁ କଦପି ବିକଶିତ ବୋଲି କହିହେବ ନାହିଁ। ତେଣିକି ଯେତେ ଲକ୍ଷ କୋଟି ଟଙ୍କା ଆକାରର ବଜେଟ୍ ହେଉ ନା କାହିଁକି?

୨ ଲକ୍ଷ ୯୦ ହଜାର କୋଟି ଟଙ୍କର ଏହି ବଜେଟ୍ ବାସ୍ତବରେ ଆକାର ଦୃଷ୍ଟିରୁ ବିଶାଳ। ଯାହା ରାଜ୍ୟ ଜିଡିପିର ୨୭.୩ ପ୍ରତିଶତ। ପୂର୍ବ ବର୍ଷ ତୁଳନାରେ ଏହା ୯.୪୩ ପ୍ରତିଶତ ଅଧିକ। ୨୦୨୪-୨୫ ଆର୍ôଥକ ବର୍ଷରେ ରାଜ୍ୟ ସରକାର ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଥିଲେ। ଏହା ସେତେବେଳେ ମଧ ବିଶାଳକାୟ ବଜେଟ୍ ବୋଲି ବିବେଚନା କରାଯାଉଥିଲା। ଏହି ବଜେଟ୍‌ରେ ସରକାର ଭିତ୍ତିଭୂମି ବିକାଶ ବା ଉନ୍ନୟନମୂଳକ କାମକୁ ଅଧିକ ଗୁରୁତ୍ୱ ଦେଇଛନ୍ତି ଓ ଏ ବାବଦକୁ ୨ ଲକ୍ଷ ୧୧ହଜାର ୨୧୨ କୋଟି ଟଙ୍କା ଖର୍ଚ୍ଚ ହେବ, ଯାହା ମୋଟ ବଜେଟ୍‌ର ୭୩ ପ୍ରତିଶତ। ସରକାର ଚଳିତ ବର୍ଷ ପାଇଁ ୧୬ଟି ନୂଆ ଯୋଜନା କାର୍ଯ୍ୟକାରି କରିବାକୁ ସ୍ଥିର କରିଛନ୍ତି, ମାତ୍ର ପୂର୍ବ ଯୋଜନାର ନାମ ପରିବର୍ତ୍ତନ କରାଯାଇ ନୂଆ ଯୋଜନା ପ୍ରଣୟନର କୌଣସି ଆବଶ୍ୟକତା ନଥିଲାବେଳେ ତାହା କ'ଣ ପାଇଁ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। କେତେକ ପୂର୍ବ ଯୋଜନାକୁ ବନ୍ଦ କରାଯିବାର ଯଥାର୍ଥ କାରଣ ମଧ ସରକାର ପ୍ରକାଶ କରିବା ଦରକାର। ଦଳଗତ ରାଜନୀତି ଦୃଷ୍ଟିରୁ ଏପରି କରାଯାଏ ତ ତାହା ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ କଦାପି ଶୁଭଙ୍କର ହେବ ନାହିଁ। ସବୁକୁ ବିଚାରକଲେ ଜଣାଯିବା ଯେ ଚଳିତ ବଜେଟ୍‌ର କାୟା ବିଶାଳ ହୋଇଥିଲାବେଳେ ଏହାର ମାୟା ଓ ଛାୟା ମଧ କିଛି କମ୍ ନୁହେଁ।

ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କର ଏହା ହେଉଛି ବିଧାନସଭାରେ ଦ୍ୱିତୀୟ ବଜେଟ୍ ଉପସ୍ଥାପନ। ପୂର୍ବ ବଜେଟ୍‌ରେ ଶ୍ରୀ ମାଝି ଯେଉଁ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ତାହା ଖର୍ଚ୍ଚ କରିପାରି ନଥିବା ବିରୋଧୀ ଦାବି କରନ୍ତି। ଏଣୁ ଚଳିତ ବଜେଟ୍‌ରେ ବ୍ୟୟ ବଢ଼ାଇଛନ୍ତି କ'ଣ ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଯେତେବେଳେ ସରକାର ଓ ତାଙ୍କର ବିଭାଗଗୁଡିକ ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି, ସେତେବେଳେ ବ୍ୟୟବରାଦକୁ ବୃଦ୍ଧି କରିବା ପଛରେ କିଛି ଭିନ୍ନ ଉଦ୍ଦେଶ୍ୟ ନାହିଁ ତ? ଏପରି ଯେ କେହି ଭାବିବା ସ୍ୱାଭାବିକ ହୋଇଯାଇଛି। ସେହିପରି କୃଷି, ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ରାଜ୍ୟର ସେପରି କିଛି ଉନ୍ନତି ହେଉନାହିଁ ବୋଲି ମଧ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଯେତେବେଳେ ପ୍ରମୁଖ କ୍ଷେତ୍ରଗୁଡିକରେ ଉନ୍ନତି ପରିଲକ୍ଷିତ ହେଉନାହିଁ ସେତେବେଳେ ବଜେଟ୍ ଆକାର ବା କଳେବର ବୃଦ୍ଧିର କୌଣସି ଯଥାର୍ଥତା ନଥିବା କହୁଯାଉ ଥିଲାବେଳେ ସରକାରଙ୍କ ପକ୍ଷରୁ ଏହା ଜରୁରୀ ହୋଇପଡ଼ିଛି ଓ ଯେଉଁଥିପାଇଁ ସରକାର ବ୍ୟୟବରାଦକୁ ବୃଦ୍ଧି କରିବାକୁ ବାଧ ହୋଇଛନ୍ତି। ଅବଶ୍ୟ ବଜେଟ୍ ଲେଖକ ବା ପ୍ରସ୍ତୁତକାରୀଙ୍କର ଏକ ବ୍ୟବସ୍ଥା ରହିଛି ଯେ, ପ୍ରତିବର୍ଷ ବଜେଟ୍‌ର ଆକାରକୁ ପ୍ରାୟ ୧୦ ପ୍ରତିଶତ ବଢ଼ାଇଦେବା। ସେହି ହିସାବରେ ଏ ବଜେଟ୍‌ର ଆକାର ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ଘଟିଛି, ଏଣୁ ଏ ବାବଦରେ କିଛି ଆଲୋଚନାର ଆବଶ୍ୟକତା ନାହିଁ। ମାତ୍ର ଯେତେବେଳେ ବର୍ଦ୍ଧିତ ବ୍ୟୟବରାଦ ଅର୍ଥ ପାଇବାର ଠୋସ୍ କିଛି ଯୋଜନା ସରକାରଙ୍କ ପାଖରେ ନାହିଁ, ସେତେବେଳେ ଏହା ଚିନ୍ତାଜନକ ନିଶ୍ଚୟ। ବର୍ଦ୍ଧିତ ଅର୍ଥକୁ ସରକାର କିପରି ଭରଣା କରିବାକୁ ଯୋଜନା କରିଛନ୍ତି, ତାହା ଆଲୋଚନା କରାଯାଇପାରେ।

୨୦୨୫-୨୬ ବଜେଟ୍‌କୁ ଅନୁଧ୍ୟାନ କରାଯାଏ ତ ଦେଖାଯିବ ଯେ ଚଳିତ ବର୍ଷ ରାଜ୍ୟ ସରକାର ୨ଲକ୍ଷ ୯୦ ହଜାର ଟଙ୍କା ବ୍ୟୟବରାଦ କରିଥିଲାବେଳେ ଏଥିରେ ପ୍ରଶାସନିକ ବା ଅଣଯୋଜନା ବାବଦ ଖର୍ଚ୍ଚ, ଅର୍ଥାତ୍ ମନ୍ତ୍ରୀ, ବିଧାୟକ ଓ ସରକାରୀ କର୍ମଚାରୀଙ୍କ ଦରମା, ଭତ୍ତା, ସୁଧ ପରିଶୋଧ ଆଦି ବାବଦକୁ ୧ ଲକ୍ଷ ୮ ହଜାର ଟଙ୍କା ଖର୍ଚ୍ଚ ହେବ। ସେହିପରି କାର୍ଯ୍ୟକ୍ରମ ବା ଯୋଜନା ବାବଦକୁ ସରକାର ୧ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ କରିବେ। ଯାହା ମୋଟ ଖର୍ଚ୍ଚର ୫୮.୬୨ ପ୍ରତିଶତ। ଏହି ଅର୍ଥକୁ ରାଜ୍ୟ ସରକାର ଆପଣା ଟିକସ ଓ କେନ୍ଦ୍ର ସରକାରଙ୍କ ସହାୟତା ଏବଂ କେନ୍ଦ୍ର ଟିକସରୁ ରାଜ୍ୟ ଭାଗ ବାବଦକୁ ପାଇ ପାରିବେ, ଯାହା ବର୍ଷକୁ ବର୍ଷ କମ୍ ହୋଇ ଚାଲିଥିବା ଦେଖିବାକୁ ମିଳିବ। ସେହିପରି କେନ୍ଦ୍ରୀୟ ଯୋଜନାରେ କେନ୍ଦ୍ର ସରକାରଙ୍କ ଭାଗକୁ କମ୍ କରାଯାଇ ରାଜ୍ୟ ସରକାରଙ୍କ ଭାଗକୁ ବଢ଼ାଇ ଦିଆଯାଉଥିବାରୁ ଏହା ମଧ ରାଜ୍ୟ ପାଇଁ ଚିନ୍ତାର କାରଣ ହୋଇଛି। ଏଣୁ ସରକାରୀ କର୍ମଚାରୀ, ମନ୍ତ୍ରୀ, ବିଧାୟକ ଆଦିଙ୍କ ଦରମା ଓ ଭତ୍ତା ବାବାଦକୁ ସରକାରଙ୍କୁ ଅନ୍ୟ ସୂତ୍ରରୁ ଅର୍ଥ ଯୋଗାଡ କରିବାକୁ ହେବ। ସେଥିପାଇଁ ସରକାର ଚଳିତ ବର୍ଷ ୪୭ ହଜାର ୪ଶହ କୋଟି ଟଙ୍କା ଋଣ କରିବାକୁ ଯୋଜନା କରିଛନ୍ତି। ଏହା ବଜେଟ୍ ବ୍ୟୟବରାଦର ପ୍ରାୟ ୧୫ ପ୍ରତିଶତ। ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ୩୪ ହଜାର ୪୯୫ କୋଟି ଟଙ୍କା ଋଣ କରିବାକୁ ଲକ୍ଷ୍ୟ ରଖିଥିଲେ। ବଜେଟର ଆକାରକୁ ୧୦ ପ୍ରତିଶତ ବୃଦ୍ଧିକରି ଋଣ ପରିମାଣକୁ ୧୫ ପ୍ରତିଶତ ବୃଦ୍ଧି କରାଯିବା ଏବଂ ୩୪ ହଜାର ୨ଶହ କୋଟି ଟଙ୍କର ବିତ୍ତିୟ ନିଅଣ୍ଟ ଥିବା କାରଣରୁ ଏହାକୁ ଏକ ଭଲ ବଜେଟ୍ ବୋଲି କୁହାଯାଇ ନପାରେ। ବଜେଟ୍‌ରେ କୃଷି କ୍ଷେତ୍ରରେ ବ୍ୟୟବରାଦ ୧୨ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟବରାଦ ୮ ପ୍ରତିଶତ ବୃଦ୍ଧି କରାଯାଇଛି। ଏଣୁ କୃଷି ଓ ସ୍ୱାସ୍ଥ୍ୟ ଦୁଇଟି ବିଭାଗର ବ୍ୟୟ ବରାଦ ୧୦ ପ୍ରତିଶତ ବୃଦ୍ଧି ହୋଇଥିଲାବେଳେ ଏହିପରି ଭାବରେ ସବୁ ବିଭାଗର ବ୍ୟୟବରାଦକୁ ଦେଖାଯାଇପାରେ। ଏଣୁ ବଜେଟ୍‌ରେ ବ୍ୟୟବରାଦକୁ ପ୍ରାୟ ୧୦ ପ୍ରତିଶତ ବୃଦ୍ଧି କରାଯାଇ ଏହାକୁ ବିଶାଳକାୟ ରୂପ ଦିଆଯାଇଛି, ମାତ୍ର ବାସ୍ତବରେ ଏହା କୌଣସି ଦିଗରୁ ଉନ୍ନତ ନୁହେଁ କି ଜନ କଲ୍ୟାଣକାରୀ ନୁହେଁ।

ବଜେଟ୍ ୨୦୨୫-୨୬ରେ ଅନେକ ମାୟା ସ୍ଥାନ ପାଇଛି। ସେ ଦିଗରୁ କେତୋଟି ପ୍ରସଙ୍ଗ ଉଲ୍ଲେଖନୀୟ। ରାଜ୍ୟ ସରକାର କୃଷିକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥାନ୍ତି। ସେଥିପାଇଁ ବିଗତ କିଛି ବର୍ଷ ହେଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରାଯାଉଛି। ମାତ୍ର ପରିତାପର ବିଷୟ ଯେ ରାଜ୍ୟରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହୋଇପାରୁ ନାହିଁ। ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କବି ଗଙ୍ଗାଧର ମେହେରଙ୍କ କବିତା ଗାଉଛନ୍ତି, “କ୍ଷେତ ମୋର ଲକ୍ଷ୍ମୀର ବିପୁଳ ଭଣ୍ଡାର, ଦେଉଅଛି ଅଶନ, ବସନ ଇତ୍ୟାଦି ବାରମ୍ବାର” ସତ ମାତ୍ର ପୁଂଜିପତି, ଶିଳ୍ପପତିଙ୍କୁ ସେହି ଲକ୍ଷ୍ମୀକୁ ଦାନ କରିଦେବାର ଯୋଜନା କରୁଛନ୍ତି। ଚଳିତ ବଜେଟ୍‌ରେ ରାଜ୍ୟ ସରକାର ବର୍ଷକୁ ଚାଷୀଙ୍କ ଠାରୁ ଏକହଜାର ଏକର ଜମି ଛଡାଇ ନେବା ପାଇଁ ଯୋଜନା କରିଛନ୍ତି। ଏହା କି ପ୍ରକାରର କୃଷି ବିକାଶ ଓ କୃଷକ ସମୃଦ୍ଧି ବେଜେଟ୍ ହୋଇପାରିବ। ଯେତେବେଳେ ରାଜ୍ୟରେ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି ସେତେବେଳେ କୃଷି କ୍ଷତ୍ରରେ ବ୍ୟୟବରାଦ ବୃଦ୍ଧି କେଉଁ କାମରେ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱଭାବିକ। ଶିଳ୍ପ ପ୍ରତିଷ୍ଠା ପାଇଁ ଚାଷଜମି ଅଧିଗ୍ରହଣ ଜରୁରୀ କାହିଁକି? ରାଜ୍ୟରେ ଏପରି ଅନେକ ଜମି ରହିଛି, ଯାହା ଚାଷ ଉପଯୋଗୀ ହୋଇପାରି ନାହିଁ, ସେପରି ଜମିରେ ଶିଳ୍ପ ପ୍ରତିଷ୍ଠାରେ ଅସୁବିଧା କେଉଁଠି? ସରକାର ଜମି ବ୍ୟାଙ୍କରେ ଚାଷଜମିକୁ ନେବାର ମସୁଧା କରୁଛନ୍ତି କାହିଁକି? ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଜମିକୁ ସରକାର ପୁଂଜିପତି, ଶିଳ୍ପପତିଙ୍କ ହାତରେ ଦେବାକୁ ଚାହାନ୍ତି, କେନ୍ଦୁଝର ଓ ଅନ୍ୟ ଜିଲ୍ଲା ଯେଉଁଠାରେ ଖଣିଜ ସମ୍ପଦ ଓ ପ୍ରାକୃତିକ ସମ୍ପଦ କିଛି ରହିଛି, ତାହାକୁ ଶିଳ୍ପ ପ୍ରତିଷ୍ଠା ଆଳରେ ଶେଷ କରିଦେବା ପାଇଁ ଚାହାନ୍ତି। ସେଥିପାଇଁ ଯୋଜନା କରାଯାଉ ଥିଲାବେଳେ ବଜେଟ୍‌ରେ ବି ସେପରି ବ୍ୟବସ୍ଥା କରାଯାଉଛି, ଯାହା ଲୋକମାନଙ୍କୁ ମାୟାଜାଲରେ ପକାଇବା ପରି ହୋଇଛି। ଶିଳ୍ପରେ ରାଜ୍ୟ ସମୃଦ୍ଧ ହେବ, ଏଥିପାଇଁ କୃଷିକୁ ସରକାରୀ ଭାବେ ଅଣଦେଖା କରାଯାଉଛି। ମାତ୍ର ପ୍ରଚାର ହେଉଛି ଯେ କୃଷି ଆମର ପ୍ରାଣ, ଆମର ଲକ୍ଷ୍ମୀ, କୃଷକ ଆମର ଅନ୍ନଦାତା ଇତ୍ୟାଦି ଇତ୍ୟାଦି। କିନ୍ତୁ ସେହି ଚାଷ ଜମିକୁ ଜନତାଙ୍କ ବିରୋଧ ପରେ ମଧ ପୁଂଜିପତି ଓ ଶିଳ୍ପପତିଙ୍କ ପାଇଁ ଅଧିଗ୍ରହଣ କରାଯାଉଛି। ଏ ମାୟା ଦୂରହେବା ଦରକାର। ଦ୍ୱିତୀୟ ପ୍ରସଙ୍ଗଟି ହେଲା, ମାନ୍ୟବର ବିଧାୟକମାନଙ୍କ ହାତପାଣ୍ଠି ବା ଏମ୍‌ଏଲ୍ଏ ଲ୍ୟାଡ। ଏହାକୁ ଚଳିତ ବଜେଟ୍‌ରେ ୩ କୋଟିରୁ ପାଞ୍ଚ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି କାହିଁକି? ଯେତେବେଳେ ବିଧାୟକମାନେ ସେମାନଙ୍କର ହାତପାଣ୍ଠିକୁ ସମୟ ସୀମା ମଧ୍ୟରେ ଖର୍ଚ୍ଚ କରିପାରୁ ନାହାଁନ୍ତି ସେତେବେଳେ ବିଧାୟକ ହାତପାଣ୍ଠି ବୃଦ୍ଧି କ'ଣ ପାଇଁ, ଏହା କାହା ସ୍ୱାର୍ଥରେ କରାଯାଇଛି। ବିଧାୟକ ଓ ସାଂସଦଙ୍କ ହାତପାଣ୍ଠି ବା ଏମଏଲଏ, ଏମପି ଲ୍ୟାଡ ବନ୍ଦ କରିବାକୁ ଦାବି କରାଯାଉଛି ସେତେବେଳେ ଏହାର ଯାଞ୍ଚ ହେବାର ଆବଶ୍ୟକତା ରହିଛି। ଏହି ବିଧାୟକ ଓ ସାଂସଦଙ୍କ ହାତପାଣ୍ଠିକୁ ନେଇ ହେଉଥିବା ଅଭିଯୋଗର କିଛି ସତ୍ୟାସତ୍ୟ ଅଛି କି ନାହିଁ ତାହା ଜାଣିବା ଆବଶ୍ୟକ। ଯାଞ୍ଚ କରାନଯାଇ ବୃଦ୍ଧି କରାଯାଉଛି କାହିଁକି ବୋଲି ଲୋକେ ପ୍ରଶ୍ନ କରିବାକୁ ଆରମ୍ଭ କଲେଣି। ବିଧାୟକ ଓ ସାଂସଦଙ୍କ ହାତପାଣ୍ଠିରେ କାହାର ଉନ୍ନତି ହେଉଛି, ତାହା ଜଣାପଡ଼ିବା ଆବଶ୍ୟକ।

ତୃତୀୟ କଥାଟି ହେଉଛି ବଜେଟ୍‌ର ଛାୟା, ଅର୍ଥାତ୍ ବଜେଟର ଅସଲ ସ୍ୱରୂପ, ଏହାର ଉଦ୍ଦେଶ୍ୟ, ପଛର କାହାଣୀ ବିଷୟରେ କିଛି ଆଲୋଚନା କରାଯାଇପାରେ। ଭିତ୍ତିଭୂମି ବିକାଶରେ ସରକାର ବଜେଟ୍ ବ୍ୟୟବରାଦର ୭୩ ପ୍ରତିଶତ ଅର୍ଥ, ଅର୍ଥାତ୍ ୨ ଲକ୍ଷ ୧୧ହଜାର ୨୧୨ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ଅର୍ଥ କିପରି ଖର୍ଚ୍ଚ ହେବ ବା ଭିତ୍ତିଭୂମିର କିପରି ବିକାଶ ହେବ ତାହା ରାଜ୍ୟବାସୀ ଜାଣନ୍ତି ଓ ଆଖିରେ ଦେଖୁଛନ୍ତି। ରାଜନେତା, ସରକାରୀ କର୍ମଚାରୀ ଏବଂ ଠିକାଦାରଙ୍କର ଅସାଧୁ ମେଣ୍ଟ ରହିଛି ଯାହା ବିକାଶମୂଳକ କାମ ପାଇଁ ବିନିଯୋଗ ହେଉଥିବା ଅର୍ଥରୁ ସିଂହଭାଗ ଲୁଟି ନେଉଛନ୍ତି। ଯେତେବେଳେ ଏହି ଅସାଧୁ ମେଣ୍ଟ ରହିଛି, ସେତେବେଳେ ବିକାଶ ବାସ୍ତବରେ ହୋଇପାରୁ ନାହିଁ। ଏହାର ଅନେକ ଉଦାହରଣ ଦିଆଯାଇପାରେ। ଏଣୁ ବଜେଟ୍ ବ୍ୟୟବରାଦର ୫୦ ପ୍ରତିଶତ ଅର୍ଥ, ୧ଲକ୍ଷ ୬ହଜାର କୋଟି ଟଙ୍କା ବାଟମାରଣ ହେବା ନିଶ୍ଚିତ। ଏବଂ ଏହି ଅର୍ଥ ସିଧାସଳଖ ଦଳୀୟ ପାଣ୍ଠିରେ ସାମିଲ ହୋଇଯିବା ଅସମ୍ଭବ ନୁହେଁ। ଗରିବ ଗୁରୁବାଙ୍କୁ ଶୋଷଣ କରି, ସେମାନଙ୍କଠାରୁ ଲୁଟି କ୍ଷମତାସୀନ ଦଳ ଆପଣା ଦଳୀୟ ପାଣ୍ଠିର ଆକାର ବଢ଼ାଇବା ଓ ସେହି ଅର୍ଥକୁ ଭୋଟ ପାଇଁ ବିନିଯୋଗ କରିବାର ଯୋଜନା ରାଜ୍ୟରେ କାମ କରୁଛି। ଏ ଛାୟା କାରବାର କାହାରିକୁ ଜଣାନପଡ଼ିବା ସ୍ୱାଭାବିକ ମାତ୍ର ଏହି ଛାୟାର କାୟା ବି ଦିନକୁ ଦିନ ବଢ଼ିବାରେ ଲାଗିଛି। ବଜେଟ୍‌ର ବ୍ୟୟବରାଦରୁ ଅଧା ପଇସା ହଡପ ହୋଇଯାଉଥିବା କାରଣରୁ ପ୍ରତିବର୍ଷ କ୍ଷମତାସୀନ ଦଳ ପାଇଁ ଅଧିକ ଅର୍ଥ ଆବଶ୍ୟକତା ଦୃଷ୍ଟିରୁ ବ୍ୟୟବରାଦ ପ୍ରତିବର୍ଷ ବଢ଼ିଚାଲିଛି। ସେହିପରି ଅନ୍ୟ ଏକ କଥା ହେଲା ଯେ ରାଜ୍ୟର ଋଣ ଭାର ବୃଦ୍ଧିର ଅନ୍ୟତମ କାରଣ ହେଉଛି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ସରକାରୀ କର୍ମଚାରୀଙ୍କ ଦରମା ଓ ପେନ୍‌ସନ୍। ଏହା ଭରଣା କରିବା ପାଇଁ ସରକାର ଋଣ ଉପରେ ନିର୍ଭର କରୁଛନ୍ତି। ସେହିପରି ଏହି ମହାମହିମମାନଙ୍କର, ରାଜ କର୍ମଚାରୀମାନଙ୍କର ଜାବତୀୟ ସୁଖ ସୁବିଧା ପାଇଁ, ସେମାନଙ୍କର ବିଳାସ ବ୍ୟସନ ପାଇଁ ଯେଉଁ ଅର୍ଥ ଆବଶ୍ୟକ ହେଉଛି ତାହାକୁ ସରକାର ଅବକାରୀ ରାଜସ୍ୱରୁ ଭରଣା କରୁଛନ୍ତି। ସେମାନଙ୍କର ସୁଖସୁବିଧା, ବିଳାସିତାରେ ଯେପରି କିଛି ଊଣା ନହୁଏ ସେଥିପାଇଁ ସରକାରଙ୍କୁ ଅବକାରୀ ରାଜସ୍ୱ ବୃଦ୍ଧି କରିବାକୁ ହେଉଛି ଓ ପ୍ରତିବର୍ଷ ରାଜ୍ୟରେ ଅଧିକରୁ ଅଧିକ ମଦ ଦୋକାନ ଖୋଲାଯାଉଛି। ଏହାହିଁ ଆମ ରାଜ୍ୟ ବଜେଟର ଭିତିରି ସ୍ୱରୂପ। ବଜେଟ୍ ବ୍ୟୟବରାଦର ପଚାଶ ପ୍ରତିଶତକୁ ଠିକାଦାର ମାଧମରେ ହଡପ କରି ତାହାକୁ ଦଳୀୟ ପାଣ୍ଠିରେ ପରିଣତ କରିବା; ଦରମା, ଭତ୍ତା ଆଦି ପାଇଁ ଋଣ କରିବା ଏବଂ ମହାମହିମମାନଙ୍କର, ରାଜ କର୍ମଚାରୀମାନଙ୍କର ଜାବତୀୟ ସୁଖ ସୁବିଧା ପାଇଁ ଅବକାରୀ ରାଜସ୍ୱ ବଢ଼ାଇବା ପାଇଁ ଅଧିକ ମଦ ଦେକାନ ଖୋଲିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ବଜେଟ୍ ପଛରେ ଏପରି କିଛି ଆଭିମୁଖ୍ୟ କାମ କରୁଛି, କ୍ଷମତାସୀନ ଦଳ, ମହାମହିମ ମନ୍ତ୍ରୀ ବିଧାୟକ, ରାଜକର୍ମଚାରୀ, ଶିଳ୍ପପତି ଓ ପୁଂଜିପତି ଲାଭାନ୍ୱିତ ହେବାର ସମ୍ଭାବନା ରହିଛି, ସତେବେଳେ ଏହା ଜନକଲ୍ୟାଣକରୀ ବଜେଟ୍ ହୋଇପାରିବ କିପରି?

**ଟ୍ରଷ୍ଟି, ସର୍ବ ସେବା ସଂଘ,**
**ଅରୁଣଦୋୟ ନଗର, କଟକ-୧୨**

# ୪୦ ପରେ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା



**ଡାକ୍ତର ଶୁଭଶ୍ରୀ ମିଶ୍ର**

୪୦ରୁ ଜୀବନ ଆରମ୍ଭ। ତେବେ ମହିଳାଙ୍କ କ୍ଷେତ୍ରରେ ୪୦ ବର୍ଷ ପରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ଏହି ସମୟରେ ସେମାନେ ନିଜର ସ୍ୱାସ୍ଥ୍ୟକୁ ନେଇ ଯତ୍ନବାନ ହେବା ଆବଶ୍ୟକ।

**ହୃଦଘାତ:** ଏହି ବୟସରେ ମହିଳାଙ୍କୁ ଅଧିକ ହୃଦଘାତ ହେବା ଆଶଙ୍କା ଥାଏ। ଖରାପ ଜୀବନ ଶୈଳୀ, ବ୍ୟାୟାମ ନ କରିବା ତଥା ଓଜନ ବୃଦ୍ଧି ଯୋଗୁଁ ହୃଦଘାତ ହେବା ଆଶଙ୍କା ଅଧିକ ବଢ଼ିଯାଏ। ଏଥିପାଇଁ ମହିଳାଙ୍କୁ ସନ୍ତୁଳିତ ଖାଦ୍ୟ ଖାଇବା ସହିତ ନିୟମିତ ବ୍ୟାୟାମ ଉପରେ ଧ୍ୟାନ ଦେବାକୁ ପଡ଼ିବ।

**ଭିଟାମିନ ଅଭାବ:** ଭିଟାମିନର ଅଭାବ ଯେ କୌଣସି ବୟସରେ ଦେଖାଦେଇପାରେ। ତେବେ ମହିଳାଙ୍କ କ୍ଷେତ୍ରରେ ଏହା ୪୦ ବର୍ଷ ବୟସରେ ପରେ ସାଧାରଣତଃ ଦେଖାଦେଇଥାଏ। ଭିଟାମିନ ଅଭାବ ଯୋଗୁଁ ଓଜନ କମିବା, ସ୍ମରଣଶକ୍ତି ହ୍ରାସ ପାଇବା, ଋତୁସ୍ରାବରେ ଅନିୟମିତତା ଆଦି ସମସ୍ୟା ଦେଖାଦେଇଥାଏ।

**ସ୍ତନ କର୍କଟ:** ୩୦ରୁ ୪୦ ବର୍ଷ ବୟସ ମଧ୍ୟରେ ମହିଳାଙ୍କୁ ସ୍ତନ କର୍କଟ ହେବା ସମ୍ଭାବନା ଅଧିକ ଥାଏ। ତେବେ ଏହି ମାରାତ୍ମକ ରୋଗରୁ ନିଜକୁ ରକ୍ଷା କରିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ଜୀବନ ଶୈଳୀ ଉପରେ ଧ୍ୟାନ ଦେବାକୁ ପଡ଼ିବ। ପ୍ରାଥମିକ ଅବସ୍ଥାରୁ ଯଦି ଠିକ ଭାବେ ଚିକିତ୍ସା କରାଯାଏ ସ୍ତନକର୍କଟ ଦୂର କରାଯାଇପାରିବ।

**ଆକସ୍ମିକ ଗର୍ଭଧାରଣ:** ୪୦ ବର୍ଷ ବୟସରେ ମହିଳାମାନେ ଗର୍ଭଧାରଣ କରିପାରିବେ। କିନ୍ତୁ ଅନେକଙ୍କ ଧାରଣା ଥାଏ ଯେ, ୪୦ ବର୍ଷ ବୟସ ହୋଇଗଲେ ଜନ୍ମ ନିୟନ୍ତ୍ରଣ ଆବଶ୍ୟକ ନଥାଏ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ମହିଳାମାନେ ଯେ କୌଣସି ବୟସରେ ଗର୍ଭଧାରଣ କରିପାରିବେ। ଯଦିଓ ୪୦ରୁ ଊର୍ଦ୍ଧ୍ୱ ବୟସ ମହିଳାମାନେ ଗର୍ଭଧାରଣ କରିବା ଆଦୌ ପରାମର୍ଶଦାୟକ ନୁହେଁ।

**ମଧୁମେହ:** ୪୦ ବର୍ଷ ବୟସ ଛୁଇଁବା ପୂର୍ବରୁ ମହିଳାମାନେ ମଧୁମେହ ପରୀକ୍ଷା କରାଇନେବା ଉଚିତ। ନିୟମିତ ଯୋଗ, ବ୍ୟାୟାମ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ।

**ଅନିୟମିତ ଋତୁସ୍ରାବ:** ଅନିୟମିତ ଋତୁସ୍ରାବ ମହିଳାଙ୍କ ଏକ ପ୍ରମୁଖ ସମସ୍ୟା। ୪୦ ବର୍ଷ ବୟସ ପରେ ପ୍ରାୟ ଅଧିକାଂଶ ମହିଳାଙ୍କ ଠାରେ ଏହି ସମସ୍ୟା ଦେଖାଦେଇଥାଏ। ଏହାଦ୍ୱାରା ମହିଳାମାନେ ହୃଦଘାତ ଆଣ୍ଠୁଗଣ୍ଠି ବ୍ୟଥା ଓ ମଧୁମେହ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଯଦି ମାସିକ ଋତୁସ୍ରାବରେ ଅନିୟମିତତା ଦେଖାଦିଏ, ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ**

# ଦିଲ୍ଲୀ ଅବକାରୀ ନୀତି ଯୋଗୁଁ ୨୦୦୦ କୋଟି କ୍ଷତି: ସିଏଜି

**ନୂଆଦିଲ୍ଲୀ, ୨୫।୨:** ଦିଲ୍ଲୀ ବିଧାନସଭାରେ ଆଗତ ସିଏଜି ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ତତକାଳୀନ କେଜ୍ରିୱାଲ ସରକାର ଆଣିଥିବା ଅବକାରୀ ନୀତି ଯୋଗୁଁ ଦିଲ୍ଲୀ ସରକାରଙ୍କ ପ୍ରାୟ ୨ ହଜାର କୋଟି ଟଙ୍କା କ୍ଷତି ହୋଇଥିଲା। ବିଧାନସଭାରେ ଉପସ୍ଥାପିତ ରିପୋର୍ଟ ଅନୁଯାୟୀ, ୨୦୨୧-୨୦୨୨ ର ଆଇନ ଯୋଗୁଁ ଦିଲ୍ଲୀ ସରକାର ୨ ହଜାର କୋଟିରୁ ଅଧିକ କ୍ଷତି ସହିଛନ୍ତି। ଏହି ଦୁର୍ନୀତି ଯୋଗୁଁ ହିଁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏହି ଅବକାରୀ ନୀତି କାର୍ଯ୍ୟକାରୀ କରିବାରେ ହୋଇଥିବା ଦୁର୍ନୀତିକୁ ନେଇ ତିହାର ଜେଲରେ ମାସ ମାସ ବିତାଇଛନ୍ତି। ବିଧାନସଭାରେ ଉପସ୍ଥାପିତ ରିପୋର୍ଟ ଅନୁଯାୟୀ, ୨୦୨୧-୨୦୨୨ ର ଆଇନ ଯୋଗୁଁ ଦିଲ୍ଲୀ ସରକାର ୨ ହଜାର କୋଟିରୁ ଅଧିକ



କ୍ଷତି ସହିଛନ୍ତି। ଏହି ଦୁର୍ନୀତି ଯୋଗୁଁ ହିଁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏହି ଅବକାରୀ ନୀତି କାର୍ଯ୍ୟକାରୀ କରିବାରେ ହୋଇଥିବା ଦୁର୍ନୀତିକୁ ନେଇ ତିହାର ଜେଲରେ ମାସ ମାସ ବିତାଇଛନ୍ତି। ଆମ୍ ଆଦମୀ ପାର୍ଟି ସରକାରକୁ ନେଇ ଦିଲ୍ଲୀ ବିଧାନସଭାରେ ମୋଟ ୧୪ଟି ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି। ଏହା ସେହି ରିପୋର୍ଟ ମଧ୍ୟରୁ ଗୋଟିଏ ଥିଲା। ଲାଇସେନ୍ସ ପ୍ରଦାନ ବେଳେ ପ୍ରଚଳିତ ପ୍ରକ୍ରିୟାର ଉଲ୍ଲଂଘନ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହାବ୍ୟତୀତ ମଦ ନୀତିରେ ପରିବର୍ତ୍ତନ ପାଇଁ ଗଠିତ ବିଶେଷଜ୍ଞ କମିଟିର ସୁପାରିସକୁ ମଧ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ତଥା ଅବକାରୀ ମନ୍ତ୍ରୀ ମନୀଷ ସିସୋଦିଆ ଅଣଦେଖା କରିଥିଲେ। ରିପୋର୍ଟରେ ସରକାରୀ ରାଜକୋଷକୁ ୯୪୧.୫୩ କୋଟି ଟଙ୍କାର ରାଜସ୍ୱ କ୍ଷତି, ଲାଇସେନ୍ସ ଫି'ରେ ପ୍ରାୟ ୮୯୦.୧୫ କୋଟି ଟଙ୍କା କ୍ଷତି ଏବଂ ଅନ୍ୟ କେତେକ ରିହାତି ଯୋଗୁଁ ୧୪୪ କୋଟି ଟଙ୍କାର ଅଭାବ ଥିବା ଦର୍ଶାଯାଇଛି। ଏହିପରିଭାବେ ରାଜ୍ୟର ପ୍ରାୟ ୨ ହଜାର କୋଟି କ୍ଷତି ହୋଇଥିଲା ବୋଲି ରିପୋର୍ଟ କହିଛି।

## ପାକିସ୍ତାନରେ ତ୍ରିରଙ୍ଗା ଉଡ଼ାଇ ଯୁବକ ଗିରଫ

**ଲାହୋର, ୨୫।୨:** ପାକିସ୍ତାନ ଏବେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରୁଛି। ପାକିସ୍ତାନର ଲାହୋର, କରାଚି ଓ ରାୱଲପିଣ୍ଡି ଭଳି ତିନୋଟି ଷ୍ଟାଡିୟମରେ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ୍ ଖେଳାଯାଉଛି। ନିକଟରେ ଲାହୋରରେ ଏକ ମ୍ୟାଚ୍ ବେଳେ ଜଣେ ଯୁବକ ଭାରତୀୟ ଜାତୀୟ ପତାକା ଉଡ଼ାଇ ଗିରଫ ହୋଇଛି। ସୁରକ୍ଷାକର୍ମୀମାନେ ତାଙ୍କୁ ଦେଖିବା ମାତ୍ରେ ତାଙ୍କ ପାଖକୁ ଆସି ତ୍ରିରଙ୍ଗା ଜବତ କରିଥିଲେ। ଖାଲି ସେତିକି ନୁହେଁ, ଯୁବକଙ୍କୁ କଲର ଧରି ଷ୍ଟାଡିୟମରୁ ବାହାରକୁ ନିଆଯାଇଥିଲା। ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ସୁରକ୍ଷାକର୍ମୀମାନେ ତାଙ୍କୁ ଦେଖିବା ମାତ୍ରେ ତାଙ୍କ ପାଖକୁ ଆସି ତ୍ରିରଙ୍ଗା ଜବତ କରିଥିଲେ। ଖାଲି ସେତିକି ନୁହେଁ, ଯୁବକଙ୍କୁ କଲର ଧରି ଷ୍ଟାଡିୟମରୁ ବାହାରକୁ ନିଆଯାଇଥିଲା। ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ସୋସିଆଲ ମିଡିଆରେ ଏସଂପର୍କିତ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ଯୁବକ ଷ୍ଟାଡିୟମରେ ଭାରତୀୟ ପତାକା ଧରିଥିବା ଦେଖିବାକୁ ମିଳୁଛି। ଏହି ଭିଡିଓଟି ଲାହୋରର ଗଦାଫି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ବୋଲି ଜଣାପଡିଛି। ଏହି ସମୟରେ ଜଣେ ଯୁବକ ଭାରତୀୟ ପତାକା ହଲାଉଥିବା ଦେଖିବାକୁ ମିଳିଥିଲା। ସୁରକ୍ଷା କର୍ମୀମାନେ ଯୁବକଙ୍କ ପାଖକୁ ଯାଇ ତାଙ୍କ କଲର ଧରି ତାଙ୍କୁ ସିଟ୍‌ରୁ ଉଠାଇ ନେଇଥିଲେ। ଏହାପରେ ସେମାନେ ତାଙ୍କ ପୋଷାକକୁ ଧରି ବାହରକୁ ଟାଣି ନେଇ ଯାଇଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଆଉ ଦୁଇ ଦିନ ବଢ଼ିଲା ଦିଲ୍ଲୀ ବିଧାନସଭା ଅଧିବେଶନର ଅବଧି

**ନୂଆଦିଲ୍ଲୀ, ୨୫।୨:** ୨୦୧୭-୧୮ ପରେ ପ୍ରଥମ ଥର ପାଇଁ ଦିଲ୍ଲୀ ବିଧାନସଭାରେ ସିଏଜି ରିପୋର୍ଟ ଆଗତ ହୋଇଛି। ଦିଲ୍ଲୀର ବିଜେପି ସରକାର ଏହି ରିପୋର୍ଟ ଆଗତ କରିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ବିଧାନସଭା ଅଧିବେଶନର ଅବଧିକୁ ଆଉ ଦୁଇ ଦିନ ପାଇଁ ବଢାଇ ଦିଆଯାଇଛି। ଏବେ ଅଧିବେଶନ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ। ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା କହିଛନ୍ତି, ୨୦୧୭-୧୮ ପରେ ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇନଥିବାରୁ ଆଶ୍ଚର୍ଯ୍ୟ ଲାଗୁଛି। ଏ ସଂକ୍ରାନ୍ତରେ ତତ୍କାଳୀନ ବିରୋଧୀ ଦଳ ନେତା, ମୁଁ ଏବଂ ଅନ୍ୟ ୫ ଜଣ ବିରୋଧୀ ଦଳ ନେତା ରାଷ୍ଟ୍ରପତି, ବାଚସ୍ପତି, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଏକ ରିପୋର୍ଟ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲୁ। ରାଜ୍ୟର ଆର୍ଥିକ ସ୍ଥିତି ଜାଣିବା ପାଇଁ ଏହା ଅତ୍ୟନ୍ତ ଜରୁରୀ ଥିଲା। ଦୁର୍ଭାଗ୍ୟବଶତଃ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇନଥିଲା ଏବଂ ପୂର୍ବ ସରକାର ସମ୍ବିଧାନର ଉଲ୍ଲଂଘନ କରିଥିଲେ। ଆଜି ମଧ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ବାଚସ୍ପତି ଆମ ଆଦମି ପାର୍ଟିର ୨୧ ବିଧାୟକଙ୍କୁ ୩ ଦିନ ପାଇଁ ନିଲମ୍ବିତ କରିଛନ୍ତି। ଆପ ବିଧାୟକ ଅମାନାତୁଲ୍ଲା ଖାଁ ଅନୁପସ୍ଥିତ ଥିବାରୁ ତାଙ୍କୁ ନିଲମ୍ବନ କରାଯାଇ ନାହିଁ।

## କାର ଧକ୍କାରେ ରାସ୍ତାରେ ଚାଲିଗଲା ମହିଳାଙ୍କ ଜୀବନ

**ବେଙ୍ଗାଲୁରୁ, ୨୫।୨:** କର୍ଣ୍ଣାଟକର ଚିତ୍ରଦୁର୍ଗରେ ଏକ ଏକ୍ସପ୍ରେସୱେ ପାର୍ ହେବା ସମୟରେ ଏକ ଦ୍ରୁତଗାମୀ କାର ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଯାହାର ସିସିଟିଭି ଫୁଟେଜ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସିସିଟିଭି ଫୁଟେଜରେ ମହିଳା ଜଣଙ୍କୁ ଗାଡ଼ିଟି ପିଟିଦେବା ପରେ ପଳାଇ ଯାଉଛି ଓ ମହିଳା ଜଣକ ରାସ୍ତାରେ ଝିଟିକି ପଡୁଥିବାର ଦେଖିବାକୁ ମିଳିଛି। ତାଙ୍କ ମୁଣ୍ଡରେ ଆଘାତ ଲାଗି ଘଟଣାସ୍ଥଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣାଟି ଗତ ରବିବାରର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ୩୦ ସେକେଣ୍ଡର ସିସିଟିଭି କ୍ଲିପରେ ପୀଡିତାଙ୍କୁ ଅନ୍ୟ ଜଣେ ମହିଳା ଏବଂ ଦୁଇଟି ପିଲାଙ୍କ ସହିତ ରାତିରେ ଏକ୍ସପ୍ରେସୱେ ପାର ହେବାକୁ ଚେଷ୍ଟା କରୁଥିବାର ଦେଖାଯାଇଥିଲା। ମହିଳା ଜଣକ ଡିଭାଇଡର୍ ଠାରୁ ଦ୍ୱିତୀୟ ଲେନରେ ପହଞ୍ଚିବା ସମୟରେ କାରଟି ତାଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇ ଯାଇଥିଲା। ଧକ୍କାରେ ମହିଳା ଜଣକ ପବନରେ ଛିଟିକି ପଡ଼ି ଦୂରରେ ତଳେ ପଡ଼ିଯାଇଥିଲେ ଏବଂ ତାଙ୍କ ପଛେ ପଛେ ଯାଉଥିବା ଅନ୍ୟ ମହିଳା ଏବଂ ପିଲାମାନେ ଅଳ୍ପକେ ମୃତ୍ୟୁରୁ ବର୍ତ୍ତି ଯାଇଥିଲେ। ଭିଡିଓରେ ତାଙ୍କ ନିକଟକୁ ଅନ୍ୟ ବ୍ୟକ୍ତି ଦୌଡ଼ି ଆସୁଥିବା ଦେଖାଯାଇଥିଲା। ଏହି ଘଟଣାକୁ ନେଇ ଏକ ପୁଲିସ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି। କାର ଏବଂ ଡ୍ରାଇଭରଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ କରାଯାଉଛି।

## ଚଳିତ ସପ୍ତାହରେ ମୁମ୍ବାଇ, ଥାନେରେ ୩୮ ଡିଗ୍ରୀ ତାପମାତ୍ରା ଆଶଙ୍କା

### ଜାରି ହେଲା ହିଟ୍‌ୱେଭ୍ ଆର୍ଲଟ

**ନୂଆଦିଲ୍ଲୀ, ୨୫।୨:** ମାର୍ଚ୍ଚ ମାସ ଆରମ୍ଭ ନହେଉଣୁ ଦେଶରେ ଅନୁଭୂତ ହେଲାଣି ଅସହ୍ୟ ତାତି। ବର୍ଦ୍ଧିତ ତାପମାତ୍ରାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମଙ୍ଗଳବାର ଏବଂ ବୁଧବାର ମୁମ୍ବାଇ, ଥାନେ ଏବଂ ମହାରାଷ୍ଟ୍ରର କୋଙ୍କଣ ଅଞ୍ଚଳର ଅନ୍ୟାନ୍ୟ ପଡ଼ୋଶୀ ଜିଲ୍ଲା ପାଇଁ ହିଟ୍‌ୱେଭ୍ ଆର୍ଲଟ ଜାରି କରିଛି। ଭାରତ ପାଣିପାଗ ବିଭାଗ (ଆଇଏମଡି) ବୈଜ୍ଞାନିକ ସୁଷମା ନାୟାର ମଙ୍ଗଳବାର କହିଛନ୍ତି ଯେ ଆଗାମୀ ଦୁଇ ଦିନ ପାଇଁ ତାପମାତ୍ରା ୩୭ ରୁ ୩୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ଅଛି। ଫେବୃଆରି ୨୫ ଏବଂ ୨୬ ତାରିଖରେ ମୁମ୍ବାଇ, ଥାନେ, ରାୟଗଡ଼ ଏବଂ ରତ୍ନଗିରି ପାଇଁ ହିଟ୍‌ୱେଭ୍ ଆଲର୍ଟ ଜାରି କରାଯାଇଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

## ସୁଡ଼ଙ୍ଗରେ ପଙ୍କ ଜମି ଯାଉଥିବାରୁ କଷ୍ଟ ହେଉଛି ଉଦ୍ଧାର କାର୍ଯ୍ୟ

**ହାଇଦ୍ରାବାଦ, ୨୫।୨:** ତେଲେଙ୍ଗାନାର ନଗର କୁର୍ଣ୍ଣୁଲ ଜିଲ୍ଲାରେ ଏକ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବା କାରଣରୁ ଗତ ୭୨ ଘଣ୍ଟା ହେଲା ସେଠାରେ ଫସି ରହିଛନ୍ତି ୮ ଜଣ ଶ୍ରମିକ। ଆଠ ଜଣଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଦୁର୍ଘଟଣାସ୍ଥଳରେ ପଙ୍କ ଏବଂ କାଦୁଅ ପରିମାଣ ଅତ୍ୟଧିକ ଥିବାରୁ ବିଶେଷଜ୍ଞମାନେ ଅସ୍ଥାୟୀ ଭାବରେ ଖନନ ବନ୍ଦ କରିଛନ୍ତି। ଗତକାଲି ସୁଡ଼ଙ୍ଗ ଭିତରକୁ ଯାଇଥିବା ବିଶେଷଜ୍ଞ ଦଳ କହିଛନ୍ତି ଯେ ପଙ୍କର ପରସ୍ତ ବର୍ତ୍ତମାନ ପ୍ରାୟ ଏକ ମିଟର ବୃଦ୍ଧି ପାଇଛି। ସେମାନେ ଚିନ୍ତା କରୁଛନ୍ତି ଯେ ଯଦି ଖନନ କରାଯାଏ ତେବେ ସମସ୍ୟା ହୋଇପାରେ। ଯାହାକି ଫସି ରହିଥିବା ଶ୍ରମିକଙ୍କୁ ଆହୁରି ବିପଦରେ ପକାଇପାରେ। କେବଳ ଶ୍ରମିକ ନୁହେଁ, ବରଂ ଉଦ୍ଧାରକାରୀ ଦଳଙ୍କ ଜୀବନକୁ ବି ବିପଦ ରହିଛି। ଅଷ୍ଟ୍ରେଲିଆର ଜଣେ ସୁଡ଼ଙ୍ଗ ବିଶେଷଜ୍ଞ କ୍ରିସ୍ କୁପର ସୋମବାର କହିଛନ୍ତି ଯେ ସମଗ୍ର ଅଞ୍ଚଳ ଅସ୍ଥିର ଦେଖାଯାଉଛି ଏବଂ ଭାରୀ ଖନନ ଜାରି ରଖିବା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ପ୍ରତି ମିନିଟରେ ପ୍ରାୟ ୩,୨୦୦ ଲିଟର ପାଣି ମଧ ସୁଡ଼ଙ୍ଗରେ ବନ୍ୟା ହେଉଛି। ଯାହା ବିପୁଳ ପରିମାଣର ବାଲି, ପଥର ଏବଂ ଭଗ୍ନାବଶେଷ ସହିତ ମିଶି ଅଧିକ କାଦୁଅ ସୃଷ୍ଟି କରୁଛି। ତଥାପି, ଏହା ଚିନ୍ତାର କାରଣ ନୁହେଁ କାରଣ ସୁଡ଼ଙ୍ଗକୁ ପାଣିମୁକ୍ତ କରାଯାଉଛି।

### ଦିଲ୍ଲୀ ଶିଖ୍ ଦଙ୍ଗା ମାମଲା

## ସଜ୍ଜନ କୁମାରଙ୍କୁ ଆଜୀବନ କାରାଦଣ୍ଡ



**ନୂଆଦିଲ୍ଲୀ, ୨୫।୨:** ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ମିଳିଲା ଆଜୀବନ କାରାଦଣ୍ଡ। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ। ଫେବୃଆରୀ ୧୨ ତାରଖରେ ସଜ୍ଜନ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ଆଜି ଦଣ୍ଡାଦେଶ ହୋଇଛି। ୧୯୮୪ ଶିଖ ବିରୋଧୀ ଦଙ୍ଗା ସହିତ ଜଡିତ ସରସ୍ୱତୀ ବିହାର ହତ୍ୟା ମାମଲାରେ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତେବେ ଦଣ୍ଡାଦେଶ ପୂର୍ବରୁ ସଜ୍ଜନ କୁମାର ଦଣ୍ଡ କୋହଳ କରିବା ପାଇଁ ଅପିଲ୍ କରିଥିଲେ। ସେ ଦଲିଲରେ କହିଥିଲେ ଏହି ମାମଲାରେ ମୋତେ ଫାଶୀ ଦଣ୍ଡାଦେଶ ଶୁଣାଇବାର କୌଣସି ଆଧାର ନାହିଁ।

ସେ ଆହୁରି କହିଥିଲେ, ମୁଁ ୮୦ ବର୍ଷର ହୋଇଛି। ବଢୁଥିବା ବୟସ ସହିତ ଅନେକ ରୋଗ ସମସ୍ୟା ମଧ ରହିଛି। ୨୦୧୮ରୁ ଜେଲରେ ବନ୍ଦ ରହିଛି। ସେବେଠାରୁ ମୋତେ କୌଣସି ପାରୋଲ ମିଳିନାହିଁ। ସୂଚନାଯୋଗ୍ୟ, ନଭେମ୍ବର ୧ ତାରିଖ ୧୯୮୪ ମସିହାରେ ପଶ୍ଚିମ ଦିଲ୍ଲୀର ରାଜନଗର ଅଞ୍ଚଳରେ ସର୍ଦ୍ଦାର ଜଶୱନ୍ତ ସିଂହ ଏବଂ ସର୍ଦ୍ଦାର ତରୁଣଦୀପ ସିଂହଙ୍କୁ ହତ୍ୟା କରାଯାଇଥିଲା। ଅପରାହ୍ନ ପ୍ରାୟ ୪ଟାରୁ ୪ଟା ୩୦ ମଧ୍ୟରେ, ଦଙ୍ଗାକାରୀଙ୍କ ଏକ ଦଳ ଲୁହା ରଡ୍ ଏବଂ ବାଡ଼ି ସାହାଯ୍ୟରେ ପୀଡିତଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏହି ଭିଡ଼ର ନେତୃତ୍ୱ ନେଇଥିଲେ ତତ୍କାଳୀନ କଂଗ୍ରେସ ସାଂସଦ ସଜ୍ଜନ କୁମାର, ଯିଏ ସେତେବେଳେ ବାହାରୀ ଦିଲ୍ଲୀ ଲୋକସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ସଜ୍ଜନ କୁମାର ଆକ୍ରମଣ ପାଇଁ ଭିଡ଼କୁ ଉସୁକାଇଥିଲେ, ଯାହା ପରେ ଉଭୟ ଶିଖଙ୍କୁ ସେମାନଙ୍କ ଘରେ ଜୀବନ୍ତ ଜାଳି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ଉତ୍ୟକ୍ତ ଲୋକେ ଘର ଭଙ୍ଗାରୁଜା, ଲୁଟପାଟ ଏବଂ ନିଆଁ ଲଗାଇ ଦେଇଥିଲେ।

## ଦିଲ୍ଲୀ ପରେ ବିଜେପିର ବିହାର ଦଖଲ ଯୋଜନା

### ନିର୍ବାଚନ ଆଗରୁ ନଡ୍ଡା-ନୀତୀଶ ଭେଟଘାଟ



**ପାଟନା, ୨୫।୨:** ବିହାର ନିର୍ବାଚନକୁ ନେଇ ଜୋରଦାର ଚର୍ଚ୍ଚା। ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହୋଇନି କି ଏନେଇ କୌଣସି ଦଳ ପକ୍ଷରୁ ପ୍ରଚାର ବି ଆରମ୍ଭ ହୋଇନି। ହେଲେ ଏବେଠୁ ସରଗରମ ହେଲାଣି ରାଜନୀତି। ଗତ ୨ ମାସ ହେଲାଣି ଚର୍ଚ୍ଚା ହେଉଛି କି, ନୀତୀଶ କୁମାର ଏନଡିଏ ମେଣ୍ଟ ଛାଡ଼ି ଇଣ୍ଡି ମେଣ୍ଟରେ ଯୋଗ ଦେବେ। ବିଧାନସଭା ନିର୍ବାଚନ ଲଢ଼ିବେ। ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା ଯେତେବେଳେ ଦିଲ୍ଲୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ସମୟରେ ନୀତିଶ ଦିଲ୍ଲୀ ଯାଇଥିଲେ ହେଲେ ବିଜେପି ନେତାଙ୍କ ସହ ଆଦୌ କଥା ହୋଇନଥିଲେ କିନ୍ତୁ କଂଗ୍ରେସ ନେତାଙ୍କ ସହ ଆଲୋଚନା କରିଥିଲେ। ଏହାରି ଭିତରେ ଗୃହମନ୍ତ୍ରୀ ଅମିତ୍ ଶାହ ବିହାର ଗସ୍ତରେ ଯାଇଥିଲେ। ଏବେ କିନ୍ତୁ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ନୀତୀଶ ଭେଟିବା ପରେ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ଯେତିକି ଯେତିକି ପାଖେଇ ଆସୁଛି, ବିହାର ରାଜନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗତକାଲି ଖୋଦ ପିଏମ ମଧ ବିହାର ଗସ୍ତରେ ଯାଇ ସେଠାରୁ ପୁରା ଦେଶକୁ ପିଏମ କିଷାନର ୧୯ ତମ କିସ୍ତି ପଠାଇଥିଲେ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା କି ମୋଦୀଙ୍କ ଫୋକସରେ ବିହାର। ଆଉ ଆଜି ପୁଣି ଥରେ କେନ୍ଦ୍ରମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ବିହାର ଗସ୍ତରେ ଅଛନ୍ତି। ଗସ୍ତ ସମୟରେ ନେତା ଓ କର୍ମୀଙ୍କୁ ଭେଟିଛନ୍ତି। ଖାଲି ଏତିକି ନୁହେଁ ବରଂ କେମିତି ଆଗାମୀ ଦିନରେ ବିହାରରେ ବିଜେପି କ୍ଷମତାକୁ ଆସିବେ ସେନେଇ ପ୍ଲାନ ବି କରିଥିବା କୁହାଯାଉଛି। ନଡ୍ଡାଙ୍କ ବିହାର ଗସ୍ତ ସମୟରେ ହଠାତ୍ ତାଙ୍କୁ ଭେଟିବାକୁ ପହଞ୍ଚିଥିଲେ ନୀତୀଶ କୁମାର। କେବଳ ନୀତୀଶ କୁମାର ନୁହେଁ ବରଂ ତାଙ୍କ ସହ ମନ୍ତ୍ରୀମାନେ ମଧ ନଡ୍ଡାଙ୍କ ସହ ସାକ୍ଷାତ କରିଛନ୍ତି। ବନ୍ଦ ଘରେ ହୋଇଥିବା ବୈଠକରେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆଉ ଏହି ଆଲୋଚନା ବଡ଼ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କାରଣ ନିର୍ବାଚନକୁ ହାତରେ କମ୍ ସମୟ ଥିବା ବେଳେ ମୋଦୀ ଓ ନଡ୍ଡା ନୀତୀଶଙ୍କୁ କି ପ୍ରକାର ରାଜନୈତିକ ଟ୍ୟୁସନ କଲେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବୈଠକରେ ଗୋଟିଏ ସୋଫା ଉପରେ ଦୁଇ ନେତା ଏକା ସାଙ୍ଗରେ ବସିଥିଲେ। ତେଣୁ କୁହାଯାଇପାରେ ଉଭୟ ଏହା ବାର୍ତ୍ତା ଦେବାକୁ ଚାହୁଁଥିଲେ କି, ଆମ ଭିତରେ ସବୁକିଛି ଠିକ୍‌ଠାକ୍ ଚାଲିଛି।

ସୂତ୍ର ଅନୁସାରେ, ବିହାରରେ ଆଗୁଆ ନିର୍ବାଚନ ହେବା ନେଇ ନୀତୀଶ ସରକାର ପ୍ରସ୍ତୁତ ହେଉଛନ୍ତି। କାରଣ ହରିୟାଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ହୋଇଥିବା ନିର୍ବାଚନରେ ବିଜେପିକୁ ସଫଳତା ମିଳିବା ସହିତ ବଜେଟରେ ବିହାରକୁ ଫୋକସରେ ରଖିଥିଲେ କେନ୍ଦ୍ର ସରକାର। ଖାଲି ଏତିକି ନୁହେଁ ମୋଦୀଙ୍କ ଗସ୍ତ ବେଳେ ଅନେକ ଘୋଷଣା ବି ହୋଇଥିଲା। ତେଣୁ ଆଗୁଆ ନିର୍ବାଚନ କଲେ ବିଜେପି ସପକ୍ଷରେ ନିର୍ବାଚନ ଯିବ ବୋଲି କୁହାଯାଉଛି। ବୋଧହୁଏ ସେଇଥି ଲାଗି ଆଗୁଆ ନିର୍ବାଚନ ଲାଗି ପାଗ ଭିଡ଼ା ଯାଉଥିବା କୁହାଯାଉଛି। ଅବଶ୍ୟ ଏନେଇ ବିହାର ସରକାର କୌଣସି ପ୍ରତିକ୍ରିୟା ରଖିନାହାନ୍ତି, ହେଲେ ଚର୍ଚ୍ଚା କିନ୍ତୁ ବଢୁଛି।

## ୪୬ ବର୍ଷ ପରେ ଖୋଲିଲା ଶିବ ମନ୍ଦିର

**ଲକ୍ଷ୍ନୌ, ୨୫।୨:** ଉତ୍ତରପ୍ରଦେଶର ସମ୍ଭଲରେ ୪୬ ବର୍ଷ ଧରି ବନ୍ଦ ଥିବା ଶିବ ମନ୍ଦିର ଖୋଲାଯାଇଛି। ହିନ୍ଦୁ ସଂଗଠନର ଲୋକମାନେ ମନ୍ଦିରରେ ଜଳାଭିଷେକ କରିଛନ୍ତି। ଏହି ଶିବ ମନ୍ଦିରରେ ଦୀର୍ଘ ୪୬ ବର୍ଷ ଧରି ଜଳାଭିଷେକ କରାଯାଇନଥିଲା। ମନ୍ଦିର ବନ୍ଦ ଥିବାରୁ ଲୋକମାନେ ପୂଜା ମଧ କରିପାରୁନଥିଲେ। ହିନ୍ଦୁ ସଂଗଠନର ଲୋକମାନେ କହିଛନ୍ତି ଯେ ମହାଶିବରାତ୍ରିରେ ମନ୍ଦିରରେ ଜଳାଭିଷେକ କରିବା ପାଇଁ ବହୁ ସଂଖ୍ୟକ ଲୋକ ଦୂରଦୂରାନ୍ତ ଆସିବେ। ସମ୍ଭଲର ଖଗ୍ଗୁସରାଇର ପ୍ରାଚୀନ କାର୍ତ୍ତିକ ଶିବ ମନ୍ଦିର ୪୬ ବର୍ଷ ଧରି ବନ୍ଦ ଥିଲା କିନ୍ତୁ ଏବେ ଏହାକୁ ଖୋଲାଯାଇଛି। ଗତ ୪୬ ବର୍ଷ ଧରି ମନ୍ଦିରରେ ଅବସ୍ଥିତ ଭୋଲେନାଥଙ୍କ ଶିବଲିଙ୍ଗକୁ ଜଳ ଅର୍ପଣ କରାଯାଉନଥିଲା, କିନ୍ତୁ ଏଥର ମହାଶିବରାତ୍ରିରେ ବହୁ ସଂଖ୍ୟକ ଭକ୍ତ ଖଗ୍ଗୁସରାଇର ଏହି ମନ୍ଦିରକୁ ଆସି ଜଳ ଅର୍ପଣ କରିବେ ବୋଲି ଆଶା କରାଯାଉଛି। ମନ୍ଦିରକୁ ଗେରୁଆ ରଙ୍ଗରେ ସଜାଇ ଦିଆଯାଇଛି।

**ଆଜି କରାଯିବ ରୁଦ୍ରାଭିଷେକ**

ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଚାରିଆଡ଼େ ଧଳା ଚୂନ ଲଗାଯାଇଛି। ପ୍ରଶାସନ ପକ୍ଷରୁ ପୁଲିସ କର୍ମଚାରୀଙ୍କୁ ମଧ ନିୟୋଜିତ କରାଯାଇଛି। ହିନ୍ଦୁ ଶ୍ରଦ୍ଧାଳୁମାନେ କହିଛନ୍ତି ଯେ ପୁଲିସ ଦ୍ୱାରା ଭଲ ସୁରକ୍ଷା ବ୍ୟବସ୍ଥା କରାଯାଇଛି ଏବଂ ସିସିଟିଭି ମଧ ଲଗାଯାଇଛି। ଆଖପାଖ ହିନ୍ଦୁ ଶ୍ରଦ୍ଧାଳୁମାନେ କୁହନ୍ତି ଯେ ପୂର୍ବରୁ ସେମାନେ ବିଭିନ୍ନ ଶିବ ମନ୍ଦିରକୁ ପୂଜା କରିବାକୁ ଯାଉଥିଲେ, କିନ୍ତୁ ଏଥର ମହାଶିବରାତ୍ରିରେ ଦୂରଦୂରାନ୍ତରୁ ଲୋକେ ନିଜ ପରିବାର ସହିତ ଏହି ମନ୍ଦିରକୁ ଜଳାଭିଷେକ କରିବାକୁ ଆସିବେ।

୪୬ ବର୍ଷ ଧରି ବନ୍ଦ ଥିବା ଖଗ୍ଗୁସରାଇ ମନ୍ଦିର ଏବେ ଖୋଲାଯାଇଛି। ବହୁ ବର୍ଷ ପରେ ପ୍ରଥମ ଥର ପାଇଁ ଶିବଲିଙ୍ଗ ଉପରେ ଜଳାଭିଷେକ କରିବେ ଲୋକେ। ସ୍ଥାନୀୟ ବିଜେପି ନେତା କପିଲ ସିଂହଲ କହିଛନ୍ତି ଯେ ଏହା ଗର୍ବର ବିଷୟ ଯେ ମନ୍ଦିରଟି ଏବେ ଖୋଲାଯାଇଛି। ଏତେ ବର୍ଷ ପରେ ମନ୍ଦିର ଖୋଲା ଯାଇଥିବାରୁ ମହାଶିବରାତ୍ରି ଦିନ ବହୁ ସଂଖ୍ୟକ ଭକ୍ତ ଖଗ୍ଗୁସରାଇର ଏହି ପ୍ରାଚୀନ କାର୍ତ୍ତିକ ଶିବ ମନ୍ଦିରରେ ଜଳାଭିଷେକ କରିବାର ସୁଯୋଗ ପାଇବେ।

## ୬ ଜଣଙ୍କ ଜୀବନ ନେବା ପରେ ଅଭିଯୁକ୍ତର ଆତ୍ମସମର୍ପଣ

**ତିରୁବନନ୍ତପୁରମ୍, ୨୫।୨:** ପ୍ରେମିକା ସହ ପରିବାର ୫ ଜଣଙ୍କୁ ବୀଭତ୍ସ ହତ୍ୟା। ହତ୍ୟାକାଣ୍ଡ ଘଟାଇବା ପରେ ଥାନାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ। କେରଳ ଥିରୁଅନନ୍ତପୁରମରେ ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡ ହୋଇଛି। ପ୍ରେମିକା ସମେତ ନିଜ ମା, ଜେଜେମାଆ, ଭାଇ, ଦାଦା ଓ ଖୁଡ଼ିଙ୍କୁ ଆକ୍ରମଣ କରିଥିଲା ଅଭିଯୁକ୍ତ। ହାତୁଡ଼ିରେ ପିଟି ଧାରୁଆ ଅସ୍ତ୍ରରେ ହାଣି ୫ ଜଣଙ୍କୁ ହତ୍ୟା କରିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଯୁବକଙ୍କ ମାଆଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। କେରଳ ଥିରୁଅନନ୍ତପୁରମ ବେଞ୍ଜାରମୁଡୁରେ ଏପରି ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟାଇଛନ୍ତି ଜଣେ ୨୩ ବର୍ଷୀୟ ଯୁବକ। ମାତ୍ର ୨ ଘଣ୍ଟାରେ ୫ ଜଣଙ୍କୁ ହତ୍ୟା କରିଛି। ହାତୁଡ଼ିରେ ପିଟି ଧାରୁଆ ଅସ୍ତ୍ରରେ ହାଣି ୫ ଜଣଙ୍କୁ ହତ୍ୟା କରିଛି। ଋଣ ସୁଝି ନପାରିବାରୁ ପୁରା ପରିବାରକୁ ହତ୍ୟା କରିଥିବା କୁହାଯାଉଛି। ପ୍ରେମିକ ସମେତ ନିଜ ମାଆ, ବୁଢ଼ିମା, ନାବାଳକ ଭାଇ,ଥ ଦାଦା ଓ ଖୁଡିଙ୍କୁ ହାମର ଓ ଚାପଡରେ ଖଣ୍ଡ ଖଣ୍ଡ କରି ହାଣି ହତ୍ୟା କରିଛନ୍ତି ଅଫାନ। ଏହାପରେ ଅଟୋରେ ଥାନାକୁ ଯାଇ ଆତ୍ମସମର୍ପଣ କରିଛନ୍ତି। ଏହି ସମୟରେ ନିଜେ ବିଷ ଖାଇଥିବା ପୋଲିସକୁ ମଧ ଜଣାଇଛି। ମୃତକଙ୍କ ମଧ୍ୟରେ ଅଛନ୍ତି ଅଫାନଙ୍କ ୧୩ ବର୍ଷୀୟ ଭାଇ ଅହସାନ, ଜେଜେମାଆ ସଲମା ବିବି, ଦାଦା ଲତିଫ, ଖୁଡି ସାହିହା ଓ ପ୍ରେମିକା ଫର୍ସାନା। ୬ ଜଣଙ୍କୁ ହତ୍ୟା କରିବା ସହ ସେ ବିଷ ପିଇଥିବା ପୋଲିସକୁ କହିଛନ୍ତି। ତାଙ୍କୁ ମଧ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କଣ ପାଇଁ ଅଫାନ ଏପରି ଚରମ ନିଷ୍ପତ୍ତି ନେଲା କାରଣ ସ୍ପଷ୍ଟ ହୋଇନି। ସେପଟେ ହତ୍ୟା କରିବା ପରେ ନିଜେ ବିଷ ପିଇଥିବା ପୋଲିସକୁ କହିଛି ଅଭିଯୁକ୍ତ। ଘଟଣାର ଯାଞ୍ଚ ପାଇଁ ଡିସିପିଙ୍କ ନେତୃତ୍ୱରେ ଏକ ଟିମ ମାମଲାର ଯାଞ୍ଚ କରୁଛି। ଅଭିଯୁକ୍ତର ଘର ଖୋଜା ଚାଲିଛି।

### ପୁଲିସ ଟିମ୍ ଉପରେ ଆକ୍ରମଣ ମାମଲାରେ ଆପ୍ ବିଧାୟକ ଅମାନତୁଲ୍ଲା ଖାନଙ୍କୁ ବଡ଼ ଆଶ୍ୱସ୍ତି

## ଆଗୁଆ ଜାମିନ ମଞ୍ଜୁର କଲେ କୋର୍ଟ

**ନୂଆଦିଲ୍ଲୀ, ୨୫।୨:** ଆମ୍ ଆଦମୀ ପାର୍ଟି ବିଧାୟକ ଅମାନତୁଲ୍ଲା ଖାନଙ୍କୁ ଏକ ବଡ ଆଶ୍ୱସ୍ତି ମିଳିଛି। ଜାମିଆ ନଗରରେ ପୋଲିସ ଟିମ୍ ଉପରେ ଆକ୍ରମଣ ଅଭିଯୋଗରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆର ମାମଲାରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ରାଉଜ୍ ଆଭେନ୍ୟୁ କୋର୍ଟରୁ ଆଗୁଆ ଜାମିନ ମଞ୍ଜୁର ହୋଇଛି। ରାଉଜ୍ ଆଭେନ୍ୟୁ କୋର୍ଟ ୨୫,୦୦୦ ଟଙ୍କାର ବ୍ୟକ୍ତିଗତ ବଣ୍ଡରେ ଅମାନତୁଲ୍ଲା ଖାନଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ, କୋର୍ଟ ଦିଲ୍ଲୀ ପୋଲିସର ତଦନ୍ତରେ ସହଯୋଗ କରିବାକୁ ଅମାନତୁଲ୍ଲା ଖାନଙ୍କୁ କହିଛନ୍ତି। କୋର୍ଟ କହିଛନ୍ତି ଯେ, ଯେତେବେଳେ ମାମଲା ସହିତ ଜଡିତ ତଦନ୍ତକାରୀ ଅଧିକାରୀ ତାଙ୍କୁ ତଦନ୍ତ ପାଇଁ ଡାକିବେ, ତାଙ୍କୁ ଯିବାକୁ ପଡିବ। ଏହା ସହିତ, କୋର୍ଟର ଅନୁମତି ବିନା ଅମାନତୁଲ୍ଲା ଖାନ ଦେଶ ଛାଡିବେ ନାହିଁ। ହେଲେ ଦିଲ୍ଲୀ ପୋଲିସ ଅମାନତୁଲ୍ଲା ଖାନଙ୍କ ଆଗୁଆ ଜାମିନକୁ ବିରୋଧ କରିଥିଲା। ପୂର୍ବରୁ, କୋର୍ଟ ଅମାନତୁଲ୍ଲା ଖାନଙ୍କୁ ଫେବୃଆରୀ ୨୫ ପର୍ଯ୍ୟନ୍ତ ଗିରଫଦାରୀରୁ ଅସ୍ଥାୟୀ ଆଶ୍ୱସ୍ତି ଦେଇଥିଲେ। ପୋଲିସ କହିଛି ଯେ ବିଧାୟକଙ୍କ ସମ୍ପୃକ୍ତି ଆଇନ ଶୃଙ୍ଖଳା ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନରେ ବାଧା ସୃଷ୍ଟି କରିଥିଲା। ପ୍ରକୃତରେ, ଅମାନତୁଲ୍ଲା ଖାନଙ୍କ ବିରୁଦ୍ଧରେ ଜାମିଆ ନଗରରେ ପୋଲିସ ଟିମ୍ ଉପରେ ଆକ୍ରମଣର ନେତୃତ୍ୱ ନେବା ଏବଂ ଜଣେ ଅଭିଯୁକ୍ତକୁ ହାଜତରୁ ଖସିଯିବାରେ ସାହାଯ୍ୟ କରିବାର ଅଭିଯୋଗ ଅଛି। ଫେବୃଆରୀ ୧୦ ତାରିଖରେ ଘଟିଥିବା ଏହି ଘଟଣା ସମ୍ପର୍କରେ ଦିଲ୍ଲୀ ପୋଲିସ ଓଖଲା ବିଧାୟକ ଅମାନତୁଲ୍ଲା ଖାନଙ୍କ ବିରୋଧରେ ଏଫଆଇଆର ରୁଜୁ କରିଥିଲା। ପୋଲିସ ଅଭିଯୋଗ କରିଛି ଯେ ସେ ହତ୍ୟା ଉଦ୍ୟମ ଅଭିଯୁକ୍ତ ଶାହବାଜ ଖାନଙ୍କୁ ହାଜତରୁ ମୁକ୍ତ କରିବାରେ ଭିଡ଼ର ନେତୃତ୍ୱ ନେଇଥିଲେ ସେ।

## ମହାକୁମ୍ଭରେ ୧୫ ହଜାର ସଫେଇ କର୍ମୀଙ୍କ ବିଶ୍ୱ ରେକର୍ଡ

**ପ୍ରୟାଗରାଜ, ୨୫।୨:** ମହାକୁମ୍ଭରେ ଏକାଥରେ ସଫେଇ କଲେ ୧୫ ହଜାର କର୍ମଚାରୀ। ପ୍ରୟାଗରାଜର ୪ଟି ଜୋନରେ ଏକାଥରେ ସଫେଇ କାମ କରି ଏହି ୧୫ ହଜାର ସଫେଇ କର୍ମୀ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡ କରିଛନ୍ତି। ଲଣ୍ଡନରୁ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡର ଏକ ଆସି ପ୍ରୟାଗରାଜରେ ପହଞ୍ଚିଲେ ଏବଂ ସୋମବାର ଏହି ନିଆରା କାର୍ଯ୍ୟକ୍ରମ କରାଯାଇଥିଲା। ଯେଉଁଥିରେ ପ୍ରତି କର୍ମଚାରୀଙ୍କ ହାତରେ କ୍ୟୁଆର କୋର୍ଡ ଥିବା ଏକ ସ୍ୱତନ୍ତ୍ର ବ୍ୟାଣ୍ଡ ରହିଥିଲା। ଯାହା ଜରିଆରେ କର୍ମଚାରୀଙ୍କ ଗଣନା କରାଯାଉଥିଲେ। ତେବେ ୩ ଦିନ ପରେ କେତେ କର୍ମଚାରୀ ସାମିଲ ହୋଇଥିଲେ ତାର ଫାଇନାଲ ରିପୋର୍ଟ ଆସିବ। ସେପଟେ ୨୦୧୯ କୁମ୍ଭମେଳାରେ ମଧ୍ୟ ୧୦ ହଜାର ସଫେଇ କର୍ମଚାରୀଙ୍କୁ ନେଇ ଏମିତି ଏକ ନିଆରା କାର୍ଯ୍ୟକ୍ରମ ହୋଇଥିଲା। ତେବେ ମହାକୁମ୍ଭରେ ସ୍ୱଚ୍ଛତା ଏବଂ ପରିଚ୍ଛନ୍ନତାକୁ ଅଧିକ ଦୃଷ୍ଟି ଦିଆଯାଉଥିବା ବେଳେ ଜାନୁୟାରୀ ୧୩ ତାରିଖରୁ ମହାକୁମ୍ଭ ସରିବା ଯାଏଁ ଏମାନେ ହିଁ ରାତି ଦିନ ପ୍ରୟାଗରାଜର ରାସ୍ତାଘାଟ, ସଙ୍ଗମ ସ୍ଥଳକୁ ସଫା ରଖୁଛନ୍ତି ତେଣୁ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଯାଇଛି।

## ଏପ୍ରିଲ ୩୦ରୁ ଚାରିଧାମ ଯାତ୍ରା ଆରମ୍ଭ

**ଉତ୍ତରାଖଣ୍ଡ, ୨୫।୨:** ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ, ଯମୁନେତ୍ରୀ ଯାତ୍ରା ୩୦ ଏପ୍ରିଲରୁ ଆରମ୍ଭ ହେବ। ଏଥିପାଇଁ ରେଜିଷ୍ଟ୍ରେସନ ୧୧ ମାର୍ଚ୍ଚରୁ ଆରମ୍ଭ ହେବାକୁ ଯାଉଛି। ପ୍ରତିଥର ଭଳି ଯାତ୍ରା ପାଇଁ ରେଜିଷ୍ଟ୍ରେସନ ପ୍ରକ୍ରିୟାକୁ ଆଧାର କାର୍ଡ ଜରିଆରେ ଯୋଡିବା ପାଇଁ ପ୍ରସ୍ତୁତି ଚାଲିଛି। ଏହା ଚାରିଧାମ ଯାତ୍ରା ସମୟରେ ସୁରକ୍ଷା ଏବଂ ବ୍ୟବସ୍ଥିତ କରିବାରେ ସହାୟତା ହେବ। ଚଳିତବର୍ଷ ଚାରିଧାମ ଯାତ୍ରା ୩୦ ଏପ୍ରିଲରୁ ଗଙ୍ଗୋତ୍ରୀ ଏବଂ ଯମୁନେତ୍ରୀ ଧାମର କପାଟ ଖୋଲିବ। ଯାତ୍ରା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ୧୧ ମାର୍ଚ୍ଚରୁ ହେବ। ଗତବର୍ଷ ଚାରିଧାମ ଯାତ୍ରାରେ ୪୬ ଲକ୍ଷରୁ ଅଧିକ ଲୋକ ଯାଇଥିଲେ। ଗତଥର ଯାତ୍ରା ଆରମ୍ଭ ପୂର୍ବରୁ ପଞ୍ଜିକରଣରେ ସମସ୍ୟା ଆସିଥିଲା। ଆଉ ଯେଉଁମାନେ ବିନା ପଞ୍ଜିକରଣରେ ଯାଇଥିଲେ, ସେମାନେ ସମସ୍ୟା




ଭୋଗିଥିଲେ। ତେଣୁ ଏଥର ୬୦ ପ୍ରତିଶତ ଅନଲାଇନ ଏବଂ ୪୦ ପ୍ରତିଶତ ଅଫଲାଇନ ରେଜିଷ୍ଟ୍ରେସନ ହେବ। ଅଫଲାଇନ ରେଜିଷ୍ଟ୍ରେସନ ଯାତ୍ରା ଆରମ୍ଭ ହେବାର ୧୦ ଦିନ ପୂର୍ବରୁ ହେବ। ଆଉ ଅନଲାଇନ ରେଜିଷ୍ଟ୍ରେସନ ମାର୍ଚ୍ଚ ୧୧ରୁ ଆରମ୍ଭ ହେବ। ଉତ୍ତରାଖଣ୍ଡ ସରକାରଙ୍କ ସରକାରୀ ୱେବସାଇଟ୍ registrationandtouristcare.uk.gov.in ରେ ଅନଲାଇନ୍ ପଞ୍ଜୀକରଣ କରାଯିବ।

ହରିଦ୍ୱାର ଓ ଋଷିକେଶରେ ୨୦-୨୦ଟି ଏବଂ ବିକାଶନଗରରେ ୧୫ଟି ଅଫଲାଇନ୍ ପଞ୍ଜିକରଣ କାଉଣ୍ଟର ଖୋଲାଯିବ। ଯାତ୍ରାର ଗୋଟିଏ ମାସ ପୂର୍ବରୁ କୌଣସି ପ୍ରକାରର ଭିଆଇପି ଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ। ସମସ୍ତ ଶ୍ରଦ୍ଧାଳୁଙ୍କୁ କେବଳ ସାଧାରଣ ପ୍ରକ୍ରିୟା ମାଧ୍ୟମରେ ହିଁ ଦର୍ଶନ କରିବାକୁ ପଡ଼ିବ। ଯାତ୍ରା ମାର୍ଗକୁ ଛୋଟ ଛୋଟ ସେକ୍ଟରରେ ବିଭକ୍ତ କରାଯିବ ଏବଂ ପ୍ରତି ୧୦ କିଲୋମିଟରରେ ପୋଲିସ ମୁତୟନ ରହିବେ। ଅତିରିକ୍ତ ପୋଲିସ ଫୋର୍ସ ସହିତ ଡ୍ରୋନ୍ ଏବଂ ହେଲିକପ୍ଟର ମାଧ୍ୟମରେ ମଧ ନଜର ରଖାଯିବ। ଅତ୍ୟାବଶ୍ୟକ ଯାତ୍ରୀଙ୍କ ପାଇଁ ମାଗଣା ଖାଦ୍ୟ ସହ ରହିବାର ମଧ ବ୍ୟବସ୍ଥା କରାଯିବ।

ମାଘ ଶୁକ୍ଳପକ୍ଷ ପଞ୍ଚମୀ ଅର୍ଥାତ୍ ବସନ୍ତ ପଞ୍ଚମୀ ଦିନ ତେହେରୀର ନରେନ୍ଦ୍ର ନଗର ରାଜଦାରବାରରେ ପାରମ୍ପରିକ ବିଧି ଅନୁସାରେ ବଦ୍ରିନାଥ ଧାମର କପାଟ ଖୋଲିବାର ତାରିଖ ସ୍ଥିର କରାଯାଇଥିଲା।




# ଦିଲ୍ଲୀ କ୍ୟାପିଟାଲ୍ସର ତୃତୀୟ ବିଜୟ

ବେଙ୍ଗାଲୁରୁ,୨୫ା୨: ଚଳିତ ମହିଳା ପ୍ରିମିୟର୍ ଲିଗ୍‌ରେ ଆଜି ସଂସ୍କରଣର ଦଶମ ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରତିପକ୍ଷ ଗୁଜରାଟ ଟାଇଟାନ୍ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି। ଦଳ ଏହି ତୃତୀୟ ବିଜୟରେ ଜେସ୍ ଜୋନାସନ୍‌ଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ମୁଖ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପଞ୍ଚମ ମ୍ୟାଚ୍‌ରେ ତୃତୀୟ ବିଜୟ ସହ ଦଳ ପଏଣ୍ଟ ଟେବୁଲ୍‌ରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି।

ପ୍ରଥମେ ବ୍ୟାଟିଂ ପାଇଥିବା ଗୁଜରାଟ ୯ ୱିକେଟ୍‌ରେ ମାତ୍ର ୧୨୭ ରନ୍ କରିଥିଲା। ଦଳ ପକ୍ଷରୁ ଭାରତୀ ଫୁଲ୍‌ମାଳୀ ୪ଟି ଚୌକା ଓ ୨ଟି ଛକା ସହ ୪୦, ଡିଆଣ୍ଡ୍ରା ଡଟିନ୍ ୫ଟି ଚୌକା ସହ ୨୬ ଓ ତନୁଜା କନୱର୍ ୧୬ ରନ୍ କରିଥିଲେ। ପ୍ରତିପକ୍ଷ ଦିଲ୍ଲୀ ପକ୍ଷରୁ ଶିଖା ପାଣ୍ଡେ, ମାରିଜେନ୍ କାପ୍ ଓ ଆନ୍ନାବେଲ୍ ସଦରଲାଣ୍ଡ୍ ୨ଟି ଲେଖାଏଁ ଏବଂ ଟିଟାସ୍ ସାଧୁ ଓ ଜୋନାସେନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ୧୫.୧ ଓଭର୍‌ରେ ମାତ୍ର ୪ଟି ୱିକେଟ୍ ହରାଇ ୩୧ ରନ୍ କରି ସହଜସାଧ୍ୟ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଜୋନାସେନ୍ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ମାତ୍ର ୩୨ଟି ବଲ୍‌ରେ ୯ଟି ଚୌକା ଓ ୨ଟି ଛକା ସହାୟତାରେ ୬୧ ରନ୍ କରି ଅପରାଜିତ ରହିଥିଲେ। ଏହାଛଡ଼ା ଓପନର ଶେଫାଲୀ ବର୍ମା ୨୭ ବଲ୍ ଖେଳି ୫ଟି ଚୌକା ଓ ୩ଟି ଛକା ଜରିଆରେ ୪୪ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ କାଶବୀ ଗୌତମ ୨ଟି ଏବଂ ଅଧିନାୟିକା ଆଶ୍‌ଲେ ଗାର୍ଡନର୍ ଓ ତନୁଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

### ରାଜ୍ୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ

## ଭୁବନେଶ୍ୱର ଦଳଗତ ବିଜେତା



**ଭୁବନେଶ୍ୱର, ୨୫ା୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍‌ଠାରେ ଓଡ଼ିଶା ରାଜ୍ୟ କରାଟେ ସଂଘ (ଓସ୍କା) ଆନୁକୂଲ୍ୟରେ ଆୟୋଜିତ ୩୬ତମ ରାଜ୍ୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୩୧ ବର୍ଗ ମଧ୍ୟରୁ ୨୨ଟି ସ୍ୱର୍ଣ୍ଣ ପଦକ ଜିତି ଭୁବନେଶ୍ୱର ଦଳଗତ ବିଜେତା ହୋଇଛି। ବରିଷ୍ଠ ପୁରୁଷ ଦଳଗତ କାଟେ'ରେ କ୍ରିଷ୍ଣା ଶିକାରୀ, ଯୋଗେଶ ବରିହା ଓ ମହେଶ ଦୋରାଙ୍କୁ ନେଇ ଗଠିତ ଭୁବନେଶ୍ୱର ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ପୁରୀକୁ ରୌପ୍ୟ ଓ କଟକକୁ କାଂସ୍ୟ ମିଳିଛି। ବିଭିନ୍ନ ଓଜନ ବର୍ଗରେ ପ୍ରିୟଦର୍ଶିନୀ ଦାସ ୩ଟି, ନ୍ୟାସା କୁମାରୀ, ଜ୍ୟୋତିରଂଜନ ରାଉତ, ତ୍ରିଲୋଚନ ରଣା, ରିତେଶ ମହାନ୍ତି ୨ ଲେଖାଏଁ ଏବଂ ଦୀପଶିଖା ସାମନ୍ତରାୟ, ସୁହାନୀ ପାତ୍ର, ରୋଜାଲିନ ଜେନା, ଶ୍ରୀଜିତା ବରାଳ, ସିନ୍ଧୁ ତନୟା ଖୁଣ୍ଟିଆ, ଲୋମା ସ୍ୱାଇଁ, ଅନୁପମା ସ୍ୱାଇଁ, ସୋନାଲି ପାଣିଗ୍ରାହୀ, ବି ଶ୍ରୀତମ, ତ୍ରିନାଥ ରଣା, ପ୍ରତ୍ୟୁଷ ମହାପାତ୍ର, ଓମ୍ ଶୁଭମ୍ ମହାନ୍ତି, ଅଭିଜିତ ମିଶ୍ର, ଡି ଭଗବାନ ରେଡ୍ଡୀ, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ସୁମନ ଶେଖର ଦାସ, ରିତେଶ ରାୟ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ହାଇଦ୍ରାବାଦରେ ହେବାକୁ ଥିବା ଜାତୀୟ ବରିଷ୍ଠ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ଲାଗି ଚୟନ କରାଯିବ ବୋଲି ଓସ୍କାର ସମ୍ପାଦକ ଗୌରୀ ମହାନ୍ତି ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ୧୮ ଜିଲ୍ଲା କରାଟେ ସଂଘରୁ ୧୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ କରାଟେ ସଂଘର ପ୍ରତିଷ୍ଠାତା ସଦସ୍ୟ ସଞ୍ଜୟ ଦାସ, ସନତ କୁମାର ନାୟକ, ପ୍ରଦୀପ କୁମାର ସରକାର, ପ୍ରକାଶ କୁମାର ପଟ୍ଟନାୟକ, ଆଇନଜୀବୀ କାଳୀପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ରାଜୀବ କୁମାର ସିଂହ, ସୁରେଶ ଚନ୍ଦ୍ର ଜାଲ୍, ସୁବାଶିଷ ମହାପାତ୍ର, ରାଜେନ୍ଦ୍ର କେଶରୀ ସାମଲ, କେଜିକେ ପ୍ରତିହାରୀ, ଗୋପାଳ ଦାସ, ଦେବବ୍ରତ ସମାଦାର, ଗୋପାଳ ଦୀପ, ଗୋପାଳ ଚନ୍ଦ୍ର କହଁର, ହୃଦୟ ଶବର, ପ୍ରଦୀପ ଦେ, ରୌନକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାରଣା, ଚନ୍ଦ୍ରଶେଖର ସେଠ୍, ଉମାକାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# କଳିଙ୍ଗରେ ଗୋଲ୍ ବର୍ଷା: ଦୁଇ ଥର ହାରିଲା ଭାରତ

**ଭୁବନେଶ୍ୱର, ୨୫ା୨:** ବିଗତ କିଛି ଦିନ ହେବ ଭୁବନେଶ୍ୱରରେ ଅଦିନିଆ ବର୍ଷାର ପ୍ରଭାବ ନଜରକୁ ଆସିଥିଲା। ସୋମବାର କିନ୍ତୁ କଳିଙ୍ଗ ଷ୍ଟାଡିୟମ୍ ହକି କମ୍ପ୍ଲେକ୍ସରେ ଗୋଲ୍ ବର୍ଷାରେ ଭାରତ ଦୁଇ ଥର ବୁଡିଛି। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ସଂଧ୍ୟା ମୁକାବିଲାରେ ଭାରତୀୟ ମହିଳା ଦଳକୁ ଗତ ଥରର ବିଜେତା ନେଦରଲାଣ୍ଡ୍ସ ୪-୨ରେ ହରାଇଥିଲା। ରାତିରେ ଅଲିମ୍ପିକ୍ସ କାଂସ୍ୟ ବିଜେତା ଭାରତୀୟ ପୁରୁଷ ଦଳକୁ ଇଂଲଣ୍ଡ ୩-୨ରେ ହରାଇଛି। ଏଥି ସହ ସୋମବାର ଖେଳାଯାଇଥିବା ୩ ମ୍ୟାଚ୍‌ରେ ମୋଟ ୨୧ ଗୋଲ୍ ଦେଖିବାକୁ ମିଳିଛି। କାରଣ ଅପରାହ୍ଣ ରେ ଖେଳାଯାଇଥିବା ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୮-୨ ଗୋଲ୍‌ରେ ଆୟର୍ଲାଣ୍ଡ୍‌କୁ ପରାସ୍ତ କରିଥିଲା।

ଭାରତୀୟ ପୁରୁଷ ଦଳ ସୋମବାର ପ୍ୟାଚ୍ ପ୍ୟାଚ୍‌ରେ ଭଲ ଖେଳିଥିଲେ ମଧ ପ୍ରଭାବ ବିସ୍ତାର କରିପାରି ନଥିଲା। ଫଳରେ ହର୍ମନପ୍ରୀତ୍ ସିଂହଙ୍କ ଭାରତ ସପ୍ତମ ମ୍ୟାଚ୍‌ରୁ ତୃତୀୟ ପରାଜୟ ବରଣ କରିଛି। ଭାରତୀୟ ଦଳ ମ୍ୟାଚ୍ ସାରା ପଛରେ ରହି ୨-୩ରେ ହାରିଯାଇଥିଲା। ମ୍ୟାଚ୍‌ର ସମସ୍ତ ୫ଟି ଯାକ ଫିଲ୍ଡ ଗୋଲ୍ ଥିଲା। ଘରୋଇ ଦଳ ପାଇଁ ୧୮ ମିନିଟ୍‌ରେ ଅଭିଷେକ ଓ ୩୯ତମ ମିନିଟ୍‌ରେ ସୁଖଜିତ୍ ସିଂହ ଗୋଲ୍ ଦେଇଥିଲେ। ଇଂଲଣ୍ଡ ପାଇଁ ୧୫ ମିନିଟ୍‌ରେ ଜ୍ୟାକବ୍ ପେଟନ୍ ଗୋଟିଏ ଗୋଲ୍ ଦେଇଥିବା ବେଳେ ପରବର୍ତ୍ତୀ ଦୁଇଟି ଦେଇଥିଲେ ଅଧିନାୟକ ସାମ୍ ୱାର୍ଡ (୧୯ ଓ ୨୯ ମିନିଟ୍)। ପ୍ରଥମାର୍ଦ୍ଧ ସୁଦ୍ଧା ଇଂଲଣ୍ଡ ୩-୧ରେ ଆଗୁଆ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ବି ଗୋଲ୍ ଦେଇପାରି ନଥିଲା। ମହିଳା ଦଳ ଭଳି ଭାରତୀୟ ପୁରୁଷ ଦଳ ମଧ ସୋମବାର ୮ ପେନାଲ୍ଟି କର୍ଣ୍ଣର ଅର୍ଜନ କରି ଗୋଟିଏ ବି ଗୋଲ୍ ପାଇ ନଥିଲା। ଇଂଲଣ୍ଡ ୪ଟି ପେନାଲ୍ଟି କର୍ଣ୍ଣରକୁ ବେକାର କରିଥିଲେ ମଧ ବାଜି ମାରିନେଇଥିଲା।

### ଭାରତର ପିସି ଅର୍ଜନ, ନେଦରଲାଣ୍ଡସର ଗୋଲ୍

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ସୋମବାର ଆଉ ଏକ ପରାଜୟ ବରଣ କରିଛି। ନେଦରଲାଣ୍ଡ୍ସ ବିପକ୍ଷ ମୁକାବିଲାକୁ ସଲିମା ଟେଟେଙ୍କ ଦଳ ୨-୪ ଗୋଲ୍‌ରେ ହାରିଯାଇଛି। ଫଳରେ କଳିଙ୍ଗ ଷ୍ଟାଡିୟମ୍ ଚରଣରେ ଘରୋଇ ଦଳ ସପ୍ତମ ମ୍ୟାଚ୍‌ରୁ ଚତୁର୍ଥ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ଏକ ପାଲଟା ଦିଶା ନଜରକୁ ଆସିଥିଲା। ଭାରତୀୟ ଦଳ ପେନାଲ୍ଟି କର୍ଣ୍ଣର ଅର୍ଜନ କରିବାରେ ଲାଗିଥିଲା। ନେଦରଲାଣ୍ଡ୍ସ କିନ୍ତୁ ଗୋଲ୍ ଦେଇ ଚାଲିଥିଲା। ଭାରତ ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ୧୬ ପେନାଲ୍ଟି କର୍ଣ୍ଣର ଅର୍ଜନ କରିଥିଲେ ମଧ ମାତ୍ର ଦୁଇଟିକୁ ଗୋଲ୍‌ରେ ପରିଣତ କରିପାରିଥିଲା।



ଅନ୍ୟପକ୍ଷରେ ଭଲ ଗତିରେ ଖେଳୁଥିବା ନେଦରଲାଣ୍ଡ୍ସ ମାତ୍ର ୩ଟି ପେନାଲ୍ଟି କର୍ଣ୍ଣର ଅର୍ଜନ କରି ଏଥିରୁ ଗୋଟିଏ ଗୋଲ୍‌ରେ ପରିଣତ କରିଥିଲା। ଅନ୍ୟ ୩ଟି ଚମତ୍କାର ଫିଲ୍ଡ ଗୋଲ୍ ନେଦରଲାଣ୍ଡ୍ସକୁ ସମ୍ପୂର୍ଣ୍ଣ ୩ ପଏଣ୍ଟ ପ୍ରଦାନ କରିଥିଲା। ଫଳରେ ଭାରତୀୟ ଦଳ ଭେଟେରାନ୍ ଗୋଲ୍‌ରକ୍ଷିକା ସବିତାଙ୍କ ୩୦୦ତମ ମ୍ୟାଚ୍ ଫିକା ପଡ଼ିଯାଇଥିଲା। ସୋମବାର ମ୍ୟାଚ୍ ଆରମ୍ଭର ସପ୍ତମ ମିନିଟ୍‌ରେ ନେଦରଲାଣ୍ଡ୍ସ ଭାରତୀୟ ରକ୍ଷଣଭାଗର ଦୁର୍ବଳତାରୁ ଫାଇଦା ଉଠାଇ ଏମା ରିଜନେନ୍‌ଙ୍କ ଫିଲ୍ଡ ଗୋଲ୍ ବଳରେ ଆଗୁଆ ହୋଇଯାଇଥିଲା। ଏହା ପରେ ଭାରତ ୩ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲେ ମଧ ପ୍ରତିଥର ବିଫଳ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ପ୍ରାରମ୍ଭରେ ଏକ ପିସି କାର୍ଯ୍ୟକାରୀ ବେଳେ ବ୍ୟାକ୍‌ପାସ୍‌ରୁ ଉଦିତା ଗୋଲ୍ ଦେଇ ମ୍ୟାଚ୍‌କୁ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ୧-୧ରେ ଶେଷ କରିଥିଲେ। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ୩୪ ମିନିଟରେ ଫେଲିସ୍ ଆଲବର୍ସ ପିସିରୁ ଏବଂ ୪୦ ମିନିଟ୍‌ରେ ଫେ ଭାନଡର୍ ଏଲ୍‌ଷ୍ଟ ଫିଲ୍ଡରୁ ଗୋଲ୍ ଦେଇ ଭାରତକୁ ବହୁ ପଛରେ ପକାଇ ଦେଇଥିଲେ। ଉଦିତା ୪୨ ମିନିଟ୍‌ରେ ଅବଶ୍ୟ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ଆଶା ସଂଚାର କରିଥିଲେ। ୫ ମିନିଟ ପରେ କିନ୍ତୁ ଫେଲିସ୍ ଆଲବର୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ସହ ନେଦରଲାଣ୍ଡ୍ସ ବିଜୟକୁ ନିଶ୍ଚିତ କରିଥିଲେ।



# କୋହଲିଙ୍କ ବିରାଟ ହୃଦୟ

**ଦୁବାଇ, ୨୫ା୨:** ଭାରତ-ପାକିସ୍ତାନ ମହାମୁକାବିଲାରେ ଭାରତ ବାଜି ମାରିନେଇଛି। ଇତିମଧ୍ୟରେ ଦୁବାଇ ଦଙ୍ଗଲକୁ ଦୁଇ ଦିନ ବିତିଗଲାଣି। ଦୁବାଇ ଷ୍ଟାଡିୟମ ରବିବାର ରଣକ୍ଷେତ୍ର ପାଲଟିଥିଲା ଦୁଇ ଦଳର ଖେଳାଳିଙ୍କ ପାଇଁ। ସମସ୍ତେ ନିଜ ନିଜ ଦଳର ବିଜୟ ପାଇଁ ଲଢେଇ କରିଥିବା ବେଳେ ଟିମ୍ ଇଣ୍ଡିଆର ବିଜୟ ଏବଂ ପାକିସ୍ତାନର ପରାଜୟ ହୋଇଥିଲା ଆଉ ଯା ଭିତରେ ଚାମ୍ପିୟନ୍ସ ଟ୍ରଫିରୁ ପାକିସ୍ତାନ ବିଦା ବି ହୋଇ ସାରିଲାଣି କିନ୍ତୁ ଆଜି ଯାଏଁ ଭାରତ-ପାକ୍ ଖେଳର ପ୍ରତିଟି ମୁହୂର୍ତ୍ତ ଭାଇରାଲ ହେଉଛି। ବିରାଟଙ୍କୁ ନେଇ ପ୍ରଶଂସା କ୍ରିକେଟ୍ ପ୍ରେମୀଙ୍କ ଭିତରେ ଏଯାଏଁ କମୁନି। ଭାରତକୁ ପାକିସ୍ତାନ ବିରୋଧରେ ସେଦିନ ବିରାଟ ହିଁ ବିଜୟ ଆଣି ଦେଇଥିଲେ। କାରଣ ୧୧୧ଟି ବଲରେ ଶତକ ମାରି ସେ ଦିନିକିଆରେ ବ୍ୟକ୍ତିଗତ ଭାବେ ୫୧ଟି ଶତକର ଅଧିକାରୀ ସାଜିଥିବା ବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଧୂଳିଚଟାଇ କୋଟି କୋଟି ଭାରତୀୟଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ କିଣି ପାରିଛନ୍ତି। ତେବେ ବିରାଟ ଦୁବାଇ ମ୍ୟାଚରେ ରନ୍ ବର୍ଷା କରି କେବଳ ଫର୍ମକୁ ଫେରି ନାହାନ୍ତି ବରଂ ପଡିଆରେ ନିଜର ବଡ ହୃଦୟର ପରିଚୟ ଦେଇଛନ୍ତି। ପାକିସ୍ତାନ ବ୍ୟାଟିଂ କରୁଥିବା ବେଳେ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଥିବା ନଶିମ୍ ଶାଙ୍କ ଜୋତାର ଫିତା (ଲେସ୍) ଢିଲା ହୋଇଯାଇଥିଲା ଆଉ ସେ ପାଖରେ ଫିଲ୍ଡିଂ କରୁଥିବା ବିରାଟ କୋହଲିଙ୍କୁ ବାନ୍ଧି ଦେବାକୁ କହିଥିଲେ। ଆଉ ନଶିମଙ୍କ ଅନୁରୋଧ ରକ୍ଷା କରି ସଙ୍ଗେସଙ୍ଗେ ବିରାଟ ତଳକୁ ନଇଁପଡି ତାଙ୍କ ସୋ-ଲେସ୍ ବାନ୍ଧି ଦେଇଥିଲେ। ଯାହା ବିରାଟଙ୍କ ବିରାଟ ହୃଦୟର ପରିଚୟ ଦେଇଛି ଏବଂ ତାଙ୍କର ମଣିଷପଣିଆକୁ ସାରା ବିଶ୍ୱ ଦେଖିଛି। ଏହି ଦୃଶ୍ୟ ନିଆଁ ଭଳି ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଭାରତରୁ ପାକିସ୍ତାନ ଯାଏଁ ବିରାଟଙ୍କୁ ପ୍ରଶଂସା କରାଯାଇଛି। ପଡିଆରେ ହୁଏତ ଦୁଇ ଦଳ ପ୍ରତିଦ୍ୱନ୍ଦ୍ୱୀ ମାତ୍ର ଦୁଇ ପଡୋଶୀ ଦେଶର ଖେଳାଳିଙ୍କ ଭିତରେ ଭାଇଚାରା ଥିବା ବିରାଟଙ୍କ ଏହି ଅଙ୍ଗଭଙ୍ଗୀ ଭରା ବ୍ୟବହାର କହିଦେଉଛି। ୟୁଜର୍ସ ଏହାକୁ କ୍ରିକେଟର ସୁନ୍ଦର ଦୃଶ୍ୟ କହୁଥିବା ବେଳେ କେହିକେହି ଲେଖିଛନ୍ତି ଦୋସ୍ତି ହେ ହମ୍ ଦୁଶ୍ମନ୍ ନେହିଁ.ଖେଲ ହେ ୟେ କୋଇ ଜଙ୍ଗ ନେହିଁ। ତେବେ ଚାମ୍ପିଅନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ମ୍ୟାଚର ଏ ଦୃଶ୍ୟ ସାରା ବିଶ୍ୱର ମନ ମୋହି ନେଇଛି।

### ଜାତୀୟ ଫେଡେରେସନ୍ କପ୍ ସୁନ୍ଦରସ୍ୱାସ୍ଥ୍ୟ

## ଅମିତଙ୍କୁ ସ୍ୱର୍ଣ୍ଣ, ବାଇଜୁଲଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୫ା୨(ସଂଚାର ବ୍ୟୁରୋ):** ଉତ୍ତରପ୍ରଦେଶରେ ଆୟୋଜିତ ୧୪ତମ ଜାତୀୟ ଫେଡେରେସନ୍ କପ୍ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶାକୁ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ସହ ଦୁଇ ପଦକ ମିଳିଛି। ୭୫ କେଜି ଓଜନ ବର୍ଗରେ ଅମିତ କୁମାର ଭୂୟାଁ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୬୫ କେଜି ଓଜନ ବର୍ଗରେ ସେଖ୍ ବାଇଜୁଲ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏହି ପ୍ରତିଯୋଗିତାରେ ପ୍ରବନ୍ଧକ ପ୍ରଦୀପ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି ଓଡ଼ିଶା ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ମହାପାତ୍ର, ଉପଦେଷ୍ଟା ହରିପ୍ରସାଦ ପଟ୍ଟନାୟକ, ସଭାନେତ୍ରୀ ତଥା ଅନ୍ତର୍ଜାତୀୟ ବିଚାରକ ସୁମିତ୍ରା ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ ମହାସୁଆର ଖୁସି ବ୍ୟକ୍ତ କରିବା ସହ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏତେ ବାଟ ଆସିବି ବୋଲି ଭାବି ନଥିଲି: ସବିତା



**ଭୁବନେଶ୍ୱର, ୨୫ା୨(ସଂଚାର ବ୍ୟୁରୋ):** ସତର ଅଠର ବର୍ଷ ତଳେ ଖେଳ ଆରମ୍ଭ କରିବା ବେଳେ ମୁଁ ଯେ ଦିନେ ଭାରତ ପାଇଁ ଖେଳିବି ଭାବି ନଥିଲି। ଏପରିକି ସ୍ୱପ୍ନ ବି ଦେଖିନଥିଲି। ଏହି ଲମ୍ବା ଯାତ୍ରାରେ ଦୁଇ ଦୁଇ ଥର ଅଲିମ୍ପିକ୍ସ ଖେଳିବା, ୩ ଥର ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଗୋଲରକ୍ଷିକା ସମ୍ମାନ ପାଇବା, ୩ ଥର ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଜିତିବା, ଅର୍ଜୁନ ପୁରସ୍କାର ପାଇବା, ଭାରତୀୟ ଦଳର ନେତୃତ୍ୱ ନେବା ଭଳି ଗୌରବ ମୋତେ ଗର୍ବିତ କରିଛି। ଏହାଠାରୁ ଅଧିକ କିଛି ମୁଁ ଆଶା କରି ନଥିଲି। ଭାରତ ପାଇଁ ୩୦୦ ମ୍ୟାଚ୍ ଖେଳିବାଠାରୁ ବଡ଼ ଉପଲବ୍ଧି କିଛି ନାହିଁ। ଏସବୁ କଥା କହିବା ବେଳେ ମୁଁ ଭାବବିହ୍ୱଳ ହୋଇଯାଉଛି ବୋଲି କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ପ୍ରକାଶ କରିଥିଲେ ଗୋଲରକ୍ଷିକା ସବିତା ପୁନିଆ।

ନେଦରଲାଣ୍ଡ୍ସ ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ମୋ ଖେଳ ଜୀବନର ଅନ୍ୟତମ ସ୍ମରଣୀୟ ହୋଇ ରହିବ। ଭାରତ ଜିତିପାରିଥିଲେ ଭଲ ଲାଗିଥା'ନ୍ତା। କିନ୍ତୁ ଏପର୍ଯ୍ୟନ୍ତ ଆସିବି ବୋଲି ମୁଁ ଭାବି ନଥିଲି। ସବୁ ଶ୍ରେୟ ମୋ ପରିବାର ଓ ପିତାମାତାଙ୍କୁ ଦେବି ବୋଲି ସବିତା ପ୍ରକାଶ କରିଥିଲେ। ୨୦୦୭ରେ ଗମ୍ଭୀରତାର ସହ ଖେଳ ଆରମ୍ଭ କରିଥିଲି। ୨୦୦୮ରୁ ଭାରତୀୟ ଦଳରୁ ଖେଳି ଆସିଛି। କିନ୍ତୁ ୨୦୧୩ ମସିହା ପର୍ଯ୍ୟନ୍ତ ମୁଁ ଦଳର ଦ୍ୱିତୀୟ ଗୋଲ୍‌ରକ୍ଷକ ରହିଥିବା ବେଳେ ମନକୁ ଅନେକ ଥର ଆସିଛି ଖେଳ ଛାଡ଼ିଦେବି। ପରିବାର ଲୋକ କିନ୍ତୁ ସବୁବେଳେ ସମର୍ଥନ ଦେଇ ଆସୁଥିଲେ। ସର୍ବଦା କହୁଥିଲେ କିଏ ଦେଖୁ ନଦେଖୁ ପରିଶ୍ରମ ଜାରି ରଖ। ଏହା ମୋତେ ବିଗତ ଏକ ଦଶନ୍ଧି ଧରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗୋଲ୍‌ରକ୍ଷକ ହେବାରେ ପରିଣତ କରିଥିଲା। ନିଜକୁ ଆତ୍ମସମୀକ୍ଷା କରିବା ବେଳେ ଭାବିଥାଏ ମୁଁ ଏଭଳି ଏକ ଗାଁରୁ ଆସିଛି ଯେଉଁଠି କାହାରିକୁ ଖେଳର ଏବିସିଡି ଜଣା ନଥିଲା। ଏବେ କିନ୍ତୁ ମୋ ସଫଳତା ଅନେକ ଯୁବକଯୁବତୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଦେଶର ଯୁବ ସମାଜ ପାଇଁ ମୁଁ ସେହି ଗୋଟିଏ କଥା କହିବି କେବଳ ଖେଳ ନୁହେଁ ଯାହା ବି କରିବାକୁ ଚାହୁଁଛ ଲକ୍ଷ୍ୟ ସ୍ଥିର ରଖି ପରିଶ୍ରମ କରିଚାଲ, ସଫଳତା ନିଶ୍ଚିତ ମିଳିବ। ସୋମବାର ସବିତାଙ୍କ ମନଖୋଲା ଆଳାପ ବି ଭାରତର ଖରାପ ପ୍ରଦର୍ଶନକୁ ଗୌଣ କରି ଦେଇଥିଲା।

ହରିୟାଣାର ସୀର୍ସା ନିକଟସ୍ଥ ଯୋଦ୍ଧକନ୍ ଗାଁର ୩୪ ବର୍ଷୀୟା ସବିତା ତାଙ୍କ ଉଜ୍ଜ୍ୱଳ ଖେଳ ଜୀବନରେ ଅର୍ଜୁନ ପୁରସ୍କାର ପାଇଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ତାଙ୍କ ପ୍ରଦର୍ଶନ ବେଶ୍ ପ୍ରଶଂସିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରିପୋର୍ଟ ମାଗିଲା...

ଏହି ଘଟଣାରେ ଉଦବେଗ ପ୍ରକାଶ କରିଛି ନେପାଳର ମାନବାଧିକାର କମିଶନ। ଶୀଘ୍ର ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ଭାରତୀୟ ମାନବଧିକାର କମିଶନକୁ ଚିଠି ଲେଖିଲେ ନେପାଳ ମାନବାଧିକାର କମିଶନ। ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମାଡମରା ଓ ଦୁର୍ବ୍ୟବହାର ନେଇ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏଥିସହିତ ନେପାଳର ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ସୁରକ୍ଷା ସହ ଭୟମୁକ୍ତ ବାତାବରଣ ସୁନିଶ୍ଚିତ କରିବାକୁ ମଧ୍ୟ ଦାବି କରାଯାଉଛି। ଏହି ଘଟଣାରେ ସଂପୃକ୍ତ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି ନେପାଳ ମାନବାଧିକାର କମିଶନ।

### ତିସ୍ ମାର୍ ଖାନ୍...

ପ୍ରସ୍ତୁତ କରି ଗତ ୨୦୧୩ରେ ରାଜ୍ୟ ସରକାରଙ୍କୁ ଦେଇଥିଲେ ଓ ରାଜ୍ୟ ସରକାର ୨୦୧୪ରେ ବିଧାନସଭାରେ ସିଏଜି ଉପସ୍ଥାପନ କରିଥିଲେ।

ଅଚ୍ୟୁତ ସାମନ୍ତ ବିଜେଡି ମନ୍ତ୍ରୀ, ବିଧାୟକ ଓ ଅଧିକାରୀମାନଙ୍କୁ ପ୍ରଭାବିତ କରି ୩୦ ଏକର ଜଙ୍ଗଲ ଜମି ମାଡ଼ିବସିଛନ୍ତି। ଏହା ବେଆଇନ। କିଛି ଅର୍ଥ ନ ଦେଇ ବର୍ଷ ବର୍ଷ ଧରି ସରକାରୀ ଜମି ମାଡ଼ି ବସି ଓଡିଶାବାସୀଙ୍କୁ ଠକି ନିଜକୁ ମହାତ୍ମା କହିବା କେତେଦୂର ଯୁକ୍ତିଯୁକ୍ତ ରାଜ୍ୟବାସୀ ବିଚାର କରିବେ। ଅଚ୍ୟୁତ ସାମନ୍ତ କିନ୍ତୁ ଏହି ତଥ୍ୟ ଲୁଚାଉଛନ୍ତି।

କିସ୍ ପିଲାଙ୍କ ପାଠପଢ଼ା ପାଇଁ ଅଚ୍ୟୁତ ସାମନ୍ତ ୫ ଟଙ୍କା ଦେଇନାହାନ୍ତି। କାରଣ ସେ ବହୁତ ଗରିବ। ଏହି କିସ୍ ପିଲାଙ୍କ ପାଇଁ ରାଜ୍ୟ ସରକାର ଜମି ମାଗଣାରେ ଯୋଗାଇ ଦେଇଛନ୍ତି। କିସ୍‌ର ଶ୍ରେଣୀଗୃହ ଓ ହଷ୍ଟେଲ ପାଇଁ କେନ୍ଦ୍ର ସରକାର ୨୦ କୋଟି ଟଙ୍କା ଦେଇଛନ୍ତି। ପୁଣି ବିଦେଶରୁ ବହୁ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥା ବି ଆର୍ଥିକ ଅନୁଦାନ ଦିଅନ୍ତି। ୨୦୧୯ରୁ ୨୦୨୦ ମଧ୍ୟରେ ଅଚ୍ୟୁତ ସାମନ୍ତ ୨୨ କୋଟି ଟଙ୍କା ଆଣିଥିଲେ।

କିସ୍ ପିଲାଙ୍କ ପାଇଁ ଆମ୍ଭ ରାଜ୍ୟ ସରକାର ଛାତ୍ରବୃତ୍ତି ଓ ଚାଉଳ ଯୋଗାଇ ଦେଉଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ କିସ୍ ପାଇଁ କେତେ ଅର୍ଥ କେଉଁ ସୂତ୍ରରୁ ଆସୁଛି, ଏହାର ତଥ୍ୟ ଅଚ୍ୟୁତ ସାମନ୍ତ ଓ ତାଙ୍କ ପରିଚାଳନା ଟିମ୍ ଲୁଚାଇ ରଖିଛନ୍ତି। ଯଦି ଏହିସବୁ ତଥ୍ୟ ଲୋକଲୋଚନକୁ ଆସିବ, ଅଚ୍ୟୁତଙ୍କ ଅସଲ ମୁଖା ଖୋଲିଯିବ। କିଟ୍ ଓ କିସ୍ ଇ-ଅଡିଟ୍ ରିପୋର୍ଟ ସର୍ବସାଧାରଣରେ ଉପସ୍ଥାପନ କରାଯାଇଛି। ଲୋକ ସତ ଜାଣିଲେ, ଅଚ୍ୟୁତ ବାବୁ ଓ ତାଙ୍କ ଅନୁଷ୍ଠାନକୁ ସନ୍ଦେହ କରିବେ ନାହିଁ। ବର୍ତ୍ତମାନ ରାଜ୍ୟବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ଅନେକ ପ୍ରଶ୍ନ ଆସୁଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଅଚ୍ୟୁତ ସାମନ୍ତ ତାଙ୍କ ମ୍ୟାନେଜମେଣ୍ଟ ଏପର୍ଯ୍ୟନ୍ତ ନୀରବ ରହି ଘଟଣାକୁ ରଫାଦଫା କରିବାକୁ ଚେଷ୍ଟା କରୁଛନ୍ତି। ସେଥିପାଇଁ ଅଚ୍ୟୁତଙ୍କ କଳା ସାମ୍ରାଜ୍ୟର ପତନ ଘଟାଇ କିଟ୍ ଓ କିସ୍‌ର ଶୃଙ୍ଖଳିତ ପରିଚାଳନା ପାଇ ତଦନ୍ତ ଦାବି କରୁଛନ୍ତି।

ଅଚ୍ୟୁତ ସଦାବେଳେ କୁହନ୍ତି ତାଙ୍କର ଘର ନାହିଁ, ଗାଡ଼ି ନାହିଁ, ଅର୍ଥ ନାହିଁ। କିନ୍ତୁ କନ୍ଧମାଳ ନିର୍ବାଚନରେ ୧୦୦ କୋଟି ଟଙ୍କା ଖର୍ଚ୍ଚ କରନ୍ତି। କୋଟି କୋଟି ଟଙ୍କା ମୂଲ୍ୟର ରେଞ୍ଜ ରୋଭର୍ ଗାଡ଼ି ଚଳାନ୍ତି। ମନଇଚ୍ଛା ଲକ୍ଷ ଲକ୍ଷ ଟଙ୍କା ଦାନବୀର ହରିଶ୍ଚନ୍ଦ୍ର ଭଳି ବାଣ୍ଟନ୍ତି। ଅନ୍ୟମାନଙ୍କ ବିରୁଦ୍ଧରେ ମିଛ କେଶ ପାଇଁ ଗୁଣ୍ଡାମାନଙ୍କୁ ଭଡ଼ାରେ ଆଣି ମାଡ଼ ମାରିବା, ତାଙ୍କ ବିରୋଧରେ ହେଉଥିବା ଯେକୌଣସି ଖବର ପ୍ରସାରଣକୁ ବନ୍ଦ ପାଇଁ ପ୍ରଚୁର ଅର୍ଥ ବାଣ୍ଟନ୍ତି। କିଟ୍ ଭିତରେ ରାଜ୍ୟର ଦୁର୍ନୀତିଗ୍ରସ୍ତ ଅମଲାମାନଙ୍କୁ ଆପ୍ୟାୟିତ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି। ଏହି ଅର୍ଥ ଆସେ କେଉଁଠୁ, ରାଜ୍ୟବାସୀଙ୍କ ଜାଣିବାର ଅଧିକାର ଅଛି।

ସ୍ୱଚ୍ଛତା ରହିଲେ କେହି ସନ୍ଦେହ କରିବେ ନାହିଁ। ତେଣୁ କିଟ୍ ଓ କିସ୍ ସଂସ୍ଥା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ର ପରିସରକୁ ଅଣାଯାଉ। ରାଜ୍ୟ ସରକାର ମଧ୍ୟ କାଳବିଳମ୍ବ ନକରି ସତ୍ୟ ଉପରୁ ପରଦା ହଟାନ୍ତୁ ଓ ନିଜକୁ ସନ୍ୟାସୀ କହି ଧଳାହାତୀ ସାଜିଥିବା ଅଚ୍ୟୁତଙ୍କର ଅସଲ ମୁଖା ଖୋଲନ୍ତୁ।

### ଡ୍ରାଫ୍ଟ ପ୍ରସ୍ତାବରେ...

ୟୁକ୍ରେନ ଓ ଏହାର ୟୁରୋପୀୟ ସହଯୋଗୀଙ୍କ ଦ୍ୱାରା ଉପସ୍ଥାପିତ 'ୟୁକ୍ରେନରେ ଏକ ବ୍ୟାପକ, ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତିକୁ ଆଗେଇ ନେବା' ଡ୍ରାଫ୍ଟ ପ୍ରସ୍ତାବ ଉପରେ ଗତକାଲି ଭୋଟ ଦେଇଛନ୍ତି। ଏହା ସମର୍ଥନରେ ୯୩ଟି ଭୋଟ ପଡ଼ିଥିବା ବେଳେ ୧୮ଟି ଭୋଟ୍ ବିପକ୍ଷରେ ପଡ଼ିଛି। ଏହାଛଡ଼ା ୬୫ ସଦସ୍ୟ ଭୋଟ୍‌ଦାନରୁ ବିରତ ରହିଛନ୍ତି।

ଇତିମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ତିନି ବର୍ଷ ପୂରିଯାଇଥିବା ବେଳେ ତୃତୀୟ ବାର୍ଷିକୀରେ ଆସିଥିବା ପ୍ରସ୍ତାବରେ ରୁଷିଆକୁ ସମର୍ଥନ କରିଥିବା ରାଷ୍ଟ୍ର ମଧ୍ୟରେ ସହଯୋଗୀ ବେଲାରୁଷ, ଉତ୍ତର କୋରିଆ ଓ ସୁଦାନ ଆଦି ରହିଛନ୍ତି। ତେବେ ବିରତ ରହିଥିବା ଦେଶ ମଧ୍ୟରେ ଭାରତ ଅନ୍ୟତମ। ପୂର୍ବରୁ ଆଲୋଚନା ଓ କୂଟନୀତି ମାଧ୍ୟମରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆହ୍ୱାନ ଦେଇଥିବା ଭାରତ ସଦ୍ୟ ପ୍ରକ୍ରିୟାରେ ନିଜକୁ ସାମିଲ୍ କରିନାହିଁ।

### ଓଡ଼ିଶାରେ ମୃଦୁ ଭୂକମ୍ପ...

କୌଣସି ସ୍ଥାନରେ କିଛି ବି କ୍ଷୟକ୍ଷତି ଘଟିଥିବା ନେଇ କୌଣସି ସୂଚନା ନାହିଁ। କିନ୍ତୁ ଅଚାନକ ଝରକା, କବାଟ ଆଦି ଥରିବା ଫଳରେ ଲୋକେ ଭୟଭୀତ ହୋଇ ଘର ବାହାରକୁ ଚାଲିଆସିଥିଲେ। ବାଲେଶ୍ୱରର ରେମୁଣା ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂକମ୍ପ ଟିକେ ଅଧିକ ଅନୁଭୂତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ପୁରୀରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହାର ତୀବ୍ରତା ୪.୭ ରେକର୍ଡ କରାଯାଇଥିଲା।

### ଏଣିକି ଦୁଇଥର...

ପରୀକ୍ଷା ବାଧ୍ୟତାମୂଳକ ହେବ। ସେହିପରି କ୍ରୀଡ଼ା କୋଟାରେ ଆସିଥିବା ଛାତ୍ରଛାତ୍ରୀ ଯେକୌଣସି ଗୋଟିଏ ପରୀକ୍ଷା ଦେଇପାରିବେ। ଉଭୟ ପରୀକ୍ଷା ପାଇଁ ସେଣ୍ଟର କରାଯିବ। ସ୍କୁଲଗୁଡିକ ସେଣ୍ଟର ଯୋଗ୍ୟ କି ନୁହେଁ, ତା'ର ବି ଯାଞ୍ଚ ହେବ ବୋଲି ଆଜି ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁସାରେ, ଆସେସମେଣ୍ଟ ବା ପ୍ରାକ୍ଟିକାଲ ପରୀକ୍ଷା ଥରେ ହିଁ ହେବ। ଏନେଇ ଏକ ଚିଠା ଯୋଜନା ପ୍ରସ୍ତୁତ କରାଯାଇଛି। ଏନେଇ ମତାମତ ଦେବା ସକାଶେ ଅଭିଭାବକ, ଶିକ୍ଷାବିତ୍ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ କୁହାଯାଇଛି। ସେମାନେ ଉଦ୍ଦିଷ୍ଟ ୱେବ୍‌ସାଇଟ୍‌ରେ ଆସନ୍ତା ୯ ସୁଦ୍ଧା ସେମାନଙ୍କ ମତାମତ ଦେଇପାରିବେ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

### ୩୩୪ଟି ସ୍ଥାନରେ...

ବିଶେଷକରି ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ସମ୍ଭାବ୍ୟ ଓ ଭିଡ଼ ନିୟନ୍ତ୍ରଣ ସହ ଏହାର ସୁପରିଚାଳନା ଓ ସୁବ୍ୟବସ୍ଥା ଉପରେ ଆଲୋଚନା ହୋଇଛି। ପୁରୀ ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାରେ ବର୍ଷସାରା ପ୍ରାୟତଃ ଭିଡ଼ ରହିଥାଏ। ତେଣୁ ରଥଯାତ୍ରା ସମୟରେ ଭିଡ଼ ଅଧିକ ହେବା ସ୍ୱାଭାବିକ। ତେଣୁ ଏହାକୁ ନିୟନ୍ତ୍ରଣ ସହ ଅପରାଧ ରୋକିବା ଓ ଆଇନଶୃଙ୍ଖଳା ପରିଚାଳନା ପାଇଁ ରିୟଲ ଟାଇମ ମନିଟରିଂ ଦୃଷ୍ଟିରୁ ପୁରୀକୁ ସଂଯୋଗ କରୁଥିବା ରାସ୍ତା, ପୁରୀ ସହର, ବଡ଼ଦାଣ୍ଡ ଓ ପୁରୀ ବେଳାଭୂମି ଆଦି ୩୪୩ଟି ପ୍ରମୁଖ ସ୍ଥାନରେ ସିସିଟିଭି ସ୍ଥାପନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଉତ୍ତରା ଛକରୁ ମାଳତୀପାଟପୁର, ପୁରୀ ଗ୍ରୀଡ୍ ଷ୍ଟେସନରୁ କୋଣାର୍କ, ବାଲିଘାଇରୁ ନିମାପଡ଼ା, ମଙ୍ଗଳାଘାଟରୁ ସାତପଡ଼ା, ମାଳତିପାଟପୁରରୁ ମଙ୍ଗଳାଘାଟ, ମଙ୍ଗଳାଘାଟରୁ ବଡ଼ଦାଣ୍ଡ, ପୁରୀ ବଡ଼ଦାଣ୍ଡ, ବଡ଼ଦାଣ୍ଡରୁ ସମୁଦ୍ରକୂଳ, ସମୁଦ୍ର କୂଳ ଅଞ୍ଚଳ, ବଡ଼ଦାଣ୍ଡରୁ ଗ୍ରୀଡ୍ ଷ୍ଟେସନ, ପାର୍କିଂ ସ୍ଥଳ, ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ ସହ ପୁରୀ ସହରର ଗଳି ଓ ଉପଗଳି ଆଦିରେ ସିସିଟିଭି ଲଗାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିପାଇଁ ଭିତ୍ତିଭୂମି ଓ ବୈଷୟିକ ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଛି। ସିସିଟିଭି ବ୍ୟବସ୍ଥା ଜାତୀୟସ୍ତରୀୟ ହେବ, ସେଥିପ୍ରତି ଭିତ୍ତିଭୂମି ପ୍ରସ୍ତୁତି ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସକାଶେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥିସହ ରଥଯାତ୍ରା ପରିଚାଳନା ସମ୍ପର୍କିତ ସମସ୍ତ କାର୍ଯ୍ୟ ପ୍ରସ୍ତୁତି ପାଇଁ ଏସ୍‌ଓପି ପ୍ରସ୍ତୁତି ପାଇଁ ପୁଲିସ ପ୍ରଶାସନ ଓ ପୁରୀ ଜିଲ୍ଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।ପୁରୀ ଜିଲ୍ଲାପାଳ ଓ ଏସ୍‌ପି ଗତ ବର୍ଷ ରଥଯାତ୍ରାରେ ନିଆଯାଇଥିବା ପଦକ୍ଷେପ ଓ ପୂର୍ବ ଅନୁଭୂତି ବଖାଣିବା ସହ ଚଳିତ ବର୍ଷର ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରିଛନ୍ତି। ବୈଠକରେ ସମନ୍ୱିତ ଡାକବାଜି ଯନ୍ତ୍ର ବ୍ୟବସ୍ଥା ଉପରେ ବି ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ଯାନବାହନ ପରିଚାଳନା ଓ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

### ଜାତୀୟ ସ୍ତରରେ...

ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ସ୍ଥାନ ଖିଣ୍ଡା, ଉଷା କୋଠି ଭଳି ପର୍ଯ୍ୟଟନସ୍ଥଳୀ ରହିଛି। ଆଗାମୀ ଦିନରେ ଏହି ସ୍ଥାନକୁ ବିଶ୍ୱ ସ୍ତରରେ ପରିଚୟ ଦେବା ସକାଶେ ପ୍ରୟାସ ହେବ। କେନ୍ଦ୍ର ସରକାରଙ୍କ ଆଇସିଏଚଆର ସମେତ ବିଭିନ୍ନ ମାଧ୍ୟମରେ ଉଚ୍ଚସ୍ତରୀୟ ଗବେଷଣା କରାଯିବ। ସମ୍ବଲପୁର ଗଙ୍ଗାଧର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପକ୍ଷରୁ ଉଚ୍ଚସ୍ତରୀୟ କର୍ମଶାଳା ମାଧ୍ୟମରେ ଏହି ସ୍ଥାନର ଅଧିକ ପ୍ରଚାର ପ୍ରସାର କରାଯିବ। ଅଧିକନ୍ତୁ ଦେବ୍ରିଗଡ଼, ଭୀମମଣ୍ଡଳୀ ଓ ହୀରାକୁଦକୁ ନେଇ ସମନ୍ୱିତ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଦେବ୍ରିଗଡ, ଭୀମ ମଣ୍ଡଳୀ ଓ ହୀରାକୁଦକୁ ନେଇ ଏକ ପର୍ଯ୍ୟଟନ କ୍ଲଷ୍ଟର ଯୋଜନା ରହିଥିବାରୁ ଏନେଇ ଜିଲ୍ଲା ପ୍ରଶାସନ ସହ କେନ୍ଦ୍ର ମନ୍ତ୍ରୀ ଆଲୋଚନା କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଉକ୍ତ ଐତିହ୍ୟସମ୍ପନ୍ନ ଅଞ୍ଚଳର ପ୍ରସିଦ୍ଧି ବଢ଼ିବା ସହ ଅଞ୍ଚଳରେ ବ୍ୟାପକ ରୋଜଗାର ସୃଷ୍ଟି ହେବ। ଜାତୀୟ ସ୍ତରରେ ଦେବ୍ରିଗଡ ଓ ଭୀମମଣ୍ଡଳୀ ସ୍ଥାନର ପ୍ରଚାର ପ୍ରସାର ପାଇଁ ପ୍ରୟାସ ହେବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆକାଂକ୍ଷା ବ୍ଲକ ଅଧୀନରେ ପରିବର୍ତ୍ତନ କରାଯାଇଥିବା ୫୦୦ ବ୍ଲକ୍ ମଧ୍ୟରେ ନାକଟିଦେଉଳ ବ୍ଲକ ସାମିଲ ହୋଇଥିବାରୁ ଏଠାରେ ମୌଳିକ ବିକାଶ ସହ ଜନସାଧାରଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଅଣାଯାଇପାରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଶା କରିଛନ୍ତି।

### କଟିବନି ଜିରୋ...

ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆୟକର ଦାଖଲ କରିଥିବା ହିତାଧିକାରୀଙ୍କ ତାଲିକା ଜିଲ୍ଲା ଅଧିକାରୀମାନଙ୍କୁ ଦିଆଯାଇଛି। ସେମାନେ ଘର ଘର ବୁଲି ଯାଞ୍ଚ କରିବେ। ଅଧିକାରୀମାନେ ଉକ୍ତ ଆୟକରଦାତାଙ୍କ ଆର୍ଥିକ ସ୍ଥିତି ଯାଞ୍ଚ୍ କରିବା ପରେ ତାଙ୍କୁ ହିତାଧିକାରୀ ତାଲିକାରେ ରଖାଯିବ କି ନାହିଁ, ସେନେଇ ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଯେଉଁମାନଙ୍କର ଆୟକର ପଇଠ କାରଣରୁ କାର୍ଡ କଟିଛି, ସେମାନେ ମଧ୍ୟ ବିଭାଗକୁ ଜଣାଇବା ସକାଶେ ମନ୍ତ୍ରୀ ନିବେଦନ କରିଛନ୍ତି।

### ପରକଟା ହେବେ...

ଦିଆଯାଇଥିଲା। ସେହପରି ବିଜେଡି ବାଇ-ଲରେ ଥିବା ମହାସଚିବ ପଦକୁ ବି ସମୟକ୍ରମେ ଉଚ୍ଛେଦ କରିଦାଆଯାଇଛି। ଏହି ପଦରେ କିଛି ଦିନ ପ୍ରସନ୍ନ ଆଚାର୍ଯ୍ୟ ଓ ଡ଼ାକ୍ତର ଦାମୋଦର ରାଉତ ଥିଲେ। କିନ୍ତୁ ଦାମ ରାଉତଙ୍କ ପରେ ଏହି ପଦ ଆଉ କାହାକୁ ଦିଆଗଲାନି। ଏଥିସହିତ ବିଜେଡି ସଙ୍ଗଠନରେ କେବି ବି ସାଙ୍ଗଠନିକ ସମ୍ପାଦକ ପଦ ନଥିଲା। ପ୍ରଣବ ପ୍ରକାଶ ଦାସଙ୍କୁ ମଧ୍ୟ ସାଧାରଣ ସମ୍ପାଦକ ସଂଗଠନ ଦାୟିତ୍ୱ ଦେଇଥିଲେ ନବୀନ। ହେଲେ ଏହି ପଦଟି ଅପଭ୍ରଂସ ହୋଇ ତାଙ୍କୁ ସାଙ୍ଗଠନିକ ସମ୍ପାଦକ ବୋଲି କୁହାଗଲା। ଏବେ ଦଳର ପୁନର୍ବିନ୍ୟାସରେ ଏହି ପଦକୁ ଉଚ୍ଛେଦ କରିବାକୁ ଚିନ୍ତା କରୁଛନ୍ତି ସୁପ୍ରିମୋ।

ମିଳୁଥିବା ସୂଚନା ଅନୁଯାୟୀ ବିଜେଡି ସଭାପତି ନିର୍ବାଚନ ପରେ ଦୁଇଟି କମିଟି ଗଠନ କରିବେ ନବୀନ ପଟ୍ଟନାୟକ।

ପ୍ରଥମ କମିଟିରେ ରହିବେ ଦଳର ବରିଷ୍ଠ ନେତାମାନେ। ଦେବୀ ମିଶ୍ର, ଅରୁଣ ସାହ, ସଂଜୟ ଦାସବର୍ମା, ପ୍ରତାପ ଦେବ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଦୀପ ମାଝୀ, ସ୍ନେହାଙ୍ଗିନୀ ଛୁରିଆ, ପ୍ରମିଳା ମଲ୍ଲିକଙ୍କ ପରି ଅନୁଭବୀ ନେତାଙ୍କୁ ନେଇ ଏହି କମିଟି ଗଠନ କରାଯିବ। ଏହି କମିଟି ସିଧାସଳଖ ଭାବେ ଦଳର ସବୁ ରାଜନୈତିକ ବ୍ୟାପାର ନେଇ ନବୀନଙ୍କ ସହ କଥା ନିର୍ଦ୍ଦେଶ ନେବେ। ଆଉ ଦ୍ୱିତୀୟ କମିଟିରେ ରହିବେ ଯୁବ ନେତାମାନେ। ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଦେବେଶ ଆଚାର୍ଯ୍ୟ, ସଂଜୀବ ମଲ୍ଲିକ, ପ୍ରୀତିରଂଜନ ଘଡେଇ, ଦିପାଳୀ ଦାସଙ୍କ ପରି ଯୁବ ନେତାଙ୍କୁ ନେଇ ଦ୍ୱିତୀୟ କମିଟି ଗଠନ କରାଯିବ। ବରିଷ୍ଠ ନେତାମାନେ ନବୀନଙ୍କ ନିର୍ଦ୍ଦେଶ ପାଇବା ପରେ ତାଙ୍କ ପରାମର୍ଶରେ ଦ୍ୱିତୀୟ କମିଟି ଦଳ ପାଇଁ ତୃଣମୂଳ ସ୍ତରରେ କାମ କରିବ।

ପୂର୍ବପରି ଦଳରେ ଆଉ ଜଣଙ୍କର ହାକିମାତି ଚାଲିବ ନାହିଁ। କାରଣ ଗତ ୫ ବର୍ଷର ଅନୁଭୁତିକୁ ନେଇ ନବୀନ ଏଭଳି ନିଷ୍ପତ୍ତି ନେଇଛନ୍ତି।

ଦଳରେ ଜଣେ ନେତାଙ୍କ ହାକିମାତି ରହୁଥିବାରୁ ତୃଣମୂଳ ସ୍ତରରେ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ଏବଂ ଗତ ନିର୍ବାଚନରେ ବିଜେଡି ହାରିବାର ଏହା ଏକମାତ୍ର କାରଣ ଥିଲା ବୋଲି ନବୀନ ଜାଣିସାରିଛନ୍ତି। ଏଥିସହିତ ଏଣିକି ଦଳର ଆର୍ଥିକ ପରିଚାଳନା ଦାୟିତ୍ୱ ମଧ୍ୟ ନିଜେ ନବୀନ ଏକ କମିଟି ଜରିଆରେ ତଦାରଖ କରିବେ। ଯାହାଦ୍ୱାରା ପାର୍ଟି ଫଣ୍ଡର ଦୁରୁପଯୋଗ ହେବନି କି ଭବିଷ୍ୟତରେ କାହ ଜଣଙ୍କ ମାଲିକାନାରେ ରହିବନି ପାର୍ଟି ଫଣ୍ଡ।



## ଦ୍ୱିତୀୟ ଦିନ ଧାରଣା ପରେ ବି ବ୍ଲକ୍ ଅଧ୍ୟକ୍ଷା ଚୁପ୍

**ବାଲିଅନ୍ତା, ୨୫।୨ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକ ମାନଙ୍କର ଧାରଣା ଦ୍ୱିତୀୟ ଦିବସରେ ପହଞ୍ଚିଛି। ବାଲିପାଟଣା, ବାଲିଅନ୍ତା, ଧଉଳି, ନିଆଳି, ଭୁବନେଶ୍ୱର ପ୍ରଭୃତି ଅଞ୍ଚଳରୁ ଶତାଧିକ ସାମ୍ବାଦିକ ଆଜିର କାର୍ଯ୍ୟକ୍ରମରେ ଯୋଗଦେଇ ଅଧ୍ୟକ୍ଷାଙ୍କ ଅହଙ୍କାରୀ ମନୋବୃତ୍ତିର ଦୃଢ଼ ନିନ୍ଦା କରିଥିଲେ। ଧାରଣାସ୍ଥଳରେ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି, ଏମଏସଏମଇର ଉପ ସଭାପତି ସତ୍ୟପ୍ରିୟ ବେହେରା,ପ୍ର ଦୀପ ମହାନ୍ତି, କଂଗ୍ରେସ ନେତା ବେଣୁଧର ଭୋଇ ପହଞ୍ଚି ଘଟଣାର ଦୃଢ଼ ନିନ୍ଦା କରିବା ସହିତ ଆନ୍ଦୋଳନକୁ ସମର୍ଥନ କରିଥିଲେ। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଧାରଣାରେ ସାମିଲ ହୋଇ ବ୍ଲକ ଅଧ୍ୟକ୍ଷାଙ୍କ ଏତାଦୃଶ ଆଚରଣର ଦୃଢ ନିନ୍ଦା କରିବା ସହିତ ନ୍ୟାୟ ନମିଳିଲେ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଯଯାତି ମହାନ୍ତି, ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ବାଲିଅନ୍ତା ସଭାପତି ସୋମନାଥ ସ୍ୱାଇଁ,ନିରଞ୍ଜନ ସେନାପତି, ପୀତବାସ ଦାଶ, ସୂର୍ଯ୍ୟକାନ୍ତ ଭୋଳ, ବିଦ୍ୟାଭୂଷଣ ଭୋଳ, ପ୍ରଭାତେଂଶୁ ସାମନ୍ତରାୟ, ଅରୁଣ ଶତପଥୀ, ବଟକୃଷ୍ଣ ମହାପାତ୍ର, ଆଶୁତୋଷ ଚୌଧୁରୀ, ଗଗନ ଭୋଇ, ଲୁକେସ କୁମାର ସାହୁ, କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଅନିର୍ଦ୍ଦିଷ୍ଟ ସମୟ ପାଇଁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ଓ ଆହୁରି ଅଧିକ ସଂଖ୍ୟାରେ ସାମ୍ବାଦିକ ଏଥିରେ ସାମିଲ ହେବେ ବୋଲି ସୂଚନା ଦେଇଥିଲେ। ସାମ୍ବାଦିକ ମାନଙ୍କ ତରଫରୁ ବାଲିଅନ୍ତା ଥାନାରେ ଏକ ଏତଲା ଦିଆଯାଇ ସୁରକ୍ଷା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ଗତକାଲି ମେଲ୍ ଯୋଗେ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଏକ ପତ୍ର ପ୍ରେରଣ କରାଯାଇ ଅବଗତ କରାଯାଇଛି।

## ପ୍ରସ୍ତର ଶିଳ୍ପୀ ସୁଶାନ୍ତ ସମ୍ମାନିତ



**ବାଲିଚନ୍ଦ୍ରପୁର, ୨୫।୨ (ସଂଚାର ବ୍ୟୁରୋ):** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧିନ ପଲେଇ ଗ୍ରାମର ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରସ୍ତଶିଳ୍ପୀ ସୁଶାନ୍ତ କୁମାର ଦାସଙ୍କୁ ହରିୟାଣାର ସୁରଜକୁଣ୍ଡ ଠାରେ ଅନୁଷ୍ଠିତ ଆନ୍ତର୍ଜାତିୟ ସୁରଜକୁଣ୍ଡ ହସ୍ତଶିଳ୍ପ ମେଳାରେ ନିଜର କଳାକୃତି ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ୧୭ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ମେଳାର ଅନ୍ତିମ ଦିବସରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ହରିୟାଣାର ପ୍ରଶାସନିକ ଅଧିକାରୀ ଡ଼ଃ. ସୁନିଲ କୁମାର ଯୋଗଦେଇ ସୁଶାନ୍ତଙ୍କୁ 'କଳାନିଧି ସମ୍ମାନ'ରେ ସମ୍ମାନିତ କରି ନଗଦ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରିଛନ୍ତି। ଯାଜପୁର ଜିଲ୍ଲାରୁ ଏକ ମାତ୍ର ଶିଳ୍ପୀ ଭାବେ ବଡ଼ଚଣା ବ୍ଲକ ପଲେଇ ଗ୍ରାମର ଶ୍ରୀ ଦାସ ଏହି ଆନ୍ତର୍ଜାତିୟ ପ୍ରଦର୍ଶନୀରେ ଭାଗନେଇଥିଲେ। ଏହି ସମ୍ମାନ ପାଇଁ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ସମାଜସେବୀ ଅଶୋକ କୁମାର ସାମଲ, ସୁମନ୍ତ କୁମାର ସାମଲଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ମାନ୍ୟଗନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ଶ୍ରୀ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଫିରିଙ୍ଗିଆ ପଳାବୃଡ଼ି ଅଞ୍ଚଳରେ ବାଘ ଆତଙ୍କ

**କନ୍ଧମାଳ, ୨୫।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବନାଞ୍ଚଳ ପଳାବୃଡ଼ି ପଞ୍ଚାୟତ ଅଞ୍ଚଳରେ ବୁଲୁଛି ଏକ କଲରାପତରିଆ ବାଘ। ଏନେଇ ପ୍ରଚାର ହେବା ପରେ ଆଖପାଖ ଅଞ୍ଚଳର ଲୋକ ଭୟଭୀତ ହୋଇପଡ଼ିଛନ୍ତି। ଫୁଲବାଣୀ ଗୋଛାପଡ଼ା ରାସ୍ତାର ମୁସୁଲିପାଙ୍ଗା ଗ୍ରାମ କଡ଼ିସରୁ ଜଙ୍ଗଲଠାରେ



ଏହି କଲରାପତରିଆ ରାସ୍ତା ପାର୍ କରୁଥିବା ଦେଖିବାକୁ ମିଳିଛି। ଶନିବାର ରାତିରେ ଟେଲାପାଲି ଗାଁର ରଘୁନାଥ ଦିଗଲ ଗାଡ଼ିରେ ଫୁଲବାଣୀରୁ ଗୋଛାପଡ଼ା ଯାଉଥିଲେ। ଏହି ସମୟରେ ବାଘଟି ରାସ୍ତା ପାର୍ କରି ଯାଉଥିବାର ସେ ଦେଖୁଥିବା କହିଛନ୍ତି। ଫିରିଙ୍ଗିଆ ରେଞ୍ଜର୍ ପ୍ରଦୋଷ ମହାକୁଡ଼ କହିଛନ୍ତି, ଗତ ୬ ମାସ ହେବ ବାଘ ବୁଲୁଥିବା ସୂଚନା ରହିଛି। ପାଦଚିହ୍ନ ମିଳିବା ପରେ ଟ୍ରାପ୍ କ୍ୟାମେରା ଲଗାଇ ବାଘ ଠାବ କରିବା ପାଇଁ ଚେଷ୍ଟା କରାଯାଇଥିଲା । କିନ୍ତୁ ବାଘର ସନ୍ଧାନ ମିଳି ନ ଥିଲା । ବନ ବିଭାଗ ପକ୍ଷରୁ ନଜର ରଖାଯାଇଥିବା ବେଳେ ଲୋକଙ୍କୁ ଭୟଭୀତ ନହେବା ପାଇଁ ଅନୁରୋଧ କରିଛନ୍ତି ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ପ୍ରଦୋଷ କୁମାର ମହାରଣା ।

## ମାଙ୍କଡ଼ କାମୁଡ଼ାରେ ବୃଦ୍ଧା ଗୁରୁତର

**ବାଲିଅନ୍ତା, ୨୫।୨ (ସଂଚାର ବ୍ୟୁରୋ):** ବାଲିଅନ୍ତାରେ ମାଙ୍କଡ ଆତଙ୍କ ଦେଖାଦେଇଛି। ଏହି ବ୍ଲକ ଅଧୀନ ଗଣ୍ଡିଲୋ ଗ୍ରାମର ସୁଷମା ପ୍ରଧାନ (୬୫) ଆଜି ମାଙ୍କଡ଼ କାମୁଡ଼ାରେ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୁଷମାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କ ଗୋଡ଼ର ବିଭିନ୍ନ ସ୍ଥାନରେ ୩୦ଟି ଷ୍ଟିଚ ପଡିଛି। ସୂଚନା ଅନୁସାରେ ଗାଁରେ ଏକ ପାଗଳା ମାଙ୍କଡ଼ ଆତଙ୍କ ଚଲାଇଛି। ଗାଁ ଗହଳି ସାହିରେ ଲୋକଙ୍କୁ କାମୁଡି ଗୋଡାଉଛି। ସୁଷମା ଆଜି ନାତୁଣୀ ସହ ବାଡ଼ିରେ ବସିଥିବା ବେଳେ ଏହି ପାଗଳ ମାଙ୍କଡଟି ତାଙ୍କ ଗୋଡ଼କୁ କାମୁଡି କ୍ଷତାକ୍ତ କରିଦେଇଥିଲା। ମାଙ୍କଡ କାମୁଡାକୁ ନେଇ ଗାଁରେ ଆତଙ୍କ ଦେଖାଦେଇଛି। ଆହତ ସୁଷମାଙ୍କୁ ସରକାରୀ ସହାୟତା ପାଇଁ ଦାବି ହେଉଛି ।

# ସ୍ୱତନ୍ତ୍ର କୋଡ୍‌ରେ ଚାଲିଛି ନିଶା କାରବାର

### ବାବା, ସ୍ପେସାଲ, ଚକ, ରିଜିଲା ନାଁରେ ହେଉଛି କାରବାର

**କାକଟପୁର/ଅସ୍ତରଙ୍ଗ, ୨୫।୨ (ସଂଚାର ବ୍ୟୁରୋ):** ଦିନକୁ ଦିନ ନିଶା କାରବାର ଢାଞ୍ଚା ବଦଳି ଚାଲିଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ପାନ ଦୋକାନ ଠାରୁ ଆରମ୍ଭ କରି ଗ୍ରୋସରୀ ଦୋକାନୀ ପର୍ଯ୍ୟନ୍ତ ସବୁଠି ସହଜରେ ମିଳୁଛି ଗଂଜେଇ ଭର୍ତ୍ତି ସିଗାରେଟ। ନିଶାଡୀ ଆଉ ବ୍ୟବସାୟୀ ଜାଣିବା ପାଇଁ ସ୍ୱତନ୍ତ୍ର କୋଡ଼ ବ୍ୟବହାର କରାଯାଇ ବ୍ୟବସାୟୀ ହେଉଛି। ଯାହାକି ସମସ୍ତ ଲୋକ ଜାଣିପାରୁନାହାନ୍ତି। କେଉଁଠି ସ୍ପେସାଲ, ବାବା, ରିଜିଲା, ଭୋଗ, ଚକ ନାମରେ ଏହି ସିଗାରେଟ କାରବାର ଚାଲିଥିବା ବେଳେ କୋଡ଼ ରେ କହିଲେ ଦୋକାନୀ ବୁଝି ନିଶାଡୀଙ୍କୁ ବଢ଼ାଇ ଦେଉଛନ୍ତି। ବିଶେଷ କରି ଯୁବ ପିଢ଼ି ଏହି ସିଗାରେଟ ନିଶା କବଳରେ ପଡିଛନ୍ତି। କାକଟପୁର




ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ପାନ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏହା ସହଜରେ ଉପଲବ୍ଧରେ ମିଳିପାରୁଛି। କିନ୍ତୁ ଅବକାରୀ ବିଭାଗ କିମ୍ବା ପୁଲିସ ଏ ସମ୍ପର୍କ ରେ କିଛି ଜାଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ବ୍ୟବସାୟୀ ଶସ୍ତା ସିଗାରେଟରୁ ପତି ବାହାର କରି ସେଥିରେ ଗଂଜେଇ ଭର୍ତ୍ତି କରି ବିକ୍ରି କରୁଛନ୍ତି। ଏହା ବଜାରରେ "ସ୍ପେସାଲ" ସିଗାରେଟ ନାମରେ ସମସ୍ତେ ଜାଣୁଛନ୍ତି। ତାହା ସହ ଆଉ ଏକ ପ୍ୟାକେଟରେ ମାଟିଆ ରଙ୍ଗ ମିଳୁଛି "ରିଜିଲା"ନାମରେ ବିକ୍ରି ହେଉଛି। ବ୍ୟବସାୟୀ ଏହାକୁ ପ୍ରସ୍ତୁତ କରି ଗୋଟାକୁ ୧୦ଟଙ୍କାରେ ବିକ୍ରି କରୁଛନ୍ତି। ତାହା ସହ ଅଞ୍ଚଳ କିଛି ବଡ଼ ବ୍ୟବସାୟୀ ଗଂଜେଇ ସହ କିଛି ରାସାୟନିକ ମିଶାଇ କଞ୍ଚାମାଲ ପ୍ରସ୍ତୁତ କରିବା ପରେ ଏହାକୁ ଛୋଟ ବେପାରୀଙ୍କୁ ଯୋଗାଇ ଦିଆଯାଉଛି। ଏହା ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ସମ୍ମମ୍‌ରେ ହେଲ୍‌ଥ ରେକର୍ଡସ ଆସୋସିଏସନ୍ ଅଫ୍ ଇଣ୍ଡିଆର ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ) :** ହେଲ୍‌ଥ ରେକର୍ଡସ ଆସୋସିଏସନ୍ ଅଫ୍ ଇଣ୍ଡିଆର ୨୪ତମ ଜାତୀୟ ସମ୍ମିଳନୀ ସୋଆ ପରିଚାଳିତ ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ) ଠାରେ ଗତ ଫେବୃଆରୀ ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୪୫୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ ଓ ମେଡିକାଲ୍ ରେକର୍ଡ ବିଶେଷଜ୍ଞ ଯୋଗ ଦେଇଥିଲେ।

ସମ୍ମମର ମେଡିକାଲ୍ ରେକର୍ଡସ ବିଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀକୁ ହସ୍ପିଟାଲ୍‌ର ଚିଫ୍ ଏଗ୍‌ଜିକ୍ୟୁଟିଭ୍ ଅଫିସର ଡ. ଶ୍ୱେତପଦ୍ମା ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହସ୍ପିଟାଲ୍‌ର ମେଡିକାଲ୍ ସର୍ଭିସେସ୍ ମୁଖ୍ୟ ବ୍ରିଗେଡ଼ିୟର (ଡ.) ବିରାଜ ମୋହନ ମିଶ୍ର ତଥା ହେଲ୍‌ଥ ରେକର୍ଡସ ଆସୋସିଏସନ୍ ଅଫ୍ ଇଣ୍ଡିଆନର ସଭାପତି ଶ୍ରୀ ସୁରେଶ କାର୍ଲେଟନ ଓ ସମ୍ପାଦକ ଶ୍ରୀ ୱିଲସନ୍ ଥାୟା ଜି ଉପସ୍ଥିତ ଥିଲେ। ଡ. ଦାଶ ତାଙ୍କ ବକ୍ତୃତାରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସର ଅଭ୍ୟୁଦୟ ପରିପ୍ରେକ୍ଷୀରେ ଡାକ୍ତରୀ ଚିକିତ୍ସାରେ ମେଡିକାଲ୍ ରେକର୍ଡସର ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି ସମ୍ମିଳନୀର ମୂଳ ପ୍ରସଙ୍ଗ ଥିଲା 'କରେଂଟ ଟ୍ରେଣ୍ଡସ୍ ଇନ୍ ମେଡିକାଲ୍ ରେକର୍ଡସ ଆଣ୍ଡ ହେଲ୍‌ଥ ଇନ୍‌ଫର୍ମେସନ୍ ମ୍ୟାନେଜମେଣ୍ଟ ଉଇଥ ରେଫରେନ୍ସ ଟୁ କ୍ୱାଲିଟି ଆକ୍ରେଡିଟେସନ୍ ଆଣ୍ଡ ମେଡିକୋ ଲିଗାଲ ଆସ୍‌ପେକ୍ଟସ'। ଡ. ଦାଶ ମଧ୍ୟ ଆସୋସିଏସନ୍‌ର ୱେବସାଇଟ୍ ଓ ଅନଲାଇନ୍ ପୋର୍ଟାଲକୁ ଏହି ଅବସରରେ ଉନ୍ମୋଚିତ କରିଥିଲେ। ଏହାଛଡ଼ା ଆସୋସିଏସନ୍‌ର ଓଡ଼ିଶା ଶାଖାର ୭ ଜଣ ସଭ୍ୟଙ୍କୁ ସେମାନଙ୍କର ଏହି କ୍ଷେତ୍ରରେ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା।

ସମ୍ମାନିତ ସଭ୍ୟମାନେ ହେଲେ ଶ୍ରୀ ବିଜୟ କୁମାର ବେହେରା, ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ରଣା, ଶ୍ରୀ ମନୋଜ କୁମାର ବେହେରା, ଶ୍ରୀ ନାରାୟଣ ଚନ୍ଦ୍ର ବେହେରା, ଶ୍ରୀ ଅଜୟ କୁମାର ମହାପାତ୍ର, ଶ୍ରୀ ସୁଜିତ କୁମାର ରାଉଳ ଓ ଶ୍ରୀ ରତିକାନ୍ତ ବାରିକ।



## ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର

**ନାଉଗାଁ, ୨୫।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ଜଗତସିଂହପୁର ଆନୁକୂଲ୍ୟରେ ଆର୍ଥୀକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଏବିଡିଓ ଦେବେନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଅର୍ଥ ବିଭାଗର ଯୁଗ୍ମ ସଚିବ ରଞ୍ଜନ ଦାସ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ମୌସୁମୀ ମଧୁସ୍ମିତା, ଜଗତସିଂହପୁର ଥାନା ଏସଆଇ ବିବେକାନନ୍ଦ ସାହୁ, ଜିଲା ସାଂସ୍କୃତିକ ଅଧିକାରୀ ଦିଲିପ ଜେନା ଆଦି ଉପସ୍ଥିତ ରହିଥିଲ। ଏହି ଶିବିରରେ ସ୍ୱଳ୍ପ ସଞ୍ଚୟରେ ଥିବା ବିଭିନ୍ନ ସ୍କିମ ବିଷରେ ଯୁଗ୍ମ ସଚିବ ଦାସ ବିଶଦ ଭାବରେ ଆଲୋଚନା କରିଥିଲେ। ଗାଁର ମା ମାନେ ସ୍ୱଳ୍ପ ସଞ୍ଚୟ ପ୍ରତି ଆକୃଷ୍ଟ ହେବା ସହ ଅଳ୍ପ ଅଳ୍ପ ସଞ୍ଚୟ କଲେ ତାହା ଦିନେ ବୃହତ କାର୍ଯ୍ୟରେ ଲାଗି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଅନଲାଇନ ମାଧ୍ୟମରେ ଆଦାନ ପ୍ରଦାନ କରିବା ଓ ଅନେକ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ଜନସାଧାରଣ ଠକାମିରେ ପଡୁଥିବା ଏସଆଇ ବିବେକାନନ୍ଦ ସାହୁ ମତବ୍ୟକ୍ତ କରିଥିଲେ। କିପରି ନିଜର ଜମା ରାଶିକୁ ସୁରକ୍ଷିତ ରଖିବା ଓ ଅଜଣା ନମ୍ବରରୁ କଲ ଆସିଲେ ନ ଉଠାଇବା, ନିଜର ପାସୱାର୍ଡ ଓ ଓଟିପି ଆଦି ଅଜଣା ଲୋକଙ୍କୁ ନ ଦେବା ବିଷୟରେ ବିଶଦ ଆଲୋଚନା କରିଥିଲେ।

## ଲଡୁବାବାଙ୍କ ମହାଶିବରାତ୍ରି: ରାତି ୧୨ଟାରେ ଉଠିବ ମହାଦୀପ



**ନୟାଗଡ଼, ୨୫।୨ (ସଂଚାର ବ୍ୟୁରୋ):** ଓଡିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ନୟାଗଡ ଜିଲ୍ଲା ଶରଣକୁଳ ଲଡୁବାବାଙ୍କ ପୀଠ ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇପଡିଥିବା ବେଳେ ନୟାଗଡ ଦେବୋତ୍ତର ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରାକୁ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ମନ୍ଦିର ସୁପରଭାଇଜର ସୁବାଷ ଚନ୍ଦ୍ର ବରାଡ଼ ଏବଂ ଥାନା ଅଧିକାରୀ ପରମାନନ୍ଦ ଦଳାଇଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଶେଷ ହୋଇଯାଇଛି । ମହାଶିବରାତ୍ରି ପୂର୍ବ ଦିନ ରାତ୍ର ୧୨ଟା ପରେ ମନ୍ଦିର ଖୋଲାଯାଇ ଭୋର ୪ ଟା ମଧ୍ୟରେ ଠାକୁରଙ୍କର ଅବକାଶ ନୀତି ଠାରୁ ସକାଳର ସମସ୍ତ ନୀତିକାନ୍ତି ସହିତ ଧୂପ ସମାପନ କରାଯାଇ ସଂନ୍ଧ୍ୟା ୬ ଟା ୩୦ ମିନିଟ ପର୍ଯ୍ୟନ୍ତ ଭକ୍ତ ମାନଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ । ପରେ ୧ ଘଣ୍ଟା ମଧ୍ୟରେ ସଂଧ୍ୟା ପୂଜାନୀତି ସଂପନ୍ନ କରାଯାଇ ରାତ୍ର ୧୦ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ଭକ୍ତ ମାନଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିବ । ରାତି ୧୦ଘ୩୦ମିନିଟ ପରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ଦକ୍ଷିଣ ଦ୍ୱାର ଦେଇ ବେଢ଼ା ପରିକ୍ରମା କରିବେ। ରାତ୍ର ୧୨ ଟାରେ ମହାଦୀପ ଉଠିବ । ଶୃଙ୍ଖଳାରେ ଠାକୁରଙ୍କ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସିଂହଦ୍ୱାରରେ ବେରିକେଟର ବ୍ୟବସ୍ଥା କରାଯାଇଛି । ଭକ୍ତମାନେ ବେରିକେଟରେ ସିଂହ ଦ୍ୱାର ଦେଇ ନାଟମଣ୍ଡପ, ଭୋଗମଣ୍ଡପ ମହନ ଦେଇ ରୁପା ବୃଷଭ ନିକଟରେ ପହଂଚିବେ । ସେଠାରେ ଠାକୁରଙ୍କୁ ଦର୍ଶନ କରି ଦକ୍ଷିଣ ଦ୍ୱାର ପଟେ ବେଢ଼ାକୁ ବାହାରି ମୁଖ୍ୟ ମନ୍ଦିର ପଛ ପାଖ ଦେଇ ଉତ୍ତର ଦ୍ୱାର ଦେଇ ମନ୍ଦିର ବାହାରକୁ ପ୍ରସ୍ଥାନ କରିବେ । ଭକ୍ତମାନେ ପୋଖରୀ ହୁଡ଼ା, ପାହାଚ, ମନ୍ଦିର ବାହାରେ ମୁଖ୍ୟ ରାସ୍ତାରେ ଏବଂ ମନ୍ଦିର ବେଢ଼ାରେ ଯାତାୟାତ ରାସ୍ତାକୁ ଛାଡି ଦୀପ ଜାଳିପାରିବେ। ଚଳିତ ବର୍ଷ ଅଧିକ ଦୋକାନ ବଜାର ଲାଗିବା ପାଇଁ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ପ୍ରକାର ଦୋଳି, ଖେଳଣା ସାମଗ୍ରୀ ଓ ମୀନା ବଜାର ସହିତ ଯାତ୍ରା ସିଂହ ବାହିନୀ ଗଣନାଟ୍ୟ ଓ ଧଉଳି ଗଣନାଟ୍ୟ ଦୁଇଟି ଯାତ୍ରାପାର୍ଟି ଆସୁଥିବାରୁ ପ୍ରବଳ ଜନଗହଳି ଲାଗି ରହିବାର ଆଶଙ୍କା କରାଯାଉଅଛି । ଯାତ୍ରା ପଡିଆରେ ଶୃଙ୍ଖଳା ରକ୍ଷା ସହିତ ବିଭିନ୍ନ ଘଟଣା ଦୁର୍ଘଟଣାରୁ ଏଡାଇବା ପାଇଁ ଅସ୍ଥାୟୀ ପୁଲିସ କେନ୍ଦ୍ର ,ଅଗ୍ନି ନିର୍ବାପକ କେନ୍ଦ୍ର ଓ ସୂଚନା କେନ୍ଦ୍ର ବ୍ୟବସ୍ଥା କରାଯାଇଛି ।

## 'ଲାଣ୍ଡେ୍।'ର ଗ୍ରାଣ୍ଡ୍ ମହୁରତ



**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ):** ସତ୍ୟଭାମା ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲାଣ୍ଡେ୍।-ମାଟିର ମଣିଷ'ର ଗ୍ରାଣ୍ଡ୍ ମହୁରତ ଅନୁଷ୍ଠିତ ହୋଇଯାଇଛି। ପଟିଆସ୍ଥିତ ସାଇ ମନ୍ଦିର ପରିସରରେ ଆୟୋଜିତ ଏହି ମହୁରତ ପର୍ବର ଅତିଥି ଇ. ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଧାୟକ ଖଣ୍ଡପଡା, ଜଗନ୍ନାଥ ପ୍ରଧାନ, ପ୍ରକାଶ କୁମାର ପଣ୍ଡା ଓ ଯଜ୍ଞାଶିଷ ମହାପାତ୍ର ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ରର କଳାକାର ଓ ଟେକ୍ନିସିଆନଙ୍କ ସମେତ ଇଣ୍ଡଷ୍ଟ୍ରି ସହ ସମ୍ପୃକ୍ତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

'ଲାଣ୍ଡେ୍।' କେବଳ ଏକ ମନୋରଞ୍ଜନ ଧର୍ମୀ ସିନେମା ନୁହେଁ। ଏଥିରେ ସମାଜ ପାଇଁ ବାର୍ତ୍ତା ବି ରହିଛି । ପ୍ରକୃତିକୁ ରକ୍ଷା ପାଇଁ ଜଣେ ପ୍ରକୃତିର ସନ୍ତାନ ବା ମାଟିର ମଣିଷ କେଉଁ ପର୍ଯ୍ୟାୟକୁ ଯାଇପାରେ ତାର ନଜିର ଏଥିରେ ଦେଖିବାକୁ ମିଳିବ। ଚଳଚ୍ଚିତ୍ରର କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ଶୁଭମ ସାଗର। ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଆଗ ଧାଡ଼ିର ଓ ସଫଳ ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ। ବିଜୟ ରାଉଳ ସଂଳାପ ଲେଖିଥିଲା ବେଳେ ଏଥିରେ ସଙ୍ଗୀତ ଦେଇଛନ୍ତି ସୋମେଶ ଶତପଥୀ। ଡ. ନିର୍ମଳ ନାୟକ ଓ ଜେପି ୱାର୍ଡସ୍ମିଥଙ୍କ ଗୀତରେ କଣ୍ଠଦାନ କରିଛନ୍ତି କୁଲଦୀପ, ଅନନ୍ୟା ଶ୍ରୀତମ ନନ୍ଦ, ଗୌରବ ଆନନ୍ଦ, ଅସୀମା ପଣ୍ଡା ଓ ମଣ୍ଟୁ ଛୁରିଆ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବିଦୁ ସାର। କ୍ରିଏଟିଭ ହେଡ ଓ ପ୍ରଚାର ମୁଖ୍ୟ ରହିଛନ୍ତି ହରପ୍ରସାଦ ମହାପାତ୍ର। ନାୟକ ଭୂମିକାରେ ନଜର ଆସିବେ ଶୁଭମ ସାଗର, ଆଉ ମୁଖ୍ୟ ଖଳନାୟକ ଭୂମିକାରେ ସୁଶାନ୍ତ କୁମାର ନାୟକ। ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି ଅର୍ଲିନ ଅଙ୍କିତା, ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, କେକେ, ଉଦିତ ଗୁରୁ, ରାଜଶ୍ରୀ, ଯୋଗେଶ ଜୋଜୋ ଓ ଅର୍ପଣ ମିଶ୍ର। ଏହା ଏକ ବ୍ୟୟ ବହୁଳ ସିନେମା ହୋଇଥିବା ବେଳେ କୌଣସିଥିରେ ଊଣା କରାଯିବନି ବୋଲି ଏହାର ନିର୍ଦ୍ଦେଶକ କହିଛନ୍ତି। ପରିଶେଷରେ ଯେଉଁମାନେ ଯୋଗ ଦେଇଥିଲେ ସମସ୍ତଙ୍କୁ ଉତ୍ତରୀୟ ଓ ଚାରା ଗଛ ଦେଇ ସମ୍ମାନିତ କରାଯାଇଥିଲା।

## 'ଡୁଡ଼ା' କାର୍ଯ୍ୟାଳୟ ଉଦଘାଟିତ



**ନୟାଗଡ଼, ୨୫।୨ (ସଂଚାର ବ୍ୟୁରୋ):** ନୟାଗଡ଼ ସହରର ଗୁଣ୍ଡିଚା ମନ୍ଦିର ସମ୍ମୁଖ ଭାଗରେ ଆଜି ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ନୂତନ କାର୍ଯ୍ୟାଳୟ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି । ଉଦଘାଟନୀ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁମନ ବେହେରା, ଜିଲ୍ଲାର ସମସ୍ତ ଏନ.ଏ.ସି ଓ ପୌର ପରିଷଦର ନିର୍ବାହୀ ଅଧିକାରୀ ଗଣ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ସହରାଞ୍ଚଳର ବିକାଶ ନିମନ୍ତେ ଏହି କାର୍ଯ୍ୟାଳୟ ଏକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବ ବୋଲି ଜିଲ୍ଲାପାଳ ମହୋଦୟ ମତବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ ଏହି କୋଠାଟି ପୂର୍ବରୁ ଉପ-ଜିଲ୍ଲାପାଳଙ୍କ ବାସଭବନ ଭାବେ ରହିଥିଲା। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ଉଦଘାଟନ ଯୋଗୁଁ ନୟାଗଡ଼, ଖଣ୍ଡପଡା,ରଣପୁର, ଦଶପଲ୍ଲା ଏବଂ ଓଡଗାଁ ସହରର ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ଏଣିକି ଉକ୍ତ କାର୍ଯ୍ୟାଳୟ ଅଧିକ ତ୍ୱରାନ୍ୱିତ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ପ୍ରଶାନ୍ତ କୁମାର ପରିଡା, ଆଦିତ୍ୟ ନାରାୟଣ ପ୍ରଧାନ, ନିଗମ ମହାପାତ୍ର, ସୁଭାଶିଷ ସେଠୀ, ପ୍ରଦୀପ କୁମାର ଦାସ ଓ ଚିରଞ୍ଜିବ ଦାସ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ ।

### 'ନଟ ଫର ସେଲ ସିମେଣ୍ଟ' ରାକେଟ ସକ୍ରିୟ

# ବିପୁଳ ପରିମାଣର ସିମେଣ୍ଟ ଜବତ

**କାକଟପୁର/ଅସ୍ତରଙ୍ଗ, ୨୫।୨ (ସଂଚାର ବ୍ୟୁରୋ) :** ଦିନକୁ ଦିନ ବିଭିନ୍ନ ସାମଗ୍ରୀ ବିକ୍ରି କରିବାକୁ ରାକେଟ ସକ୍ରିୟ ହେଲେଣି। ସରକାରୀ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟକୁ ବିକ୍ରି କରି ରାତାରାତି କୁବେର କୋଟିପତି ହେବାକୁ ସ୍ୱପ୍ନ ଦେଖୁଛନ୍ତି କିଛି ପେଟି କଣ୍ଟ୍ରାକ୍ଟର। ଖବର ମୁତାବକ କିଛି ମାସ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ 'ନଟ ଫର ସେଲ' ସିମେଣ୍ଟ ବ୍ୟବସାୟୀ ସକ୍ରିୟ। ତାହା ପୁଣି ରାତାରାତି ହେଉଛି ଚାଲାଣ। ଏମିତି ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ଚଢ଼ାଉ କରି ବିପୁଳ ପରିମାଣ ସିମେଣ୍ଟ ଜବତ କରିଛି।



ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ କିଛି ପେଟି କଣ୍ଟ୍ରାକ୍ଟର ସରକାରୀ କାର୍ଯ୍ୟ ବ୍ୟବହୃତ ପାଇଁ 'ନଟ ଫର ସେଲ' ସିମେଣ୍ଟ ଟ୍ରକ ମାଧ୍ୟମରେ ଆଣି ବିକ୍ରି କରୁଥିବା ଚର୍ଚ୍ଚା ଜୋର ଧରିବା ପରେ ମଙ୍ଗଳବାର ଦିନ ମଧ୍ୟାହ୍ନରେ ନୂଆଗଡ ସାମୁଦ୍ରିକ ଥାନା ପୋଲିସ ଖବର ପାଇଁ ମଧୁପୁର ଗ୍ରାମର ପ୍ରଦେଶ ବେହେରାଙ୍କ ଘରେ ଯାଞ୍ଚ କରିଥିଲେ। ଉକ୍ତ ସ୍ଥାନରୁ ପୋଲିସ 'ଜିନ୍ଦଲ ପାୱର ସିମେଣ୍ଟ ନଟ ଫର ସେଲ' ପାଖାପାଖି ୪୦ବସ୍ତାରୁ ଉର୍ଦ୍ଧ ଜବତ କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ନିଜ ଘର କାମ ପାଇଁ ଏହି ସିମେଣ୍ଟ ଆଣି ନିଜ ଘର କାମ କିଛି ଦିନ ହେବ କରୁଥିଲେ। କିନ୍ତୁ ସରକାରୀ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ ବେସରକାରୀ ଘର ନିର୍ମାଣ ପାଇଁ କିପରି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ ଯାହା ସାଧାରଣ ଚର୍ଚ୍ଚା ହେଉଛି ସ୍ଥାନୀୟ ଅଞ୍ଚଳର କିଛି ପେଟି କଣ୍ଟ୍ରାକ୍ଟର ରାତାରାତି କୋଟି ପତି ହେବା ଲକ୍ଷ୍ୟରେ ନିଜ ଲାଇସେନ୍ସ ମାଧ୍ୟମରେ ଉକ୍ତ ସିମେଣ୍ଟ କମ୍ପାନୀରୁ 'ନଟ ଫର ସେଲ' ସିମେଣ୍ଟ ଆଣି ବିଭିନ୍ନ ଗାଁ ଗୁଡିକରେ ସ୍ୱଳ୍ପମୂଲ୍ୟରେ ବିକ୍ରି କରୁଛନ୍ତି। ଏ ରାକେଟ ଦୀର୍ଘ ଦିନ ହେବ ଚାଲିଥିଲେ ମଧ୍ୟ ପୋଲିସ ଟେର ପାଉନଥିଲା। ଏବେ ନୂଆଗଡ ସାମୁଦ୍ରିକ ଥାନା ପୋଲିସ ସିମେଣ୍ଟକୁ ଜବତ କରି ଥାନାରେ ରଖି ତଦନ୍ତ କରିବା ସହ ଏମିତି ବ୍ୟବସାୟର ମାଷ୍ଟର ମାଇଣ୍ଡ କିଏ ଖୋଜୁଛି।

# ସୋଆ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସର 'ଆମିଟି ୨୦୨୫'

**ଭୁବନେଶ୍ୱର, ୨୫।୨ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ବାର୍ଷିକ ମହୋତ୍ସବ 'ଆମିଟି ୨୦୨୫' ଫେବୃଆରୀ ୨୧ ଓ ୨୨ରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଦିବ୍ୟଜ୍ୟୋତି ଦାସ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଭାରତ ବାୟୋଟେକ୍ ଲିମିଟେଡ୍ ପରିଚାଳିତ ସାପିଜେନ୍ ବାୟୋଲଜିକ୍ସ ପ୍ରାଇଭେଟ ଲିମିଟେଡର ସଭାପତି ଶ୍ୟାମବାବୁ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।




ଶ୍ରୀ ସେନାପତି ନିଜ ବକ୍ତବ୍ୟରେ ଫାର୍ମାସୀ ବୃତିରେ ଏପର୍ଯ୍ୟନ୍ତ ଘଟିଥିବା ସମସ୍ତ ପରିବର୍ତ୍ତନ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଅହରହ ଜ୍ଞାନ ଆହରଣ କରିବା ନିମନ୍ତେ ଉପଦେଶ ଦେଇଥିଲେ। ଏଥିରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ କ୍ଷେତ୍ରରେ ଶ୍ରେଷ୍ଠ ହେବା ନିମନ୍ତେ ଲକ୍ଷ୍ୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବିଶିଷ୍ଟ ଓଡ଼ିଆ କବି ସୁଷମା ମିଶ୍ର ଏହି ଦିନ ପାଳିତ ହୋଇଥିବା ବିଶ୍ୱ ମାତୃଭାଷା ଦିବସ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜ ବୃତି ସହ ନିଜର ସଂସ୍କୃତି ପ୍ରତି ଆକର୍ଷିତ ହେବାକୁ ଉପଦେଶ ଦେଇଥିଲେ।

ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗ୍ରହଣ ବେଳେ ଦାୟିତ୍ୱପୂର୍ଣ୍ଣ ହେବାକୁ କହିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍କର୍ଷ ପ୍ରତିପାଦିତ କରିବାକୁ କହିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ପତ୍ରିକା 'ଆରୋନ୍ ୨୦୨୫'ର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ମହୋତ୍ସବ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଇ. ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାକୁମ୍ଭରେ ବୁଡ଼ପକାଇଲେ ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର,୨୫।୨ (ସଂଚାର ବ୍ୟୁରୋ): ଆଉ ଦିନକ ପରେ ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭମେଳା ଉଦ୍‌ଯାପିତ ହେବେ। ତେବେ ଏହା ପୂର୍ବରୁ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏଠାରେ ବୁଡ଼ ପକାଇଛନ୍ତି। ବୁଡ ପକାଇବା ପରେ ମନ୍ତ୍ରୀ ଡଃ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମର ସମୃଦ୍ଧ ପରମ୍ପରାର ଜୀବନ୍ତ ପ୍ରମାଣ। ଏହା କେବଳ ଯେ ଆତ୍ମାର ଶୁଦ୍ଧତା ପାଇଁ ଏକ ପଥ ତାହା ନୁହେଁ, ବରଂ ବିଭିନ୍ନ ପୃଷ୍ଠଭୂମିରୁ ଲୋକଙ୍କୁ ଏକତ୍ରିତ କରି 'ବସୁଧୈବ କୁଟୁମ୍ବକମ'ର ଅନନ୍ୟ ବାର୍ତ୍ତା ପ୍ରଦାନ କରୁଥିବା ଏକ ଦିବ୍ୟ ଭବ୍ୟ ମହୋତ୍ସବ। ଆସ୍ଥା, ଭକ୍ତି ଓ ଆଧ୍ୟାତ୍ମିକତା ନଗରୀ ପ୍ରୟାଗରାଜରେ ଗଙ୍ଗା ମାତା, ଯମୁନା ମାତା ଏବଂ ସରସ୍ୱତୀ ମାତାଙ୍କ ଦିବ୍ୟଧାରାର ସଙ୍ଗମ (ତ୍ରିବେଣୀ ସଙ୍ଗମ)ରେ ବୁଡ଼ ପକାଇବା ମୋ ପାଇଁ ପରମ ସୌଭାଗ୍ୟ। 'ଏକତାର ମହାକୁମ୍ଭ'ରେ ଅମୃତ ସ୍ନାନ କରିବା ମୋ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ମଧ୍ୟ ବୋଲି ମନ୍ତ୍ରୀ କହିବା ସହ ମା' ଗଙ୍ଗା ସମସ୍ତଙ୍କର କଲ୍ୟାଣ କରନ୍ତୁ ବୋଲି କାମନା କରିଛନ୍ତି।

## ମଝି ରାସ୍ତାରେ ଅଟକିଲେ ହାତୀପଲ



କେନ୍ଦୁଝର,୨୫।୨ (ସଂଚାର ବ୍ୟୁରୋ): ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ପୁତୁଲୁପାଣି ରାସ୍ତାରେ ମଙ୍ଗଳବାର ସକାଳେ ଏକ ହାତୀ ଦଳ ରାସ୍ତା ପାର ହୋଇ ପାରି ନ ଥିବାରୁ ରାସ୍ତା କଡ଼ରେ ଥିବା ଜଙ୍ଗଲରେ ଅଟକି ଯାଇଥିଲେ। ବହୁ ସଂଖ୍ୟାରେ ଟ୍ରକ୍ ଚଳାଚଳ କରୁଥିବାରୁ ହାତୀମାନେ ଅନେକ ସମୟରେ ରାସ୍ତା ପାର ହୋଇ ପାରୁନଥିବା ବେଳେ ରାସ୍ତାକଡ଼ ଓ ମଝିରେ ଥିବା ବାଡ଼ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଖବର ପାଇ ହାତୀ ଦେଖିବାକୁ ଲୋକଙ୍କ ଭିଡ଼ ଜାଣିଥିଲା। ବନ ବିଭାଗର ଟିମ୍ ପହଞ୍ଚି ରାସ୍ତାକୁ କିଛି ସମୟ ଗାଡ଼ି ଯାତାୟାତ ବନ୍ଦ କରି ହାତୀମାନଙ୍କୁ ସୁରକ୍ଷିତ ରାସ୍ତାପାର କରିଥିଲେ। ରାସ୍ତାର ଅବରୋଧକୁ ହଟାଇ ଯାତାୟାତ ସୁବିଧା କରାଯିବ ବୋଲି ଡିଏଫ୍‌ଓ, କେନ୍ଦୁଝର ଧନରାଜ ଏଚ୍ ଡି କହିଛନ୍ତି। ଏହି ଅଞ୍ଚଳରେ ହାତୀମାନେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାତାୟାତ କରିଥାନ୍ତି। ଖଣି ଅଞ୍ଚଳକୁ ବହୁ ସଂଖ୍ୟାରେ ଟ୍ରକ ଚଳାଚଳ ଯୋଗୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

## ଧସିଲା ମାଟି ଅତଡ଼ା, ଚାପି ହୋଇଗଲେ ୩ ଶ୍ରମିକ



ବଣାଇ,୨୫।୨(ସଂଚାର ବ୍ୟୁରୋ): ଓଡ଼ିଶା ଖଣି ନିଗମ କୁମିତାର ଲୌହ ଖଣିରେ ଖଣି ଖନନ ପାଇଁ ନୂଆ ଠିକା ପାଇଥିବା କମ୍ପାନୀ ଏବେ ଖଣି ଖନନ ପରେ ଉତ୍ତୋଳିତ ଲୁହାପଥରକୁ କନଭେୟର ବେଲ୍ଟ ସାହାଯ୍ୟରେ ରପ୍ତାନୀ ପାଇଁ କାମ ଚଳାଇଛି। ଏହି କାମ ପୁଣି ଏଲ୍ ବି ଆର୍ ନାମକ ଠିକା ସଂସ୍ଥାକୁ ଦେଇ କାମ ଚାଲୁ ରଖିଛି। ମଙ୍ଗଳବାର ଦମାଲୁ ଠାରେ କାମ ଚାଲିଥିବା ସମୟରେ ମାଟି ଅତଡ଼ା ଖସି ପଡ଼ିଥିଲା ଓ ଏଥିରେ ତିନିଜଣ ଶ୍ରମିକ ମାଟି ତଳେ ଚାପି ହୋଇ ଯାଇଥିଲେ। ସେମାନେ ହେଲେ ଦୁଇଜଣ ମହିଳା ନାତନି ହରୋ, ଫୁଲମଣି ଟପ୍ପୋ ଓ ଜଣେ ପୁରୁଷ ଅଗସ୍ତି ମୁଣ୍ଡା। ତାଙ୍କୁ ଉଦ୍ଧାର କରି ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଅପରପକ୍ଷରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା ଓ ଠିକା ସଂସ୍ଥା ଏଲ୍‌ବିଆର୍‌ର ସାଇଟ ଇନଚାର୍ଜଙ୍କୁ ଦମାଲୁ ଗ୍ରାମବାସୀ ପ୍ରବଳ ମାଡ଼ ମାରିଥିବା ଜଣାପଡିଛି। ଲହୁଣିପ ପୋଲିସକୁ ଏଥିନେଇ ସୂଚନା ମିଳିବା ପରେ ପୋଲିସ ଏବେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରିଥିବା ସ୍ପଷ୍ଟ ହୋଇଛି।

### ଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଇଁ ଚୂଡ଼ାନ୍ତ ସମୀକ୍ଷା ବୈଠକ

# ଧାର୍ଯ୍ୟ ସମୟରେ ମହାଦୀପ ଉଠିବା ଉପରେ ଗୁରୁତ୍ୱ

- ସମୟାନୁସାରେ ହେବ ନୀତିକାନ୍ତି
- ବିଶୃଙ୍ଖଳାକାରୀଙ୍କ ଉପରେ ରହିବ ନଜର



ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଆସନ୍ତାକାଲି ହେବାକୁ ଥିବା ମହାପ୍ରଭୁ ଲିଙ୍ଗରାଜଙ୍କ ପବିତ୍ର ଜାଗରଯାତ୍ରା ଉପଲକ୍ଷେ ସମସ୍ତ ନିଯୋଗ, ସେବାୟତ, ଜିଲ୍ଲା ପ୍ରଶାସନଙ୍କୁ ନେଇ ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ସମୀକ୍ଷା ବୈଠକ ଆଜି ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାଗରଯାତ୍ରାକୁ ଅଧିକ ବ୍ୟବସ୍ଥିତ, ସୁନ୍ଦର ଓ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏଥିସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସମୟାନୁସାରେ ନୀତିକାନ୍ତି ଶେଷ କରିବା ସହ ଧାର୍ଯ୍ୟ ସମୟରେ ମହାଦୀପ ଉଠିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜାଗର ଯାତ୍ରାର ସମସ୍ତ ନୀତିକାନ୍ତି ସମୟ ମଧ୍ୟରେ ଶେଷ କରିବା ସହ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ସଦୃଶ। ତେଣୁ ଦାୟିତ୍ୱରେ ଥିବା ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ ସେବାୟତ ତଥା ନିଯୋଗ ପ୍ରତିନିଧି ସୁଚାରୁ ରୂପେ କର୍ତ୍ତବ୍ୟ ସମ୍ପାଦନ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଜାଗରଯାତ୍ରା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଜଡ଼ିତ ଥିବାରୁ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଢଙ୍ଗରେ ସମ୍ପନ୍ନକୁ ସୁନିଶ୍ଚିତ କରିବା ସକାଶେ ଶ୍ରୀ ହରିଚନ୍ଦନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇ ଜାଗରଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସେବାୟତ, ନିଯୋଗ ଓ ସେ୍ୱଚ୍ଛାସେବୀ ସଂଗଠନଙ୍କ ସହ ଆଲୋଚନା ହୋଇଥିବା ଏବଂ ସମସ୍ତ ନୀତିକାନ୍ତିର ଶୃଙ୍ଖଳିତ ପରିଚାଳନା ଓ ଧାର୍ଯ୍ୟ ସମୟରେ ମହାଦୀପ ଉଠିବା ନେଇ ପ୍ରତିନିଧିମାନେ ସମ୍ମତି ପ୍ରଦାନ କରିଥିବା କହିଛନ୍ତି।

ଏଥିସହ ବୈଠକରେ ସମସ୍ତ ନୀତିକାନ୍ତି, ଟ୍ରାଫିକ ପରିଚାଳନା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ବିଦ୍ୟୁତ ବ୍ୟବସ୍ଥା, ଆମ୍ବୁଲାନ୍ସ ସେବା, ଅଗ୍ନିଶମ ସେବା, ପରିମଳ ବ୍ୟବସ୍ଥା, ସିସିଟିଭି ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ସ୍ୱେଚ୍ଛାସେବୀ ସଂଗଠନର ଦାୟିତ୍ୱ ବିଷୟରେ ଆଲୋଚନା ହୋଇଛି। ବୈଠକରେ ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଡିସିପି ପିନାକ ମିଶ୍ରଙ୍କ ସମେତ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ମନ୍ଦିର ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତା, ସେବାୟତ ଓ ନିଯୋଗ ସେବାର ପ୍ରତିନିଧିମଣ୍ଡଳୀ ଉପସ୍ଥିତ ଥିଲେ।

### 'ଦୁଗ୍ଧ ଶୀତଳୀକରଣ କେନ୍ଦ୍ର'ର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

## ଉତ୍ପାଦନ ବୃଦ୍ଧି ସହ ସଶକ୍ତ ହେବେ ଚାଷୀ



ନାକଟିଦେଉଳ, ୨୫।୨(ସଂଚାର ବ୍ୟୁରୋ): ଦୁଗ୍ଧ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏଠାରେ ଏକ 'ଦୁଗ୍ଧ ଶୀତଳୀକରଣ କେନ୍ଦ୍ର' ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାରେ ଦୁଗ୍ଧ ଚାଷର ଅନେକ ସମ୍ଭାବନା ରହିଛି। ଏହି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ନିର୍ମାଣ ପାଇଁ ମୋଟ ୪୦ ଲକ୍ଷ ଟଙ୍କା ନିବେଶ କରାଯାଇଛି ଏବଂ ଦୈନିକ ମୋଟ ୨୦୦୦ ଲିଟର ଦୁଗ୍ଧ ସଂଗ୍ରହର ବ୍ୟବସ୍ଥା କରାଯାଇଛି। ଆଜି ଲୋକାର୍ପିତ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଦ୍ୱାରା ଅଞ୍ଚଳବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନେ ପୁଷ୍ଟିକର କ୍ଷୀର ପାଇପାରିବେ। ରୋଜଗାରର ଏକ ମାଧ୍ୟମ ଭାବେ ଦୁଗ୍ଧ ଚାଷୀମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଆଜିର ପଦକ୍ଷେପ ସମ୍ବଲପୁର ଜିଲ୍ଲାରେ ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ସହ ଏହି ବର୍ଗର ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଛି। ଦୁଗ୍ଧ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ, ସରକାରୀ ସହାୟତା ସହ ଅନେକ ଜନକଲ୍ୟାଣକାରୀ ଯୋଜନା ଦ୍ୱାରା ଗୋପାଳନ କରି ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରାଯାଉଛି। ଆଗାମୀ ଦିନରେ ସମ୍ବଲପୁର ଗୋଶାଳାସ୍ଥିତ ଓମଫେଡ ପ୍ଲାଣ୍ଟର ସମ୍ପ୍ରସାରଣ କରାଯିବ। ଉକ୍ତ ପ୍ଲାଣ୍ଟରୁ ପାଉଡର କ୍ଷୀର, ଦହି, ଚକୋଲେଟ୍, ପନିର, ଆଇସକ୍ରିମ୍ ସମେତ କ୍ଷୀରରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ କାମଧେନୁ ଯୋଜନାରେ ଆଗାମୀ ଦିନରେ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ପଞ୍ଚାୟତରେ ଦୁଗ୍ଧ ସମବାୟ ସମିତି ମଧ୍ୟ ଗଠନ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଦେଶର ମୋଟ ୭ ହଜାର ବ୍ଲକ ମଧ୍ୟରୁ ୫୦୦ଟି ଆକାଂକ୍ଷୀ ବ୍ଲକର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତଦାରଖ କରୁଥିବା ବେଳେ ଏଥିରେ ନାକଟିଦେଉଳ ବ୍ଲକ୍ ସାମିଲ ରହିଛି। ଏଠାରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ମୌଳିକ ସୁବିଧାକୁ ଉପଲବ୍ଧ କରାଇବା ଦିଗରେ ବିଜେପିର ଡବଲ ଇଞ୍ଜିନ ସରକାର କାମ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

## ରାଜଧାନୀରେ ପୁଣି ଆମ ବସ୍ ଆତଙ୍କ




ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଆଜି ପୁଣି ଥରେ ରାଜଧାନୀରେ ଆମ ବସ୍ ଆତଙ୍କ ଦେଖିବାକୁ ମିଳିଛି। ଅଟୋକୁ ଅପେକ୍ଷା କରିଥିବା ସମୟରେ ୨ଯୁବକଙ୍କ ଉପରେ ମାଡ଼ିଯିବା ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକରେ ଏହି ଦୁର୍ଘଟଣା ଘଟିଛି। ଦୁଇ ଗୁରୁତର ଯୁବକ ହେଲେ ରଞ୍ଜିତ ବେହେରା ଏବଂ ହୃଦାନନ୍ଦ ମହାନ୍ତି। ରଞ୍ଜିତଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ହୃଦାନନ୍ଦଙ୍କ କାନ୍ଧ ଓ ଅଣ୍ଟାରେ ଆଘାତ ଲାଗିଛି। ଉଭୟଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନାନୁସାରେ, ରଞ୍ଜିତ ଓ ହୃଦାନନ୍ଦ ପୁରୀ ଯାଇଥିଲେ। ପୁରୀରୁ ଭୁବନେଶ୍ୱରରେ ପହଞ୍ଚିବା ପରେ ମାଷ୍ଟର କ୍ୟାଣ୍ଟିନ ଛକରେ ନିଜ ଘରକୁ ଯିବା ପାଇଁ ଅଟୋକୁ ଅପେକ୍ଷା କରିଥିଲେ। ଖରା ହେଉଥିବାରୁ ଷ୍ଟାଣ୍ଡରେ ଠିଆ ହୋଇଥିବା ମୋ ବସ୍ ସାମ୍ନାରେ ବସିପଡ଼ିଥିଲେ। ଏହି ସମୟରେ ଆମ ବସ୍‌ଟି ଷ୍ଟାଣ୍ଡରୁ ବାହାରିଥିଲା ଓ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଆହତ ହେବା ପରେ ସେମାନେ ଯୁବକ ଚିତ୍କାର କରିଥିଲେ। ଏହା ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସି ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

● ସିସୋର ଚିଟଫଣ୍ଡ ସ୍କାମ

## ୯ଜଣଙ୍କ ନାଁରେ ଚାର୍ଜ ଫ୍ରେମ କଲା ଇଡି



ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ସିସୋର ଚିଟଫଣ୍ଡ ଠକେଇ ମାମଲାରେ କମ୍ପାନୀର ସିଏମଡି ପ୍ରଶାନ୍ତ କୁମାର ଦାସ, ତାଙ୍କ ଭାଇ ପ୍ରଭାତ କୁମାର ଦାସ ଓ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବିରୋଧରେ ଚାର୍ଜ ଫ୍ରେମ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏହି ଚିଟଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ କରୁଥିଲା। ପରେ ବେଆଇନ ଅର୍ଥ କାରବାର ନେଇ ଇଡି ତଦନ୍ତ କରୁଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ପ୍ରଶାନ୍ତ ଦାସ, ପ୍ରଭାତ ଦାସ ଓ ପ୍ରଭାତ ବିଶ୍ୱାଳଙ୍କ ସମେତ ୯ଜଣଙ୍କ ବିରୋଧରେ ଇଡି ଚାର୍ଜଫ୍ରେମ କରିଛି। ୨୦୧୨ରେ ସିସୋର ଚିଟଫଣ୍ଡ ମାମଲା ସାମନାକୁ ଆସିଥିଲା। ସେତେବେଳେ ଏହି ଦୁର୍ନୀତିର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ପୂର୍ବରୁ ମଧ୍ୟ ଏହି ଦୁର୍ନୀତିରେ ପ୍ରଭାତ ବିଶ୍ୱାଳଙ୍କୁ ସିବିଆଇ ଜେରା ସହ ଗିରଫ କରିଥିଲା।

### ହଷ୍ଟେଲ୍‌ରେ ମିଳୁଛି ନିମ୍ନମାନର ଖାଦ୍ୟ, ମାଡ଼ ମାରୁଛନ୍ତି ଶିକ୍ଷକ

## ଅଭିଯୋଗ ପାଇଁ ୨୦ କିମି ଚାଲିଲେ ଶତାଧିକ ଛାତ୍ର



ବାରିପଦା,୨୫।୨(ସଂଚାର ବ୍ୟୁରୋ): ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନଥିଲେ। ହାତରେ ଅଭିଯୋଗ ପତ୍ର ଧରି କୁନି କୁନି ଛାତ୍ର ଅଧରାତିରେ ବାହାରିଥିଲେ ଜିଲ୍ଲାପାଳଙ୍କ ନିକଟକୁ। ବିଦ୍ୟାଳୟରେ ନିମ୍ନ ମାନର ଖାଦ୍ୟ ସାଙ୍ଗକୁ ଶିକ୍ଷକମାନେ ମାଡ଼ ମାରୁଥିବା ନେଇ ଅଭିଯୋଗ କରିବା ସକାଶେ ଜିଲ୍ଲାପାଳଙ୍କୁ ଭେଟିବାକୁ କୁନି କୁନି ପିଲାମାନେ ଚାଲି ଚାଲି ଯାଇଥିଲେ। ସ୍ଥାନୀୟ ବାସିପୀଠା ସରକାରୀ ଉଚ୍ଚ ବିଦ୍ୟାଳୟର ଅଭିଯୋଗ ନେଇ ୨୦ କିମି ଚାଲି ଚାଲି ବାରିପଦାରେ ପହଞ୍ଚିଲେ ଛାତ୍ର। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପିଲାମାନଙ୍କ ସହ ଉପଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ପିଡି, ଡିଆରଡିଏ ଆଲୋଚନା ଜାରି ରଖିଛନ୍ତି। ଅଷ୍ଟମ ଓ ନବମ ଶ୍ରେଣୀର ୧୧୬ ଜଣ ଛାତ୍ର ରାତି ୧୨ଟାରୁ ଚାଲିବା ଆରମ୍ଭ କରିଥିଲେ। ସେମାନେ ସକାଳୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚିବା ପରେ ଅଧିକାରୀମାନେ ସେମାନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଏଥିସହ ଜିଲ୍ଲାପାଳ ଅନୁପସ୍ଥିତ ଥିଲେ ମଧ୍ୟ ମଧ୍ୟ ଭିଡିଓ କଲରେ ଛାତ୍ରମାନଙ୍କ ଅଭିଯୋଗ ଶୁଣିଛନ୍ତି। ତୁରନ୍ତ ସେମାନଙ୍କ ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଛାତ୍ରମାନେ ପୁଣି କିଭଳି ସ୍କୁଲକୁ ଫେରିବେ ସେ ନେଇ ମଧ୍ୟ ଜିଲ୍ଲାପାଳ ପ୍ରଶାସନିକ ସ୍ତରରେ ଆଲୋଚନା କରିଥିଲେ। ହଷ୍ଟେଲରେ ସବୁଦିନ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଓ ଶିକ୍ଷକମାନେ ଅଧିକାଂଶ ସମୟରେ ଦୁର୍ବ୍ୟବହାର କରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ଛାତ୍ରମାନେ ରାତି ଅଧରେ ଏଭଳି ଚାଲି ଚାଲି ଆସିଲେ, ତାକୁ ନେଇ ଉଠିଛି ପ୍ରଶ୍ନ। ଏହି ଘଟଣାର ତଦନ୍ତ କରାଯିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି। ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ଛାତ୍ରମାନଙ୍କ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ସେମାନେ ବସ୍ ଯୋଗେ ସ୍କୁଲକୁ ଫେରିଛନ୍ତି।

## ଚର୍ଚ୍ଚାରେ ସାରଦାଙ୍କ ବନ୍ଧୁମିଳନ



କଟକ,୨୫।୨(ସଂଚାର ବ୍ୟୁରୋ): କଟକ ଖାନନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି, ଯାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଅତୀତରେ କଟକ ସହରରେ ବିଧାୟକଙ୍କ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଚର୍ଚ୍ଚା ସାଉଁଟିଛି। ବନ୍ଧୁମିଳନ କାର୍ଯ୍ୟକ୍ରମରେ ରାଜନେତା, ଯୁବନେତା, ଆଇନଜୀବୀ, କର୍ପୋରେଟର ତଥା ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେପି ନେତା ଶୁଭେନ୍ଦୁ ମହାନ୍ତି, ଜ୍ୟୋତିରଞ୍ଜନ ରାୟ, କୃଷ୍ଣ ମଲ୍ଲିକ, ଶରତ ସାମଲ, ଦିଲୀପ ମଲିକ, ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ, ସ୍ମୃତି ପଟ୍ଟନାୟକ, କଳ୍ପନା ପଟ୍ଟନାୟକ, ଦେବୁ ଘୋଷ ପ୍ରମୁଖ ରାଜନେତା ଯୋଗଦେଇଥିଲେ। ଚାଉଳିଆଗଞ୍ଜ ପୂଜା କମିଟି ତଥା ପୂର୍ବାଞ୍ଚଳ ପୂଜା କମିଟିର କର୍ମକର୍ତ୍ତା ଯୁଗଳ ନାୟକ, ଧର୍ମେଶ ନାୟକ, ପ୍ରଫୁଲ୍ଲ ସିଂ, କେଦାର ପୃଷ୍ଟି, ବିଜୟ ବେହେରା, ପନ୍ନଗ ଭୂଷଣ ଦାସ, ପ୍ରଭାତ ଦେବତା, ସଙ୍ଗୀତା ଶର୍ମା, ଯାଜ୍ଞସେନୀ ଜେନା, ପ୍ରକାଶ ଦାସ, ଅଶୋକ ମହାନ୍ତି, ସନ୍ତୋଷ ବାରିକଙ୍କ ସହିତ ଓଡ଼ିଶା ହାଇକୋର୍ଟର ବହୁ ଆଇନଜୀବୀ ତଥା ସାମାଜିକ କାର୍ଯ୍ୟକର୍ତ୍ତା ମଧ୍ୟ ଯୋଗଦାନ କରିଥିଲେ। କଟକ-ଚୌଦ୍ୱାର, କଟକ ସଦର, ବାଙ୍କୀ ଓ ଆଠଗଡ଼ର ଅନେକ ନେତୃମଣ୍ଡଳୀ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାପଡ଼ିଛି।

### ଅଶାନ୍ତମୁହାଁ ହେଉଛି କେନ୍ଦ୍ରାପଡ଼ା !

## ବାଲି ଖାଦାନ ଉପରେ ଅପରାଧୀଙ୍କ ଆଖି

- ଦୂରେଇ ଯାଇଥିଲେ, ଏବେ ସୁଯୋଗ ଖୋଜୁଛନ୍ତି
- ଅପରାଧୀଙ୍କୁ କୋଳାଉଛି ବିଜେଡି
- ଖେଳ ବାହାନାରେ ଯୋଜନା ଆରମ୍ଭ



କେନ୍ଦ୍ରାପଡ଼ା,୨୫/୨(ସଂଚାର): କିଛି ବର୍ଷ ହେବ ଶାନ୍ତ ପଡ଼ିଥିବା ଜିଲ୍ଲା ଏବେ ପୁନର୍ବାର ଅଶାନ୍ତ ଆଡ଼କୁ ମୁହାଁଉଛି। ପୂର୍ବରୁ ପ୍ରଶାସନ ଓ ପୁଲିସକୁ ନାକେଦମ୍ କରିଥିବା ଅପରାଧୀ ପୁଣିଥରେ ସକ୍ରିୟ ହେବାକୁ ଯୋଜନା ଆରମ୍ଭ କଲେଣି। ଯେଉଁ ଅପରାଧୀ ପୂର୍ବରୁ ଚାନ୍ଦବାଲିରେ ହତ୍ୟା ଘଟଣା ସହ ଜଡ଼ିତ ଥିଲେ, ସେ ପୁଣି ଏବେ କେନ୍ଦ୍ରାପଡା ଜିଲ୍ଲାରେ ଆତଙ୍କ ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ କରୁଛି। ଖୁଲମ୍‌ଖୁଲ୍ଲା ଏସପି ଓ ଜିଲ୍ଲାପାଳଙ୍କୁ ଚ୍ୟାଲେଞ୍ଜ ଦେଉଥିବା ଜଣାପଡ଼ିଛି। କାରଣ ସେମାନଙ୍କ ନଜର ଏବେ ବିଭିନ୍ନ ନଦୀର ବାଲି ଖାଦାନ ରହିଛି। ପୂର୍ବରୁ ବାଲି ଖାଦାନକୁ ଅକ୍ତିଆରରେ ରଖି ଜିଲ୍ଲାରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଘଟାଉଥିଲେ। ସେମାନଙ୍କ ଆତଙ୍କରାଜ ପାଇଁ ପୂରା ଜିଲ୍ଲାବାସୀ ଅତିଷ୍ଠ ହୋଇପଡ଼ିଥିଲେ। ଜିଲ୍ଲାର ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବାକୁ ଯାଇ ପୁଲିସ ବିଭାଗ ସେତେବେଳେ ନାକେଦମ୍ ହୋଇଥିଲା। ଯେଉଁମାନେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି, ସେମାନଙ୍କୁ ଏବେ ବିଜେଡି କୋଳାଉଥିବା ଦେଖାଯାଉଛି। କେନ୍ଦ୍ରାପଡ଼ା ପୌରସଂସ୍ଥା ଅଧୀନସ୍ଥ ହାଇସ୍କୁଲ ପଡ଼ିଆରେ ଜିଲ୍ଲାପାଳଙ୍କ ବାରଣ ସତ୍ତ୍ୱେ ଆଜାଦ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଆୟୋଜିତ ଖେଳରେ ବିଭିନ୍ନ ବିଜେଡି ନେତା ଯୋଗଦେବା ଏହାର ଏକ ବଡ଼ ପ୍ରମାଣ। ପୁରୁଣା ଅପରାଧୀ ଏବେ ନୂଆ ନୂଆ ଯୁବକଙ୍କୁ ଖେଳରେ ଏକତ୍ରିତ କରି ଆଗାମୀ ଦିନ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଶିଳ୍ପବିହୀନ କେନ୍ଦ୍ରାପଡା ଜିଲ୍ଲାରେ ନଦୀରେ ଗଚ୍ଛିତ ଥିବା ବାଲିକୁ ସରକାରୀ ରାଜସ୍ୱ ଫାଙ୍କି ବେଆଇନ୍ ଭାବେ କିଭଳି ଲୁଟ୍ କରିବେ, ସେଥିଲାଗି ସ୍ୱତନ୍ତ୍ର ପ୍ଲାନିଂ ମ/ଧ୍ୟ ଆରମ୍ଭ ହୋଇଛି। ଏପରି ସ୍ଥିତିରେ ଯଦି ମାଫିଆରାଜ ସୃଷ୍ଟି ହୁଏ, ତା'ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ନିଶ୍ଚିତ।

## ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ଉଦ୍‌ଘାଟିତ



ଭୁବନେଶ୍ୱର,୨୫।୨(ସଂଚାର ବ୍ୟୁରୋ): ଆଗାମୀ ୫୦ ବର୍ଷରେ ରାଜ୍ୟ ପର୍ଯ୍ୟଟନର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ସହ ଦୁଃସାହସିକ ଓ ଆବିଷ୍କାର କ୍ଷେତ୍ରରେ ଶ୍ରେଷ୍ଠ ଗନ୍ତବ୍ୟସ୍ଥଳୀରେ ପରିଣତ କରିବାର ଲକ୍ଷ୍ୟ ରହିଛି। ଏହାକୁ ବାସ୍ତବ ରୂପ ଦେବା ସକାଶେ ଘରୋଇ କ୍ଷେତ୍ରରୁ ନିବେଶ ଓ ସହଭାଗିତାକୁ ସ୍ୱାଗତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସ୍ଥାନୀୟ ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାରର ବି୨ବି ପ୍ରଦର୍ଶନୀ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ଯେ ରାଜ୍ୟରେ ସାମୁଦ୍ରିକ ବେଳାଭୂମି, ଘଞ୍ଚ ଜଙ୍ଗଲ, ପର୍ବତ, ଜଳପ୍ରପାତ ସମେତ ଆକର୍ଷଣୀୟ ସ୍ଥାନର ଏକ ଉତ୍କୃଷ୍ଟ ଶୃଙ୍ଖଳା ରହିଛି। ଦୁଃସାହସିକ ପର୍ଯ୍ୟଟନ କେବଳ ରୋମାଞ୍ଚ ନୁହେଁ, ଏହା ଏକ ଦାୟିତ୍ୱପୂର୍ଣ୍ଣ ଯାତ୍ରା। ସେହିପରି ପର୍ଯ୍ୟଟନ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ମୁଗ୍ଧା ସିହ୍ନା କହିଛନ୍ତି ଯେ ବିବିଧ ପର୍ଯ୍ୟଟନ ଅନୁଭୂତି ପାଇଁ ଦେଶର ପ୍ରୟାସ ସହ ଓଡ଼ିଶାର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଛି। ରୋମାଞ୍ଚ ଖୋଜୁଥିବା ଲୋକଙ୍କ ପାଇଁ ଏହା ଏକ ଅନନ୍ୟ ଏବଂ ଆକର୍ଷଣୀୟ ଗନ୍ତବ୍ୟସ୍ଥଳରେ ପରିଣତ ହୋଇଛି। ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ପାଇଁ ସମସ୍ତ ଅଂଶୀଦାରଙ୍କୁ ଏକାଠି କରି ଓଡ଼ିଶା ପର୍ଯ୍ୟଟନର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳାରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର୍ ଅନୁ ଗର୍ଗ କହିଛନ୍ତି ଯେ ଅତ୍ୟାଧୁନିକ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ବେଶ୍ ଆଗରେ ରହିଛି। ଆମ ପାଖରେ ଅବ୍ୟବହୃତ ସମୁଦ୍ରକୂଳ, ଘଞ୍ଚ ଜଙ୍ଗଲ, ମନ୍ଦିର, ଜଳପ୍ରପାତ, ରାମସାର ସ୍ଥଳ, ଅଭୟାରଣ୍ୟ ଆଦି ରହିଛି। ୨୦୩୬ ଓ ୨୦୪୭ ପାଇଁ ପ୍ରସ୍ତୁତ ପରିକଳ୍ପନାରେ ପର୍ଯ୍ୟଟନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ପର୍ଯ୍ୟଟନ କମିଶନର ତଥା ସଚିବ ବଲୱନ୍ତ ସିଂଙ୍କ ଦ୍ୱାରା ଏକ ପ୍ରସଙ୍ଗ-ନିର୍ଦ୍ଧାରଣ ଅଧିବେଶନ ସହ କର୍ମଶାଳା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ମଧ୍ୟ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟରୁ ରାଜ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ କ୍ରେତା ଅଂଶଗ୍ରହଣ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ସୁନା ବଜାରରେ ନିଆଁ। ଦାଉଁ ଦାଉଁ ହୋଇ ଚମକୁଛି ସୁନା। ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି। ଏବେ ୯୦ହଜାର ଆଡକୁ ମୁହାଁଇଲାଣି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୮ ହଜାର ୦୯୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୭୫୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୭୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୮ ହଜାର ୦୯୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୭୫୦ ଟଙ୍କା ଓ ୮୮,୦୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୯୦୦ ଟଙ୍କା ଓ ୮୮, ୨୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୭୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୮, ୦୯୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୭୫୦ ଓ ୮୮,୦୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧, ୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ନୂଆ ରୂପରେ ଲଞ୍ଚ ହେଲା ଆରଇଜି ୪୫୦

**ନୂଆଦିଲ୍ଲୀ, ୨୫।୨:** ବହୁ ପୂର୍ବରୁ ରୟାଲ ଇନ୍‌ଫିଲ୍ଡ ବାଇକର କ୍ରେଜ୍ ରହିଛି। ଏଥି ସହିତ ଲୋକମାନେ ମଧ ଏହି ବାଇକକୁ ବହୁତ୍ ପସନ୍ଦ ମଧ କରିଥାନ୍ତି। କମ୍ପାନୀ ନିଜର ପପୁଲାର୍ ବାଇକ୍ ରୟାଲ ଇନ୍‌ଫିଲ୍ଡ ଗରିଲା ୪୫୦ (ଆରଇଜି) ପାଇଁ ଏକ ନୂଆ ପିଙ୍କ୍ସ ବ୍ରୋଞ୍ଜ କଲର ଉପସ୍ଥାପନ କରିଛି। ଯାହା କେବଳ ମିଡ୍-ସ୍ପେକ୍ ଡ୍ୟାସ୍ ଭ୍ୟାରିଆଣ୍ଟରେ ଉପଲବ୍ଧ ହେବ। ଏହାର ଏକ୍ସ-ସୋରୁମ୍ ପ୍ରାଇସ୍ ୨ ଲକ୍ଷ ୪୯ ହଜାର ଟଙ୍କା ରଖାଯାଇଛି। ଗରିଲା ୪୫୦ ର ଏହି ନୂଆ ଲୁକ୍ ବହୁତ୍ ଦମଦାର୍ ଏବଂ ପ୍ରିମିୟମ୍ ଦେଖାଯାଉଛି। ଏହି ବାଇକର ଲୁକକୁ ଏକ ନୂଆ ଟଚ୍ ଦେବା ପାଇଁ ପିଙ୍କ୍ସ ବ୍ରୋଞ୍ଜ କଲର ଆଡ୍ କରାଯାଇଛି। ଏହାର ଡ୍ୟାସ୍ ଭ୍ୟାରିଆଣ୍ଟରେ ଆପଣଙ୍କୁ ସ୍ମୋକ ସିଲଭର କଲର ମଧ ରହିଛି, ଯାହା ପୂର୍ବରୁ କେବଳ ବେସ୍-ସ୍ପେକ୍ ଆନାଲଗ୍ ଭ୍ୟାରିଆଣ୍ଟ ପର୍ଯ୍ୟନ୍ତ ସୀମିତ ଥିଲା। କମ୍ପାନୀ ଅନୁଯାୟୀ, ଗ୍ରାହକଙ୍କ ଡିମାଣ୍ଡ ଅନୁଯାୟୀ ଏହି କଲରକୁ ଡ୍ୟାସ୍ ଭ୍ୟାରିଆଣ୍ଟରେ ଆଡ୍ କରାଯାଇଛି। ଏହି ବାଇକ୍ ତିନୋଟି ଭ୍ୟାରିଆଣ୍ଟରେ ଉପଲବ୍ଧ, ଯାହାର ମୂଲ୍ୟ ଏବଂ ଫିଚର୍ ଭିନ୍ନ ରହିଛି। ଏହାର ଆନାଲଗ ଭ୍ୟାରିଆଣ୍ଟରେ ବେସିକ୍ ଫିଚର୍ସ ଏବଂ ସିଲଭର ସ୍ମୋକ୍ କଲର ଦିଆଯାଇଛି। ବାଇକର ଏହି



ଭ୍ୟାରିଆଣ୍ଟର ପ୍ରାଇସ୍ ୨ ଲକ୍ଷ ୩୯ ହଜାର ଟଙ୍କା ରହିଛି। ଡ୍ୟାସ୍ ଭ୍ୟାରିଆଣ୍ଟ ବିଷୟରେ କହିବାକୁ ଗଲେ ଏହାର ପ୍ରାଇସ୍ ୨ ଲକ୍ଷ ୪୯ ହଜାର ଟଙ୍କା ଏବଂ ଏଥିରେ ଡିଜିଟାଲ୍ ଡିସପ୍ଲେ, ପିଙ୍କ୍ସ ବ୍ରୋଞ୍ଜ ଏବଂ ସ୍ମୋକ୍ ସିଲଭର କଲର ଅଛି।

ଫ୍ଲାସ ଭ୍ୟାରିଆଣ୍ଟ ବିଷୟରେ କହିବାକୁ ଗଲେ ଏହି ଭ୍ୟାରିଆଣ୍ଟରେ ଆପଣଙ୍କୁ ଟିଏଫଟି ଡିସପ୍ଲେ, ବ୍ଲୁଟୁଥ୍ କନେକ୍ଟିଭିଟି ଏବଂ ବୋଲ୍ଡ କଲର୍ସ ମିଳିଥାଏ। ବାଇକର ଏହି ଭ୍ୟାରିଆଣ୍ଟର ପ୍ରାଇସ୍ ସବୁଠାରୁ ଅଧିକ ୨ ଲକ୍ଷ ୫୪ ହଜାର ଟଙ୍କା ରହିଛି। ଏହି ରୟାଲ ଇନ୍‌ଫିଲ୍ଡ ବାଇକର ଇଞ୍ଜିନ୍ କିମ୍ବା ମେକାନିକାଲ୍ ସ୍ପେସିଫିକେସନରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଗରିଲା ୪୫୦ ରେ ସେର୍‌ପା ୪୫୦ ଇଞ୍ଜିନ୍ ଲାଗିଛି, ଯାହା ହିମାଳୟନ ୪୫୦ ଅପେକ୍ଷା ଭଲ ପରଫରମାନ୍ସ ପ୍ରଦାନ କରିବ। ଏହା ୪୫୨ ସିସି, ସିଙ୍ଗଲ ସିଲିଣ୍ଡର, ଲିକ୍ୱିଡ୍-କୋଲ୍ଡ ଇଞ୍ଜିନ୍ ଅଛି। ଏହି ଇଞ୍ଜିନ୍ ସହିତ ବାଇକଟି ୮,୦୦୦ ଆରାପିଏମରେ ୩୯.୫୨ ବିଏଚପିର ପାୱାର ମିଳିଥାଏ ଏବଂ ୫,୫୦୦ ଆରପିଏମରେ ୪୦ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ଏହି ବାଇକରେ ସ୍ଲିପ୍ ଏବଂ ଆସିଷ୍ଟ କ୍ଲଚ୍ ସହିତ ୬-ସ୍ପିଡ୍ ଗିୟର ବକ୍ସ ଲାଗିଛି।

### ଏପ୍ରିଲ ପହିଲାରୁ ନୂଆ ନିୟମ

## କେବଳ ପଞ୍ଜିକୃତ ଡିଲର ବିକି ପାରିବେ ନୂଆ ସିମ

**ନୂଆଦିଲ୍ଲୀ, ୨୫।୨:** ଦେଶରେ ସିମ କାର୍ଡ ବିକ୍ରି କରିବାର ନିୟମ ୧ ଏପ୍ରିଲରୁ ପରିବର୍ତ୍ତନ ହେବାକୁ ଯାଉଛି। ୧ ଏପ୍ରିଲ ପରେ ଅଣପଞ୍ଜିକୃତ ଡିଲରମାନେ ସିମ କାର୍ଡ ବିକ୍ରି କରିପାରିବେ ନାହିଁ। ଯଦି ସେମାନେ ଏପରି କରୁଥିବାର ଧରାପଡ଼ନ୍ତି, ତେବେ ସେମାନଙ୍କୁ କଳାତାଲିକାଭୁକ୍ତ କରାଯାଇପାରେ ଏବଂ ଜରିମାନା ମଧ ଦେବାକୁ ପଡ଼ିପାରେ। ଦୂରସଂଚାର ବିଭାଗ ସମସ୍ତ ମୋବାଇଲ କମ୍ପାନୀର ଫ୍ରାଞ୍ଚାଇଜି, ବିତରକ ଏବଂ ଏଜେଣ୍ଟମାନଙ୍କୁ ତୁରନ୍ତ ପଞ୍ଜୀକରଣ କରିବାକୁ କହିଛି।



ସରକାର ଦୀର୍ଘ ଦିନ ଧରି ନକଲି ସିମ କାର୍ଡ ବିକ୍ରି ବନ୍ଦ କରିବାକୁ ଚେଷ୍ଟା କରିଆସୁଛନ୍ତି। ଏହି ପ୍ରୟାସରେ ସିମ କାର୍ଡ ଡିଲରଙ୍କ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଥିଲା। ସରକାର ସମସ୍ତ ଏଜେଣ୍ଟ, ବିତରକ ଏବଂ ଫ୍ରାଞ୍ଚାଇଜିମାନଙ୍କୁ ଅଗଷ୍ଟ ୨୦୨୩ରେ ପଞ୍ଜିକରଣ କରିବାକୁ କହିଥିଲେ, ଏଥିପାଇଁ ୧୨ ମାସ ସମୟସୀମା ଧାର୍ଯ୍ୟ କରିଥିଲେ। ଏହି ସମୟସୀମା ଅନେକ ଥର ବୃଦ୍ଧି କରାଯାଇଛି ଏବଂ ବର୍ତ୍ତମାନ ଏହାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଦେଶରେ ଟେଲିକମ ସେବା ଯୋଗାଉଥିବା ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କର ଏଜେଣ୍ଟ ଏବଂ ବିତରକମାନଙ୍କୁ ପଞ୍ଜୀକୃତ କରିଛନ୍ତି, କିନ୍ତୁ ସରକାରୀ କମ୍ପାନୀ ବିଏସଏନ୍ଏଲ୍ ସମୟ ନେଉଛି। କମ୍ପାନୀଟି ଏହାର ସଫ୍ଟୱେରରେ ସମସ୍ୟା ଦର୍ଶାଇ ସରକାରଙ୍କଠାରୁ ସମୟ ମାଗିଥିଲା। ଏହା ପରେ ସମୟସୀମା ବୃଦ୍ଧି କରାଯାଇଥିଲା।

ସିମ କାର୍ଡ ବିକ୍ରୟ ପାଇଁ ନୂତନ ନିୟମ ୧ ଏପ୍ରିଲରୁ କାର୍ଯ୍ୟକାରୀ ହେବ ଏବଂ କେବଳ ପଞ୍ଜିକୃତ ଡିଲରମାନେ ନୂତନ ସିମ କାର୍ଡ ବିକ୍ରୟ କରିପାରିବେ। ଏହା ଦ୍ୱାରା ନକଲି ସିମ କାର୍ଡ ବିକ୍ରୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ନିୟମ ଅନୁଯାୟୀ, ଟେଲିକମ କମ୍ପାନୀ ଏବଂ ଏହାର ସିମ କାର୍ଡ ବିକ୍ରୟ ଏଜେଣ୍ଟ ଏବଂ ଡିଲର ଇତ୍ୟାଦିଙ୍କ ମଧ୍ୟରେ ଏକ ଲିଖିତ ଚୁକ୍ତିନାମା ହେବ। ଯଦି କୌଣସି ବ୍ୟକ୍ତି ନିୟମ ଉଲ୍ଲଂଘନ କରି ସିମ କାର୍ଡ ବିକ୍ରି କରୁଥିବାର ଦେଖାଯାଏ, ତେବେ ତାଙ୍କୁ କଳା ତାଲିକାଭୁକ୍ତ କରାଯିବ। ଏହା ବ୍ୟତୀତ ତାଙ୍କ ଉପରେ ଜରିମାନା ମଧ ଲାଗୁ ହୋଇପାରେ।

## ଆଗେଇଲା ବ୍ୟାଙ୍କ ଘରୋଇକରଣ

### ମର୍ଚାଣ୍ଟ ବ୍ୟାଙ୍କର୍ ନିଯୁକ୍ତ କରିବେ ସରକାର

**ନୂଆଦିଲ୍ଲୀ, ୨୫।୨:** ଆର୍ଥିକ କ୍ଷେତ୍ରର ସରକାରୀ ବ୍ୟାବସାୟିକ ଅନୁଷ୍ଠାନ ଯଥା ବ୍ୟାଙ୍କ, ବୀମା କମ୍ପାନିଗୁଡ଼ିକର ଘରୋଇକରଣ ଓ ଅଂଶଧନ ବିକ୍ରି ପ୍ରକ୍ରିୟାକୁ ସରକାର ପୁଣି ଥରେ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ଯେଭଳି ସୁରୁଖୁରୁରେ ସମ୍ପାଦନ ହୋଇପାରିବ, ସେଥିପାଇଁ ମର୍ଚାଣ୍ଟ ବ୍ୟାଙ୍କର୍ ନିଯୁକ୍ତ କରାଯିବ। ସେମାନଙ୍କଠାରୁ ସରକାର ବିଡ୍ ଆହ୍ୱାନ କରିଛନ୍ତି। ୨୦୨୧-୨୨ ବଜେଟ୍‌ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୁଇଟି ସରକାରୀ ବ୍ୟାଙ୍କର ଘରୋଇକରଣ କରାଯିବ ବୋଲି ଘୋଷଣା କରିଥିଲେ। ଏହା ବ୍ୟତୀତ ଆଇଡିବିଆଇ ବ୍ୟାଙ୍କର ଘରୋଇକରଣ ପ୍ରକ୍ରିୟା ଜାରି ରହିଛି। କିନ୍ତୁ ଅନ୍ୟ ବ୍ୟାଙ୍କଗୁଡ଼ିକ ବିଷୟରେ ସରକାର ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରୁନଥିଲେ। ଗତବର୍ଷ ଲୋକସଭା ନିର୍ବାଚନ ଥିବାରୁ ଏହି ପ୍ରକ୍ରିୟା ମନ୍ଥର ହୋଇଥିଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଂଶଧନ ବିକ୍ରି ଓ ତାଲିକାଭୁକ୍ତ ଆର୍ଥିକ ଅନୁଷ୍ଠାନଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କିଭଳି କରାଯିବ, ତାହା ଉପରେ ମର୍ଚାଣ୍ଟ ବ୍ୟାଙ୍କର୍ ସରକାରଙ୍କୁ ପରାମର୍ଶ ଦେବେ ଓ ଯୋଜନା ପ୍ରସ୍ତୁତ କରିବେ। ପୁଞ୍ଜି ପ୍ରତ୍ୟାହାରର ଦେଖାଶୁଣା କରୁଥିବା ନିବେଶ




ଓ ସରକାରୀ ସମ୍ପତ୍ତି ପରିଚାଳନା (ଦିପମ୍) ବିଭାଗ ପକ୍ଷରୁ ବିଡ୍ ଆହ୍ୱାନ କରାଯାଇଛି। ମର୍ଚାଣ୍ଟ ବ୍ୟାଙ୍କର୍‌ଙ୍କୁ ତିନି ବର୍ଷ ପାଇଁ ନିଯୁକ୍ତ କରାଯିବ। ଆବଶ୍ୟକ ହେଲେ ସେମାନଙ୍କ କାର୍ଯ୍ୟ ଅବଧିକୁ ଏକ ବର୍ଷ ବୃଦ୍ଧି କରାଯିବ। ବିଡ୍ ଦାଖଲ କରିବାର ଶେଷ ତାରିଖ ମାର୍ଚ୍ଚ ୨୭ ରହିଛି। ପୁଞ୍ଜି ପ୍ରତ୍ୟାହାର ପ୍ରକ୍ରିୟାକୁ ସଫଳ କରିବା ଲାଗି ମର୍ଚାଣ୍ଟ ବ୍ୟାଙ୍କର୍‌ମାନେ କାମ କରିବେ। ସେମାନେ ବଜାର ସର୍ବେକ୍ଷଣ କରିବା ସହ ଦେଶବିଦେଶରେ ରୋଡ୍ ସୋ' ଆୟୋଜନ କରି ନିବେଶକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବେ। ନିବେଶକମାନଙ୍କ ସହ ବୈଠକ ଆୟୋଜନ କରାଇବେ। ସେ ବାବଦ ଖର୍ଚ୍ଚ ସେମାନେ ନିଜେ ବହନ କରିବେ। କେବଳ ସରକାରୀ ଅଧିକାରୀଙ୍କ ଗସ୍ତ ଓ ରହଣୀ ଖର୍ଚ୍ଚକୁ ସରକାର ବହନ କରିବେ।

## ନୂଆ ଆୟକର ବିଲ୍ ଉପରେ ସିଲେକ୍ଟ କମିଟିର ପ୍ରଥମ ବୈଠକ

**ନୂଆଦିଲ୍ଲୀ, ୨୫।୨:** ନୂଆ ଆୟକର ବିଲ୍‌କୁ ନେଇ ବିଜେପିର ବରିଷ୍ଠ ନେତା ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠନ କରାଯାଇଥିବା ଲୋକସଭା ସିଲେକ୍ଟ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆ ବିଲ୍‌ରେ ଥିବା ବ୍ୟବସ୍ଥା ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କମିଟିକୁ ଅବଗତ କରାଯାଇଛି। ଛଅ ଦଶନ୍ଧି ପୁରୁଣା ଆୟକର ବିଲ୍ ସ୍ଥାନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ବିଲ୍‌ରେ ବହୁ ବ୍ୟବସ୍ଥାର ସରଳୀକରଣ କରାଯାଇଥିବା ମନ୍ତ୍ରଣାଳୟ କହିଛି। ସଂସଦର ବଜେଟ୍ ଅଧିବେଶନର ପ୍ରଥମ ଭାଗରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆ ଆୟକର ବିଲ୍‌କୁ ଆଗତ କରିଥିଲେ। ତାଙ୍କ ଅନୁରୋଧକ୍ରମେ ସେହି ବିଲ୍‌କୁ ସିଲେକ୍ଟ କମିଟିର ଅନୁଧ୍ୟାନ ପାଇଁ ପଠାଯାଇଛି। ନୂଆ ବିଲ୍‌ରେ ଅନେକ ଜଟିଳ ଓ କ୍ଲିଷ୍ଟ ଶବ୍ଦକୁ ହଟାଇ ସରଳ ଭାଷାର ବ୍ୟବହାର କରାଯାଇଛି।




ବିଲ୍‌କୁ ଛୋଟ କରାଯାଇଛି ଏବଂ 'ଟିକସ ବର୍ଷ' ଭଳି ସରଳ ଶବ୍ଦ ବ୍ୟବହାର କରାଯାଇଛି। ଚଳିତ ମାସ ୧୪ରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏକ ୩୧ ଜଣିଆ ସିଲେକ୍ଟ କମିଟି ଗଠନ କରିଥିଲେ। କମିଟିରେ ଓଡ଼ିଶାରୁ ଅନ୍ୟତମ ବିଜେପି ନେତା ଭର୍ତ୍ତୃହରି ମହତାବ ସଦସ୍ୟ ରହିଛନ୍ତି। ତାଙ୍କ ବ୍ୟତୀତ ବିଜେପିର ନିଶିକାନ୍ତ ଦୁବେ, ପି ପି ଚୌଧୁରୀ, ଅନିଲ ବଲୁନି, କଂଗ୍ରେସର ଦୀପିନ୍ଦର ସିଂହ ହୁଡା, ଟିଏମ୍‌ସିର ମହୁଆ ମୋଇତ୍ର, ଏନ୍‌ସିପି (ଏସ୍‌ପି)ର ସୁପ୍ରିୟା ସୁଲେ ଓ ଆର୍‌ଏସ୍‌ପିର ଏନ୍ କେ ପ୍ରେମଚନ୍ଦ୍ରନ ସଦସ୍ୟ ରହିଛନ୍ତି। କମିଟି ଏହାର ରିପୋର୍ଟ ମୌସୁମୀ ଅଧିବେଶନର ପ୍ରଥମ ଦିନ ଉପସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି। ଜୁଲାଇ ତୃତୀୟ ସପ୍ତାହରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବା ଆଶା କରାଯାଉଛି।

## ଷ୍ଟାର୍ଟଅପ୍‌ରେ ପୁଞ୍ଜି ଖଟାଉଛନ୍ତି ପ୍ରବାସୀ ଓଡ଼ିଆ

**ଭୁବନେଶ୍ୱର, ୨୫।୨:** ବିଦେଶରେ ରହି ମୋଟା ଅଙ୍କର ରୋଜଗାର କରୁଥିବା ଲୋକମାନେ ସେହି ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ କରନ୍ତି, ତାହା ଜାଣିବା ଲାଗି ଲୋକମାନଙ୍କ ମନରେ ଉତ୍ସୁକତା ରହିବା ସ୍ୱାଭାବିକ। ଏହା ଉପରୁ ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ପରଦା ହଟାଇଛନ୍ତି। ବିଶେଷ କରି ଓଡ଼ିଶାରୁ ଯାଇ ବାହାରେ ରହୁଥିବା ଲୋକମାନେ ରାଜ୍ୟର ଷ୍ଟାର୍ଟଅପ, ରିଅଲ ଇଷ୍ଟେଟ୍ ଓ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରୁଥିବା ସେ କହିଛନ୍ତି। ବହୁ ସମୃଦ୍ଧଶାଳୀ ଓଡ଼ିଆ ବିଦେଶରୁ ରାଜ୍ୟକୁ ପଠାଉଥିବା ରାଶିର ଏକ ବଡ଼ ଭାଗ ଷ୍ଟାର୍ଟଅପ୍‌ଗୁଡ଼ିକରେ ନିବେଶ କରାଯାଉଛି ବୋଲି ଷ୍ଟାଣ୍ଡାର୍ଡ ଚାର୍ଟର୍ଡର ପରିଚାଳନା ନିର୍ଦ୍ଦେଶକ (ପ୍ରାଇଭେଟ୍ ବ୍ୟାଙ୍କ, ଏଫ୍ଲୁଏଣ୍ଟ ଆଣ୍ଡ ଡିଷ୍ଟ୍ରିବ୍ୟୁସନ) ନୀତୀନ ଚେଙ୍ଗପା କହିଛନ୍ତି। ଆମେରିକା, କାନାଡା ଓ ମଧ୍ୟପ୍ରାଚ୍ୟରେ ରହୁଥିବା ଓଡ଼ିଆମାନେ ପ୍ରତିବର୍ଷ ବିପୁଳ ପରିମାଣର ପାଣ୍ଠି ଓଡ଼ିଶାକୁ ପଠାଉଛନ୍ତି। ତାହା ମୁଖ୍ୟତଃ ଷ୍ଟାର୍ଟଅପ୍, ଆଇଟି, ରିଅଲ ଇଷ୍ଟେଟ୍, ଶିକ୍ଷା ଓ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରାଯାଉଛି। ସେ କହିଛନ୍ତି ଯେ ପ୍ରବାସୀମାନେ ପଠାଉଥିବା ୩୫ ପ୍ରତିଶତ ରାଶି ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ନିବେଶ ହେଉଛି। ଦ୍ୱିତୀୟ ବଡ଼ ନିବେଶ କ୍ଷେତ୍ର ହେଉଛି ଇକ୍ୱିଟି ବଜାର। ତେବେ ଭାରତରେ ଥିବା ଧନୀ ତଥା ସମୃଦ୍ଧଶାଳୀ ଲୋକମମାନେ ନିଜ ପାଣ୍ଠିକୁ ସିଙ୍ଗାପୁର ଓ ୟୁଏଇରେ ନିବେଶ କରିବାକୁ ପସନ୍ଦ କରୁଥିବା ସେ କହିଛନ୍ତି। ନିଜର ଦ୍ୱିତୀୟ ଘର ଭାବେ ସେମାନେ ଦୁବାଇର ରିଅଲ ଇଷ୍ଟେଟ୍‌ରେ ନିବେଶ କରୁଛନ୍ତି। ଆମେରିକା, କାନାଡା ଓ ଅଷ୍ଟ୍ରେଲିଆକୁ ସେମାନେ ପଠାଉଥିବା ପାଣ୍ଠିର ଅଧିକାଂଶ ଭାଗ ପିଲାଙ୍କ ପାଠପଢ଼ା କିମ୍ବା ଭ୍ରମଣରେ ଖର୍ଚ୍ଚ ହେଉଛି। ଦେଶରେ ବୃଦ୍ଧି ପାଉଥିବା ସମୃଦ୍ଧଶାଳୀ ଲୋକଙ୍କ ସଂଖ୍ୟା ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ୧-୫ ନିୟୁତ ଡଲାର ସମ୍ପତ୍ତିର ମାଲିକ ଥିବା ଲୋକଙ୍କୁ ଉଚ୍ଚ ସମ୍ପତ୍ତିର ଅଧିକାରୀ ବା ଏଚ୍ଏନ୍ଆଇ କୁହାଯାଉଛି। ସେମାନଙ୍କ ସଂଖ୍ୟା ଏବେ ୮ ଲକ୍ଷ ରହିଛି ଯାହା ତିନି ବର୍ଷ ମଧ୍ୟରେ ୧୭ ଲକ୍ଷକୁ ବୃଦ୍ଧି ପାଇବ। ସେହିପରି, ୩୦ ନିୟୁତ ଡଲାରରୁ ଅଧିକ ସମ୍ପତ୍ତିର ଅଧିକାରୀ ବା ୟୁଏଚ୍ଏନ୍ଏଆଇ କୁହାଯାଉଥିବା ଲୋକଙ୍କ ସଂଖ୍ୟା ଏହି ସମୟ ଭିତରେ ବର୍ତ୍ତମାନର ୧୦ହଜାରରୁ ବୃଦ୍ଧି ପାଇ ୧୯ହଜାର ହେବ ବୋଲି ଆକଳନ କରାଯାଇଛି।




**ରିଅଲ୍ ଇଷ୍ଟେଟ୍ ସମ୍ପତ୍ତି କିଣୁଛନ୍ତି**

**ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରୁଛନ୍ତି**

## ରିଲାଏନ୍ସ ଜିଓର ୫ଜି ଷ୍ଟାଣ୍ଡ-ଏଲୋନ ଟେକ୍ନୋଲୋଜିରେ ପ୍ରାଧାନ୍ୟ

**ଭୁବନେଶ୍ୱର, ୨୫।୨:** ୫ଜି ଷ୍ଟାଣ୍ଡଏଲୋନ (ଏସଏ) ନେଟୱାର୍କ ସ୍ଥାପନରେ ଭାରତ ଆମେରିକା ଓ ୟୁରୋପକୁ ପଛରେ ପକାଇ ଦେଇଛି ଏବଂ ଏଥିରେ ରିଲାଏନ୍ସ ଜିଓ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଟେଲିକମ କ୍ଷେତ୍ରର ଅନୁଶୀଳନକାରୀ ସଂସ୍ଥା ଓକଲାର ସଦ୍ୟତମ ରିପୋର୍ଟ ଅନୁଯାୟୀ, ୫୨ ପ୍ରତିଶତ ୫ଜି ଷ୍ଟାଣ୍ଡାଲୋନ ଉପଲବ୍ଧତା ସହ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଚୀନ ୮୦ ପ୍ରତିଶତ ଉପଲବ୍ଧତା ଉପଲବ୍ଧତା ସହ ଏହି ତାଲିକାରେ ଶୀର୍ଷରେ ରହିଛି। ୟୁରୋପରେ ଏହି ସଂଖ୍ୟା ମାତ୍ର ଏକ ପ୍ରତିଶତ ରହିଛି, ଯାହା ଭାରତର ଦ୍ରୁତ ଅଗ୍ରଗତିକୁ ଦର୍ଶାଉଛି। ଏହି ରିପୋର୍ଟ ଅନୁଯାୟୀ,




ଭାରତରେ ୫ଜି ଷ୍ଟାଣ୍ଡାଲୋନ ନେଟୱାର୍କର ବ୍ୟାପକ ଉପଲବ୍ଧତା ପଛରେ ରହିଛି ଜିଓର ଦ୍ରୁତ ୫ଜି ନେଟୱାର୍କ ସମ୍ପ୍ରସାରଣ ଏବଂ ୭୦୦ ମେଗାହର୍ଜ ସ୍ପେକ୍ଟ୍ରମର ବ୍ୟାପକ ବ୍ୟବହାର। ଏହି ଲୋ-ବ୍ୟାଣ୍ଡ୍ ସ୍ପେକ୍ଟ୍ରମ୍ ସମଗ୍ର ଦେଶରେ ପ୍ରଭାବଶାଳୀ ଏବଂ ନିର୍ଭରଯୋଗ୍ୟ କଭରେଜ୍ ସୁନିଶ୍ଚିତ କରିଛି, ଯାହା ଗ୍ରାମାଞ୍ଚଳ ତଥା ସୁଦୂର ଅଞ୍ଚଳରେ ମଧ୍ୟ ୫ଜି ଉପଲବ୍ଧତାକୁ ସୁନିଶ୍ଚିତ କରିଛି।

ଭାରତ ୫ଜି ଷ୍ଟାଣ୍ଡାଲୋନ ଡାଉନଲୋଡ୍ ସ୍ପିଡରେ ମଧ୍ୟ ଆଗରେ ରହିଛି, ଯେଉଁଠାରେ ଜିଓ ସହାୟତାରେ ହାରାହାରି ସ୍ପିଡ୍ ୨୬୦.୭୧ ଏମବିପିଏସରେ ପହଞ୍ଚିଛି। ଏହାର ତୁଳନାରେ, ଚୀନରେ ୨୨୪.୮୨ ଏମବିପିଏସ ଏବଂ ଜାପାନରେ ୨୫୪.୧୮ ଏମବିପିଏସ ସ୍ପିଡ୍ ରେକର୍ଡ କରାଯାଇଥିବାବେଳେ ୟୁରୋପରେ ଏହା ମାତ୍ର ୨୨୧.୧୭ ଏମବିପିଏସ ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଭାରତୀୟ ୫ଜି ଷ୍ଟାଣ୍ଡାଲୋନ ନେଟୱାର୍କ ବିସ୍ତାରର ଦ୍ରୁତ ଗତିର ଶ୍ରେୟ ଟେଲିକମ୍ ଅପରେଟରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜିନିବେଶକୁ ଦିଆଯାଇଥିବା ବେଳେ, ଏଥିରେ ଜିଓ ସବୁଠାରୁ ଆଗରେ ରହିଛି। କମ୍ପାନୀର ଅଲ-ଆଇପି ନେଟୱାର୍କ ଏବଂ ଉନ୍ନତ ଟେକ୍ନୋଲୋଜି ଇକୋସିଷ୍ଟମ୍ ଭାରତକୁ ବିଶ୍ୱ ସ୍ତରରେ ୫ଜି ପ୍ରତିଦ୍ୱନ୍ଦିତାରେ ଏକ ସଶକ୍ତ ପ୍ରତିଦ୍ୱନ୍ଦୀ ଭାବରେ ଉପସ୍ଥାପିତ କରିଛି। ଓକଲା ରିପୋର୍ଟ ସ୍ପଷ୍ଟ ଭାବେ ଦର୍ଶାଇଛି ଯେ ରିଲାଏନ୍ସ ଜିଓ ୫ଜି ଷ୍ଟାଣ୍ଡାଲୋନ ଯୁଗରେ ଭାରତକୁ ଅଗ୍ରଣୀ ସ୍ଥାନ ହାସଲରେ ପ୍ରମୁଖ ଭୂମିକା ନେଇଛି, ଯାହାଦ୍ୱାରା ଦେଶ ଡିଜିଟାଲ ବିପ୍ଳବରେ ଏକ ନୂତନ ଅଧ୍ୟାୟ ଯୋଡିଛି।

## ତଳମୁହାଁ ଗତି କାଏମ୍: ୭୫ ହଜାର ତଳେ ସେନ୍ସେକ୍ସ

**ମୁମ୍ବାଇ, ୨୫।୨:** ଭାରତୀୟ ଷ୍ଟକ୍ ବଜାର ଏହାର ନିବେଶକମାନଙ୍କୁ ଝଟ୍‌କା ପରେ ଝଟ୍‌କା ଦେଇଚାଲିଛି। ଲଗାତାର ଭାବେ ତଳକୁ ଖସୁଥିବା ସେନ୍‌ସେକ୍ସ ସୋମବାର ଆଉ ୮୫୭ ପଏଣ୍ଟ ହରାଇଛି। ଫଳରେ ଏହା ୭୫ ହଜାର ପଏଣ୍ଟ ତଳକୁ ଖସିଆସିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୮୫୭ ପଏଣ୍ଟ ହ୍ରାସ ପାଇ ୭୪,୪୫୪ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୪୨ ପଏଣ୍ଟ ହ୍ରାସ ପାଇ ୨୨,୫୫୩ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସ ଆଠ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ନିଫ୍ଟି ଏହାର ସବୁଠୁ ଲମ୍ବା ହ୍ରାସର ପୁରୁଣା ରେକର୍ଡ ଭାଙ୍ଗିବାକୁ ଯାଉଛି ଯାହା ଶେଷ ଥର ପାଇଁ ୧୯୯୬ରେ ଦେଖିବାକୁ ମିଳିଥିଲା। ସୋମବାର ସେନ୍‌ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନଙ୍କ ୪.୨୨ ଲକ୍ଷ କୋଟି ଟଙ୍କା ବୁଡିଛି।ସୋମବାର




ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଡକ୍ଟର ରେଡ୍ଡିସ୍, ଆଇସର୍ ମୋଟର୍ସ, ହିରୋ ମୋଟୋକର୍ପ ଓ କୋଟକ୍ ମହିନ୍ଦ୍ରା ବ୍ୟାଙ୍କର ସେୟାର ମୂଲ୍ୟ ବଢ଼ିଛି। ସେହି ସମୟରେ ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍, ଇନ୍‌ଫୋସିସ୍ ଓ ଓଏନ୍‌ଜିସି ସେୟାର ମୂଲ୍ୟ ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଉଥିବା ଶୁଳ୍କ ଧମକ, ଆମେରିକା ଅର୍ଥନୀତିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନିରୁତ୍ସାହଜନକ ରହିବା ଏବଂ ବୈଦେଶିକ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଲକ୍ଷେ କୋଟି ଟଙ୍କାରୁ ଅଧିକ ପାଣ୍ଠି ପ୍ରତ୍ୟାହାର କରିବା କାରଣରୁ ଷ୍ଟକ୍ ବଜାର ଉପରେ ଚାପ ରହିଛି। ଅନ୍ୟ ପକ୍ଷରେ ବିଦେଶୀ ନିବେଶକମାନେ ଭାରତ ସେୟାର ବିକ୍ରି କରି ଚୀନ୍‌ର ସେୟାର କିଣିବା ଆଭିମୁଖ୍ୟକୁ ଗ୍ରହଣ କରିବା ମଧ ଷ୍ଟକ୍ ବଜାର କାରବାର ଅସ୍ଥିର ରହିବାର ଅନ୍ୟତମ କାରଣ କୁହାଯାଉଛି।

# ପିଏମ କିଷାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୨୫।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତି ଭବନଠାରେ ସୋମବାର ପିଏମ କିଶାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। ବିହାର ରାଜ୍ୟର ଭାଗଲପୁର୍ ଅଞ୍ଚଳରେ ହେଉଥିବା ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଚାଷୀମାନଙ୍କୁ ପିଏମ କିଶାନ ସମ୍ମାନନିଧି ଅନ୍ତର୍ଗତ ୧୯ତମ କିସ୍ତି ଡି ବି ଟି ମାଧ୍ୟମରେ ହସ୍ତାନ୍ତର କରିଥିଲେ। ଆଜିକୁ ୬ ବର୍ଷ ପୂର୍ବେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୃଷକ ମାନଙ୍କ ସଶକ୍ତିକରଣ ନିମନ୍ତେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ଏବଂ ଏହାକୁ ସଫଳତାର ସହ କାର୍ଯ୍ୟକାରୀ ମଧ୍ୟ କରାଯାଇଅଛି। ଏହି ଯୋଜନା ଅନ୍ତର୍ଗତ ଚାଷୀ ମାନଙ୍କୁ ସିଧା ସଳଖ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ବାର୍ଷିକ ୬୦୦୦ ଟଙ୍କା ହସ୍ତାନ୍ତର କରାଯାଉଅଛି। ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ୧,୮୮,୩୧୨ ଜଣ ହିତାଧିକାରୀ ମାନଙ୍କୁ ସୋମବାର ଏହି ୧୯ତମ ପିଏମ କିଶାନ ସମ୍ମାନନିଧି ଅନ୍ତର୍ଗତ ଅନୁଦାନ ପ୍ରଦାନ କରାଯାଇଅଛି। ସଂସ୍କୃତି ଭବନଠାରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ



ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଚାଷୀ ଭାଇ ଭଉଣୀ ମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ରଘୁନାଥ ପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼.ଲକ୍ଷ୍ମୀପ୍ରିୟା ପ୍ରଧାନ, ଓୟୁଏଟି ର ପ୍ରଫେସର ଏମ ପି ନାୟକ, ଡି ଆଇ ଓ , ଏନ ଆଇ ସି ଶ୍ରୀ କାନ୍ଦ୍ରା ହେମ୍ବ୍ରମ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ବିଭାଗୀୟ ଷ୍ଟଲ ଗୁଡ଼ିକୁ ଅତିଥି ମାନେ ଉଦ୍‌ଘାଟନ କରିବା ସହିତ ଷ୍ଟଲ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ବହୁ ସଂଖ୍ୟାରେ ଚାଷୀ ଭାଇ ଭଉଣୀମାନେ ଯୋଗ ଦେଇଥିଲେ ଏବଂ ବିହାରର ଭାଗଲପୁର ଠାରେ ହେଉଥିବା ପି ଏମ କିଶାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆଭାସି ମାଧ୍ୟମରେ ଦେଖିଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜିଲ୍ଲାର ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଙ୍ଗରପାଲି ବ୍ଲକ ର ସଫଳ ଛତୁ ଚାଷୀ ଏବଂ ଜିଆ ଖତ ଚାଷ କରୁଥିବା କେତକୀ କାଲୋ, ବାଲିଶଙ୍କରା ବ୍ଲକର ମାଛ ଜାଆଁଳା ଉତ୍ପାଦନ ନିମନ୍ତେ ଚାଷୀ ପଦ୍ମିନୀ କଛାର, ସଦର ବ୍ଲକର ଗୋ- ପାଳକ ବବିତା ଯାଦବ, କୁଆଁରମୁଣ୍ଡା ବ୍ଲକର ଚାଷୀ ଯିଏକି ଶ୍ରୀ ଅନ୍ନ ଏବଂ ଅବହେଳିତ ଫସଲର ବୀଜ ସଂରକ୍ଷଣ କରୁଥିବା ଚାଷୀ ଯକ୍ରିଆସ କଣ୍ଡୁଲନାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଭାଗଲପୁର ଠାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ପ୍ରାୟ ଅଢ଼େଇ କୋଟି କୃଷକ ଉଭୟ ଶାରିରୀକ ଏବଂ ଆଭାସି ମାଧ୍ୟମରେ ଅଂଶ ଗ୍ରହଣ କରିଥିଲେ।

## ଆଧାର କାର୍ଡ ତ୍ରୁଟି, ସରକାରୀ ସୁବିଧାରୁ ବଞ୍ଚିତ ଯୁବତୀ ସୁମତି



**ଖପ୍ରାଖୋଲ,୨୫।୨(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଖପ୍ରାଖୋଲ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମରେ ରହୁଥିବା ହିରଣ୍ୟ ମୁଣ୍ଡା ଓ ସ୍ତ୍ରୀ ସବିତାଙ୍କ ବଡ ଝିଅ ସୁମତି ମୁଣ୍ଡା ବୟସ ୨୧ । ତାଙ୍କ ଆଧାର କାର୍ଡ ରେ ହୋଇଥିବା ତ୍ରୁଟି କୁ ସଂଶୋଧନ କରିବା ପାଇଁ ସାତ ଥର ତ୍ରୁଟି ସଂଶୋଧନ କଲେ ମଧ୍ୟ ଦୁଃଖର କଥା ସଂଶୋଧନ ହୋଇ ପାରୁନାହିଁ । ଯାହାଫଳରେ ସୁଭଦ୍ରା ଯୋଜନା ଓ ସରକାରଙ୍କ ପ୍ରଚଳିତ ଅନେକ ଯୋଜନାରୁ ବଞ୍ଚିତ ହେଉଛନ୍ତି । କେଉଁ କାରଣ ଯୋଗୁ ଆଧାର କାର୍ଡ ରେ ଥିବା ଭୁଲ ସଂଶୋଧନ ହୋଇ ପାରୁନାହିଁ ସେ ଜାଣିପାରୁ ନାହାନ୍ତି ।

## ଟିକାବାଲି କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ




**କନ୍ଧମାଳ,୨୫।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ଏ,ଏମ,ସି, ଏସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱ ରେ ସ୍ନାତକ ଛାତ୍ରୀଙ୍କୁ ନେଇ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ଗୀତାଞ୍ଜଳି ଶବର ମୁଖ୍ୟ ଅତଥିଭାବେ ଯୋଗଦେଇ ଶାରୀରିକ,ମାନସିକ ସ୍ତରରେ ଆମେ କିପରି ସୁରକ୍ଷିତ ରହିବା ଏବଂ ନିଜକୁ କିଏ ଆକ୍ରମଣ କଲେ କିପରି କୌଶଳରେ ଖସି ଆସି ପରିବା ତାହା ଏହି ପ୍ରଶିକ୍ଷଣ ରୁ ଜାଣି ପରିବା ବୋଲି ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶିବାନୀ କହଁର ପରିଚାଳନା କରିଥିଲେ।ଅଧ୍ୟାପକ ନରେନ୍ଦ୍ର ଦିଗାଲ,ଅଧ୍ୟାପକ ରତନ ଦିଗାଲ,ତୁଷାର କାନ୍ତ ପଣ୍ଡା ଯୋଗ ଦେଇ ଥିଲେ । ମାଷ୍ଟର ଟ୍ରେନର ସୁଶ୍ରୀ ଜ୍ୟୋତିର୍ମୟୀ ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ଗୋଟିଏ ଗ୍ରୁପ୍ ରେ ପଚାଶ ଛାତ୍ରୀ ଗୋଦଦେଇ ପ୍ରଶିକ୍ଷଣ ନେଇଥିଲେ ।

## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର



**ସୁବର୍ଣ୍ଣପୁର,୨୫।୨ (ସଂଚାର ବ୍ୟୁରୋ):** ସୋନପୁର ସହର ଉପକଣ୍ଠ ପଟାଭାଡି ୱାର୍ଡ଼ ନଗର ରେଲୱେ ବ୍ରିଜ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଦୁଇଟି ଯାକ ଟ୍ରାନ୍ସଫର୍ମର ଦୀର୍ଘ ଦିନ ଧରି ମୁକୁଳା ହୋଇ ପଡ଼ିରହିଛି। ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ଖୋଲାଥିବାରୁ ଏଠାକୁ ଛୋଟ ଶିଶୁ, ଗାଈଗୋରୁ ଓ ଅନ୍ୟାନ୍ୟ ଜୀବଜନ୍ତୁ ଅବାଧରେ ପଶି ଯାଉଛନ୍ତି।ଏହା ବ୍ୟତୀତ ଏହି ଟ୍ରାନ୍ସଫର୍ମର ପାଖରେ ଅନେକ ଘର ରହିଛି। ଏଣୁ କେତେବେଳେ କେଉଁ ଅଘଟଣ ଘଟିବ କିଛି କହିହେବ ନାହିଁ। ପ୍ରତିକାର ପାଇଁ ସ୍ଥାନୀୟ ଲୋକେ ଅନେକ ଥର ବିଦ୍ୟୁତ୍ ବିଭାଗ କୁ ଜଣାଇ ନିରାଶ ହୋଇଥିବା ପ୍ରକାଶ କରିଛନ୍ତି। ତେଣୁ ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ୱାର୍ଡ଼ ନଗରୱାସୀ ଦାବି କରିଛନ୍ତି।

## ଜାଗର ପାଇଁ ମା ମଙ୍ଗଳା ଉନ୍ନୟନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ



**ଦଶରଥପୁର,୨୫।୨(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ତ ମା କୁଆଁସ ମଙ୍ଗଳାପୀଠ ଠାରେ ମଙ୍ଗଳବାର ଅପରାହ୍ନରେ ମଙ୍ଗଳା ଉନ୍ନୟନ କମିଟି ପକ୍ଷରୁ ଜାଗର ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ତପନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମଙ୍ଗଳା ଉନ୍ନୟନ କମିଟିର ନୂତନ ସଭାପତି ପତିତ ପାବନ ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ବେହେରା,କୋଷାଧକ୍ଷ ଜ୍ଞାନରଞ୍ଜନ ମଲ୍ଲିକ, ଉପସଭାପତି ଦେବେନ୍ଦ୍ର କୁମାର ନାୟକ, ସହ ସମ୍ପାଦକ ସୁରେଶ କୁମାର ମହାନ୍ତି,ଉପଦେଷ୍ଟା କମିଟିର ସଭାପତି ଯୁଗଳ କିଶୋର ରାୟ, ସମ୍ପାଦକ ମୋହନ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ମା କୁଆଁସ ମଙ୍ଗଳା ପୀଠରେ ପ୍ରତିଷ୍ଠିତ ବାବା ଗତେସ୍ୱର ମହାଦେବଙ୍କ ଜାଗର ଯାତ୍ରା ପରିଚାଳନା ପାଇଁ ଆଲୋଚନା କରିବା ସହ କିପରି ଶାନ୍ତି ଶୃଙ୍ଖଳାର ସହ ଜାଗର ଯାତ୍ରା ସମାପନ ହେବ ସେଥିପାଇଁ ସଭାପତି ପତିତ ପାବନ ମହାନ୍ତି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଏଥିସହ ଏପ୍ରିଲ ମାସରେ ହେବାକୁ ଥିବା ମଙ୍ଗଳା ମହୋତ୍ସବ କିପରି ମହାଆଡମ୍ବରରେ ପାଳନ କରାଯିବ ସେଥିନେଇ ବୈଠକରେ ଆଲୋଚନା କରାଯାଇଥିଲା । ଆଜିର ବୈଠକରେ ମଙ୍ଗଳା ଉନ୍ନୟନ କମିଟି ପରିଚାଳନା ପାଇଁ ଗଠନ କରାଯାଇଥିବା ନୂତନ କମିଟିକୁ ଅନୁମୋଦନ କରାଯାଇଥିବା ବେଳେ ନୂତନ କାର୍ଯ୍ୟକାରୀ କମିଟିରେ ୨୨ ଜଣ ସଦସ୍ୟ ରହିଥିବା ବେଳେ ଉପଦେଷ୍ଟା କମିଟିରେ ୨୪ ଜଣ ସଦାଦ୍ୟଙ୍କୁ ମନୋନିତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ବେହେରା, ଅକ୍ଷୟ ମହାନ୍ତି, ବିଶ୍ୱଜିତ ରାୟ,ଗଗନ ବିହାରି ଜେନା,ରବିନାରାୟଣ ପଣ୍ଡା, ବାସୁଦେବ ରାଉତ, ଶ୍ୟାମସୁନ୍ଦର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

## ଦୁର୍ଗମ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର



**କଳାହାଣ୍ଡି,୨୫।୨(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଠାରୁ ଆରମ୍ଭ କରି ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଲାଗି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେବି କୋଟି ଟଙ୍କା ଅଞ୍ଚଳରେ ଶିକ୍ଷାର ଉନ୍ନତି ହୋଇନାହିଁ। ଦୁର୍ଗମ ଅଞ୍ଚଳ କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ଉପଯୁକ୍ତ ଶିକ୍ଷକ ଥାଇ ମଧ୍ୟ ଛାତ୍ରଛାତ୍ରୀମାନେ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୁର୍ଗମ ଗ୍ରାମାଞ୍ଚଳର ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସାଙ୍ଗେ ଖେଳି ସରକାରଙ୍କୁ ଠକିବାରେ ଲାଗିଛନ୍ତି ସେଠାକାର କିଛି ଶିକ୍ଷକ। ସରକାରଙ୍କ ଠାରୁ ବେତନ ପାଇ ତାଙ୍କ ପିଲା ଛୁଆଙ୍କୁ ଇଂରାଜୀ ସ୍କୁଲ ବା ଭଲ ବେସରକାରୀ ସ୍କୁଲ ରେ ପାଠ ପଢୁଛନ୍ତି ହେଲେ ଯେଉଁ ପିଲାଙ୍କ ଭବିଷ୍ୟତ ଗଠନ କରିବା ପାଇଁ ଗୁରୁଦାୟିତ୍ୱ ନେଇଛନ୍ତି ହେଲେ ତାଙ୍କ ଦାୟିତ୍ୱ ଭୁଲିଯାଉଛନ୍ତି। ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ସିଲେଟ ଗ୍ରାମପଞ୍ଚାୟତ ସ୍ଥିତ ଦାଣ୍ଡପଦର ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୨୩ ରୁ ୨୬ ଜଣ ଛାତ୍ରୀଛାତ୍ରଙ୍କୁ ଦୁଇ ଜଣ ଶିକ୍ଷା ଶିକ୍ଷକ ନିଯୁକ୍ତି ପାଇଛନ୍ତି ସେମାନେ ହେଲେ ପ୍ରଧାନ ଶିକ୍ଷକ ସଦାଶିବ ନାଏକ (ସଦା) ଏବଂ ସହ ଶିକ୍ଷକ ମଧୁସୂଦନ ସାହୁ ହେଲେ ଏମାମାନେ ସପ୍ତାହକୁ ୨ ରୁ ୩ ଦିନ ମାସକୁ ୮ ରୁ ୧୨ ଦିନ ସ୍କୁଲ ଆସୁଛନ୍ତି, ଯଦି ଓ କେବେ ଆସିଲେ ସଠିକ ସମୟରେ ଆସୁନାହାନ୍ତି ଦିନ ୧୧ ଟା ୩୦ ରେ ସ୍କୁଲ ଆସୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ମନମୁଖି ଭାବେ ସ୍କୁଲକୁ ଆସନ୍ତି ଓ ଇଚ୍ଛା ଅନୁସାରେ ବିଦ୍ୟାଳୟରେ ତାଲା ପକାଇ ଚାଲି ଯାଆନ୍ତି ବୋଲି ଅଭିଯୋଗ ହେଉଛି। ଏମିତି କି ଛାତ୍ରୀଛାତ୍ରଙ୍କୁ ନିୟମିତ ସ୍କୁଲରେ ମଧ୍ୟାହ୍ନ ଭୋଜନ ନମିଳିବା ରୁ ଭୋକ ଉପାସରେ ଘରକୁ ଯାଆନ୍ତି ଛାତ୍ର ଛାତ୍ରୀ। ଏଠି ସ୍ୱାସ୍ଥ୍ୟ ସ୍ୱରାଜ ର ଶିକ୍ଷା ସାରଙ୍କ ଭରସାରେ ଚାଲିଛି ପିଲାଙ୍କ ପାଠପଢ଼ା। ଶିକ୍ଷକଙ୍କ ମନମୁଖି ନୀତି ଯୋଗୁଁ ଛାତ୍ର ଛାତ୍ରୀ ହଇରାଣହେଉଛନ୍ତି। ବିଦ୍ୟାଳୟଟି ଅବ୍ୟବସ୍ଥାରେ ଚାଲିଥିବାରୁ ଅଭିଭାବକ ମହଲ ରେ ଅସନ୍ତୋଷ ଦେଖାଦେବା ସହ କାର୍ଯ୍ୟରତ ଥିବା ଶିକ୍ଷକଙ୍କ ବୈମାତୃକ କାର୍ଯ୍ୟକଳାପନେଇ ଅଭିଯୋଗହେଉଛି।

## କେବେ ନିର୍ମାଣ ହେବ ଖେଳପଡିଆର ଗାର୍ଡ଼ୱାଲ ଓ ଡ୍ରେସିଂରୁମ୍



**କନ୍ଧମାଳ,୨୫।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମର ଖେଳ ପଡ଼ିଆ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ଦ୍ୱାରା ନିର୍ମାଣ କରାଗଲା କିନ୍ତୁ ବର୍ତ୍ତମାନ ଖେଳ ପଡ଼ିଆର ଅବସ୍ଥା କହିଲେ ନ ସରେ ଲଗାଣ ବର୍ଷାରେ ଧୋଇ ହୋଇ ଯାଉଛି ଯାହା ଫଳରେ ଯୁବ ଗୋଷ୍ଠୀ ବର୍ତ୍ତମାନ ସେହି ଖେଳ ପଡ଼ିଆରେ ଖେଳିବା ପାଇଁ ମଧ୍ୟ ସୁରକ୍ଷିତ ମନେ କରୁନାହାଁନ୍ତି କାରଣ ପ୍ରାୟ ଦଶ ଫୁଟ ପାଖାପାଖି ରାସ୍ତାରୁ ଉପରେ ରହୁଥିବାରୁ ଖେଳ ପଡ଼ିଆର ମାଟି ଖସି ଖସି ଆସୁଛି ଖେଳ ପଡ଼ିଆ ପାଇଁ ମୁଖ୍ୟ ଦାବି ଗୁଡ଼ିକ ହେଉଛି ଖେଳ ପଡ଼ିଆ ପାର୍ଶ୍ୱରେ ଗାଡ଼ୱାଲ୍ ପାନୀୟଜଳ ର ବ୍ୟବସ୍ଥା ଦର୍ଶକଙ୍କ ପାଇଁ ଗାଡ଼ୱାଲ୍ ଡ୍ରେସିଂ ରୁମ୍ ଓ ପାନୀୟଜଳ ଆଦି ନିର୍ମାଣ ପୂର୍ବରୁ ଏହି ବିଷୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ଏବଂ ଜିଲ୍ଲାପାଳ ସମସ୍ତଙ୍କୁ ଦାବି ଦିଆଯାଇଥିଲା ବର୍ତ୍ତମାନ ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ ଚକ୍ରମଣି କହଁର ଦାବି ଜଣାଇଛନ୍ତି ମଗଡ଼ିଙ୍ଗିଆ ଗ୍ରାମର କିଛି ଯୁବ ଗୋଷ୍ଠୀ ଆଜିକା ସମୟରେ ଛଟ ଛଟ ଗ୍ରାମ ଗୁଡ଼ିକରେ ମଧ୍ଯ ଖେଳ ପଡ଼ିଆ ନିର୍ମାଣ ହୋଇଯାଇଛି ମଗଡ଼ିଙ୍ଗିଆ ଏକ ବଡ଼ ଗ୍ରାମ ହୋଇଥିବା ବେଳେ ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ ଚକ୍ରମଣି କହଁର ଛଡ଼ା ଅନ୍ୟ ପ୍ରଶାସନ ଏହି ଖେଳ ପଡ଼ିଆକୁ କାହିଁକି ସମସ୍ତେ ଅଣଦେଖା କରୁଛନ୍ତି ତାହା ଉପରେ ବିଚାର ବିମର୍ଶ କରିବା ଆବଶ୍ୟକ ।

## ବାବା ବାଲୁକେଶ୍ୱର ଓ ହରିହର ପୀଠ ମହାଦେବଙ୍କ ମନ୍ଦିରରେ ଜାଗର ଯାତ୍ରାରପ୍ରସ୍ତୁତି

**ବେତନଟୀ,୨୫।୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧିନ ବାହାନଡା ଗ୍ରାମରେ ଥିବା ବାବା ବାଲୁକେଶ୍ୱର ଏବଂ ହରିହର ପୀଠ ଠାରେ ଥିବା ମହାଦେବଙ୍କ ମନ୍ଦିର ପରିସରରେ ଜାଗର ଯାତ୍ରା ଆସନ୍ତା ୨୬ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ମନ୍ଦିର କର୍ତ୍ତୃପକ୍ଷ ଜଣାଇଛନ୍ତି। ଏଥିନିମନ୍ତେ ଭକ୍ତଗଣଙ୍କ ନିମନ୍ତେ ମନ୍ଦିର ପରିସରରେ ବ୍ରତୀ ମାନେ ଦୀପ ଜାଳିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଶିବରାତ୍ରୀ ଦିନ ସଂଧ୍ୟାରୁ ସାସଂସ୍କୃତିକ କାର୍ଯ୍ୟକ୍ରମ ଓ ନାମ ସଂକୀର୍ତ୍ତନ ଅହୋରାତ୍ର ପରିବେଷଣ ହେବ ବୋଲି ମନ୍ଦିର କମିଟି ତରଫରୁ ପ୍ରକାଶ କରାଯାଇଛି। ଏହି ମହା ଶିବରାତ୍ରୀ ଉପଲକ୍ଷେ ସମସ୍ତ ବ୍ରତଧାରଣ କରୁଥିବା ବ୍ରତୀ ଓ ଶିବଚତୁର୍ଦ୍ଦଶୀ ପୂଜା ଏବଂ ମହାଦୀପ ଦର୍ଶନ ସହ ଦେବାଧିଦେବ ମହାଦେବଙ୍କ କୃପାଲାଭ କରିବାକୁ ମନ୍ଦିର ତରଫରୁ ଜଣାଇ ଦିଆଯାଇଛି।

## ଗ୍ରିଲ୍ ଭାଙ୍ଗି ଧାନଖାଇଲା କୁଳଡିହା ହାତୀ, ଆତଙ୍କରେ ଅଞ୍ଚଳବାସୀ



**ନୀଳଗିରି,୨୫।୨(ସଂଚାର ବ୍ୟୁରୋ):** ଲୁହାଗ୍ରୀଲ ଭାଙ୍ଗି ଘରେପଶିଲା ହାତୀ। ଘରେ ଥିବା ଧାନବସ୍ତାରୁ ପ୍ରାୟ ପାଞ୍ଚୋଟି ଧାନବସ୍ତାକୁ ଚିରି ଧାନଖାଇବା ସହିତ ଉପଦ୍ରବ ମଚାଇଥିଲା। ଏଭଳି ଘଟଣା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ରାଇପୁର ଗ୍ରାମରେ ଦେଖିବାକୁ ମିଳିଛି। ମଙ୍ଗଳବାର ଭୋର ସମୟରେ କୁଳଡିହା ଅଭୟାରଣ୍ୟର ଏକ ହାତୀ ଉକ୍ତଗ୍ରାମର ବନମାଳୀ ବିଶ୍ୱାଳଙ୍କ ଘରର ଲୁହାଗ୍ରୀଲକୁ ଶୁଣ୍ଢରେ ଭାଙ୍ଗି ଘରେ ପଶି ବାରଣ୍ଡାରେ ଥିବା ଧାନବସ୍ତାରେ ଧାନ ଖାଇବା ସହ ଧାନକୁ ଫିଙ୍ଗାଫିଙ୍ଗି କରିଥିଲା। ଭୟରେ ପରିବାର ଲୋକ ଘରେ କବାଟକିଳୀ ହାତୀକୁ ଘଉଡାଇବା ପାଇଁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ହାତୀଟି ଯାଇନଥିଲା। ଶେଷରେ ପରିବାର ଲୋକେ ବାସନ ଟିଣ ଆଦି ବଜାଇବାରୁ ହାତୀଟି ଜଙ୍ଗଲକୁ ପଳାଇଯାଇଥିଲା ।ତେବେ ହାତୀଙ୍କ ଉପଦ୍ରବ ନୂଆ ଘଟଣା ନୁହେଁ। ଜଙ୍ଗଲ ସଙ୍କୁଚିତ ହେବା, ଖାଦ୍ୟାଭାବ, ପରିବେଶ ପ୍ରଦୂଷଣ ପାଇଁ ଜଙ୍ଗଲିଜନ୍ତୁ ଜନବସତି ମୁହାଁ ହେଉଥିବା ମୁଖ୍ୟକାରଣ ବୋଲି ପରିବେଶବିତ୍ ମତ ରଖିଛନ୍ତି।ତେବେ ହାତୀମାନଙ୍କୁ ଜନବସତି ମୁହାଁ ନହେବା ପାଇଁ ସୌରବାଡ, ଟ୍ରେଞ୍ଚ ଖନନ, ପ୍ରଚୁର ପରିମାଣରେ ଖାଦ୍ୟ ସହ ଅଧିକ ଜଙ୍ଗଲ ସୃଷ୍ଟି ଉପରେ ବନବିଭାଗ ଦୃଷ୍ଟି ଦେଇ ନିରାକରଣ କରିପାରିଲେ ସ୍ଥାୟୀ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଦାବୀ କରିବା ସହିତ ବର୍ତ୍ତମାନ ପାଇଁ ପଞ୍ଚଲିଙ୍ଗେଶ୍ୱର, ତେଣ୍ଡା, ବାବନ୍ଧ ଆଦି ବିଭିନ୍ନ ବିଟରେ ବନବିଭାଗ ପେଟ୍ରୋଲିଂ କୁ କଡାକଡି କରିବାକୁ ଦାବି କରାଯାଇଛି। ନହେଲେ ହାତୀ ଆକ୍ରମଣରେ ବିଗତ ଦିନରେ ଘଟିଥିବା ଅନେକ ଘଟଣା ସହ ନିକଟରେ ଘଟିଥିବା ଯୁବକଙ୍କୁ ରାସ୍ତାରୁ ଟାଣିନେଇ କଚାଡ଼ିବା ଭଳି ଘଟଣାର ପୁନରାବୃତ୍ତି ଘଟି ବହୁ ଧନଜୀବନ ନଷ୍ଟ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

## ଛେଳି ଚୋରେଇବାକୁ ଆସି କୂଅରେ ପଡିଗଲା ଚୋର

**କେନ୍ଦୁଝର,୨୫।୨(ସଂଚାର ବ୍ୟୁରୋ):** ଚୋରି କରିବାକୁ ଆସି ଚୋର ହଟହଟା । ଛେଳି କଣ ଚୋରି କରିବ ନିଜେ କୂଅରେ ପଡିଗଲା ଚୋର । ରାତି ସାରା କୂଅ ଭିତରେ ପଡି ଛଟପଟ ହେଲା। ସକାଳୁ ଗାଁ ଲୋକେ କୂଅ ଭିତରେ ଚୋର ପଡିଥିବା ଦେଖିଥିଲେ । କେନ୍ଦୁଝର ଚମ୍ପୁଆ ବ୍ଲକ ବାରିଆ ଥାନା ଅନ୍ତର୍ଗତ ଝାଲିଆବେଡା ଗାଁରେ ଘଟିଛି ଏଭଳି ଘଟଣା । ଗାଁ ଲୋକ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଘଟଣାସ୍ଥଳରେ ପହଞ୍ଚି ଚୋରକୁ ଉଦ୍ଧାର କରିଥିଲେ । ପୋଲିସ ଚୋରକୁ କୂଅରୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚରା କରୁଛି ।

## ଅନ୍ତ୍ୟୋଦୟ ସମୀକ୍ଷା ହେଉନି
# ୨୦୬୫ ପରିବାରରେ ସୀମିତ ଯୋଜନା

**କାକଟପୁର/ଅସ୍ତରଙ୍ଗ, ୨୫।୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ସରକାରଙ୍କ ଅନ୍ତ୍ୟୋଦୟ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତର କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଖରେ ବନ୍ଧା ପଡିଛି କହିଲେ ହୁଏତ ଅତ୍ୟୁକ୍ତି ହେବ ନାହିଁ। ଯୋଜନା କାର୍ଯ୍ୟକାରୀ ହେବାର ଦୀର୍ଘ ୨୬ବର୍ଷ ବିତିଲାଣି କିନ୍ତୁ ଏହାର ଲାଭ କିଛି ନିର୍ଦ୍ଦିଷ୍ଟ ପରିବାରକୁ ହିଁ ମିଳୁଥିବା ଅଭିଯୋଗ ହେଉଛି। ଯୋଜନା ସମୀକ୍ଷା ହେଉନି କି ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଉନି। ଫଳରେ



ପ୍ରଥମରୁ ଏହି ଯୋଜନାରେ ସାମିଲ ହିତାଧିକାରୀଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇସାରିଛି। କିନ୍ତୁ ସେମାନଙ୍କ ପୁଅ ଏବଂ ନାତିଙ୍କୁ ଉକ୍ତ ଯୋଜନାରେ ଲାଭ ମିଳୁଛି। ଫଳରେ ବହୁ ଗରିବ ପରିବାର ଏହି ଯୋଜନାରୁ ବଂଚିତ ହେଉଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଗରିବ ଲୋକଙ୍କୁ ଆହାର ଯୋଗାଇବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା 'ଅନ୍ତ୍ୟୋଦୟ ଯୋଜନା'। ଏଥିରେ ସରକାର ମାଗଣାରେ ମାସକୁ ୩୫କେଜି ଲେଖାଏଁ ଚାଉଳ ଯୋଗାଇ ଦେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୨ହଜାର ୬୫ଟି ପରିବାରରେ ୭ହଜାର ୬୯ଜଣ ଜଣ ହିତାଧିକାରୀ ପ୍ରତି ମାସରେ ଏହି ଯୋଜନାରେ ମାଗଣା ଚାଉଳ ଦିଆଯାଉଛି।

ଗତ ୨୬ବର୍ଷ ହେଲା ଏହି ପରିବାର ଗୁଡିକ ଯୋଜନାର ଫାଇଦା ପାଉଛନ୍ତି। ହେଲେ ୨୬ବର୍ଷ ମଧ୍ୟରେ ଯୋଜନାର କାର୍ଯ୍ୟ କାରିତା ନେଇ ସମୀକ୍ଷା କରାଯାଇ ନାହିଁ।

## ବ୍ଲକ ପରିସରରେ ପଞ୍ଚାୟତ ସମିତିର ସାଧାରଣ ବୈଠକ



**କନ୍ଧମାଳ,୨୫।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସାରରେ ଥିବା ସଭାଗୃହ ଠାରେ ପଞ୍ଚାୟତ ସମିତି ର ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ପଞ୍ଚାୟତ ସମିତି ଅଧକ୍ଷା ନମିତା କହଁର ଙ୍କ ସହ ସଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ଜିଲ୍ଲାପରିଷଦ ସଭ୍ୟ ନୀଳଗିରି ଦିଗାଲ, ଜିପିଇଓ ସୁରଜ କଣ୍ଡୁଲନା,ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ମନରେଗା ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ଉଠାଣ ସିଂ, ମହିଳା ଓ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନ ଓ ବ୍ଲକ ଅଧୀନରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ । ପୂର୍ବ ବୈଠକ ଭଳି ଚଳିତ ବୈଠକରେ ମଧ୍ୟ ବ୍ଲକ ଅଧୀନରେ ଥିବା ବିଭିନ୍ନ ବିଭାଗ ଯଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପାନୀୟ ଜଳ ଓ ପରିମଳ ବିଭାଗ,ଶିକ୍ଷା ବିଭାଗ, ବନ ବିଭାଗ,ସାଧାରଣ ବଣ୍ଟନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ,କୃଷି ଉଦ୍ୟାନ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ନିଜନିଜ ବିଭାଗ ଦ୍ୱାରା କରାଯାଉଥିବା ଉନ୍ନୟନ କାମ ବିଷୟରେ ବିବରଣୀ ରଖିଥିଲେ । ସେପଟେ ବୈଠକ ଅବସରରେ ପୂର୍ବ ବୈଠକ ରେ ହୋଇଥିବା ଅଭଯୋଗ ଓ ତାର କିଭଳି ସମାଧାନ ହୋଇଛି ସେବିଷୟରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଙ୍କ ସହ ଉପସ୍ଥିତ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ମତ ଉପସ୍ଥାପନ କରିଥିଲେ । ତେବେ ବିଶେଷ କରି ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇସାରିଥିବା ବେଳେ ବିଭିନ୍ନ ଗ୍ରାମାଞ୍ଚଳ ମାନଙ୍କରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି । ଏହି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବୈଠକ ରେ ଜନପ୍ରତିନିଧି ମାନେ ହୋ ହାଲ୍ଲା କରିଥିବା ବେଳେ ବିଭିନ୍ନ ଗ୍ରାମାଞ୍ଚଳ ମାନଙ୍କରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ମାନଙ୍କରେ ମହିଳା ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ସେହି ସ୍ୱାସ୍ଥ୍ୟ କର୍ମୀ ମାନେ କେନ୍ଦ୍ର ମାନଙ୍କରେ ରହୁନଥିବାରୁ ବୈଠକ ରେ ଜନପ୍ରତିନିଧି ମାନେ ଉଦବେଗ ପ୍ରକାଶ କରିଥିଲେ ।

## ବିଦ୍ୟାଳୟ ନଳକୂପ ଅଚଳ, ମରାମତି ଦାବି



**କନ୍ଧମାଳ,୨୫।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ କୁଡୁଡେଲି ପଞ୍ଚାୟତ ପ୍ରେମାକିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ପାନୀୟ ଜଳ ଅଭାବ ଦେଖାଯାଇଛି । ଉକ୍ତ ବିଦ୍ୟାଳୟ ନିକଟରେ ଥିବା ଏକ ନଳକୂପ ଦିର୍ଘ ମାସରୁ ଅଚଳ ହୋଇପଡି ରହିଛି । ଫଳରେ କୁନି କୁନି ଛାତ୍ରଛାତ୍ରୀମାନେ ପାଣି ନପାଇ ଡହଳବିକଳ ହେଉଛି । ନଳକୂପ ମରାମତି ପାଇଁ ବାରମ୍ବାର ଦାବି କରିଛନ୍ତି କିନ୍ତୁ ମରାମତି ହୋଇପାରୁ ନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ଯାହା ଫଳରେ ବିଦ୍ୟାଳୟ ଛାତ୍ରଛାତ୍ରୀ ପାନୀୟ ଜଳ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ପଦୋନ୍ନତି ପାଇଁ ଲାଞ୍ଚ କାରବାର ଅଭିଯୋଗ




**ନୟାଗଡ,୨୫।୨(ସଂଚାର ବ୍ୟୁରୋ):** କଣ ଲାଞ୍ଚ ନଦେଲେ ପ୍ରମୋସନ୍ ବି ହୁଏନି ? ଏହା ସତ ନା ଖାଲି ଶୁଣାକଥା ? ତାହା ପୁଣି ସରକାରୀ ଅଫିସରେ ? ଏସବୁ ତଥ୍ୟ ନଥିବା ଅଭିଯୋଗ ନୁହେଁ ତ? ଏଭଳି କିଛି ଅଭିଯୋଗ ଆସିଛି ନୟାଗଡ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ । ଅଫିସର କିଛି ଅଧିକାରୀ ଭିନ୍ନ କୌଶଳରେ ଦୁର୍ନୀତିକୁ ଆପଣାଇ ନେଇଛନ୍ତି ବୋଲି କୁହାଯାଉଛି। ଲାଞ୍ଚ ନଦେଲେ କୌଣସି ଫାଇଲ କାର୍ଯ୍ୟକାରୀ ହେବ ନାହିଁ ବୋଲି ପରୋକ୍ଷରେ ଜଣାଇ ଦେଉଛନ୍ତି। ଆମେ ଏଭଳି କିଛି ଅଭିଯୋଗ ପାଇବା ପରେ ଯାଞ୍ଚ କରିଥିଲୁ ଅଭିଯୋଗକାରୀ ଏବଂ ଯାହା ବିରୋଧରେ ଅଭିଯୋଗ ହୋଇଛି ତାଙ୍କୁ ଭେଟିଥିଲୁ । ଘଟଣା ପଛରେ କଣ ରହିଛି ସତ ଆସନ୍ତୁ ଜାଣିବା । ଆଉ ଯଦି ଅଧିକାରୀଙ୍କର ହୃଦୟଙ୍ଗମ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ । ନୟାଗଡ ଜିଲ୍ଲାରେ ରହିଛି ୮ ଟି ବ୍ଲକ । ବ୍ଲକ ରେ ଥିବା ସମସ୍ତ ସ୍କୁଲ ନୟାଗଡ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରନ୍ତି। ଓଡଗାଁ ବ୍ଲକ ଜବାହର ଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରନ୍ତି ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ରବି ମୁଦୁଲି । କୋରାପୁଟ ଜିଲ୍ଲା ଆଦିବାସୀ ଅଧୁଷିତ ଅଞ୍ଚଳର ଯୁବକ। ୪ର୍ଥ ଶ୍ରେଣୀ କର୍ମଚାରୀରୁ ତାଙ୍କର ସ୍କୁଲ କିରାଣୀକୁ ପ୍ରମୋସନ୍ ହୋଇଥିଲା । ତେବେ ତାଙ୍କର ଅଭିଯୋଗ ହେଉଛି କି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କିଛି କର୍ମଚାରୀ ୩ ଲକ୍ଷ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଉ ପ୍ରଥମେ ସେ ୧ ଲକ୍ଷ ଟଙ୍କା ନେଲା ପରେ ଆଉ ଡିପି ଦର୍ଶାଇ କୁଆଡ଼େ ୫୦ ହଜାର ଟଙ୍କା ତାଙ୍କୁ ମଗା ଯାଇଥିଲା ।






## ପର୍ଯ୍ୟଟନର ନୂଆ ସମ୍ଭାବନା

# ଦରଗୁଡ଼ିଶିଳା



ପ୍ରକୃତି ଓ ପରିବେଶକୁ ଭଲପାଉଥିବା ପର୍ଯ୍ୟଟକଙ୍କ ପାଇଁ କେନ୍ଦୁଝର ଜିଲ୍ଲାର ଦରଗୁଡିଶୀଳା ଏକ ଆକର୍ଷଣୀୟ ସ୍ଥାନ। ଯଦି ଆପଣ ସହରର ପ୍ରଦୂଷିତ ପରିବେଶଠାରୁ ଦୂରକୁ ଯାଇ କିଛି ସମୟ ପ୍ରକୃତି କୋଳରେ କଟାଇବାକୁ ଚାହୁଥାଆନ୍ତି ତେବେ ଦରଗୁଡିଶୀଳାରେ ପହଞ୍ଚିଲେ ନିଶ୍ଚୟ ଆନନ୍ଦ ଅନୁଭବ କରିବେ। ସେଠାକାର ମନୋରମ ପ୍ରାକୃତିକ ଶୋଭା କୌଣସି ଏକ ବଲିଉଡ୍ ସିନେମାରେ ପ୍ରଦର୍ଶିତ ଦୃଶ୍ୟ ପରି ମନେ ହେବ।

### କ’ଣ ଦେଖିବେ ?

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର କାଦବାହାଳୀ ଗାଁର ଗୋଟିଏ ଛୋଟିଆ ଶାଖା ଗାଁ ବା ପଡାଗ୍ରାମ ହେଉଛି ଦରଗୁଡିଶିଳା। ଏହି ଗାଁଟି ଘଞ୍ଚ ଜଙ୍ଗଲ ଭିତରେ ରହିଛି। ପୁଣି ଏହି ଜଙ୍ଗଲ ଭିତର ଦେଇ ବହି ଯାଇଛି ବୈତରଣୀ ନଦୀ। ଆଉ ବୈତରଣୀ ନଦୀର ଜଙ୍ଗଲ ଦେଇ ଦରଗୁଡିଶିଳା ଅତିକ୍ରମ କଲା ବେଳେ ଏକାଧିକ ବୃକ୍ଷରାଜିକୁ ଛୁଇଁ ଅତିକ୍ରମ କରିଛି। ସବୁଜିମା ଓ ନୀଳ ଜଳରାଶିର ସମନ୍ୱୟ ସୃଷ୍ଟି କରିଛି ଅତ୍ୟନ୍ତ ମନୋରମ ଦୃଶ୍ୟ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦରଗୁଡ଼ିଶିଳାରେ ବୈତରଣୀ ସ୍ରୋତସ୍ୱିନୀ କିନ୍ତୁ ଜଳର ଗଭୀରତା କମ୍। ତେଣୁ ଚଟାଣ ପଥରରେ ବୈତରଣୀର ପାଣି ଧକ୍କା ଖାଇ ଯେଉଁ କୁଳୁକୁଳୁ ଶବ୍ଦ ସୃଷ୍ଟି କରେ, ତାହା ମଧ ପର୍ଯ୍ୟଟକଙ୍କୁ ବିମୁଗ୍ଧ କରିବ।

### କେଉଁମାନେ ଓ କାହିଁକି ପସନ୍ଦ କରନ୍ତି ?

ବିଶେଷ କରି ଯେଉଁମାନେ ସହରର କୋଳାହଳ ଭିତରେ ରହି ନିରୋଳାରେ ମୁକ୍ତ ପରିବେଶ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଦରଗୁଡିଶିଳା ପ୍ରକୃଷ୍ଟ ସ୍ଥାନ। ଏଠାରେ ସେମାନ ବଣଭୋଜି ସହିତ ପ୍ରାକୃତିକ ସୌନ୍ଦୀର୍ଯ୍ୟକୁ ପାଖରୁ ଅନୁଭବ କରି ପାରିବେ। ଏଥିସହ ସେଠାରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସମାଗମ ମଧ ହୋଇଥାଏ। ତେଣୁ ପକ୍ଷୀପ୍ରେମୀଙ୍କ ଲାଗି ଦରଗୁଡ଼ିଶିଳା ଦର୍ଶନୀୟ। ସେହିପରି ପ୍ରାକୃତିକ ଦୃଶ୍ୟକୁ କ୍ୟାମେରା ଲେନ୍ସରେ କଏଦ୍ କରୁଥିବା ଫଟୋଗ୍ରାଫରଙ୍କୁ ସେଠାରେ ଖୋରାକ ମିଳିବ।

### କେମିତି ଯିବେ ?

ରାଜଧାନୀ ଭୁବନେଶ୍ୱରରୁ ଏହି ପର୍ଯ୍ୟଟନସ୍ଥଳୀ ପାଖାପାଖି ୧୯୦ କିମି ଦୂରରେ ରହିଛି। ଭୁବନେଶ୍ୱରରୁ କାରଯୋଗେ ଆସୁଥିବା ପର୍ଯ୍ୟଟକମାନେ କୋଳିମାଟି ନିକଟସ୍ଥ କୁମଡ ଛକଠାରୁ ଡାହାଣକୁ ପ୍ରାୟ ୧୮ କିଲୋମିଟର ଗଲେ ଦରଗୁଡିଶିଳା ପଡେ। ଏଠାକୁ ଯିବା ପାଇଁ ଯଦିଓ ସବୁଦିନିଆ ରାସ୍ତା ନାହିଁ, ମାତ୍ର ପର୍ଯ୍ୟଟନ ଋତୁରେ ଏଠାକୁ ଯାଇ ହେବ ଏବଂ ସେଠାରେ ବଣଭୋଜି କରିହେବ। ଏଠାରେ ଯେଉଁମାନେ ବଣେଁଭୋଜି କରିଥାନ୍ତି, ସାଧାରଣତଃ ନିଜ ସହିତ ସମସ୍ତ ଭୋଜି ସାମଗ୍ରୀ ସାଥିରେ ନେଇଥାନ୍ତି ଏବଂ ସେଠାରୁ କାଠ ସଂଗ୍ରହ କରି ଭୋଜି କରିଥାନ୍ତି। ଦରଗୁଡ଼ିଶିଳାକୁ ଏପର୍ଯ୍ୟନ୍ତ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଲାଗି କୌଣସି ଉଦ୍ୟମ ହୋଇନାହିଁ। ପର୍ଯ୍ୟଟକଙ୍କ ବିଶ୍ରାମ ଓ ଶୌଚାଦି ଲାଗି ବ୍ୟବସ୍ଥା ମଧ ନାହିଁ। ଏକ ଅଳ୍ପଆଲୋଚିତ ସ୍ଥଳୀ ହୋଇଥିବାରୁ ପ୍ରଶାସନ ତତ୍ପରତା ପ୍ରକାଶ କରିନାହିଁ।

# ସାତପଡ଼ାରେ ମିଳେ ନୈସର୍ଗିକ ଆନନ୍ଦ

ପୁରୀ ଜିଲ୍ଲାର ସାତପଡ଼ା।
ପୁରୀଠାରୁ ୫୦ କିଲୋମିଟର
ଭୁବନେଶ୍ୱର ବିମାନ ବନ୍ଦରଠରୁ ୧୨୦ କିଲୋମିଟର
ସାତପଡ଼ା ଯିବାକୁ ହେଲେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ୪୯ କିଲୋମିଟର ଯିବାକୁ ପଡ଼ିବ

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ଏହା ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ଭାବେ ପର୍ଯ୍ୟଟନ ମାନଚିତ୍ରରେ। ଇରାୱାଡି ଡଲ୍ଫିନ୍ ସାତପଡ଼ାର ମୁଖ୍ୟ ଆକର୍ଷଣ। ସାତପଡ଼ା ଅର୍ଥ: ସାତ (୭) ପଡ଼ା (ଗ୍ରାମ)। ସ୍ଥାନୀୟ ଅଧିବାସୀ ସାଇକେଲ ଓ ଅଟୋରିକ୍ସା ଯୋଗେ ସାତପଡ଼ା ଭ୍ରମଣ କରିବାକୁ ଯାଇଥାନ୍ତି। ଦେଶବିଦେଶରୁ ଆସୁଥିବା ପର୍ଯଟକମାନେ ସାତପଡ଼ାର ଜଳରାଶିରେ ଡଲଫିନ୍‌ର ମଜା ନେବା ସହ ପର୍ଯ୍ୟଟନ ବିଭାଗର ରିସୋର୍ଟସ୍‌ର ଅନୁଭବ ଅନୁପମ। ଅତିଥି ଦେବୋ ଭବଃର ଆତିଥ୍ୟତା ଏଠାରେ ଆଣିଦେଇଥାଏ ଅସରନ୍ତି ଆନନ୍ଦ। ପ୍ରାକୃତିକ ଶୋଭାରାଜିରେ ପର୍ଯ୍ୟଟକ ବିମୋହିତ ହେବା ସହ ପ୍ରକୃତିର ଦିବ୍ୟ ଭାବନା ନେଇ ମନକୁ ତୃପ୍ତି ଲଭିଥାନ୍ତି। ବିଶେଷକରି ସାତପଡ଼ା ଜାତୀୟସ୍ତରରେ ସୁଖ୍ୟାତି ଆଣିଥିବାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ଆଶାତିତ ଭାବେ ବଢୁଛି।





## ମନୋଲୋଭା ଉପତ୍ୟକା

# ସାପନାଳ

କନ୍ଧମାଳ ଜିଲ୍ଲାରେ ଏମିତି ଏକ ମନୋଲୋଭା ପର୍ଯ୍ୟଟନସ୍ଥଳ ରହିଛି ଯାହା ଆଜି ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ। ଏହି ସ୍ୱଳ୍ପଜ୍ଞାତ ମନୋରମ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳଟିର ନାମ ହେଉଛି ‘ସାପନାଳ’। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସଲାଗୁଡ଼ା ଗ୍ରାମ ପଞ୍ଚାୟତର ଟାକାସିଂ ଗ୍ରାମ ଉପକଣ୍ଠରେ ‘ସାପନାଳ’ ପର୍ଯ୍ୟଟନସ୍ଥଳ ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳରେ ‘ନିରବ ଉପତ୍ୟକା’ ବୋଲି କହନ୍ତି। ସାପନାଳ ଏକ ପାହାଡ଼ୀ ନଈ। ଟାକାସିଂ ଗ୍ରାମ ସଂଲଗ୍ନ ପାହାଡ଼ ପାଦଦେଶର ପଥୁରିଆ ଶଯ୍ୟା ଦେଇ ନଦୀଟି ବହୁଥିବାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିଥାଏ। ଠିକ୍ ଟାକାସିଂ ଗ୍ରାମ ଉପକଣ୍ଠରେ ନଦୀଟି ପାହାଡ଼ ଉପରୁ ତୀବ୍ର ବେଗରେ ତଳକୁ ଭୀମ ଗର୍ଜନ କରି ଲମ୍ଫ ପ୍ରଦାନ କରି ଏକ ଜଳପ୍ରପାତ ସୃଷ୍ଟି କରିଛି। ବଡ଼ ବଡ଼ ପଥର ଖଣ୍ଡ ଦେଇ ସାପନାଳ ନଈଟି ବୁଲେଇ ବଙ୍କେଇ ବହୁଥିବା ବେଳେ ପ୍ରକୃତରେ ସାପଟିଏର ଭ୍ରମ ସୃଷ୍ଟି କରିଥାଏ। ଏହି ଜଳପ୍ରପାତର ଉଭୟ ପାର୍ଶ୍ୱରେ ଥିବା ପାହାଡ଼ ଓ ରାଶିରାଶି ଶାଳ ଜଙ୍ଗଲ ମନରେ ଉନ୍ମାଦନା ସୃଷ୍ଟି କରିଥାଏ। ସାପନାଳ ଜଳପ୍ରପାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଲୋକକଥା ଶୁଣିବାକୁ ମିଳିଥାଏ। ଏଠାରେ ମୁଖ୍ୟତଃ କନ୍ଧ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରୁଥିଲେ। ଏକଦା ଜଣେ କନ୍ଧ ରମଣୀ ନିଜର ଶିଶୁପୁତ୍ରକୁ ତା’ ପୋଷା କୁକୁର ମାର୍ଫତରେ ନଦୀ କୂଳରେ ଶୁଆଇଦେଇ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥିଲା। କନ୍ଧ ରମଣୀ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥାଏ ଏବଂ କୁକୁରଟି ଶିଶୁପୁତ୍ରକୁ ଜଗିଥାଏ। କିନ୍ତୁ ଏତିକି ବେଳେ ଅଜଗର ସାପଟିଏ କେଉଁଠୁ ଆସି ଉଭୟ ଶିଶୁପୁତ୍ର ଓ କୁକୁରକୁ ଗିଳି ପକାଇଲା। ଏହାପରେ ଅଜଗର ସାପଟି ନଦୀ ସୁଡ଼ଙ୍ଗ ଦେଇ କିଛିବାଟ ଆଗରେ ବାହାରିଲା। ସାପଟି ସୁଡ଼ଙ୍ଗ ଦେଇ ଯେଉଁଠାରେ ବାହାରିଲା ସେହି ସ୍ଥାନର ନାମ ହେଉଛି ‘ସାପନାଳ’। ଏବେ ବି ନଦୀ ଶଯ୍ୟାରେ ଏକ ପଥର ସୁଡ଼ଙ୍ଗ ରହିଛି ଏବଂ ସାପ ଆକାରର ଏକ ଚିହ୍ନ ରହିଛି। ଅନ୍ୟ ମତରେ, ନଦୀଟି ସାପ ଭଳି ଭୀଷଣ ଅଙ୍କାବଙ୍କା ପଥରେ ଗତି କରୁଥିବାରୁ ଏହାର ନାମ ସାପନାଳ ହୋଇଛି। ସାପନାଳ ନଦୀଟି ପାଣ୍ଡୁଗଡ଼ା, ଗମେରବଡ଼ି, ତର୍କଡ଼ି, ଜକୁ ଆଦି ପାହାଡ଼ର ଛାତି ଚିରି ଅତି ତୀବ୍ର ବେଗରେ ସର୍ପିଳ ଗତିପଥରେ ଆଗକୁ ଆଗକୁ ମାଡ଼ି ଚାଲିଛି। ନଈର କୁଳୁକୁଳୁ ଶବ୍ଦ, ପାହାଡ଼ ଉପରୁ ଖସି ପଡୁଥିବା ଜଳପ୍ରପାତର ଭୀମଗର୍ଜନ ଶବ୍ଦ ଏବଂ ପ୍ରକୃତିର ଶାନ୍ତ ବାତାବରଣ ଏଠାକାର ପରିବେଶକୁ ଭିନ୍ନ ରୂପ ଦେଇଥାଏ।

### କେମିତି ପହଞ୍ଚିବେ ?

ରାଜଧାନୀ ଭୁବନେଶ୍ୱରରୁ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀର ଦୂରତା ୨୨୦ କିଲୋମିଟର। ଭୁବନେଶ୍ୱରରୁ ଫୁଲବାଣୀକୁ ରେଳସେବା ନ ଥିବା ବେଳେ ଭଲ ବସ୍ ସେବା କିନ୍ତୁ ରହିଛି। ଫୁଲବାଣୀରୁ ବାଲିଗୁଡ଼ା ୮୫ କିଲୋମିଟର। ବାଲିଗୁଡ଼ାରେ ପହଞ୍ଚିବା ପରେ ଷ୍ଟେଟ୍ ବ୍ୟାଙ୍କ୍ ଛକରୁ ବାରଖମା ରାସ୍ତାରେ ୧୦ କିଲୋମିଟର ଗଲାପରେ ଆପଣ ବାରଖମା ବଜାରରେ ପହଞ୍ଚିବେ। ବାରଖମାରୁ ୫ କିଲୋମିଟର ଗଲାପରେ ସଲାଗୁଡ଼ା ପଞ୍ଚାୟତ ସଦର ମହକୁମାରରେ ପହଞ୍ଚିବେ। ସଲାଗୁଡ଼ାରୁ ୩ କିଲୋମିଟର ଜଙ୍ଗଲିଆ ଓ ପଥୁରିଆ ରାସ୍ତା ଦେଇ ଗଲେ ଆପଣ ସାପନାଳ ପ୍ରାକୃତିକ ପର୍ଯ୍ୟଟନସ୍ଥଳରେ ପହଞ୍ଚିଯାଇ ପାରିବେ।

# ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟ

● ଗ୍ରାମାଞ୍ଚଳରେ ସର୍ବାଧିକ ବିକ୍ରି ● ନିଘୋଡ଼ ନିଦ୍ରାରେ ଖାଦ୍ୟ ସୁରକ୍ଷା ଅଧିକାରୀ

**କାକଟପୁର/ଅସ୍ତରଙ୍ଗ, ୨୫ା୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳର ବିଭିନ୍ନ ଗ୍ରାମାଞ୍ଚଳରେ ବଢ଼ିବାରେ ଲାଗିଛି ମୃଦୁ୍ୟ ପାନୀୟ ବିକ୍ରି। ନାମିଦାମୀ କମ୍ପାନୀ ଶହ ୩ଠରୁ ଉର୍ଦ୍ଧ ନନବ୍ରାଣ୍ଡକମ୍ପାନୀର ମୃଦୁ୍ୟ ପାନୀୟ ମିଳୁଛି। ପୂର୍ବାପେକ୍ଷା ନନବ୍ରାଣ୍ଡ ମୃଦୁ୍ୟ ପାନୀୟ ଅଧିକ ବିକ୍ରି ହେଉଛି। ନାମୀଦାମୀ କମ୍ପାନୀ ଠାରୁ କମ୍ ଦରରେ ମିଳୁଥିବାରୁ ଏହାକୁ ଅଧିକ ପସନ୍ଦ କରୁଛନ୍ତି ଗ୍ରାହକ।

ଅସ୍ତରଙ୍ଗ ମୁଖ୍ୟ ବଜାର ଅପେକ୍ଷା ଗ୍ରାମାଞ୍ଚଳରେ ସର୍ବାଧିକ ବିକ୍ରି ହେଉଛି। ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର କିଛି ହୋଲସେଲ ବ୍ୟବସାୟୀ ଗାଁ ଗାଁ ବୁଲି ଦୋକାନ ଗୁଡ଼ିକରେ ଅଧିକ ଲାଭ ଆଶା ଦେଖାଇ ଦୋକାନରେ ନନବ୍ରାଣ୍ଡର ମୃଦୁ୍ୟ ପାନୀୟ ବିକ୍ରି କରୁଛନ୍ତି। କିନ୍ତୁ ଥଣ୍ଡା ପାନୀୟ ମାନ ପରୀକ୍ଷା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ତରଫରୁ କୌଣସି ଦିନ ଅସ୍ତରଙ୍ଗରେ ଯାଞ୍ଚ ହେଉନାହିଁ। ଯାହାର ସୁଯୋଗ ନେଇ ନାମୀଦାମୀ କମ୍ପାନୀ ଶହ ପ୍ରତିଯୋଗିତା କରୁଛନ୍ତି ନନବ୍ରାଣ୍ଡ ମୃଦୁ୍ୟ ପାନୀୟ ପ୍ରସ୍ତୁତ କରୁଥିବା କମ୍ପାନୀ। ଖୁଚୁରା ବ୍ୟବସାୟୀ ଗୋଟିଏ ବୋତଲ ପିଛା ୧୦ଟଙ୍କାରେ ବିକ୍ରି କରୁଛନ୍ତି। ନାମୀ ଦାମୀ କମ୍ପାନୀ ଦର ରହୁଛି ୨୦ରୁ ୨୫ଟଙ୍କା। ଶସ୍ତାରେ ବିକ୍ରି ହେଉଥିବାରୁ ଦିନକୁ ଦିନ ନନବ୍ରାଣ୍ଡ ଚାହିଦା ବଢ଼ିବାରେ ଲାଗିଛି। ଏହାର ସୁଯୋଗ ନେଉଛନ୍ତି ଅସ୍ତରଙ୍ଗ ଅଞ୍ଚଳ ଶହ ଗ୍ରାମାଞ୍ଚଳର କିଛି ମୁନଫା ଖୋର ବ୍ୟବସାୟୀ। ଅଳ୍ପ ଟଙ୍କା ବିନିଯୋଗରେ ଘରେ ମୃଦୁ ପାନୀୟ ପ୍ରସ୍ତୁତ କରୁଛନ୍ତି। ବଜାରରେ ମେସିନ, ଷ୍ଟିକର ସହ ଅନ୍ୟାନ୍ୟ ସୁବିଧାରେ ମିଳିଯାଉଛି। ତେଣୁ ପ୍ରସ୍ତୁତକର୍ତ୍ତାଙ୍କୁ ସମସ୍ୟା ହେଉନି। ଘରେ ପ୍ରସ୍ତୁତ କରି ଲୋଗୋ ଲଗାଇ ମୃଦୁ ପାନୀୟ ବଜାରକୁ ଛାଡୁଛନ୍ତି। କମ୍ ଦରରେ ମିଳୁଥିବାରୁ ଅସ୍ତରଙ୍ଗ ଅଂଚଳର ବିଭିନ୍ନ ଗାଁ ଗହଳିରେ ଅଧିକ ବିକ୍ରି ହେଉଛି। ଏହା ପିଇବା ଯୋଗ୍ୟ କି ନାହିଁ, ତାହାର ଯାଞ୍ଚ କରାଯାଉନି। ଆଜି ପର୍ଯ୍ୟନ୍ତ ଗୋଟିଏ ଦୋକାନରେ ଚଢ଼ାଉ ହୋଇନାହିଁ। କେବଳ ମୃଦୁ୍ୟ ପାନୀୟ ନୁହେଁ, ନିମ୍ନମାନର ପାଣି ମଧ୍ୟ ବିକ୍ରି ହେଉଛି। ସେହିପରି ଅବଧି ଶେଷ ହୋଇଥିବା ନାମୀଦାମୀ କମ୍ପାନୀର ମୃଦୁ୍ୟ ପାନୀୟ ମଧ୍ୟ ବିକ୍ରି ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।



## ମହାଶିବରାତ୍ରିରେ ସବୁଜ ସଂକଳ୍ପ

## ବେଲପତ୍ରରେ ସତ୍ୟଂ-ଶିବଂ-ସୁନ୍ଦରଂ



**ଭୁବନେଶ୍ୱର, ୨୫ା୨ (ସଂଚାର ବ୍ୟୁରୋ):** ଆଜି ପବିତ୍ର ମହାଶିବରାତ୍ରି। ଏକାମ୍ର କ୍ଷେତ୍ର ଉତ୍ସବ ମୁଖର ଓ ଚଳଚଞ୍ଚଳ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ସତ୍ୟ-ଶିବ-ସୁନ୍ଦରଙ୍କୁ ସ୍ଥାପନ କରି ନିଜେ ଆରାଧନା କରିବା ସହ ଜନସଚେତନତା ଉଦ୍ଦେଶ୍ୟରେ ଏକ ସବୁଜ ସଂକଳ୍ପର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ମହାପ୍ରଭୁ ଶିବଙ୍କ ପ୍ରିୟ ହେଉଛି ବେଲପତ୍ର। ସମ୍ପ୍ରତି ଏହି ଔଷଧୀୟ ଗୁଣକାରୀ ବୃକ୍ଷର ଅଭାବ ଯୋଗୁଁ ପୂଜା ପାଇଁ ବହୁ କଷ୍ଟରେ ପତ୍ରଟିଏ ମିଳୁଛି। ଦିନକୁ ଦିନ ଏହି ବୃକ୍ଷଟି ଶୂନ୍ୟ ହେବାରେ ଲାଗିଛି। ଆଜିର ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଉଦ୍ଦେଶ୍ୟରେ ପ୍ରତିଟି ଭକ୍ତ ଓ ଶ୍ରଦ୍ଧାଳୁ ନିଜ ବାଡ଼ି, ବଗିଚା ହେଉ କି ସର୍ବସାଧାରଣ ସ୍ଥାନ ହେଉ, ଗୋଟିଏ ଲେଖାଏଁ ବେଲଗଛ ଲଗାଇବା ପାଇଁ ସଂକଳ୍ପ ନିଅନ୍ତୁ ଏବଂ ପ୍ରକୃତିକୁ ଭଲ ପାଇବାରେ ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ଶାନ୍ତନୁ ନିବେଦନ କରିଛନ୍ତି।

## ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ସୁନ୍ଦରଗଡ, ୨୫ା୨ (ସଂଚାର ବ୍ୟୁରୋ):** ସୋମବାର ବିଶ୍ରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଓ୍ୱାଧଓ୍ୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୩ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା, ସେଥି ମଧ୍ୟରୁ ୩୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୧୩ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭ଜଣଙ୍କୁ ୪୭ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା। ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା,ପେନସନ,ବିଦ୍ୟୁତ୍ ସମସ୍ୟା,ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ, ବିଶ୍ରା ଗୋଷ୍ଠି ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜନଶୁଣାଣୀ ପରେ ପରେ ଜିଲ୍ଲାପାଳ ବ୍ଲକର ବିଭିନ୍ନ ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରି ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ।

## ରାଜ୍ୟ ସରକାରଙ୍କ ଅଚ୍ୟୁତ ସାମନ୍ତଙ୍କୁ ସୁରକ୍ଷା ଦେଉଛନ୍ତି: ଛାତ୍ର ଓ ଯୁବ କଂଗ୍ରେସ

**ଭୁବନେଶ୍ୱର,୨୫ା୨(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ ଯୁବ କଂଗ୍ରେସ, ପ୍ରଦେଶ ଛାତ୍ର କଂଗ୍ରେସ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଛାତ୍ର କଂଗ୍ରେସ କମିଟି ପକ୍ଷରୁ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବିରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କିଟ୍‌ରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଓ ଏହାର ପରବର୍ତ୍ତୀ ପରିସ୍ଥିତିରେ ନେପାଳୀ ଛାତ୍ର ଛାତ୍ରୀମାନଙ୍କୁ ଜବରଦସ୍ତକରି ବଳପୂର୍ବକ କିଟ୍ ହଷ୍ଟେଲରୁ ତଡି ଦିଆଯାଇଛି। ଏହି ପ୍ରସଙ୍ଗରେ କିଟ୍ ପ୍ରତିଷ୍ଠାତା ସାମନ୍ତଙ୍କ ଭୂମିକାକୁ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଛାତ୍ରଛାତ୍ରୀମାନେ ସାଇନ୍ ଏ ଡାଏ ଘୋଷଣା ହେବା ପରେ ଏବଂ କିଟ୍ କର୍ତ୍ତୃପକ୍ଷଙ୍କ ଠାରୁ ଅତ୍ୟାଚାରିତ ହୋଇ ହଷ୍ଟେଲରୁ ବାହାରିବା ପରେ ଉପାସ ଭୋକରେ ରହିଲେ। ସେମାନେ ବହୁ କଷ୍ଟରେ ନେପାଳ ଫେରିଗଲେ। ମୂଳ କଥାଟି ହେଉଛି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଷଡଯନ୍ତ୍ର କରି ନିଜ କର୍ମଚାରୀମାନଙ୍କୁ ଏଥିରେ ଫସାଇ ନିଜେ ଦୋଷମୁକ୍ତ ହୋଇଯାଉଛନ୍ତି। ଅଚ୍ୟୁତ ସାମନ୍ତଙ୍କ ବିନା ନିର୍ଦ୍ଦେଶରେ କିଟ୍‌ରେ ଗଛପତ୍ର ହଲେ ନାହିଁ। ସୁତରାଂ ନେପାଳୀ ଛାତ୍ରୀଛାତ୍ରୀଙ୍କ ଉପରେ ଯେଉଁ ନିର୍ଯ୍ୟାତନା ଦିଆଯାଇଥିଲା ତାହା ସାମନ୍ତଙ୍କ ନିର୍ଦ୍ଦେଶରେ ହୋଇଥିଲା ବୋଲି ସଂଗଠନ ପକ୍ଷରୁ କୁହାଯାଉଛି। କିଟ୍ ପରିସରରେ ପ୍ରତିବର୍ଷ ମୃତ୍ୟୁ ଘଟଣା ଖବର ପ୍ରସାରିତ ହେଉଛି ମାତ୍ର ଏହାର ସଠିକ୍ ତଦନ୍ତ ହୋଇପାରୁନାହିଁ। କାରଣ କିଟ୍‌ର ପ୍ରତିଷ୍ଠାତା ଶ୍ରୀ ସାମନ୍ତ ପ୍ରଶାସନକୁ ପ୍ରଭାବିତ କରିବାରେ ସଫଳ ହୋଇପାରୁଛନ୍ତି। କିଟ୍‌ରେ ଛାତ୍ରୀ ଅସୁରକ୍ଷିତ। ସେଠରେ ଶୈକ୍ଷିକ ବାତାବରଣ ନାହିଁ। ସରକାରଙ୍କ ପାଖରେ ନିଶ୍ଚିତ ଭାବେ ଏ ଖବର ଅଛି କିନ୍ତୁ ଏହାର ପ୍ରତିକାର କରିବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି।

## ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

**ବେତନଟୀ, ୨୫ା୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଆମ୍ବଗାଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ଯୁବ ସମାଜସେବୀ ତଥା ପରିବେଶବିତ୍ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଚି । ବଣ, ଜଙ୍ଗଲରେ ନିଆଁ ନଲଗାଇବା ଓ ପ୍ରକୃତିର ଅବଦାନ ଜଙ୍ଗଲ କୁ ସୁରକ୍ଷା ଦେବା ପ୍ରଭୃତି ବାର୍ତ୍ତା ଦେଇ ଜନସାଧାରଣଙ୍କୁ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶେଷ କରି ଆଗକୁ ଆସୁଥିଲା ଗ୍ରୀଷ୍ମ ଋତୁରେ ଖରାପ୍ରଭାବ ଅଧିକ ଥାଏ, ତେଣୁ ଜଙ୍ଗଲର ପାଖାପାଖି ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ମହୁଲ ଫୁଲ, ଟୁଲ ଓ ଶାଳମଞ୍ଜି ସଂଗ୍ରହ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଇଦେଇ ଥାଆନ୍ତି। ତେଣୁ କିପରି ସଂପୃକ୍ତ ଅଞ୍ଚଳରେ ବନାଗ୍ନିକୁ ରୋକାଯାଇପାରିବ ସେ ସମ୍ପର୍କରେ ଆମ୍ବଗାଡ଼ିଆ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ କୁ ଯାଇ ଦେବେନ୍ଦ୍ର ଆଚାର୍ଯ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦେବା ସହ ଗ୍ରାମବାସୀ ମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ଆଚାର୍ଯ୍ୟ ଙ୍କୁ ଦିବ୍ୟରଞ୍ଜନ ପ୍ରଧାନ, ଯୋଗେଶ୍ୱର ବେହେରା, ସୁଦର୍ଶନ ମହାପାତ୍ର, ଚନ୍ଦନ ବାସ୍କେ, ବାଳକା ମୁର୍ମୁ, ଅର୍ଚ୍ଚନା ଆଚାର୍ଯ୍ୟ, ବାବୁଲା ସିଂ, ଲକ୍ଷ୍ମଣ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହ



**ଭୁବନେଶ୍ୱର, ୨୫ା୨ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଲିଙ୍ଗରାଜ ଲାଇବ୍ରେରୀ ହଲ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ଓ ସାଧାରଣ ସାମ୍ପାଦକ ସନତ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଜାତୀୟସ୍ତରୀୟ ଏହି ଭଜନ ସମାରୋହ ଚଳିତବର୍ଷ ୩୬ବର୍ଷ ପାଳନ କରିବ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଉଦ୍ୟମ ହୋଇଛି। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପଡଓ୍ୱାଲ, ଅଭିଜିତ ଘୋଷାଲ, କୁମାର ସଞ୍ଜୟ, ପ୍ରତ୍ୟୋଷ ଶର୍ମା, ମଧୁମିତା ପାଉଲଙ୍କ ସମେତ ଓଡ଼ିଶାର ୨୫ରୁ ଊର୍ଦ୍ଧ୍ୱ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗଦାନ କରିବେ। ଉକ୍ତ ଦିନ ଭୋର ୪ ଘଟିକାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ, ଗୀତା ପାଠ, ଶିବ ଚେତନା, ହରି ଭଜନ, ରାମ ଚରିତ ପାରାୟଣ କରାଯିବ। ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ। ଏହାପରେ ଜାତୀୟସ୍ତରୀୟ ଭଜନ ସମାରୋହ ଆୟୋଜନ କରାଯିବ। ଚଳିତବର୍ଷ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ୨୨ତମ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯିବ। ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପଡଓ୍ୱାଲ, ଅଭିଜିତ ଘୋଷାଲ, କୁମାର ସଞ୍ଜୟ, ପ୍ରତ୍ୟୋଷ ଶର୍ମା, ମଧୁମିତା ପାଉଲ, ଡ. ମୃତ୍ୟୁଞ୍ଜୟ ମହପାତ୍ର, ପ୍ରସନ୍ନ କୁମାର ସ୍ୱାଇଁ, ଜିତୁ ଦାସ, ପଙ୍କଜ ଲୋଚନ ମହାନ୍ତି, ଭାଗବତ ସାହୁ, ଚନ୍ମୟନନ୍ଦ ବଡ଼ଜେନା, ମାଧବାନନ୍ଦ ବେହୁରା, କେ ମୁରୁଗାସନ, ରାଜୀବ ଶେଖର ସାହୁ, ପ୍ରେମାନନ୍ଦ, ଡ. ବଦ୍ରୀନାଥ ପଟ୍ଟନାୟକ, ଦୀପକ ଦାଶ, ସତ୍ୟ ରଞ୍ଜନ ସେନାପତି, ଡ. ଶଙ୍କର ଆର୍ଯ୍ୟ, ଡ. ତିରୁପତି ପାଣିଗ୍ରାହୀ, ଶ୍ରୀବତ୍ସ ପତି ଓ ଇପ୍‌ସିତା ଦାସ ପ୍ରମୁଖ ୨୩ଜଣଙ୍କୁ ଏକାମ୍ରଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଏ ନେଇ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ସନତ ମିଶ୍ର, ଉପସଭାପତି ଶିବାନନ୍ଦ ରାୟ, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲଟେନ୍ଦୁ ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, କେଦାରନାଥ ମହାପାତ୍ର, ବାବନଚନ୍ଦ୍ର ମହାପାତ୍ର, ପ୍ରମୋଦ ମହାନ୍ତି ଓ ପ୍ରତାପ ପଟ୍ଟନାୟକ ପ୍ରମୁଖ ସୂଚନା ଦେଇଛନ୍ତି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, ସ୍ଥାନୀୟଏକାମ୍ର ବିଧାୟକ ତଥା ଅନୁଷ୍ଠାନର ଉପସଭାପତି ବାବୁ ସିଂ, ପୂର୍ବତନ ବିଜେପି ସଭାପତି ତଥା ଅନୁଷ୍ଠାନର ଉପସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସେମାନେ କହିଛନ୍ତି।

## ବାଲି ବୋଝେଇ ଟ୍ରକ୍ ଜବତ କଲା ପୁଲିସ

**ବୈଶିଙ୍ଗା,୨୫ା୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ମହୁରୀ ଛକ ନିକଟରେ ଆଜି ଦିନ ବାରଟା ସମୟରେ ଏସ୍ ଆଇ ଦେବାଶିଷ ମଣ୍ଡଳ ଙ୍କ ନେତୃତ୍ୱରେ ପୋଲିସ ଟିମ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ନଂ ଓ ଆର ଠ୧ ଏଚ୍ ଠ୨୫୫ ପୋଲିସ ପିଛା କରି ନଛିପୁରିଆ ଓ ମହୁରି ରାସ୍ତାରେ ଅଟକାଇଥିଲା। ତେବେ କୌଶଳ କ୍ରମେ ଡ୍ରାଇଭର ଗାଡ଼ିକୁ ରାସ୍ତା ଉପରେ ଛାଡ଼ି ଦୌଡି ପଳାଇବାକୁ ସକ୍ଷମ ହୋଇଥିଲେ। ବାଲି ବୋଝେଇ ଟ୍ରାକ୍ଟର କୁ ଜବତ୍ କରି ଥାନା କୁ ନେଇ ଆସିଥିଲା ବୈଶିଙ୍ଗା ପୋଲିସ। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନା ରେ କେସ୍ ନଂ ୬୭ ରୁଜୁ କରାଯାଇ ତଦନ୍ତ ଚାଲିଛି।

## ଅନନ୍ତେଶ୍ୱର ମହାଦେବଙ୍କ ମନ୍ଦିରରେ ଜାଗର ଯାତ୍ରା

**ବେତନଟୀ,୨୫ା୨(ସଂଚାର ବ୍ୟୁରୋ):** ବେତନଟୀର ଉଠାଣୀ ସିଦ୍ଧ ଶ୍ରୀ ଶ୍ରୀଜଗନ୍ନାଥ ସାର୍ବଜନୀନ ମନ୍ଦିର ପରିସରରେ ଥିବା ମହାଦେବ ଅନନ୍ତେଶ୍ୱରଙ୍କ ଶିବମନ୍ଦିର ନୂତନ ଭାବେ ନିର୍ମିତ ହେଇଥିବା ପ୍ରଥମଥର ଜାଗର ଯାତ୍ରା ଆସନ୍ତା ୨୬ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ମନ୍ଦିର କର୍ତ୍ତୃପକ୍ଷ ଜଣାଇଛନ୍ତି।

ଏଥିନିମନ୍ତେ ଭକ୍ତଗଣଙ୍କ ନିମନ୍ତେ ପ୍ରସାଦ ବିକ୍ରିର ବ୍ୟବସ୍ଥା ସହ ମନ୍ଦିର ପରିସରରେ ବ୍ରତୀ ମାନେ ଦୀପ ଜାଳିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଶିବରାତ୍ରି ଦିନ ସଂଧ୍ୟାରୁ ପାଲା ପରିବେଷଣ ଓ ନାମ ସଂକୀର୍ତ୍ତନ ମଧ୍ୟ ଅହୋରାତ୍ର ଚାଲୁ ରହିବ।

## ସିଏସ୍ଆର ଖର୍ଚ୍ଚ ଦୁଇ ବର୍ଷରେ ୬୧୩ କୋଟି

**ଭୁବନେଶ୍ୱର,୨୫ା୨:** ରାଜ୍ୟରେ କାର୍ଯ୍ୟରତ କମ୍ପାନୀମାନେ ବିଗତ ଦୁଇଟି ବର୍ଷରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ବାବଦରେ ୬୧୩ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରିଛନ୍ତି। ଏହି ଅର୍ଥ ବିପର୍ଯ୍ୟୟ ପରିଚାଳନା ଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଓ ସ୍ୱଚ୍ଛ ଭାରତ ବାବଦରେ ଖର୍ଚ୍ଚ ହୋଇଛି। ରାଜ୍ୟରେ କାର୍ଯ୍ୟରତ ୨୩ଟି ଶିଳ୍ପସଂସ୍ଥା ବିଗତ ଦୁଇଟି ବର୍ଷ ଅର୍ଥାତ୍ ୨୦୨୨-୨୩ ଓ ୨୦୨୩-୨୪ରେ ସିଏସ୍ଆର ପାଣ୍ଠି ଜରିଆରେ ୬୧୩ କୋଟିରୁ ଅଧିକ ଅର୍ଥ ବ୍ୟୟ କରିଛନ୍ତି। ୨୦୨୨-୨୩ ବର୍ଷରେ ଏହି କମ୍ପାନୀମାନେ ୪୭୬ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରିଥିବାବେଳେ ୨୦୨୩-୨୪ ବର୍ଷରେ ଏହି ପରିମାଣ ୧୩୭ କୋଟିରୁ ଅଧିକ ରହିଛି। ୨୦୨୨-୨୩ ବର୍ଷରେ ସିଏସ୍ଆର ବାବଦରେ ଖର୍ଚ୍ଚ କରିଥିବା କମ୍ପାନୀ ମଧ୍ୟରେ ସବୁଠାରୁ ଆଗରେ ରହିଛି ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ। ଏମ୍‌ସିଏଲ୍ ଏହି ବର୍ଷ ସିଏସଆର ବାବଦରେ ପ୍ରାୟ ୧୭୬ କୋଟି ଟଙ୍କା ବ୍ୟୟ କରିଛି। ଏହା ପଛକୁ ରହିଛି ଟାଟା ଷ୍ଟିଲ୍ ଲିମିଟେଡ। ଟାଟା ଷ୍ଟିଲ୍ ସିଏସଆର ପାଣ୍ଠି ଜରିଆରେ ୧୨୭ କୋଟି ୭୦ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ଏମାନଙ୍କ ବ୍ୟତିତ ରୁଙ୍ଗ୍‌ଟା ସନ୍ସ ୮୮କୋଟି, ଏସଏନ୍ ମହାନ୍ତି ୧୯କୋଟି ୪୪ଲକ୍ଷ, ଉତ୍କଳ ଆଲୁମିନା ୧୮କୋଟି ୮୭ଲକ୍ଷ ପ୍ରଦାନ କରିଛନ୍ତି। ଏହି ତାଲିକାରେ ଅନ୍ୟ କମ୍ପାନୀ ମଧ୍ୟରେ ଆଦିତ୍ୟ ଆଲୁମିନିୟମ, ଜିନ୍ଦଲ ଷ୍ଟିଲ, ହିଣ୍ଡାଲ୍‌କୋ, ଇମାମୀ ଗ୍ରୁପ୍, ଏସିସି ଲିମିଟେଡ୍ ଆଦି ରହିଛନ୍ତି। ତେବେ ଏହି କମ୍ପାନୀଗୁଡ଼ିକ ୨୦୨୨-୨୩ ତୁଳନାରେ ୨୦୨୩-୨୪ ବର୍ଷରେ ଢେର୍ କମ୍ ଅର୍ଥ ସିଏସ୍ଆର ବାବଦରେ ବ୍ୟୟ କରିଛନ୍ତି। ଏହି ବର୍ଷ ସମସ୍ତ ୨୩ଟି କମ୍ପାନୀ ୧୩୭ କୋଟି ୪୬ଲକ୍ଷ ଟଙ୍କା ବ୍ୟୟ କରିଥିବାବେଳେ ୮ଟି କମ୍ପାନୀ ଆଦୌ ଅର୍ଥ ପ୍ରଦାନ କରିନାହାନ୍ତି। ଅର୍ଥ ପ୍ରଦାନ କରିନଥିବା କମ୍ପାନୀଗୁଡ଼ିକ ମଧ୍ୟରେ ରହିଛନ୍ତି ଏସିସି, ଗ୍ଲୋବାଲ କୋଲ୍, ହିଣ୍ଡାଲ୍‌କୋ, ରୁଙ୍ଗଟା ମାଇନ୍ସ, ରୁଙ୍ଗ୍‌ଟା ସନ୍ସ, ଉତ୍କଳ ଆଲୁମିନା, ପେଙ୍ଗୁଇନ୍ ଟ୍ରେଡିଂ, ଏସ.ଏନ୍.ମହାନ୍ତି ଆଦି। ସିଏସ୍ଆର ପାଣ୍ଠି ଆକାରରେ କମ୍ପାନୀଗୁଡ଼ିକ ଯୋଗାଇଥିବା ଅର୍ଥ ମଧ୍ୟରୁ ଏହି ଦୁଇ ବର୍ଷରେ ସର୍ବାଧିକ ୧୮୭ କୋଟି ୫୦ଲକ୍ଷ ଟଙ୍କା ଶିକ୍ଷା ଏବଂ ଦକ୍ଷତା ବିକାଶ ବାବଦରେ ବ୍ୟୟ ହୋଇଥିବାବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୬୪ କୋଟି, ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ ୧୨୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଏଥି ସହିତ ସଶସ୍ତ୍ର ବଳ ପାଇଁ ୧୦ କୋଟି ୫୦ ଲକ୍ଷ, ବିପର୍ଯ୍ୟୟ ପରିଚାଳନା ପାଇଁ ୧ କୋଟି ୨୫ ଲକ୍ଷ, ପରିବେଶ ପାଇଁ ୨୩ କୋଟି ୯୩ ଲକ୍ଷ, ଲିଙ୍ଗଗତ ସମାନତା ଓ ସଶକ୍ତିକରଣ ପାଇଁ ୧୨କୋଟି ୯୧ଲକ୍ଷ, ଜାତୀୟ ଐତିହ୍ୟ ପାଇଁ ୫ କୋଟି ୭୬ ଲକ୍ଷ, ରିଲିଫ ପାଣ୍ଠି ପାଇଁ ୩ କୋଟି ୩୯ ଲକ୍ଷ, ବସ୍ତି ବିକାଶ ପାଇଁ ୩ କୋଟି ୫୯ ଲକ୍ଷ, କ୍ରୀଡ଼ା ପାଇଁ ୩ କୋଟି ୬୦ ଲକ୍ଷ ଏବଂ ଇନକ୍ୟୁବେଟର ଜ୍ଞାନକୌଶଳ ବାବଦରେ ୫ କୋଟି ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଓଡ଼ିଶା ସରକାରଙ୍କ ଶିଳ୍ପନୀତିରେ ଆକର୍ଷିତ ହୋଇ ରାଜ୍ୟରେ ଏକାଧିକ ସଂସ୍ଥା ଶିଳ୍ପ ସ୍ଥାପନ କରି ମୋଟା ଅଙ୍କର କାରବାର କରୁଥିବାବେଳେ ମାତ୍ର ୨୩ଟି ସଂସ୍ଥା ସିଏସଆର ବାବଦରେ ଅର୍ଥ ବ୍ୟୟ କରିବାକୁ ନେଇ ଏବେ ପ୍ରଶ୍ନବାଚୀ ହୋଇଛି। (ତଥ୍ୟ)

## ମହାଶିବରାତ୍ରୀ ପାଇଁ ସମସ୍ତ ଶୈବପୀଠ ଚଳ ଚଞ୍ଚଳ




**ବୈଶିଙ୍ଗା,୨୫ା୨ (ସଂଚାର ବ୍ୟୁରୋ):** ବୁଧବାର ମହାଶିବରାତ୍ରୀ ପାଇଁ ସମସ୍ତ ଶୈବପୀଠ ଚଳ ଚଞ୍ଚଳ ହୋଇ ଉଠିଛି । ବୈଶିଙ୍ଗା ଥାନା ଅନ୍ତର୍ଗତ ମାଣତ୍ରୀ ସ୍ଥିତ ବାବା କଖାରୁଆ ବୈଦ୍ୟନାଥ ଶୈବପୀଠ ମୟୂରଭଞ୍ଜ ଜିଲ୍ଲାର ଏକ ପ୍ରମୂଖ ଶୈବ ପୀଠ ଭାବେ ପରିଗଣିତ। ଏଠାରେ ସପ୍ତାହ ବ୍ୟାପୀ ମେଳା ଅନୁଷ୍ଠିତ ହୋଇ ଥାଏ । ସେହିଭଳି ବୈଶିଙ୍ଗା ଗ୍ରାମର କଖାରୁଆ ମହାଦେବ, ମହୁରୀ, କେନ୍ଦୁଆ, ଦାମୋଦରପୁର, ନଛିପୁରିଆ, ରଙ୍ଗାମାଟିଆ, ଦଳଦଳି, ଜୁଗୁପୁରା ଆଦି ଗ୍ରାମ ରେ ପ୍ରତିଷ୍ଠିତ ମହାଦେବ ମନ୍ଦିର ମାନଙ୍କରେ ମହାଶିବରାତ୍ରୀ ପାଳନ କରା ଯାଉଥିବା ଜଣାଯାଇଛି। ଏହି ସବୁ ଅଞ୍ଚଳର କେନ୍ଦ୍ରବିନ୍ଦୁ ଭାବେ ବୈଶିଙ୍ଗା ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ପ୍ରାୟତଃ ଭିଡ ରହିଥିବାର ପରିଲକ୍ଷିତ ହୋଇଛି । ପାଣିପାଗ ଏକ ପ୍ରକାର ପରିବର୍ତ୍ତନ ହୋଇଥିବା ଯୋଗୁଁ ଲୋକଙ୍କ ମନରେ ଉତ୍ସାହ ଉଦ୍ଦିପନା ଦେଖାଦେଇଛି।

## ରାସାୟନିକ ବିପର୍ଯ୍ୟୟ ଟ୍ୟାବଲେଟ ବ୍ୟାୟାମ



**ଖୋର୍ଦ୍ଧା, ୨୫ା୨ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ଓସଓ୍ୱାନ ହଲରେ ଜରୁରୀକାଳୀନ ପ୍ରସ୍ତୁତି ଏବଂ ରାସାୟନିକ ବିପର୍ଯ୍ୟୟ ପାଇଁ ପ୍ରତିକ୍ରିୟା ଉପରେ ଏକ ଟାବଲେଟ ବ୍ୟାୟାମ ଆଜି ସକାଳ ୧୦.୩୦ ରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅଧିକାରୀ ଏବଂ ହିତାଧିକାରୀଙ୍କ ଅଂଶଗ୍ରହଣରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏହି ବ୍ୟାୟାମରେ ଜଟଣୀ ଛଣଘର କୁସୁମାଟି ସ୍ଥିତ ଆଇଓସିଏଲ୍ ଭୁବନେଶ୍ୱର ଡିପୋରେ ରାସାୟନିକ ବିପର୍ଯ୍ୟୟ ସହ ଜଡ଼ିତ ଏକ ଜରୁରୀକାଳୀନ ମକ୍ ବ୍ୟାୟାମ ଦୃଶ୍ୟ ଉପରେ ଧ୍ୟାନ ଦିଆଯାଇଥିଲା। ଏଥିସହ ଖୋର୍ଦ୍ଧା ଜାତୀୟ ରାଜପଥ (ଏନଏଚ -୧୬) ଦଧିମାଛଗାଡ଼ିଆ ନିକଟରେ ଥିବା ଆଓସିଏଲ ଡ଼ିପୋରେ ୨୮ ଫେବୃଆରୀ ୨୦୨୫ ରେ ହେବାକୁ ଥିବା "ପରିବହନ ସମୟରେ ଏଲପିଜି ଲିକେଜ୍" ର ଦୃଶ୍ୟ ଉପରେ ଆଧାର କରି ଏକ ଅଫସାଇଟ୍ ମକ୍ ବ୍ୟାୟାମ ପାଇଁ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଏହି ମକ୍ ବ୍ୟାୟାମ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ଏବଂ କାରଖାନା ନିର୍ଦ୍ଦେଶାଳୟର ସମନ୍ୱୟ ଅନୁଯାୟୀ କରାଯିବ । ରାଜ୍ୟ ସ୍ତରରୁ ଏନଡ଼ିଏମଏ ଏବଂ ଓଏସଡ଼ିଏମଏ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ଫ୍ୟାକ୍ଟ୍ରି ଆଣ୍ଡ ବଏଲର, ସ୍ୱାସ୍ଥ୍ୟ, ପୋଲିସ, ଅଗ୍ନିଶମ ବିଭାଗ ଏବଂ ଜିଲ୍ଲା ସ୍ତରର ଅନ୍ୟ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଟ୍ୟାବଲେଟ୍ ବ୍ୟାୟାମ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରାଯାଇଥିଲା ।

## ଅଙ୍ଗନବାଡ଼ିରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ଭୁଲିଗଲା ପ୍ରଶାସନ




**କନ୍ଧମାଳ, ୨୫ା୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଅନ୍ତର୍ଗତ କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ଗ୍ରାମ ପଞ୍ଚାୟତ ସାରଙ୍ଗଡ଼ ପଦାସାହି ଅଙ୍ଗନୱାଡ଼ି କେନ୍ଦ୍ରକୁ ଜଳ ଓ ପାଚେରୀ ନିର୍ମାଣ କରିବା ପାଇଁ ଭୁଲି ଗଲେ। ଏହି କ୍ଷେତ୍ରରେ ସରକାରଙ୍କ ନିର୍ଦ୍ଦେଶରେ ସାରା ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଛୋଟ ଶିଶୁମାନଙ୍କ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ନିମନ୍ତେ ପିଇବା ପାଣି ଓ ପାଚେରୀ ନିର୍ମାଣ କରିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ କ ନୂଆଗାଁ ବ୍ଲକ ପ୍ରଶାସନକୁ ଏ ପର୍ଯ୍ୟନ୍ତ ସରକାର ନିର୍ଦ୍ଦେଶନା ଦେଇନଥିବା ଜଣାପଡିଛି। ଯାହାରି ଫଳରେ କ.ନୂଆଗାଁ ବ୍ଲକ ପ୍ରଶାସନ ଚୁପଚାପ୍ ବସି ଥିବା ଦେଖିବାକୁ ମିଳିଛି। ଏଣୁ ପଦାସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ନୂତନ ଭାବେ ପାଣି ଟାଙ୍କି ଓ ପାଚେରୀ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଅଙ୍ଗନୱାଡ଼ି କେନ୍ଦ୍ରରେ ପାନୀୟ ଜଳ, ପାଚେରୀ ଓ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ନଥିବାରୁ ଛୋଟ ଶିଶୁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାରଙ୍ଗଡ଼ ପଦାସାହି ଗାଁରେ ଥିବା ଆମ ଅଙ୍ଗନୱାଡ଼ି କେନ୍ଦ୍ରରେ। କହିବାକୁ ଗଲେ ବିଭାଗୀୟ ଅଧିକାରୀମାନେ ଏହି ଅଙ୍ଗନୱାଡ଼ି କେନ୍ଦ୍ରର କୁନି କୁନି ଶିଶୁ ମାନଙ୍କର ସ୍ୱାସ୍ଥ୍ୟକୁ ନେଇ ଖେଳ ଖେଳୁଛନ୍ତି ବୋଲି ଜିଲ୍ଲାବାସୀଙ୍କ ମହଲରେ ନିନ୍ଦା କରାଯାଇଛି। ଦେଶର ଭବିଷ୍ୟତଙ୍କ ଜୀବନ ସହ ଏକ ପ୍ରକାର ଖେଳ ଚାଲିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ଅଙ୍ଗନୱାଡ଼ି କେନ୍ଦ୍ରରେ ରୋଷେଇ ପାଇଁ ଘରର ପାଣି ଉପରେ ନିର୍ଭର କରନ୍ତି । ଦିନେ ନୁହେଁ କି ମାସେ ନୁହେଁ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭରୁ ଏପର୍ଯ୍ୟନ୍ତ ଗୋଟିଏ ନଳକୂପ ଓ ପାଚେରୀ ବିଦ୍ୟୁତ ସଂଯୋଗ ମଧ ନିର୍ମାଣ ହେଇପାରି ନାହିଁ। ଯାହା ଫଳରେ ଅଙ୍ଗନବାଡ଼ି କେନ୍ଦ୍ର ଛାତ୍ରଛାତ୍ରୀଙ୍କ ରୋଷେଇ ପାଇଁ ନିଜ ଘର ପାଣି ଏକ ମାତ୍ର ସାହା ଭରଷା । ଏଣୁ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ସାରଙ୍ଗଡ଼ ପଦାସାହି ଆମ ଅଙ୍ଗନୱାଡ଼ି କେନ୍ଦ୍ର ନିମନ୍ତେ ଏକ ନୂତନ ନଳକୂପ ନିର୍ମାଣ କରିବା ସଙ୍ଗେ ସଙ୍ଗେ ପାଣି ଟାଙ୍କିର ବ୍ୟବସ୍ଥା କରିବା ନିମନ୍ତେ ସାରଙ୍ଗଡ଼ ପଦାସାହି ଗ୍ରାମର ଅଙ୍ଗନୱାଡ଼ି ହେଲପର, ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟ ପଟେ ଏହି ସାରଙ୍ଗଡ଼ ପଦାସାହି ଗ୍ରାମ ବାସୀଙ୍କ ପାଇଁ ଚୁଆ ପାଣି ହିଁ ଭରଷା ବୋଲି ଅଭିଯୋଗ କରିଥିବା ବେଳେ କ.ନୂଆଗାଁ ପ୍ରଶାସନର ପଦକ୍ଷେପ କେବେ ଅପେକ୍ଷାରେ ପଦାସାହି ଗ୍ରାମବାସୀ।

## ଗୋମାଂସ ବୋଝେଇ ମିନିଟ୍ରକ ଜବତ : ବନ୍ଧୁକ ଦେଖାଇ ଖସିଗଲେ ମାଫିଆ




**ବାଲିଚନ୍ଦ୍ରପୁର,୨୫ା୨(ସଂଚାର ବ୍ୟୁରୋ):** ବାଲିଚନ୍ଦ୍ରପୁର ଥାନା ଅଧିନ ଚଣ୍ଡିଖୋଲ-ପାରାଦ୍ୱିପ ୫୩ ନଂ ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକରୁ ଏକ ୪୦୭ ମିନି ଟ୍ରକ୍ (ଡ଼ବ୍ଲୁ ବି ୨୫ କେ ୧୭୪୮) ଗାଡ଼ିରେ ଗୋ ମାଂସ ବୋଝେଇ ଯାଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ଚଣା ବଜରଙ୍ଗ ଦଳର କର୍ମୀମାନେ ଗାଡ଼ିଟିକୁ ଅଟକାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଯାଇଥିଲା। ଉକ୍ତ ଗାଡ଼ି ସାଙ୍ଗରେ ପାଇଲଟିଂ କରି ଏକ ବୋଲେରୋ ଗାଡ଼ି ଓ ତିନୋଟି ମଟରସାଇକେଲରେ ଗୋରୁ ମାଂସ ବୋଝେଇ ଗାଡ଼ିକୁ ସୁରକ୍ଷା ଯୋଗାଇଦେବା ପାଇଁ ଆସୁଥିଲେ। ଉକ୍ତ ମାଫିଆ ମାନେ ଘଟଣାସ୍ଥଳରେ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ଭୟଭିତ କରାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଟ୍ରକର ଡ୍ରାଇଭର ହେଲପର ଗାଡ଼ିଛାଡ଼ି ଦୌଡ଼ି ପଳାଇଥିଲେ। ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ଉକ୍ତ ଗାଡ଼ିଟିକୁ ଥାନାକୁ ନେଇଥିଲା। ଘଟଣାସ୍ଥଳରେ ଚାପା ଉତେଜନା ଲାଗିରହିଥିବା ବେଳେ ଥାନା ସମ୍ମୁଖରେ ଶତାଧିକ ବଜରଙ୍ଗ ଦଳର କର୍ମକର୍ତ୍ତା ଜମା ହୋଇରହିଥିଲେ। ଆଡ଼ିସ୍ନାଲ ଏସ.ପି ଅନିରୁଦ୍ଧ ରାଉତରାୟ, ଏସ.ଡ଼ି.ପି.ଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଆଇ.ଆଇ.ସି ରଞ୍ଜନ କୁମାର ମାଝି, ବଡ଼ଚଣା ଥାନା ଭାରପ୍ରାପ୍ତ ଅଧିକାରୀ ସୁରେନ୍ଦ୍ର କୁମାର ଜେନା, ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର, ଭେଟନାରି ଟିମ୍, ଫରେନସିକ୍ ଟିମ୍ ବାଲିଚନ୍ଦ୍ରପୁର ଥାନାରେ ପହଞ୍ଚିଥିବା ବେଳେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଦୁଇ ସେକ୍ସନ ପୋଲିସ ଫୋର୍ସ ମହଯୁଦ ରଖାଯାଇଛି।